

ସନ୍ତୋଷୀ-ସନ୍ନୀ ସାଥ୍‌ସାଥ୍

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-60 ♦MONDAY ♦24 AUGUST 2026 ♦PAGE-12 ♦₹ 7.00

PANIKOILI


♦ବର୍ଷ-୪୪ ♦ସଂଖ୍ୟା-୬୦ ♦ସୋମବାର ♦୨୪ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ବାଂଲାଦେଶରେ ହିନ୍ଦୁ ଶିକ୍ଷକଙ୍କ ପରିବାରର ୪ଜଣଙ୍କୁ ହତ୍ୟା

■ ରଙ୍ଗପୁର, ୨୩।୮ (ଏଜେନ୍ସି): ବାଂଲାଦେଶର ରଙ୍ଗପୁର ସହରରୁ ଏକ ଅତ୍ୟନ୍ତ ରହସ୍ୟଜନକ ଏବଂ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ସେଠାକାର ଏକ ବନ୍ଦ ଘରୁ ଜଣେ ଅବସରପ୍ରାପ୍ତ ହିନ୍ଦୁ ଶିକ୍ଷକ, ତାଙ୍କ ପତ୍ନୀ ଏବଂ ଦୁଇ ଜଣ ନାବାଳକ ସନ୍ତାନଙ୍କର ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ଏହି ଘଟଣାରେ ଏକ ବଡ଼ଧରଣର ତଦନ୍ତ ଆରମ୍ଭ କରିଛି। ପୁଣି ଥରେ ସଂଖ୍ୟାଲଘୁ ହିନ୍ଦୁ ସମ୍ପ୍ରଦାୟକୁ ଟାର୍ଗେଟ କରାଯାଉଛି ବୋଲି ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ମୃତକମାନେ ହେଲେ ୬୫ ବର୍ଷୀୟ ଅବସରପ୍ରାପ୍ତ ଶିକ୍ଷକ ଗଣପତି ଚକ୍ରବର୍ତ୍ତୀ, ତାଙ୍କ ୫୦ ବର୍ଷୀୟା ପତ୍ନୀ ପ୍ରୀତିଲତା ଚକ୍ରବର୍ତ୍ତୀ, ୨୩ ବର୍ଷୀୟା ଝିଅ ଆଗାମୀ ଚକ୍ରବର୍ତ୍ତୀ ଏବଂ ୧୨ ବର୍ଷୀୟ ପୁଅ ପ୍ରିୟମ୍ ଚକ୍ରବର୍ତ୍ତୀ। ଗତ ଗୁରୁବାର ରାତିରୁ ପରିବାରର ସମସ୍ତ ସଦସ୍ୟଙ୍କ ଫୋନ୍ ବନ୍ଦ ରହିବାରୁ ସମ୍ପର୍କୀୟମାନେ ସନ୍ଦେହ କରିଥିଲେ। ଶନିବାର ବିଳମ୍ବିତ ▶ପୃଷ୍ଠା-୭



## ଭ୍ରମାତ୍ମକ ବିଜ୍ଞାପନ; ୧୫୦ କମ୍ପାନୀଙ୍କୁ ଏଫ୍ଏସ୍ଏସ୍ଏଆଇର ନୋଟିସ୍




■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ନିୟମ ଅନୁପାଳନରେ ଖିଲାପକୁ ନେଇ କେନ୍ଦ୍ର ସରକାର ଗତ କିଛି ମାସ ମଧ୍ୟରେ ଅନେକ ପ୍ରମୁଖ ଖାଦ୍ୟ ବ୍ରାଣ୍ଡ ଏବଂ ଖୁଚୁରା ଚେନ୍ ବିକ୍ରେତାଙ୍କୁ ପ୍ରାୟ ୧୫୦ ନୋଟିସ୍ ଜାରି କରିଛନ୍ତି। ଭାରତର ଖାଦ୍ୟ ସୁରକ୍ଷା ନିୟାମକ ସଂସ୍ଥା (ଏଫ୍ଏସ୍ଏସ୍ଏଆଇ) ଭ୍ରମାତ୍ମକ ବିଜ୍ଞାପନ, ମିଥ୍ୟା ଦାବି ଏବଂ ଲେବଲିଂ ନିୟମ ପାଳନ ନକରିବା ପାଇଁ ଏହି ନୋଟିସ୍ ଜାରି କରିଛି। ନୋଟିସ୍ ଜାରି ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ ନେସ୍‌ଲେ ଇଣ୍ଡିଆ, ପେପ୍‌ସିକୋ ଏବଂ କୋକା-କୋଲା ଇଣ୍ଡିଆ ଭଳି ପ୍ରମୁଖ କମ୍ପାନୀ ରହିଛନ୍ତି। ଆମାଜନ ଏବଂ ଫ୍ଲିପକାର୍ଟ ସମେତ ଇ-କମର୍ସ କମ୍ପାନୀଗୁଡ଼ିକୁ ମଧ୍ୟ ଏହି ନୋଟିସ୍ ଜାରି କରାଯାଇଛି। କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ▶ପୃଷ୍ଠା-୭

# ଦରବୃଦ୍ଧିରେ ଓଡ଼ିଶା ଏକ ନମ୍ବର

**ଡବଲ ଇଞ୍ଜିନ; ଡବଲ ଯନ୍ତ୍ରଣା**

## ଜାନୁଆରୀଠାରୁ ମୁଦ୍ରାସ୍ଫୀତି ବଢ଼ିଛି ୨.୯୫ ପ୍ରତିଶତ

■ ଭୁବନେଶ୍ୱର, ୨୩।୮ (ସମିସ): ଡବଲ ଇଞ୍ଜିନ୍ ସରକାର ଆସିଲେ ରାଜ୍ୟ ଘିଅ ମହୁରେ ଭାସିବ। ଲୋକମାନଙ୍କର ସବୁ ଦୁଃଖ ଦୂର ହୋଇଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଦୁଇଟା ବର୍ଷ ଯାଇ ନାହିଁ, ଦୁଃଖ ଦୂର ହେବା ତ ଦୂରର କଥା; ଲୋକଙ୍କ କଷଣ ଦୁଇଗୁଣ ହୋଇଛି। ଦରଦାମ ବୃଦ୍ଧି ହାରରେ ସାରା ଦେଶରେ ଓଡ଼ିଶା ଏକ ନମ୍ବର ସ୍ଥାନରେ ପହଞ୍ଚିଛି। ସାରା ଦେଶରେ ବିଭିନ୍ନ ରାଜ୍ୟରେ ମୁଦ୍ରାସ୍ଫୀତି ଓ ଅନ୍ୟାନ୍ୟ କାରଣରୁ ଖାଉଟି ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିଛି। ମାତ୍ର ବିଡ଼ମ୍ବନା ହେଉଛି ଓଡ଼ିଶା ଦର ବୃଦ୍ଧି ହାରରେ ଦେଶର ସବୁ ବଡ଼ବଡ଼ ରାଜ୍ୟକୁ ଅତିକ୍ରମ କରି ଶୀର୍ଷସ୍ଥାନରେ ପହଞ୍ଚିଛି। ଯଦିଓ ଜୁଲାଇରେ ରାଜ୍ୟଗୁଡିକ ମଧ୍ୟରେ ତେଲେଙ୍ଗାନାରେ ଖୁଚୁରା ମୁଦ୍ରାସ୍ଫୀତି ହାର ଦେଶରେ ରହିଛି, ମାତ୍ର ମୂଲ୍ୟବୃଦ୍ଧି ହାରରେ ଓଡ଼ିଶା ସବୁଠାରୁ ଶୀର୍ଷରେ ଅଛି। ଏହି ରିପୋର୍ଟ ପ୍ରକାଶ କରିଛି କେନ୍ଦ୍ର ସରକାରଙ୍କ ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ (ଏମଓଏସପିଆଇ)। ବିଭାଗ ପକ୍ଷରୁ ସଦ୍ୟ ପ୍ରକାଶିତ ଅସ୍ଥାୟୀ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଅନୁସାରେ ଜୁଲାଇରେ ଓଡ଼ିଶାର ଉପଭୋକ୍ତା ମୂଲ୍ୟସୂଚୀ ସିପିଆଇ ୧୦୭.୦୬ ଓ ରାଜ୍ୟର ମୁଦ୍ରାସ୍ଫୀତି ଜାତୀୟ ହାର ଠାରୁ ଅଧିକ ୪.୪୫ ରହିଛି। ଚଳିତବର୍ଷ ଆରମ୍ଭରୁ ଓଡ଼ିଶାରେ ଖାଉଟି ସାମଗ୍ରୀରେ ମୂଲ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଯାହାଫଳରେ ଦେଶର ରାଜ୍ୟଗୁଡିକ ମଧ୍ୟରେ ଚଳିତବର୍ଷ ଜାନୁଆରୀଠାରୁ ଓଡ଼ିଶାର ମୁଦ୍ରାସ୍ଫୀତି ସର୍ବାଧିକ ୨.୯୫% ବୃଦ୍ଧି ଘଟିଛି। ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ହାର ଥିଲା ୧.୮୮ %। ମାତ୍ର ଜୁଲାଇରେ ଏହା ୨.୯୫% ବୃଦ୍ଧି ପାଇ ୪.୮୩ ପ୍ରତିଶତରେ ପହଞ୍ଚିଛି।

**ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟର ରିପୋର୍ଟ**

ଅନ୍ୟପକ୍ଷରେ ଆନ୍ଧ୍ରପ୍ରଦେଶରେ ମୁଦ୍ରାସ୍ଫୀତିରେ ୨.୯ ପ୍ରତିଶତ, ତେଲଙ୍ଗାନାର ମୁଦ୍ରାସ୍ଫୀତି ୧.୪ ପ୍ରତିଶତ ବୃଦ୍ଧି ହୋଇଛି।

ଏନଏସଓ ତଥ୍ୟାନୁଯାୟୀ ଜୁଲାଇ ମାସରେ ଦେଶର ୧୧ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ମୁଦ୍ରାସ୍ଫୀତି ଜାତୀୟ ହାରାହାରି ସ୍ତରକୁ ଅତିକ୍ରମ କରିଛି। ଦେଶର ୧୯ଟି ରାଜ୍ୟରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତ ଲକ୍ଷ୍ୟଠାରୁ ଅଧିକ ମୁଦ୍ରାସ୍ଫୀତି ରେକର୍ଡ ହୋଇଥିବା ଜଣାଯାଇଛି। ଜୁଲାଇରେ ପ୍ରାୟ ୧୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଦ୍ରାସ୍ଫୀତି ୪ ପ୍ରତିଶତ ଅତିକ୍ରମ କରିଥିଲା ଓ ୧୧ ରାଜ୍ୟ ଜାତୀୟ ମୁଦ୍ରାସ୍ଫୀତି ହାର ୪.୪୫ ପ୍ରତିଶତ ଠାରୁ ଅଧିକ ରହିଥିଲା। ମଧ୍ୟ ପ୍ରଦେଶ, କର୍ଣ୍ଣାଟକ, ଓଡ଼ିଶା, ରାଜସ୍ଥାନ, ଉତ୍ତର ପ୍ରଦେଶ ଓ ସିକିମରେ ମଧ୍ୟ ମୁଦ୍ରାସ୍ଫୀତି ଜାତୀୟ ହାର ୪.୪୫ ପ୍ରତିଶତଠାରୁ ଅଧିକ ରହିଛି ବର୍ଷ ଆରମ୍ଭରେ ତୁଳନାତ୍ମକ ଭାବରେ ସହଜ ମୁଦ୍ରାସ୍ଫୀତି ସହିତ ଅନେକ ରାଜ୍ୟରେ ଏହି ବୃଦ୍ଧି ବିଶେଷ ଭାବରେ ବୃଦ୍ଧି ଘଟିଛି।

ଜାନୁଆରୀରେ ଓଡ଼ିଶାର ମୁଦ୍ରାସ୍ଫୀତି ମାତ୍ର ୧.୮୮ ପ୍ରତିଶତ ଥିଲା ଏବଂ ମେ' ମାସରେ ଏହା ୪ ପ୍ରତିଶତ ଉପରେ ବୃଦ୍ଧି ପାଇ ଜୁନ୍ ମାସରେ ୫.୧୫ ପ୍ରତିଶତରେ ପହଞ୍ଚିଥିଲା। ଶେଷରେ ଜୁଲାଇରେ ଏହା ୪.୮୩ ପ୍ରତିଶତକୁ ସାମାନ୍ୟ ହ୍ରାସ ପାଇଛି। ରାଜ୍ୟସ୍ତରୀୟ ମୂଲ୍ୟ ଚାପ ବୃଦ୍ଧି ପାଇବା ଫଳରେ ଜୁଲାଇରେ ଲଗାତାର ଭାବେ ୪ର୍ଥ ମାସ ପାଇଁ ଭାରତର ମୁଖ୍ୟ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଉପଭୋକ୍ତା ମୂଲ୍ୟ ସୂଚୀ ଗତ ବର୍ଷ ତୁଳନାରେ ୪.୪୫ ପ୍ରତିଶତ ବୃଦ୍ଧି ▶ପୃଷ୍ଠା-୭

### 'ମୁଲତବୀ' ପରେ ହୋଇନାହିଁ ସଂସଦର 'ପ୍ରୋରୋଗ'

## ଡକାଯିବ ଜରୁରୀ ଅଧିବେଶନ !

■ ନୂଆଦିଲ୍ଲୀ, ୨୩।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ଅଗଷ୍ଟ ୧୩ରେ ଲୋକସଭା ଓ ରାଜ୍ୟସଭାକୁ ମୁଲତବୀ ପରେ ଔପଚାରିକ ଭାବେ ଶେଷ ଘୋଷଣା ହୋଇନାହିଁ। ଉଭୟ ଗୃହକ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯିବାର ୧୦ ଦିନ ବିତିଥିଲେ ମଧ୍ୟ ଅଧିବେଶନ ପ୍ରୋରୋଗ୍ ହୋଇନଥିବାରୁ ଏହାକୁ ନେଇ ରାଜନୈତିକ ମହଲରେ ନୂଆ ଚର୍ଚ୍ଚା ଆରମ୍ଭ ହୋଇଛି। ସରକାର ନୂଆ ଅଧିବେଶନ ନ ଡାକି କୌଣସି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇବାକୁ ଚାହୁଁଛି କି ବୋଲି ସାମ୍ବିଧାନିକ ବିଶେଷଜ୍ଞ ଓ ବିଭିନ୍ନ ରାଜନୈତିକ ଦଳ ସନ୍ଦେହ ପ୍ରକଟ କରିଛନ୍ତି।



ସାଧାରଣତଃ ଗୃହକୁ 'ସାଇନ୍ ଡାଇ' କରାଯିବାର ୩ରୁ ୪ ଦିନ ମଧ୍ୟରେ ରାଷ୍ଟ୍ରପତିଙ୍କ ପକ୍ଷରୁ ପ୍ରୋରୋଗେସନ୍ ସମ୍ପର୍କିତ ଘୋଷଣା ହୋଇଥାଏ। ମାତ୍ର ରବିବାର ସୁଦ୍ଧା ମୌସୁମୀ ଅଧିବେଶନର ପ୍ରୋରୋଗେସନ୍ ନେଇ କୌଣସି ବିଜ୍ଞପ୍ତି ଜାରି ହୋଇ ନାହିଁ। ସମ୍ବିଧାନ ଅନୁଯାୟୀ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ସଂସଦର ଅଧିବେଶନ ଡାକିବା ଓ ଶେଷ କରିବାର ଔପଚାରିକ ପ୍ରକ୍ରିୟା ସମ୍ପନ୍ନ କରନ୍ତି। ମାତ୍ର ଅଧିବେଶନ ସମାପ୍ତିର ଔପଚାରିକ ପ୍ରକ୍ରିୟା ଶେଷ ହୋଇ ନ ଥିବାରୁ ଯେ କୌଣସି ମୁହୂର୍ତ୍ତରେ ପୁନର୍ବାର ଡିଲିମିଟେସନ ବିଲ୍ ନିମନ୍ତେ ସରକାର ଅଧିବେଶନ ଡାକିପାରନ୍ତି ବୋଲି ଅନେକ ଆଶଙ୍କା କରିଛନ୍ତି।

୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବା ସମୟରେ ସରକାର ସଂସଦୀୟ ଓ ବିଧାନସଭା କ୍ଷେତ୍ର ସୀମା ନିର୍ଦ୍ଧାରଣ ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ପୁନର୍ବାର ଆଣିପାରନ୍ତି ବୋଲି ମଧ୍ୟ କଂଗ୍ରେସ ସନ୍ଦେହ କରିଛି। ବଜେଟ୍ ଅଧିବେଶନ ସମୟରେ ଏଭଳି ଏକ ପ୍ରୟାସ ହୋଇଥିଲେ ▶ପୃଷ୍ଠା-୭

## ଲଦାଖରେ ପ୍ରତିଷ୍ଠା ହେବ ହାଇକୋର୍ଟ ବେଞ୍ଚ



**ପଶ୍ଚିମ ଓଡ଼ିଶାରେ କେବେ ବୋଲି ପ୍ରଶ୍ନ କଲା ବିଜେଡି**

**ସ୍ଥାନୀୟ ବିଧାୟକ, ସାଂସଦଙ୍କୁ ଯବାବ ମାଗିଲେ ରୋହୀତ**

■ ଭୁବନେଶ୍ୱର, ୨୩।୮ (ସମିସ): ଲଦାଖରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ନେଇ ଦୁଇ ଦିନ ତଳେ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ କୋଲାପୁରରେ ମଧ୍ୟ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଘୋଷଣା ହୋଇଛି। ଏହି ଦୁଇଟି ସ୍ଥାନର ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ସମ୍ବଲପୁରି ବିଜେଡି ଜିଲ୍ଲା ସଭାପତି ରୋହୀତ ପୂଜାରୀ ସ୍ୱାଗତ କରିଥିଲେ ମଧ୍ୟ ଓଡ଼ିଶା ପ୍ରତି ଏ କ୍ଷେତ୍ରରେ କାହିଁକି ବୈମାତୃକ ମନୋଭାବ ପୋଷଣ କରାଯାଉଛି, ତାକୁ ନେଇ ପ୍ରଶ୍ନ କରିଛନ୍ତି। ରବିବାର ଶ୍ରୀ ପୂଜାରୀ କହିଛନ୍ତି, ଓଡ଼ିଶାରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ପୂରିସାରିଛି। ହେଲେ ଗତ ନିର୍ବାଚନ ସମୟରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପାଇଁ ବିଜେପି ନେତାମାନେ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ▶ପୃଷ୍ଠା-୭

### ଉଠା ଜଳସେଚନ ନିଗମରେ ଅଜବ ନୀତି

## ୧୧ ପଦରେ ୩ ଅଧିକାରୀ

■ ଭୁବନେଶ୍ୱର, ୨୩।୮ (ସମିସ): ଜଳବାୟୁ ପରିବର୍ତ୍ତନ ଓ ଅନିୟମିତ ବର୍ଷା ଯୋଗୁଁ ସାରା ରାଜ୍ୟରେ ଚାଷୀଙ୍କର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମୟରେ ଓଡ଼ିଶା ଉଠା ଜଳସେଚନ ନିଗମର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମନେ ହେଉଥିଲେ ହେଁ ଅଜବ ନୀତି ଓ ଅପରିପକ୍ୱ ନିଷ୍ପତ୍ତି ନିଗମର ବର୍ତ୍ତମାନକୁ ପ୍ରଶ୍ନଘେରରେ ଠିଆ କରିଛି; ଭବିଷ୍ୟତକୁ ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ବିଡ଼ମ୍ବନା ହେଉଛି, ବର୍ଷକୁ ପ୍ରାୟ ୮୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରୁଥିବା ଉଠା ଜଳସେଚନ ନିଗମ ବର୍ଷାଧିକ କାଳ ହେଲା କାମଚଳା ପରିଚାଳନା ନିର୍ଦ୍ଦେଶକଙ୍କ ଅଧୀନରେ କାମ କରୁଛି। ଆହୁରି ଆଶ୍ଚର୍ଯ୍ୟଜନକ କଥା ହେଲା ମୁଖ୍ୟାଳୟରେ ୧୧ଟି ଉଚ୍ଚ ପଦରେ ମାତ୍ର ୩ ଜଣ ଅଧିକାରୀ କାମ କରୁଛନ୍ତି।

ସାରା ରାଜ୍ୟରେ ଏମିତି କୌଣସି ଡିଭିଜନ ନାହିଁ, ଯେଉଁଠାରେ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ଆସିନାହିଁ। ବିନିଯୋଗପତ୍ର ପ୍ରଦାନରେ ବିଭ୍ରାଟ ଓ ବିନା ଖର୍ଚ୍ଚରେ ବିନିଯୋଗପତ୍ର ପ୍ରଦାନରେ

**୨ ନିର୍ବାହୀ ଯନ୍ତ୍ରୀ ଓ ୨ ଅଧୀକ୍ଷଣ ଯନ୍ତ୍ରୀ ଦାୟିତ୍ୱ ତୁଲାଉଛନ୍ତି ସହକାରୀ ଯନ୍ତ୍ରୀ**

**ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଲାଉଛନ୍ତି ନିର୍ବାହୀ ଯନ୍ତ୍ରୀ ଓ ଉପନିର୍ଦ୍ଦେଶକ ଦାୟିତ୍ୱ**

**ଏକ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ହୋଇନାହିଁ**

**ଇଡି ଓ ଏମ୍‌ଡି ପଦ ସମ୍ଭାଳୁଛନ୍ତି ଜଳସମ୍ପଦ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ**

ଉଠାଜଳସେଚନ ନିଗମ ସବୁଠାରୁ ଆଗରେ ଥିବା କୁହାଯାଉଛି। ତେବେ ଏଠାରେ ବିଭ୍ରାଟ ଓ ଅନିୟମିତତାକୁ ନୀତିରେ ▶ପୃଷ୍ଠା-୭

**ବଙ୍ଗୋପସାଗରରେ ପୁଣି ଲଘୁଚାପ**

## ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା

■ ଭୁବନେଶ୍ୱର, ୨୩।୮ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହୋଇଛି। ଗତକାଲିର ଘୂର୍ଣ୍ଣିବଳୟ ପ୍ରଭାବରେ ରବିବାର ସକାଳ ୫ଟା ୩୦ ସମୟରେ ଉତ୍ତରପଶ୍ଚିମ ବଙ୍ଗୋପସାଗର ଏବଂ ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଶନିବାରଠାରୁ ରାଜ୍ୟରେ ପୁଣି ଏକ ନୂତନ ପର୍ଯ୍ୟାୟ ବର୍ଷା ଆରମ୍ଭ ହୋଇଛି। ଏହି ଲଘୁଚାପର ପ୍ରଭାବ ଆହୁରି ୨-୩ ଦିନ ପର୍ଯ୍ୟନ୍ତ ରହିବାକୁ ଥିବା ବେଳେ ଏହି ସମୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା କରାଯାଇଛି। ଏହି କ୍ରମରେ ସୋମବାର ପଶ୍ଚିମ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା ରହିଛି। ବିଶେଷ କରି ସମ୍ବଲପୁର, ସୋନପୁର, ବରଗଡ଼, ବୌଦ୍ଧ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷାର ପ୍ରଭାବ ଅଧିକ ରହିବା ନେଇ ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକୁ ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଦେବଗଡ଼, ଅନୁଗୋଳ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ରାୟଗଡ଼ା, କୋରାପୁଟ, ମାଲକାନଗିରି, କଳାହାଣ୍ଡି, ନବରଙ୍ଗପୁର, ବାଲାଙ୍ଗୀର ଓ ▶ପୃଷ୍ଠା-୭

**ମାସ ଶେଷକୁ ପୁଣି ଏକ ଲଘୁଚାପ**

## ଘାଇ ଏବେ ବି ମୁକୁଳା



■ ଆନନ୍ଦପୁର, ୨୩।୮ (ସମିସ): ଭାରତୀୟ ପାଣିପାଗ ବିଭାଗର ଘନଘନ ସୂଚନା ଅନୁଯାୟୀ, ଚଳିତ ସପ୍ତାହରେ ବଡ ଧରଣର ବର୍ଷା ହେବାର ସମ୍ଭାବନା ଥିବାରୁ ବନ୍ୟା ପ୍ରଭାବିତମାନେ ଭୟଭୀତ ହୋଇପଡିଛନ୍ତି। ବିଶେଷକରି ଆନନ୍ଦପୁର ରିଙ୍ଗ ରୋଡରେ ହୋଇଥିବା ଘାଇ ମୁକୁଳା ଥିବାରୁ କ୍ଷତିଗ୍ରସ୍ତଙ୍କ ମନରେ ଛନକା ପଶିଯାଇଛି। ଉତ୍ତର ଉପକୂଳ ଜିଲ୍ଲା ଗୁଡିକରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଗତ ଜୁଲାଇ ମାସ ବନ୍ୟାରେ ଆନନ୍ଦପୁର ରିଙ୍ଗ ରୋଡରେ ଘାଇ ଯୋଗୁଁ ବନ୍ୟାଜଳ ଆନନ୍ଦପୁର ସହରତଳି ଅଞ୍ଚଳରେ ପଶି ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏହି ଘାଇ ମରାମତିକୁ ନେଇ ରାଜନୈତିକ ଛକାପଞ୍ଝା ଲାଗିଥିବାରୁ ପ୍ରପୀଡ଼ିତଙ୍କୁ କ୍ଷତି ସହିବାକୁ ପଡିଛି। ୭ ▶ପୃଷ୍ଠା-୭

### ୮ ମିନିଟରେ ବୁଡ଼ି ଯାଇଥିଲା 'ଓସେନ୍ ୱିନର'

## ୨ ଉଦ୍ଧାର, ଏବେ ବି ୨୨ ନିଖୋଜ

■ ଭୁବନେଶ୍ୱର/ପାରାଦୀପ, ୨୩।୮ (ସମିସ): ପାରାଦୀପ ବନ୍ଦରଠାରୁ ପ୍ରାୟ ୪୪୫ କିଲୋମିଟର ଦୂର ବଙ୍ଗୋପସାଗରରେ ପାନାମା ପତାକାଧାରୀ ମାଲବାହୀ ଜାହାଜ 'ଏମ୍‌ଭି ଓସେନ୍ ୱିନର'ର ମାତ୍ର ୨ ଜଣ କର୍ମଚାରୀଙ୍କୁ ଉଦ୍ଧାର କରାଯାଇଛି ଓ ଅବଶିଷ୍ଟ ୨୨ ନାବିକ ଓ କର୍ମଚାରୀ ଏବେ ବି ନିଖୋଜ। ସେମାନଙ୍କୁ ଉଦ୍ଧାର ପାଇଁ ଭାରତୀୟ ତଟରକ୍ଷୀ ବାହିନୀ ପକ୍ଷରୁ ଅନମୋଲ, ବିଜୟ ଓ ବରାଡ଼ ନାମକ ତିନଟି ଜାହାଜକୁ ମୁତୟନ କରାଯାଇଥିଲେ ହେଁ ଏଯାଏ ଜାହାଜର କର୍ମଚାରୀମାନଙ୍କୁ ଠାବ କରାଯାଇନାହିଁ।

ଓସେନ ୱିନରରେ ୨୪ ଜଣ କର୍ମଚାରୀ ଥିଲେ। ଏମାନଙ୍କ ମଧ୍ୟରୁ ୨୦ ଜଣ ଚୀନ ଦେଶର, ୩ ଜଣ ମିଆଁମାରର ଓ ଜଣେ ବାଂଲାଦେଶୀ ନାଗରିକ ଥିଲେ। ଜାହାଜ ବୁଡ଼ିଯିବା ସମୟରେ ସମସ୍ତେ ଲାଇଫ୍ ବୋଟ୍‌ରେ ସମୁଦ୍ରକୁ ଓହ୍ଲାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ଚୀନ୍ ନାଗରିକଙ୍କୁ ନିକଟରେ ଥିବା




ଅନ୍ୟଏକ ବାଣିଜ୍ୟିକ ଜାହାଜ ଏମ୍‌ଟି ଓସୋପସ୍ ଉଦ୍ଧାର କରିଥିଲା। ମାତ୍ର ଅନ୍ୟମାନଙ୍କର ପତ୍ତା ଏଯାଏ ମିଳିନାହିଁ। ନିଖୋଜ ଅନ୍ୟ ୨୨ ଜଣଙ୍କ ସନ୍ଧାନରେ ଭାରତୀୟ ତଟରକ୍ଷୀ ବାହିନୀ, ଭାରତୀୟ ନୌସେନା ଓ ଅନ୍ୟ ଜାହାଜଗୁଡ଼ିକ ପକ୍ଷରୁ ବ୍ୟାପକ ଅଭିଯାନ ଜାରି ରହିଛି। ସେହିପରି ନୌସେନାର ଜାହାଜ ଓ ବିମାନ ମଧ୍ୟ ସନ୍ଧାନ ଅଭିଯାନରେ ସାମିଲ ହୋଇଛି। ସମୁଦ୍ରରେ ଥିବା ଅନ୍ୟ ଜାହାଜଗୁଡ଼ିକୁ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ ପାଇଁ ସୂଚନା ଦିଆଯାଇଛି। ▶ପୃଷ୍ଠା-୭

**ଉଦ୍ଧାରରେ ତଟରକ୍ଷୀ ବାହିନୀର ୩ ଜାହାଜ ମୁତୟନ**

### ଏମ୍ଏମଡିଆର ଆଇନ ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି

# ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଲେ ବିଜେପି ସାଂସଦ

■ ଭୁବନେଶ୍ୱର, ୨୩।୮ (ସମିସ): ସଂଶୋଧିତ ଏମଏମଡିଆର ଆଇନ୍ ସଂସଦରେ ପାରିତ ହେବା ଦ୍ୱାରା ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏହି ବିଲ୍‌କୁ ବିଜେପି ସରକାର ବିନା ଆଲୋଚନାରେ ସଂସଦରେ ପାରିତ କରିଲା। ଏହି ଆଇନ୍ ଲାଗି ହେବା ଫଳରେ ରାଜ୍ୟର ସମସ୍ତ ଖଣି ଗୁଡିକର ରାଜସ୍ୱ କେନ୍ଦ୍ର ସରକାରଙ୍କ ଅଧିନକୁ ଚାଲିଯିବ। ଖଣିଜ ସମ୍ପଦରେ ଭରା ଓଡ଼ଶାର ଖଣି ରାଜସ୍ୱ କେନ୍ଦ୍ର ସରକାରଙ୍କୁ ଟେକି ଦିଆଯାଇଛି। କିନ୍ତୁ ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାରୁ ନିର୍ବାଚିତ ହୋଇଥିବା ବିଜେପି ସାଂସଦ ମାନେ ସଂସଦରେ ମୁଁହ ନ ଖୋଲିବାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରବିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡେଇ ଓ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ ଏହି ପ୍ରସଙ୍ଗରେ ବିଜେପି ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ଘଡ଼େଇ କହିଛନ୍ତି ଯେ ଏହି ଓଡ଼ିଶା ବିରୋଧୀ ବିଲ୍ ପାସ ହେବା ସମୟରେ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ବିଜେପି ସାଂସଦମାନେ ସଂସଦରେ ଚୁପ ରହିଲେ।




ରାଜ୍ୟ ସ୍ୱାର୍ଥ ବିରୋଧରେ ଭୋଟ ଦେଇ ବିଜେପି ସାଂସଦମାନେ ରାଜ୍ୟର ବ୍ୟାପକ କ୍ଷତି ହେବାକୁ ସମର୍ଥନ କଲେ। ଏହାକୁ ଓଡ଼ିଶା ବାସୀ କେବେ ଭୁଲି ପାରିବେ ନାହିଁ। ବିଜେପି ହେଉଛି ବ୍ୟବସାୟୀ ମାନଙ୍କ ପାର୍ଟି। ବ୍ୟବସାୟୀ ମାନଙ୍କ ହିତକୁ ପ୍ରାଧାନ୍ୟ ଦେବାକୁ ବିଜେପି ଦଳ ଓଡ଼ିଶାକୁ ଲୁଣ୍ଠନ କରିବା ଯୋଜନା କରିଛି। ରାଜ୍ୟବାସୀଙ୍କ ସ୍ୱାର୍ଥକୁ ବାଦ୍ ଦେଇ ଖଣି ମାଲିକଙ୍କ ସୁବିଧା ପାଇଁ ଏମଏମଡିଆର ଆଇନକୁ ସଂଶୋଧନ କରାଯାଇଛି। ଖଣି ଖାଦାନ ଉପରେ

**ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ସଂସଦରେ ଚୁପ ରହିଲେ**

**ବିଜେପି ବ୍ୟବସାୟୀମାନଙ୍କ ପାର୍ଟି: ବିଜେଡି**

ପ୍ରତ୍ୟେକ ରାଜ୍ୟର ଆଇନଗତ ଓ ସାମ୍ବିଧାନିକ ଅଧିକାର ରହିଛି। ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟ ୯ ଜଣିଆ ଖଣ୍ଡପୀଠ ଏହା ଉପରେ ବିଚାର କରି ଖଣି ଓ ଖଣିର ଜମି ଉପରେ ରାଜ୍ୟ ମାନଙ୍କର ଅଧିକାର ରହିଛି, ତେଣୁ ରାଜ୍ୟମାନେ ଖଣିଜ ପଦାର୍ଥ ଉପରେ ଲେଭି ଓ ଟ୍ୟାକ୍ସ ଲଗାଇ ପାରିବେ ବୋଲି ମତ ଦେଇଥିଲେ। ଏହି ବିଚାରରେ, ୧ ଏପ୍ରିଲ ୨୦୦୫ରୁ ଖଣି ମାଲିକ ମାନଙ୍କ ଠାରୁ ବକେୟା ଟ୍ୟାକ୍ସ ଆଦାୟ କରିପାରିବେ ବୋଲି ଉଚ୍ଚତମ ନ୍ୟାୟାଳୟ କହିଥିଲେ। ସେହି ଅନୁସାରେ, ଓଡିଶା କେବଳ ବକେୟା ଆକାରରେ ଦେଢ଼ ଲକ୍ଷ କୋଟି ଟଙ୍କା ଆଦାୟ କରିପାରିବ ବୋଲି ଆକଳନ ହୋଇଥିଲା। ଏହାଛଡା ପ୍ରତିବର୍ଷ ଖଣି ରାଜସ୍ୱ ଅଧିକ ୧୨,୦୦୦ କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲା। କିନ୍ତୁ ଏମଏମଡିଆର ଆଇନ୍‌କୁ ବଦଳାଇ କେନ୍ଦ୍ର ସରକାର ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ହଡ଼ପ କରିଦେଲେ। ଦୁଃଖ ଓ ପରିତାପର ବିଷୟ ଯେ, ଓଡ଼ିଶାରୁ ନିର୍ବାଚିତ ବିଜେପିର ୨୦ ଲୋକସଭା ସାଂସଦ ଓ ୫ ରାଜ୍ୟସଭା ସାଂସଦ, ଓଡିଶା ବିରୋଧୀ ଆଇନକୁ ହାତ ଟେକି ସମର୍ଥନ କରିଥିଲେ। ବିଜେପି ଦଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ଭଳି କଥା ନକହି ଯଦି ସତ୍ସାହସ ଅଛି ତେବେ ଖୋଲା ▶ପୃଷ୍ଠା-୭

## ଫ୍ରାନ୍ସରେ ନିର୍ମାଣ ହେଲା ପ୍ରଥମ ହିନ୍ଦୁ ମନ୍ଦିର

ପ୍ୟାରିସ୍,୨୩।୮ (ଏଜେନ୍ସି): ଫ୍ରାନ୍ସରେ ହିନ୍ଦୁ ଧର୍ମ ଓ ଭାରତୀୟ ସଂସ୍କୃତି ପାଇଁ ଏକ ଐତିହାସିକ ଅଧ୍ୟାୟ ଯୋଡ଼ିବାକୁ ଯାଉଛି। ପ୍ୟାରିସ୍ ନିକଟସ୍ଥ ବୁସି-ସାଁ-ଜର୍ଜ ଅଞ୍ଚଳରେ ନିର୍ମିତ ବୋଚାସନବାସୀ ଅକ୍ଷର ପୁରୁଷୋତ୍ତମ ସ୍ୱାମୀନାରାୟଣ ସଂସ୍ଥା (ବିଏପିଏସ୍) ସ୍ୱାମୀନାରାୟଣ ହିନ୍ଦୁ ମନ୍ଦିର ସେପ୍ଟେମ୍ବର ୨୦୨୬ରେ ଉଦ୍‌ଘାଟିତ ହେବ। ଏହାକୁ ଫ୍ରାନ୍ସର ପ୍ରଥମ ବଡ଼ ହିନ୍ଦୁ ମନ୍ଦିର ଭାବେ ବର୍ଣ୍ଣନା କରାଯାଉଛି। ମନ୍ଦିର ଉଦ୍‌ଘାଟନ ଅବସରରେ ସେପ୍ଟେମ୍ବର ୨ରୁ ୧୪ ପର୍ଯ୍ୟନ୍ତ ୧୩ ଦିନିଆ 'ସଂସ୍କୃତି ମହୋତ୍ସବ' ଆୟୋଜିତ ହେବ। ଏଥିରେ ହିନ୍ଦୁ ପରମ୍ପରା, ଭାରତୀୟ କଳା, ସଙ୍ଗୀତ ଓ ସଂସ୍କୃତିର ବିଭିନ୍ନ ଦିଗ ପ୍ରଦର୍ଶିତ ହେବ। ଏହି ମନ୍ଦିର କେବଳ ପୂଜାପାଠ ପାଇଁ ସୀମିତ ରହିବ ନାହିଁ। ଏଠାରେ ବିଭିନ୍ନ ସାଂସ୍କୃତିକ, ସାମାଜିକ ଓ ସମୁଦାୟ ଭିତ୍ତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେବ। ଫ୍ରାନ୍ସରେ ରହୁଥିବା ଭାରତୀୟ ବଂଶୋଦ୍ଭବ, ହିନ୍ଦୁ ସମୁଦାୟ ଏବଂ ଭାରତୀୟ ସଂସ୍କୃତି ପ୍ରତି ଆଗ୍ରହୀ ଲୋକମାନେ ଉଦ୍‌ଘାଟନ ଓ ସଂସ୍କୃତି ମହୋତ୍ସବରେ ଯୋଗଦେବେ ବୋଲି ଆଶା କରାଯାଉଛି। ମନ୍ଦିରର ସବୁଠାରୁ ବିଶେଷ ଆକର୍ଷଣ ହେଉଛି ଏହାର ସ୍ଥାପତ୍ୟ। ଭାରତରୁ ସ୍ୱତନ୍ତ୍ର ଭାବେ ଖୋଦିତ ପଥର ଫ୍ରାନ୍ସକୁ ନେଇ ମନ୍ଦିର ନିର୍ମାଣରେ ବ୍ୟବହାର କରାଯାଇଛି। ପ୍ରାୟ ୧,୦୦୦ ବର୍ଷ ପୁରୁଣା ଭାରତୀୟ ପଥର ଖୋଦେଇ ପରମ୍ପରା ଅନୁସରଣ କରି କାରିଗରମାନେ ଅନେକ ପଥରକୁ ହାତରେ ସୂକ୍ଷ୍ମ ଭାବେ ଖୋଦେଇଛନ୍ତି। ଭାରତରେ ପଥରଗୁଡ଼ିକ ପ୍ରସ୍ତୁତ ହେବା ପରେ ଫ୍ରାନ୍ସକୁ ନିଆଯାଇ ସେଠାରେ ମନ୍ଦିରରେ ସଂଯୋଜନ କରାଯାଇଛି। ଏହି ନିର୍ମାଣରେ ଭାରତୀୟ କାରିଗରଙ୍କ ସହ ଫ୍ରାନ୍ସର ବିଶେଷଜ୍ଞମାନେ ମଧ୍ୟ କାମ କରିଛନ୍ତି। ଏପରିକି ନୋତ୍ର-ଦାମ୍ କ୍ୟାଥେଡ୍ରାଲର ପୁନରୁଦ୍ଧାର କାମରେ ଜଡ଼ିତ ବିଶେଷଜ୍ଞମାନେ ମଧ୍ୟ ନିର୍ମାଣରେ ସହଯୋଗ କରିଛନ୍ତି।




● ସେପ୍ଟେମ୍ବରରେ ୧୩ ଦିନିଆ ଉଦ୍‌ଘାଟନୀ ମହୋତ୍ସବ

**ହିନ୍ଦୁ ପର୍ବକୁ ଅପମାନ**

## ବାଲିରେ ସ୍ୱିଜରଲାଣ୍ଡ ପର୍ଯ୍ୟଟକଙ୍କୁ ବର୍ଷେ ଜେଲ୍

ବାଲି,୨୩।୮ (ଏଜେନ୍ସି): ଇଣ୍ଡୋନେସିଆର ବାଲିରେ ହିନ୍ଦୁମାନଙ୍କ ପବିତ୍ର 'ନ୍ୟେପି' ପର୍ବର ନିୟମ ଉଲ୍ଲଂଘନ କରିବା ସହ ଏହାକୁ ସାମାଜିକ ଗଣମାଧ୍ୟମରେ ଅପମାନ କରିବା ଅଭିଯୋଗରେ ୨୬ ବର୍ଷୀୟ ସ୍ୱିଜରଲାଣ୍ଡ ପର୍ଯ୍ୟଟକ ଲୁଜିଆନ ଆଡ୍ରିନ ଜଗ୍ରାଗେନଙ୍କୁ ଏକ ବର୍ଷ ଜେଲ ଦଣ୍ଡ ଦିଆଯାଇଛି। ଜଗ୍ରାଗେନ ନ୍ୟେପି ଦିନ ବାଲିର ଖାଲି ସମୁଦ୍ରତଟକୁ ଯାଇ ଏକ ଭିଡିଓ ରେକର୍ଡ କରିଥିଲେ। ପରେ ସେ ଏହାକୁ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରି ପର୍ବର ନିୟମ ଓ ନିରବତାକୁ ନେଇ ଅଶାଳୀନ ମନ୍ତବ୍ୟ ଦେଇଥିଲେ। ନ୍ୟେପି ବାଲିର ଏକ ପ୍ରମୁଖ ହିନ୍ଦୁ ଧାର୍ମିକ ପର୍ବ। ଏହାକୁ 'ନିରବତାର ଦିବସ' ମଧ୍ୟ କୁହାଯାଏ। ଏହି ଦିନ ବାଲି ଦ୍ୱୀପ ପ୍ରାୟ ସମ୍ପୂର୍ଣ୍ଣ ଭାବେ ଶାନ୍ତ ହୋଇଯାଏ। ଲୋକମାନେ ଘରେ ରହି ନିରବତା ପାଳନ, ଉପବାସ ଓ ଧ୍ୟାନ କରନ୍ତି। ଏହି ସମୟରେ ବିମାନବନ୍ଦର ବନ୍ଦ ରହିବା ସହ ଯାତାୟାତ, ବିଦ୍ୟୁତ ବ୍ୟବହାର ଓ ସାର୍ବଜନୀନ କାର୍ଯ୍ୟକଳାପ ଉପରେ କଡ଼ା କଟକଣା ରହେ। ଧର୍ମ ନିର୍ବିଶେଷରେ ବାଲିରେ ଥିବା ସମସ୍ତଙ୍କୁ ଏହି ନିୟମ ପାଳନ କରିବାକୁ ପଡ଼େ। ଜଗ୍ରାଗେନ ନ୍ୟେପିର ନିୟମ ଉଲ୍ଲଂଘନ କରି ସମୁଦ୍ରତଟକୁ ଯାଇଥିଲେ। ସେଠାରୁ ସେ ଏକ ଭିଡିଓ ପ୍ରକାଶ କରିଥିଲେ। ଭିଡିଓଟି ସାମାଜିକ ଗଣମାଧ୍ୟମରେ ଛଡ଼ାଇବା ପରେ ବାଲିର ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଅଦାଲତରେ ଜଗ୍ରାଗେନ କହିଥିଲେ ଯେ, ନ୍ୟେପିର ନିୟମ କେତେ ଗମ୍ଭୀର ତାହା ସେ ବୁଝିପାରିନଥିଲେ। ବାଲିର ପରମ୍ପରା କିମ୍ବା ସ୍ଥାନୀୟ ଲୋକଙ୍କୁ ଅପମାନ କରିବା ତାଙ୍କ ଉଦ୍ଦେଶ୍ୟ ନଥିଲା ବୋଲି ସେ କହିଥିଲେ। ସେ ନିଜ କାର୍ଯ୍ୟ ପାଇଁ ଗଭୀର ଅନୁତାପ ପ୍ରକାଶ କରି ବାଲିର ଲୋକଙ୍କୁ କ୍ଷମା ମାଗିଥିଲେ।



**ଦିଲ୍ଲୀରେ ମଧ୍ୟ ଆଇଫୋନ୍ ଇଏମ୍‌ଆଇ ଚିନ୍ତା**

## ନୃତ୍ୟ ଶିକ୍ଷକ ଯମୁନା ନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ମହାରାଷ୍ଟ୍ରରେ ଫୋନ୍ ପାଇଁ ପରିବାର ନିଶ୍ଚିହ୍ନ ହେବା ଭଳି ଦୁଃଖଦ ଘଟଣା ପରେ ଦିଲ୍ଲୀରୁ ମଧ୍ୟ ସମାନ ପ୍ରକାରର ଘଟଣା ସାମ୍ନାକୁ ଆସିଛି। ଆଇଫୋନ୍ କିସ୍ତି ବା ଇଏମ୍‌ଆଇ ଟଙ୍କା ପୈଠ କରିନପାରି ଜଣେ ନୃତ୍ୟ ଶିକ୍ଷକ ଯମୁନା ନଦୀକୁ ଡେଇଁ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ତେବେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀଙ୍କ ସତର୍କତା ଯୋଗୁଁ ତାଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ଯୁବକଜଣକ ହେଲେ ଦିଲ୍ଲୀର ଓଖ୍ଲା ଅଞ୍ଚଳରେ ରହୁଥିବା ୩୦ ବର୍ଷୀୟ ନୃତ୍ୟ ଶିକ୍ଷକ ଦୀପକ କୁମାର। ସେ ପରିବାର ପ୍ରତିପୋଷଣ ପାଇଁ ନୃତ୍ୟ ଶିକ୍ଷାଦାନ ସହିତ ବଗିଚା କାମ ମଧ୍ୟ କରନ୍ତି। ଗତ କିଛି ମାସ ହେବ ତାଙ୍କର ଆୟ କମିଯାଇଥିଲା, ଯେଉଁଥିପାଇଁ ସେ କିଣିଥିବା ଆଇଫୋନର ମାସିକ କିସ୍ତି ପୈଠ କରିପାରି ନଥିଲେ। ଏହି ଆର୍ଥିକ ଚାପ ଏବଂ ମାନସିକ ଅବସାଦ କାରଣରୁ ସେ ଗତ ଶୁକ୍ରବାର କାଳିନ୍ଦୀ କୁଞ୍ଜର ଏକ ଘାଟରୁ ଯମୁନା ନଦୀକୁ ଡେଇଁ ପଡ଼ିଥିଲେ। ସେଠାରେ ପାଟ୍ରୋଲିଂ କରୁଥିବା ପୁଲିସ କର୍ମଚାରୀମାନେ ତାଙ୍କୁ ପାଣିରେ ବୁଡୁଥିବାର ଦେଖି ତୁରନ୍ତ ଉଦ୍ଧାରକାରୀ ବୋଟ୍ ପଠାଇ ତାଙ୍କୁ ସୁରକ୍ଷିତ ଭାବେ ବାହାର କରିଆଣିଥିଲେ। ପୁଲିସ ପକ୍ଷରୁ ତାଙ୍କୁ ଆଶ୍ୱାସନା ଏବଂ ପରାମର୍ଶ ଦିଆଯିବା ପରେ ତାଙ୍କ ପତ୍ନୀ ଏବଂ ସମ୍ପର୍କୀୟଙ୍କୁ ଥାନାକୁ ଡକାଇ ସୁରକ୍ଷିତ ଭାବେ ଘରକୁ ପଠାଇ ଦିଆଯାଇଛି। ମୋବାଇଲ ଫୋନକୁ ନେଇ କେବଳ ଛୋଟ ପିଲାଙ୍କ ମଧ୍ୟରେ ନୁହେଁ, ବୟସ୍କ ଲୋକମାନେ ମଧ୍ୟ ମୋହରେ ପଡୁଛନ୍ତି ବୋଲି ଏହି ଘଟଣାରୁ ପ୍ରମାଣିତ ହେଉଛି। ମୋବାଇଲ ଫୋନକୁ ନେଇ ବୃଦ୍ଧିପାଉଥିବା ଏହି ଭାବ ପ୍ରବଣତା ଏକ ନୂଆ ସାମାଜିକ ସମସ୍ୟା ରୂପେ ଉଭା ହୋଇଛି।



**ତୁର୍କୀରୁ ପହଞ୍ଚିଲା ଡ୍ରୋନ୍ ସହ ସାମରିକ ସାମଗ୍ରୀ**

# ପ୍ରତିରକ୍ଷା ଚୁକ୍ତି ଆଳରେ ପାକିସ୍ତାନର ଅସ୍ତ୍ର ସଂଗ୍ରହ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ସାଉଦି ଆରବ ଓ ତୁର୍କୀ ସହ ପ୍ରତିରକ୍ଷା ସହଯୋଗକୁ ଆଧାର କରି ପାକିସ୍ତାନ ନିଜର ସାମରିକ ଅସ୍ତ୍ରଭଣ୍ଡାର ବଢ଼ାଉଥିବା ଦାବି କରାଯାଇଛି। ଅଗଷ୍ଟ ୧୯ରୁ ୨୧ ମଧ୍ୟରେ ପ୍ରାୟ ୬୦ ଘଣ୍ଟା ମଧ୍ୟରେ ତୁର୍କୀର ଅନେକ ସାମରିକ ବିମାନ ପାକିସ୍ତାନର ବିଭିନ୍ନ ବାୟୁସେନା ଘାଟିରେ ଯାତାୟାତ କରିଥିବା ସୂଚନା ମିଳିଛି। ଏଥିରେ ସି-୧୩୦ ସାମରିକ ପରିବହନ ବିମାନ ଓ ଏ-୪୦୦ଏମ୍ ବିମାନ ସାମିଲ ଥିବା ଦାବି କରାଯାଇଛି। ତୁର୍କୀ ପକ୍ଷରୁ ପାକିସ୍ତାନକୁ ବିଭିନ୍ନ ପ୍ରକାରର ଡ୍ରୋନ ଓ ପ୍ରତିରକ୍ଷା ସାମଗ୍ରୀ ପଠାଯାଇଥିବା ରିପୋର୍ଟରେ କୁହାଯାଇଛି। ରିପୋର୍ଟ ଅନୁସାରେ, ପାକିସ୍ତାନ ତୁର୍କୀଠାରୁ ବାୟରାକ୍ତାର ଟିବି-୨, ଆକିନ୍ସି ଡ୍ରୋନ୍ ଏବଂ କେମାଙ୍କଶ୍ କ୍ରୁଜ୍ କ୍ଷେପଣାସ୍ତ୍ର ଭଳି ଆଧୁନିକ ପ୍ରତିରକ୍ଷା ପ୍ରଯୁକ୍ତି ପାଇଥିବା ଦାବି ହୋଇଛି। ପାକିସ୍ତାନର ଏଫ୍-୧୬ ଯୁଦ୍ଧବିମାନର ଉନ୍ନତିକରଣରେ ମଧ୍ୟ ତୁର୍କୀ ସହଯୋଗ କରିଥିବା କୁହାଯାଇଛି। ଅଗଷ୍ଟ ୭ରେ ପାକିସ୍ତାନ, ସାଉଦି ଆରବ ଓ ତୁର୍କୀ ମଧ୍ୟରେ ହୋଇଥିବା ମକ୍କା ଯୁକ୍ତ ପ୍ରତିରକ୍ଷା ଚୁକ୍ତିକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର ଧରିଛି। ଏହି ଚୁକ୍ତିର ମୁଖ୍ୟ ଧାରଣା ହେଉଛି ଗୋଟିଏ ଦେଶ ଉପରେ ଆକ୍ରମଣ ହେଲେ ଅନ୍ୟ ଦେଶଗୁଡ଼ିକ ସହାୟତା କରିବେ।

ଏହି କାରଣରୁ ଏହାକୁ ନାଟୋ ଭଳି ସାମରିକ ସହଯୋଗ ବ୍ୟବସ୍ଥା ସହ ତୁଳନା କରାଯାଉଛି। ଅନ୍ୟପକ୍ଷରେ, ବେଲୁଚିସ୍ତାନରେ ବଢୁଥିବା ସଶସ୍ତ୍ର ବିଦ୍ରୋହ ପାକିସ୍ତାନ ସରକାର ପାଇଁ ବଡ଼ ଚାଲେଞ୍ଜ ହୋଇଛି। ବେଲୁଚିସ୍ତାନ ଲିବରେସନ୍ ଆର୍ମି ସମେତ ବିଭିନ୍ନ ବିଦ୍ରୋହୀ ଗୋଷ୍ଠୀ ସକ୍ରିୟ ଥିବା ରିପୋର୍ଟରେ ଦାବି କରାଯାଇଛି। ପାକିସ୍ତାନ ସେନା ବେଲୁଚିସ୍ତାନରେ ନିଜର ନିୟନ୍ତ୍ରଣ ମଜବୁତ କରିବା ପାଇଁ ନୂଆ ସାମରିକ ଅଭିଯାନ ପାଇଁ ପ୍ରସ୍ତୁତି କରୁଥିବା ମଧ୍ୟ ରିପୋର୍ଟରେ କୁହାଯାଇଛି। ତୁର୍କୀ, ସାଉଦି ଆରବ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ପ୍ରତିରକ୍ଷା ସହଯୋଗ ଦକ୍ଷିଣ ଏସିଆ ଓ ପଶ୍ଚିମ ଏସିଆର ଭୂ-ରାଜନୈତିକ ସମୀକରଣକୁ ନୂଆ ଦିଗ ଦେଇପାରେ। ତେବେ ତୁର୍କୀରୁ ନିର୍ଦ୍ଦିଷ୍ଟ ଅସ୍ତ୍ର ଓ ଡ୍ରୋନ ଯୋଗାଣ ସମ୍ପର୍କିତ ଏହି ଦାବିଗୁଡ଼ିକୁ ସ୍ୱାଧୀନ ଭାବେ ନିଶ୍ଚିତ କରାଯାଇଛି କି ନାହିଁ, ସେଥିପାଇଁ ସତର୍କ ରହିବା ଆବଶ୍ୟକ।



## ମାନ୍‌ଙ୍କ ପତ୍ନୀଙ୍କ ବିରୋଧରେ ୫ କୋଟିର ଲାଞ୍ଚ ଅଭିଯୋଗ

ଚଣ୍ଡୀଗଡ଼,୨୩।୮ (ଏଜେନ୍ସି): ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ପତ୍ନୀ ଗୁରପ୍ରୀତ କୌରଙ୍କ ବିରୋଧରେ ଏକ ଦୁଷ୍କର୍ମ ମାମଲାକୁ ଲୁଚାଇବା ପାଇଁ ୫ କୋଟି ଟଙ୍କା ମାଗିଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ବର୍ତ୍ତମାନ ପଞ୍ଜାବ ରାଜନୀତିରେ ତୁମ୍ବିତୋଫାନ ଦେଖାଦେଇଥିବାବେଳେ ବିଜେପି ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି। ଜାତୀୟ ମାନବାଧିକାର ଆୟୋଗ ଏହି ମାମଲାରେ ନୋଟିସ୍ ଜାରି କରିବା ପରେ ବିରୋଧୀ ଦଳଗୁଡ଼ିକ ଆକ୍ରମଣାତ୍ମକ ହୋଇଛନ୍ତି। ପଞ୍ଜାବର ଶିରୋମଣି ଅକାଳୀ ଦଳ ଏବଂ କଂଗ୍ରେସ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ୍ କରି ତାଙ୍କର ଇସ୍ତଫା ଦାବି କରିଛନ୍ତି। ଅଭିଯୋଗ ହୋଇଛି ଯେ ଜଣେ ଅବସରପ୍ରାପ୍ତ ବିଚାରପତି ସର୍ବସାଧାରଣରେ ଏହି ଟଙ୍କା ଲେଣଦେଣ କଥା ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ, ଆମ୍ ଆଦମୀ ପାର୍ଟି ଏହି ସମସ୍ତ ଅଭିଯୋଗକୁ ଭିତ୍ତିହୀନ ଏବଂ ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛି। ଦଳର ମହିଳା ମୋର୍ଚ୍ଚା ମୁଖ୍ୟ ସ୍ପଷ୍ଟ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ଏହି ମାମଲାରେ ଆଇନଗତ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ମିଥ୍ୟା ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ ଆଇନଗତ ନୋଟିସ୍ ପଠାଯାଇଛି। ଆଗକୁ ନିର୍ବାଚନ ଥିବାରୁ ଏହି ପ୍ରସଙ୍ଗ ପଞ୍ଜାବ ରାଜନୀତିକୁ ପୂରା ସରଗରମ କରିଛି।



## ପ୍ରତିରକ୍ଷା ମନ୍ତ୍ରଣାଳୟର ଗର୍ଭବତୀ ମହିଳା ଅଧିକାରୀ ମୃତ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଦିଲ୍ଲୀର ଦ୍ୱାରକା ଅଞ୍ଚଳରୁ ଏକ ମର୍ମନ୍ତୁଦ ଘଟଣା ସାମ୍ନାକୁ ଆସିଛି। ପ୍ରତିରକ୍ଷା ମନ୍ତ୍ରଣାଳୟର ଜଣେ ସହକାରୀ ସେକ୍ସନ ଅଧିକାରୀ ତଥା ୩୦ ବର୍ଷୀୟା ଗର୍ଭବତୀ ମହିଳା ନାଜିଆ ଖାନମ୍‌ଙ୍କୁ ରହସ୍ୟଜନକ ଅବସ୍ଥାରେ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକଙ୍କ ପରିବାର ପକ୍ଷରୁ ସ୍ୱାମୀ ଏବଂ ଶାଶୂଘର ଲୋକଙ୍କ ବିରୋଧରେ ଶାରୀରିକ ଓ ମାନସିକ ନିର୍ଯାତନା ଅଭିଯୋଗ ଅଣାଯାଇଛି। ସୂଚନା ଅନୁଯାୟୀ, ଗତ ଏପ୍ରିଲ ୧୧ରେ ନାଜିଆଙ୍କର ଆଜମ ଅଲି ଖାନଙ୍କ ସହିତ ବିବାହ ହୋଇଥିଲା। ବିବାହର ମାତ୍ର ୪ ମାସ ପରେ ଏଭଳି ଦୁଃଖଦ ଘଟଣା ଘଟିଛି। ସେ ତିନି ମାସର ଗର୍ଭବତୀ ମଧ୍ୟ ଥିଲେ। ବିବାହ ପରଠାରୁ ସ୍ୱାମୀ, ଶାଶୂ ସମିନ ନିଶା ଏବଂ ଶ୍ୱଶୁର ବାବର ଅଲି ଖାନ ତାଙ୍କୁ କ୍ରମାଗତ ଭାବେ ଗାଳିଗୁଲଜ, ମାଡ଼ପିଟ୍ ଏବଂ ଘରୁ ବାହାର କରିଦେବାକୁ ଧମକ ଦେଉଥିବା ନେଇ ସେ ପରିବାରକୁ ଜଣାଇଥିଲେ। ଗତ ଅଗଷ୍ଟ ୨୧ ତାରିଖ ଭୋର ପ୍ରାୟ ୪ଟା ସମୟରେ ନାଜିଆ ଆତ୍ମହତ୍ୟା କରିଥିବା ନେଇ ତାଙ୍କ ପରିବାରକୁ ଖବର ମିଳିଥିଲା। କିନ୍ତୁ ଏହା ଏକ ଆତ୍ମହତ୍ୟା ନୁହେଁ ବରଂ ଏହା ଏକ ହତ୍ୟା ବୋଲି ପରିବାର ଲୋକେ ସନ୍ଦେହ କରିଛନ୍ତି। ନାଜିଆଙ୍କ ପିତା ତାଙ୍କ ସ୍ୱାମୀଙ୍କୁ ଏହି ମୃତ୍ୟୁ ପାଇଁ ଦାୟୀ କରି କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ପୁଲିସ୍ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।



**ଶାଶୂଘର ଲୋକଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ**

## କାଶ୍ମୀରର ୧୦ଟି ସ୍ଥାନରେ ଏନ୍‌ଆଇଏ ଚଢ଼ଉ

ଶ୍ରୀନଗର, ୨୩।୮ (ଏଜେନ୍ସି): ସୀମାପାର ଆତଙ୍କବାଦୀ ଷଡ଼ଯନ୍ତ୍ର ମାମଲାରେ ଜାତୀୟ ତଦନ୍ତ ସଂସ୍ଥା ଏନ୍‌ଆଇଏ କାଶ୍ମୀରର ୧୦ଟି ସ୍ଥାନରେ ଚଢ଼ଉ କରିଛି। ଶ୍ରୀନଗର, କୁପୱାରା, ଅନନ୍ତନାଗ, ପୁଲୱାମା ଓ ବଡଗାମରେ ଏହି ତଲାସି ହୋଇଛି। ପାକିସ୍ତାନରୁ ପରିଚାଳିତ ଆତଙ୍କବାଦୀ ନେଟୱର୍କ ଓ ସ୍ଥାନୀୟ ଓଭରଗ୍ରାଉଣ୍ଡ ୱର୍କର୍ (ଓଜିଡବ୍ଲ୍ୟୁ)ଙ୍କ ଭୂମିକା ସମ୍ପର୍କରେ ତଦନ୍ତ ଚାଲିଛି। ଏହି ସ୍ଥାନୀୟ ସହଯୋଗୀମାନେ ଅନୁପ୍ରବେଶକାରୀ ଆତଙ୍କବାଦୀଙ୍କୁ ଆଶ୍ରୟ, ଯାତାୟାତ, ଲୁଚାଇବା ଓ ଅନ୍ୟାନ୍ୟ ସହାୟତା ଯୋଗାଇଥିବା ଅଭିଯୋଗ ରହିଛି। ମାର୍ଚ୍ଚ ୩୧ରେ ଲସ୍କର-ଏ-ତୋଏବା ସହ ସମ୍ପୃକ୍ତ ଥିବା ଅଭିଯୋଗରେ ଜଣେ ଓଜିଡବ୍ଲ୍ୟୁଙ୍କୁ ଗିରଫ ପରେ ଏହି ମାମଲାର ତଦନ୍ତ ଆଗକୁ ବଢ଼ିଥିଲା। ତାଙ୍କଠାରୁ ହ୍ୟାଣ୍ଡଗ୍ରେନେଡ୍ ଓ ଗୁଳି ଜବତ ହୋଇଥିଲା। ଏନ୍‌ଆଇଏ ଏବେ ଦଲିଲ, ଡିଜିଟାଲ ତଥ୍ୟ, ଅସ୍ତ୍ରଶସ୍ତ୍ର, ଆର୍ଥିକ କାରବାର ଓ ଯୋଗାଯୋଗ ମାଧ୍ୟମ ସମ୍ପର୍କରେ ପ୍ରମାଣ ସଂଗ୍ରହ କରୁଛି। ଏହି ନେଟୱର୍କର ସମ୍ପୂର୍ଣ୍ଣ ଗଠନ ଓ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଭୂମିକା ଚିହ୍ନଟ କରିବା ତଦନ୍ତର ମୁଖ୍ୟ ଉଦ୍ଦେଶ୍ୟ।

**■ ଅପରେସନ୍ ସିନ୍ଦୂର ୧୫ ମାସ ପରେ**

## ପୁଣି ନିର୍ମାଣ ହେଲା ଜୈଶ୍‌ର ବାହାବଲପୁର ଘାଟି

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି): ଭାରତର 'ଅପରେସନ ସିନ୍ଦୂର' ଆକ୍ରମଣରେ ପାକିସ୍ତାନର ବାହାବଲପୁରସ୍ଥିତ ଜୈଶ-ଏ-ମହମ୍ମଦର ପ୍ରମୁଖ ଘାଟି 'ମର୍କଜ ସୁଭାନ ଆଲ୍ଲାହ' ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରାୟ ୧୫ ମାସ ପରେ ଏହି ପରିସରର ପୁନଃନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବା ଦାବି କରାଯାଇଛି। ଏହାର ପୁନଃନିର୍ମାଣର ଭିଡିଓ ଚିତ୍ର ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ପଞ୍ଜାବ ପ୍ରଦେଶରେ ଥିବା ଏହି ବିଶାଳ ପରିସରରେ ନୂଆ ମାର୍ବଲ ଲଗାଯାଇଛି, ନୂଆ ରଙ୍ଗ ଓ ପ୍ଲାଷ୍ଟର କରାଯାଇଛି। ଆକ୍ରମଣରେ କ୍ଷତିଗ୍ରସ୍ତ ଗୁମ୍ବଜଗୁଡ଼ିକୁ ମଧ୍ୟ ପୁଣି ନିର୍ମାଣ କରାଯାଇଛି। ମୁଖ୍ୟ ହଲ୍‌ରେ ହୋଇଥିବା କ୍ଷତିର ଚିହ୍ନ ଓ ଗର୍ତ୍ତଗୁଡ଼ିକୁ ପୂରଣ କରି ଭବନକୁ ପୁଣି ସଜାଯାଇଛି। ଇଣ୍ଡିଆ ଟୁଡେର ଗୁପ୍ତଚର ସୂଚନା ଅନୁସାରେ, ଜୈଶ-ଏ-ମହମ୍ମଦର ଏହି ଘାଟିର ପୁନଃନିର୍ମାଣ ପାଇଁ ପ୍ରାୟ ୨୫ କୋଟି ପାକିସ୍ତାନୀ ଟଙ୍କା କିସ୍ତିରେ ଦିଆଯାଇଥିବା ଦାବି ହୋଇଛି। ଏଥିରୁ ପ୍ରାୟ ୧୧ କୋଟି ପାକିସ୍ତାନୀ ଟଙ୍କା କେବଳ ମୁଖ୍ୟ ହଲ୍‌ର ପୁନଃନିର୍ମାଣରେ ଖର୍ଚ୍ଚ ହୋଇଥିବା କୁହାଯାଇଛି। ମୁଖ୍ୟ ପରିସର ନିକଟରେ ଥିବା ମଦ୍ରାସା ଅଲ୍-ସାବିର ଓ ଜୈଶ ନେତାଙ୍କ ଆବାସିକ ଅଞ୍ଚଳ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଅଞ୍ଚଳରେ ମଧ୍ୟ ପୁଣି ନିର୍ମାଣ କାମ ଆରମ୍ଭ ହୋଇଥିବା ରିପୋର୍ଟରେ କୁହାଯାଇଛି। ୨୦୨୫ ମେ ୭ରେ ଭାରତ 'ଅପରେସନ ସିନ୍ଦୂର' ଅଧୀନରେ ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଲକ୍ଷ୍ୟ କରି ଆକ୍ରମଣ କରିଥିଲା। ଏହାର ପୃଷ୍ଠଭୂମିରେ ଥିଲା ୨୦୨୫ ଏପ୍ରିଲ ୨୨ର ପହଲଗାମ ଆତଙ୍କବାଦୀ ଆକ୍ରମଣ, ଯେଉଁଥିରେ ୨୬ ଜଣଙ୍କ ମୃତ୍ୟୁ ହୋଇଥିଲା। ଏହି ଅଭିଯାନରେ ବାହାବଲପୁରର 'ମର୍କଜ ସୁଭାନ ଆଲ୍ଲାହ' ମଧ୍ୟ ଭାରତୀୟ ଆକ୍ରମଣର ଲକ୍ଷ୍ୟ ହୋଇଥିଲା। ଆକ୍ରମଣ ପରେ ଏହି ପରିସରର ଅନେକ ଅଂଶ ବହୁ କ୍ଷତିଗ୍ରସ୍ତ ହୋଇଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଥିଲା। 'ମର୍କଜ ସୁଭାନ ଆଲ୍ଲାହ' ପ୍ରାୟ ୧୮ ଏକର ଅଞ୍ଚଳରେ ଅବସ୍ଥିତ। ଏହାକୁ 'ଉସମାନ-ଓ-ଅଲି କ୍ୟାମ୍ପସ' ନାମରେ ମଧ୍ୟ ଜଣାଯାଏ। ଏଠାରେ ମସଜିଦ ସହିତ ଅନ୍ୟାନ୍ୟ ଭବନ ଓ ସୁବିଧା ଥିବା କୁହାଯାଇଛି। ରିପୋର୍ଟ ଅନୁସାରେ, ଏହି କେନ୍ଦ୍ର ଜୈଶ-ଏ-ମହମ୍ମଦର କ୍ୟାଡର ନିଯୁକ୍ତି, ପ୍ରଶିକ୍ଷଣ ଓ ଚିନ୍ତାଧାରାଗତ ପ୍ରସ୍ତୁତି ସହ ଜଡ଼ିତ ଥିଲା। ଏହି ସଂଗଠନକୁ ପାକିସ୍ତାନ ୨୦୦୨ରେ ନିଷିଦ୍ଧ କରିଥିଲେ ମଧ୍ୟ, ଏହାର ନେତାମାନେ ପାକିସ୍ତାନରେ ରହି କାର୍ଯ୍ୟକଳାପ ଜାରି ରଖିଥିବା ଭାରତୀୟ ରିପୋର୍ଟରେ ଦାବି କରାଯାଇଛି। ଜୈଶ-ଏ-ମହମ୍ମଦ ସହ ୨୦୦୧ର ସଂସଦ ଆକ୍ରମଣ, ୨୦୧୬ର ପଠାନକୋଟ ବାୟୁସେନା ଘାଟି ଆକ୍ରମଣ ଏବଂ ୨୦୧୯ର ପୁଲୱାମା ଆତ୍ମଘାତୀ ଆକ୍ରମଣ ଭଳି ଅନେକ ବଡ଼ ଆତଙ୍କବାଦୀ ଘଟଣାର ସମ୍ପର୍କ ଥିବା ଅଭିଯୋଗ ରହିଛି। ୨୦୨୫ ମେ ୭ର ଭାରତୀୟ ଆକ୍ରମଣରେ ଜୈଶ ମୁଖ୍ୟ ମସୁଦ ଅଜହରଙ୍କ କିଛି ସମ୍ପର୍କୀୟ ମଧ୍ୟ ନିହତ ହୋଇଥିବା ଜୈଶ ପକ୍ଷରୁ ଦାବି କରାଯାଇଥିଲା।



**ମିରଟରେ ଅକଥନୀୟ ହାଜତ ନିର୍ଯାତନା ମାମଲା**

## ୯ ପୁଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ମିରଟ,୨୩।୮ (ଏଜେନ୍ସି): ଉତ୍ତରପ୍ରଦେଶର ମିରଟରେ ଜଣେ କୃଷକ ନେତା ଏବଂ ତାଙ୍କ ସହଯୋଗୀଙ୍କୁ ପୁଲିସ ହାଜତରେ ଅକଥନୀୟ ନିର୍ଯାତନା ଦିଆଯାଇଥିବା ଅଭିଯୋଗ ହୋଇଛି। ଏହାପରେ ଏସଏସପି ଅବିନାଶ ପାଣ୍ଡେଙ୍କୁ ମୁଖ୍ୟାଳୟକୁ ବଦଳି କରାଯାଇଛି। ଏହା ସହିତ ସିଭିଲ୍ ଲାଇନ୍ସ ଥାନାର ଏସଏଚଓ ଏବଂ ୨ ଜଣ ସବ୍-ଇନ୍ସପେକ୍ଟର ଓ ୫ ଜଣ କନଷ୍ଟେବଲଙ୍କୁ ପୁଲିସ ଲାଇନ୍ କରାଯାଇଛି। ସୂଚନା ଅନୁଯାୟୀ, ଭାରତୀୟ କିଷାନ ୟୁନିୟନର ନେତା ଦିଗ୍‌ବିଜୟ ଭାଟି ଏବଂ ତାଙ୍କ ସହଯୋଗୀ ମୋହିତ ଜାଟଭ୍ ଅଭିଯୋଗ କରିଛନ୍ତି ଯେ ଏସଏସପିଙ୍କ କାର୍ଯ୍ୟାଳୟକୁ ଯାଇଥିବା ସମୟରେ ବରିଷ୍ଠ ଅଧିକାରୀ ଏବଂ ଏସଓଜି ଟିମ୍ ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ନିର୍ମମ ଭାବେ ମାଡ଼ ମାରିଥିଲେ। କୃଷକ ନେତା ଜଣଙ୍କ ଜାତିଆଣ ଆକ୍ଷେପ ଏବଂ ମାଡ଼ପିଟ୍ କାରଣରୁ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ମିରଟ ଜୋନ୍‌ର ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ (ଏଡିଜି) ଭାନୁ ଭାସ୍କର ସାହାରନପୁର ପରିସରର ଡିଆଇଜି ଅଭିଷେକ ସିଂହଙ୍କୁ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ପୁଲିସ ଏଭଳି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁଲିସର ଏପରି ଅମାନୁଷିକ କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## ଜାପାନ୍‌ରେ ୫.୯ ତୀବ୍ରତାର ଭୂମିକମ୍ପ

ଟୋକିଓ,୨୩।୮ (ଏଜେନ୍ସି): ଜାପାନର ରାଜଧାନୀ ଟୋକିଓ ସମେତ କାଣ୍ଟୋ ଅଞ୍ଚଳରେ ରବିବାର ୫.୯ ତୀବ୍ରତାର ଭୂମିକମ୍ପ ଅନୁଭୂତ ହୋଇଛି। ଭୂମିକମ୍ପରେ ୩୭ ଜଣ ଆହତ ହୋଇଥିବା ବେଳେ, ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଭୂମିକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣ ଇବାରାକି ପ୍ରିଫେକ୍ଚରରେ ଭୂପୃଷ୍ଠଠାରୁ ପ୍ରାୟ ୬୮ କିଲୋମିଟର ଗଭୀରରେ ଥିଲା। ପ୍ରାୟ ଏକ ମିନିଟ୍ ଧରି ଏହାର କମ୍ପନ ଅନୁଭୂତ ହୋଇଥିଲା। ଭୂମିକମ୍ପ ପରେ ଜାପାନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସୁନାମି ସତର୍କତା ଜାରି କରାଯାଇନାହିଁ। ତେବେ ଆଗାମୀ ଏକ ସପ୍ତାହ ମଧ୍ୟରେ ସମାନ ତୀବ୍ରତାର ଆଫ୍ଟରଶକ୍ ହୋଇପାରେ ବୋଲି ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି। ଭୂମିକମ୍ପ ଯୋଗୁଁ କାଣ୍ଟୋ ଅଞ୍ଚଳରେ ରେଳ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ଅନେକ ଟ୍ରେନ୍ ଲାଇନ୍‌ରେ ବିଳମ୍ବ ଦେଖାଦେଇଥିଲା।

**ଇରାନର ସ୍ୱୀକାରୋକ୍ତି, ଆମେ ଅନେକ ସମସ୍ୟାରେ**

## ଆମେରିକା ସହ ବୁଝାମଣା ହିଁ ସଂଘର୍ଷରୁ ବାହାରିବାର ରାସ୍ତା

ତେହରାନ୍,୨୩।୮ (ଏଜେନ୍ସି): ଆମେରିକାର କଠୋର ଆର୍ଥିକ କଟକଣା ମଧ୍ୟରେ ଇରାନ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ସ୍ୱୀକାର କରିଛନ୍ତି ଇରାନର ରାଷ୍ଟ୍ରପତି ମସୌଦ ପେଜେସ୍କିଆନ୍। ରବିବାର ରାଜ୍ୟ ଟେଲିଭିଜନରେ ଦେଇଥିବା ଭାଷଣରେ ସେ ମୁଦ୍ରାସ୍ଫୀତି, ଜୀବିକା ସମସ୍ୟା ଓ ବେକାରି ଭଳି ସମସ୍ୟାର ମୁକାବିଲା ପାଇଁ ସରକାର ପ୍ରୟାସ କରୁଥିବା କହିଛନ୍ତି। ପେଜେସ୍କିଆନ୍ କହିଛନ୍ତି, ଆମେରିକା ସହ ହୋଇଥିବା ବୁଝାମଣା ସ୍ମାରକପତ୍ର ହିଁ ବର୍ତ୍ତମାନର ସଂଘର୍ଷରୁ ବାହାରିବାର ସବୁଠାରୁ ଭଲ ରାସ୍ତା। ଇରାନର ସୁପ୍ରିମ୍ ନ୍ୟାସନାଲ୍ ସିକ୍ୟୁରିଟି କାଉନସିଲର ସଦସ୍ୟମାନେ ମଧ୍ୟ ଏହାକୁ ସମ୍ଭାବ୍ୟ ଶ୍ରେଷ୍ଠ ବୁଝାମଣା ବୋଲି ବିଚାର କରୁଥିବା ସେ କହିଛନ୍ତି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ସହାୟତା କରୁଥିବା ଦେଶଗୁଡ଼ିକ ବିରୋଧରେ ଅତ୍ୟନ୍ତ କଠୋର ଆର୍ଥିକ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି। ଇରାନକୁ ଅଲଗା କରିବା ପାଇଁ ମିତ୍ର ଦେଶଗୁଡ଼ିକ ଆମେରିକା ସହ ରହିବା ଆବଶ୍ୟକ ବୋଲି ଟ୍ରମ୍ପ କହିଛନ୍ତି।

**ତେହରାନ୍ ଯିବେ ପାକିସ୍ତାନ ସେନାମୁଖ୍ୟ**

ଏହାର ଜବାବରେ ଇରାନର କଠୋରପନ୍ଥୀ ନେତା ମୋହସେନ୍ ରେଜାଇ ଚେତାବନୀ ଦେଇଛନ୍ତି ଯେ ଇରାନ ବିରୋଧରେ ଆର୍ଥିକ କଟକଣା ଲାଗୁ କରାଗଲେ ଏହାର ଜବାବରେ 'ଭୂମିକମ୍ପ ସଦୃଶ' ପଦକ୍ଷେପ ନିଆଯାଇପାରେ। ଏହି ତିକ୍ତ ପରିସ୍ଥିତି ମଧ୍ୟରେ ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ୍ ଆସିମ୍ ମୁନିର୍ ସୋମବାର ତେହରାନ ଗସ୍ତ କରିବେ। ଇରାନ-ଆମେରିକା ସଂଘର୍ଷରେ ମଧ୍ୟସ୍ଥତା କରିବାକୁ ପାକିସ୍ତାନର ଉଦ୍ୟମର ଏହା ଏକ ଅଂଶ ବୋଲି ଦେଖାଯାଉଛି। ମୁନିରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଇରାନ ଯିବ। ଇରାନ-ପାକିସ୍ତାନ ଦ୍ୱିପାକ୍ଷିକ ସହଯୋଗ ସହିତ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ନେଇ ଆଲୋଚନା ହେବ। ଇରାନ ଏବେ ଦୁଇଟି ଚାପରେ ରହିଛି। ଏକପଟେ ଆମେରିକାର କଠୋର ଆର୍ଥିକ କଟକଣା, ଅନ୍ୟପଟେ ସାମରିକ ସଂଘର୍ଷ। ଏଭଳି ସ୍ଥିତିରେ ତେହରାନ ପୁଣି ଆଲୋଚନା ଓ ବୁଝାମଣାର ରାସ୍ତା ଖୋଜୁଥିବା ସଙ୍କେତ ଦେଇଛି।

## ଛାତ୍ର ଆନ୍ଦୋଳନ: ୩ଟି ମାମଲା ରୁଜୁ

ରାଞ୍ଚି,୨୩।୮ (ଏଜେନ୍ସି): ଝାଡ଼ଖଣ୍ଡ ହାଇକୋର୍ଟ ନିଯୁକ୍ତି ପରୀକ୍ଷା ବାତିଲ୍ ନିଷ୍ପତ୍ତି ଉପରେ ରୋକ୍ ଲଗାଇବାକୁ ବିରୋଧ କରି ରାଞ୍ଚିରେ ହୋଇଥିବା ପ୍ରତିବାଦ ବେଳେ ଗଣ୍ଡଗୋଳ ଘଟିଛି। ଘଟଣାକୁ ନେଇ ୩ଟି ଏଫ୍‌ଆଇଆର୍ ରୁଜୁ ହୋଇଥିବାବେଳେ ୧୫ ଜଣଙ୍କ ନାମ ରହିଛି ଏବଂ ଅନେକ ଅଜଣା ବ୍ୟକ୍ତିଙ୍କୁ ମଧ୍ୟ ଅଭିଯୁକ୍ତ କରାଯାଇଛି। ଅଗଷ୍ଟ ୨୧ରେ ଜେପିଏସ୍‌ସି-ଜେଏସ୍‌ଏସ୍‌ସି ସୁଧାର ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ ପାଇଁ ପ୍ରତିବାଦ ଆୟୋଜିତ ହୋଇଥିଲା। ପୁଲିସ ଏଫ୍‌ଆଇଆର୍ ଅନୁସାରେ, ପ୍ରତିବାଦକାରୀଙ୍କ ସହ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ସହ ସମ୍ପର୍କ ଥିବା ଅଭିଯୋଗ ହୋଇଥିବା କିଛି ବ୍ୟକ୍ତିଙ୍କର ମୁହାଁମୁହିଁ ହୋଇଥିଲା। ରାଜ୍ୟରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗକୁ ନେଇ ଛାତ୍ରମାନେ ପ୍ରାୟ ଏକ ମାସ ଧରି ଆନ୍ଦୋଳନ କରିଥିଲେ।

## ପୁଅର ମୃତ୍ୟୁ ପରେ ହୃଦ୍‌ଘାତରେ ଚାଲିଗଲା ମାଆଙ୍କ ଜୀବନ

### ଗାଁ ଶ୍ମଶାନରେ ଏକାଠି ହେଲା ଶେଷକୃତ୍ୟ

ତୁରୁମୁଙ୍ଗା, ୨୩।୮ (ସମିସ): ପୁଅର ମୃତ୍ୟୁ ମାଆ ଶୁଣିପାରିଲେନି କି ଦେଖିପାରିଲେନି। ଦୁଃଖ ଆସିବା କ୍ଷଣିକ ମଧ୍ୟରେ ନିଜେ ଆଖି ବୁଜିଦେଲେ। ଆଗପଛ ହୋଇ ମାତ୍ର କିଛି ଘଣ୍ଟା ବ୍ୟବଧାନରେ ଚାଲିଗଲେ ମାଆ ଓ ପୁଅ। ଗୋଟିଏ ଦିନରେ ପରିବାରର ଦୁଇ ଜଣଙ୍କୁ ହରାଇ ଭାଙ୍ଗି ପଡ଼ିଛି ପରିବାର। ଏକମାତ୍ର ପୁଅକୁ ହରାଇ ଦୁଃଖରେ ମ୍ରିୟମାଣ ହୋଇଥିବା ମାଆର ବି କିଛି ଘଣ୍ଟା ପରେ ମୃତ୍ୟୁ ହୋଇଥିଲା। ଏଭଳି ହୃଦୟବିଦାରକ ଘଟଣା






ଘଟିଛି କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କଣ୍ଟିଆପଡା ଗାଁରେ। ମୃତକ ହେଲେ ଗ୍ରାମର ହରେକୃଷ୍ଣ ମହାକୁଡ଼ଙ୍କ ୭୦ ବର୍ଷୀୟା ପତ୍ନୀ ମରୁଆ ମହାକୁଡ଼ ଏବଂ ତାଙ୍କ ୪୨ ବର୍ଷୀୟ ପୁଅ ଦାମୋଦର ମହାକୁଡ଼। ଦାମୋଦର ଅସୁସ୍ଥ ଥିବାରୁ ଶୁକ୍ରବାର ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ମେଡିକାଲରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଦାମୋଦରଙ୍କ ମୃତଦେହକୁ ଗାଁକୁ ଅଣାଯାଇଥିଲା। ପରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ହେଲେ ପୁଅର ଶବ ସତ୍କାର ସରିବା ପୂର୍ବରୁ ପରିବାରକୁ ମିଳିଲା ଆଉ ଏକ ଦାରୁଣ ଖବର। ପୁଅର ଅନ୍ତିମ ସଂସ୍କାର ସାରି ପରିବାର ଲୋକେ ଘରକୁ ଫେରୁଥିବା ସମୟରେ ହଠାତ୍ ମାଆ ମରୁଆ ମହାକୁଡ଼ଙ୍କର ହୃଦଘାତରେ ମୃତ୍ୟୁ ଘଟିଥିଲା। ମାଆଙ୍କ ମୃତ୍ୟୁ ପରେ ପୁଣି ଥରେ ଶୋକାକୁଳ ପରିବାରକୁ ଗାଁ ଶ୍ମଶାନକୁ ଯିବାକୁ ପଡ଼ିଥିଲା। ଯେଉଁ ଶ୍ମଶାନରେ କିଛି ସମୟ ପୂର୍ବରୁ ପୁଅର ସତ୍କାର କରାଯାଇଥିଲା, ସେହିଠାରେ ପୁଣି ମାଆଙ୍କ ମୃତଦେହର ଅନ୍ତିମ ସଂସ୍କାର କରାଯାଇଥିଲା। ଘଟଣାଟି କଣ୍ଟିଆପଡା ଗାଁରେ ଶୋକର ଛାୟା ଖେଳାଇ ଦେଇଛି। ମାଆ ପୁଅଙ୍କ ଏଭଳି ଆଗପଛ ମୃତ୍ୟୁର ଖବର ଶୁଣି ଗ୍ରାମବାସୀ ସ୍ତବ୍ଧ ହୋଇ ପଡିଥିବା ବେଳେ ଏହି ଦୁଃଖଦ ଘଟଣା ସାରା ଗାଁକୁ ନିରବ କରିଦେଇଛି।

## ରାତିଅଧିଆ ରିଲିଫ୍ ଲୁଟ୍ ଉଦ୍ୟମ

### ଖବର ସଂଗ୍ରହ ପାଇଁ ଯାଇଥିବା ସାମ୍ବାଦିକଙ୍କୁ ଆକ୍ରମଣ

ଯାଜପୁର,୨୩।୮ (ସମିସ): ବନ୍ୟା ରିଲିଫ୍ ଲୁଟ୍ ସମ୍ପର୍କିତ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ସାମ୍ବାଦିକଙ୍କୁ ୨ଜଣ ଯୁବକ ଆକ୍ରମଣ କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ଦଶରଥପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ 'ସକାଳ' ପ୍ରତିନିଧି କୌଶିକ ଦାସ ଗତକାଲି ରାତି ପ୍ରାୟ ସାଢ଼େ ୧୦ଟାରେ ମୁଖ୍ୟମନ୍ତ୍ରୀଙ୍କ ତରଫରୁ ଦଶରଥପୁର ଅଞ୍ଚଳର ବନ୍ୟା ବିପନ୍ନଙ୍କ ପାଇଁ ଟ୍ରକ୍ ଯୋଗେ ଆସିଥିବା ରିଲିଫ ସାମଗ୍ରୀକୁ କିଛି ଦୁର୍ବୃତ୍ତ କୁଆଖିଆ-କୟାଁଗୋଲା ୨୦ନଂ ଜାତୀୟ ରାଜପଥ ଅନ୍ତର୍ଗତ ଝୁମ୍ପୁରୀ ବଜାର ରାସ୍ତା ପାଶ୍ୱର୍ ଥିବା ଏକ ଫଳ ଗୋଦାମ ନିକଟରେ ଅଟକାଇଥିବା ବିଶେଷ ସୂତ୍ରରୁ ଖବର ପାଇଥିଲେ। ସେ ବାଇକ୍‌ରେ ଘଟଣାସ୍ଥଳରେ ପହଞ୍ଚି ନିଜ ମୋବାଇଲରେ ଭିଡିଓ ଉତ୍ତୋଳନ କରୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଦଶରଥପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଇନ୍ଦ୍ରଜିତ ଦାସ ଓରଫ ବିନ ଏବଂ ତାଙ୍କର ଆଉ ଜଣେ ସହଯୋଗୀ ବିରଜା ପ୍ରସାଦ ଦାସ ସାମ୍ବାଦିକ କୌଶିକ ଦାସଙ୍କ ଠାରୁ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିରୋଧ କରିବାରୁ ଉଭୟ ଦୁର୍ବୃତ୍ତ ତାଙ୍କୁ ମାଡ଼ ମାରି ତଳେ ପକାଇଦେବା ସହିତ ତାଙ୍କ ପକେଟରୁ ଟଙ୍କା ଛଡ଼ାଇ ନେଇଥିଲେ। ଆକ୍ରମଣରେ ଶ୍ରୀ ଦାସଙ୍କ ହାତ, ବେକ, ଛାତି ଓ ମୁଣ୍ଡରେ ଆଘାତ ଲାଗିଥିଲା। 'ଏଠାରୁ ଚୁପଚାପ ପଳା, ନଗଲେ ଜୀବନରୁ ମାରିଦେବା ସହିତ ଘରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେବା'କୁ ଦୁଇ ଦୁର୍ବୃତ୍ତ ତାଙ୍କୁ ଧମକ ଦେଇଥିଲେ। ଭୟରେ ସାମ୍ବାଦିକ ଶ୍ରୀ ଦାସ କିଛି ସହଯୋଗୀ ସାମ୍ବାଦିକଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ପରେ ସହଯୋଗୀ ସାମ୍ବାଦିକମାନେ ତାଙ୍କୁ ଉଦ୍ଧାର କରି ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶ୍ରୀ ଦାସ ଦଶରଥପୁର ଥାନାରେ ପହଞ୍ଚି ଥାନାଧିକାରୀଙ୍କୁ ଘଟଣା ବିଷୟରେ ଜଣାଇବା ସହ ଆକ୍ରମଣରେ ସମ୍ପୃକ୍ତ ପୂର୍ବତନ ଦଶରଥପୁର ପଞ୍ଚାୟତର ସରପଞ୍ଚ ଇନ୍ଦ୍ରଜିତ ଦାସ ଓ ବିରଜା ପ୍ରସାଦ ଦାସଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଦଶରଥପୁର ପୁଲିସ କେଶ ନଂ ୧୮୮/୨୬ ଓ ଭାରତୀୟ ନ୍ୟାୟ ସଂହିତା ୨୯୬, ୧୧୫(୨), ୩୦୩(୨), ୩୫୧(୨),୩(୫) ଧାରାରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେହିପରି ଆଜି ପୂର୍ବାହ୍ନରେ ଆକ୍ରମଣରେ ସମ୍ପୃକ୍ତ ଇନ୍ଦ୍ରଜିତ ଦାସ ସାମ୍ବାଦିକ କୌଶିକ ଦାସଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଅପରପକ୍ଷେ ସାମ୍ବାଦିକ ଶ୍ରୀ ଦାସଙ୍କ ଉପରେ ଆକ୍ରମଣ ହୋଇଥିବା ଖବର ଜଣାପଡିବା ପରେ ଦଶରଥପୁର ବ୍ଲକ ସାମ୍ବାଦିକଙ୍କ ମଧ୍ୟରେ ଘୋର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ଦଶରଥପୁର ପ୍ରେସ୍ କ୍ଲବ ତରଫରୁ ଚନ୍ଦ୍ରଶେଖର ସାହୁ, ମନୋଜ ଦାସ, ମାନସ କୁମାର ଜେନା, ବିଶ୍ୱଭୂଷଣ ବିଶ୍ୱାଳ, ବିଶ୍ୱଜିତ ଦାସ, ଚିତ୍ତରଞ୍ଜନ ଦାସ, ଜ୍ୟୋତିରଞ୍ଜନ ମିଶ୍ରଙ୍କ ସମେତ ଯାଜପୁର ପ୍ରେସ୍ କ୍ଲବର ସଂଜୀବ ନାୟକ, ତପନ ମହାନ୍ତି, ସୌମ୍ୟରଞ୍ଜନ ଦାସ, ବିଜୟ ସାହୁ, ସମର ବିଜୟ ଶରଣ ପ୍ରମୁଖ ଦଶରଥପୁର ଥାନାକୁ ଯାଇ ଥାନାଧିକାରୀ ସୁବ୍ରତ ସାହୁଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଥାନାଧିକାରୀ ଶ୍ରୀ ସାହୁ ମାମଲାରେ ଉଭୟ ପକ୍ଷରୁ ପୃଥକ ପୃଥକ ଅଭିଯୋଗ ହୋଇଛି। ଥାନାର ୨ଜଣ ଅଧିକାରୀ ଅଭିଯୋଗର ତଦନ୍ତ ଜାରି ରଖିଛନ୍ତି। ଆବଶ୍ୟକ ହେଲେ ସେ ନିଜେ ମଧ୍ୟ ତଦନ୍ତ କରିବେ ଏବଂ ଦୋଷୀ ଉପରେ ନିଶ୍ଚିତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଦଶରଥପୁର ପ୍ରେସ କ୍ଲବ ପକ୍ଷରୁ ଅଭିଯୁକ୍ତଙ୍କୁ ୪୮ ଘଣ୍ଟା ମଧ୍ୟରେ ଗିରଫ କରାନଗଲେ ପ୍ରେସ୍ କ୍ଲବ ତରଫରୁ ଦଶରଥପୁର ଥାନା ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



- ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ଗିରଫ ଦାବି କଲା ସାମ୍ବାଦିକ ସଙ୍ଘ
- ଥାନା ସମ୍ମୁଖରେ ଧାରଣା ଚେତାବନୀ

## ଦୋକାନରୁ ମାଲିକାଣୀଙ୍କ ମୃତଦେହ ଉଦ୍ଧାର; ହତ୍ୟା ଅଭିଯୋଗ

କେନ୍ଦୁଝର, ୨୩।୮ (ସମିସ): କେନ୍ଦୁଝର ଟାଉନ୍ ଥାନା ଅନ୍ତର୍ଗତ ଘୁଟୁରୁରେ ଥିବା ଅର୍ଚ୍ଚନା ଟ୍ରେଡର୍ସ ଶୋ'ରୁମ୍ ଭିତରୁ ମାଲିକାଣୀ ଅର୍ଚ୍ଚନା ପରିଡ଼ାଙ୍କ ମୃତଦେହ ଉଦ୍ଧାର ହୋଇଛି। ରବିବାର ସକାଳେ ଅର୍ଚ୍ଚନାଙ୍କ ସ୍ୱାମୀ ଅଭିମନ୍ୟୁ ପରିଡ଼ା ଥାନାରେ ଖବର ଦେଇଥିଲେ ଯେ ଦୋକାନ ଭିତରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ସୂଚନା ଅନୁସାରେ, ୨୦୧୪ରେ ହାଣ୍ଡିଭଙ୍ଗା ଅଞ୍ଚଳର ଅଭିମନ୍ୟୁ ପରିଡ଼ାଙ୍କୁ ବିବାହ କରିଥିଲେ ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଅଞ୍ଚଳର ଅର୍ଚ୍ଚନା। ଉଭୟଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡ଼ିଛି। ଘୁଟୁରୁରେ ଅର୍ଚ୍ଚନା ଟ୍ରେଡର୍ସ ଓ ଶୁଭମ ମୋଟର୍ସ ନାମରେ ସେମାନଙ୍କର ବ୍ୟବସାୟ ରହିଛି। ତେବେ ଅର୍ଚ୍ଚନାଙ୍କ ପରିବାର ପକ୍ଷରୁ ଆସିଛି ଗୁରୁତର ଅଭିଯୋଗ। ପରିବାର ଲୋକଙ୍କ କହିବାନୁସାରେ, ଅଭିମନ୍ୟୁ ନିୟମିତ ମଦ୍ୟପାନ କରି ଅର୍ଚ୍ଚନାଙ୍କୁ ମାରପିଟ କରୁଥିଲେ। ଅର୍ଚ୍ଚନା ଓ ଅଭିମନ୍ୟୁ ବଣିଆପାଟ ଅଞ୍ଚଳରେ ଏକ ଭଡ଼ା ଘରେ ରହୁଥିବା ପରିବାର ପକ୍ଷରୁ କୁହାଯାଇଛି। ଅର୍ଚ୍ଚନାଙ୍କୁ ସେଠାରେ ହତ୍ୟା କରି ତାଙ୍କ ମୃତଦେହ ଅର୍ଚ୍ଚନା ଟ୍ରେଡର୍ସ ଭିତରେ ଆଣି ରଖାଯାଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ମିଳିଥିବା ନେଇ ମଧ୍ୟ ସୂଚନା ରହିଛି। ଏହି ନୋଟ୍‌ରେ ସ୍ୱାମୀଙ୍କୁ ଦାୟୀ ନ କରିବାକୁ ଲେଖାଯାଇଥିବା ନେଇ ପରିବାର ପକ୍ଷରୁ ଆପତ୍ତି ଉଠାଯାଇଛି। ନୋଟ୍‌ଟି ଅର୍ଚ୍ଚନା ନିଜେ ଲେଖିନାହାନ୍ତି ବରଂ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ସ୍ୱାମୀ ଏହା ଲେଖିଥିବା ପରିବାର ପକ୍ଷରୁ ସନ୍ଦେହ ପ୍ରକାଶ କରାଯାଇଛି। ମୃତା ଅର୍ଚ୍ଚନାଙ୍କ ଭାଇ ଏତଲା ଦେବା ପରେ ପୁଲିସ କେସ୍ ନମ୍ବର ୮୩୫/୨୦୨୬ ଭାରତୀୟ ନ୍ୟାୟ ସଂହିତାର ୧୦୩ (୧), ୮୫, ୨୩୮ ରେ ଏକ ହତ୍ୟା ମାମଲା ରୁଜୁ କରିଛି। ମୃତକଙ୍କ ପରିବାର ଲୋକଙ୍କ ଉପସ୍ଥିତିରେ ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଯାଇଛି ବୋଲି ସଦର ଏସଡିପିଓ ସୁଦର୍ଶନ ଗାଙ୍ଗୋଇ ସୂଚନା ଦେଇଛନ୍ତି।



## ଶବ ସତ୍କାର କରିବାକୁ ଯାଇ ନିଜେ ଶବ ହୋଇଗଲେ

ବେଗୁନିଆପଡ଼ା,୨୩।୮ (ସମିସ): ଜଣଙ୍କ ଶବ ଦାହ କରିବାକୁ ଯାଇ ଶ୍ମଶାନରେ ହୃଦ୍‌ଘାତରେ ଟଳି ପଡ଼ିଲେ ସମ୍ପର୍କୀୟ। ଏମିତି ଏକ ଅଭାବନୀୟ ଘଟଣା ଘଟିଛି ବେଗୁନିଆପଡା ବ୍ଲକ ଅନ୍ତର୍ଗତ ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗ୍ରାମରେ। ଭାଲିଆଝର ଗ୍ରାମର ବଳିଆ ପାଣ୍ଡିଙ୍କ ପୁଅ ମନାସ ପାଣ୍ଡି (୪୫) ଙ୍କର ଆଜି ସକାଳୁ ମୃତ୍ୟୁ ହେବା ପରେ ତାଙ୍କୁ ପରିବାର, ବନ୍ଧୁବାନ୍ଧବ ଏବଂ ସାଙ୍ଗ ସମ୍ପର୍କୀୟ ଦ୍ୱାରା ଗ୍ରାମ ଶ୍ମଶାନକୁ ସଂସ୍କାର କରିବାକୁ ନିଆଯାଇଥିଲା। ଶବ ସତ୍କାର କରିବା ଲାଗି ଏହି ବ୍ଲକ ଅନ୍ତର୍ଗତ ବୁରୁଝରୀ ପଞ୍ଚାୟତ କନିଆରୀ ବାଡ଼ି ଗ୍ରାମର ମନାସଙ୍କ ସମ୍ପର୍କୀୟ ସଙ୍ଗାତ ଭବାନୀ ସାହୁଙ୍କ ପୁଅ କରୁଣାକର ସାହୁ ଯାଇଥିଲେ। ମନାସଙ୍କ ଶବ ଦାହ ସମୟରେ ହଠାତ କରୁଣାକରଙ୍କ(୪୨) ହୃଦ୍‌ଘାତ ହେବା ଯୋଗୁଁ ସେ ସେଠାରେ ଟଳି ପଡ଼ିଲେ। ତାଙ୍କୁ ତୁରନ୍ତ ସୁମଣ୍ଡଳ ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଘରେ ତାଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ଅଛନ୍ତି। ମୃତ ମନାସ ମଧ୍ୟ ସୁମଣ୍ଡଳସ୍ଥିତ ଏକ ଗ୍ୟାସ ଏଜେନ୍‌ସିରେ ସପ୍ଲାୟାର ଭାବେ କାର୍ଯ୍ୟ କରୁଥିଲେ। ଦୁଇ ଦୁଇଟି ମୃତ୍ୟୁ ଖବର ପାଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



## ଢାବାରୁ ଯୁବକଙ୍କ ମୃତଦେହ ଉଦ୍ଧାର; ତାତିଲେ ଗ୍ରାମବାସୀ

### ଘଟଣାସ୍ଥଳରେ ତହସିଲଦାର, ପୁଲିସ ଟିମ୍

ହୁମ୍ମା,୨୩।୮ (ସମିସ): ରମ୍ଭା ଥାନା ଅଞ୍ଚଳ ଜାତୀୟ ୧୬ ନମ୍ବର ରାଜପଥ କଡ଼ରେ ଥିବା ରାଜୁ ଢାବାର ବାହାର ପାଶ୍ୱର୍ ଶୌଚାଳୟ ଗୃହରୁ କାର୍ଯ୍ୟରତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ରମ୍ଭା ପୁଲିସ। ମୃତ ଯୁବକ ହେଲେ ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ବି.ଶିବରାମ ପାତ୍ର (୨୭)। ମୃତକ ଶିବରାମ ପାତ୍ର ରାଜୁ ଢାବାରେ ଅସ୍ଥାୟୀ ଶ୍ରମିକ ରୂପେ କାର୍ଯ୍ୟ କରୁଥିଲେ। କିନ୍ତୁ ମୃତକଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ନ ପାଇବାରୁ ରାଜୁ ଢାବା ପରିଚାଳକଙ୍କୁ ପଚାରାଉଚାରା କରିଥିଲେ। ଢାବା ପରିଚାଳକ କହିଥିଲେ ଯେ ସେ ଏଠି କାମ କରୁଥିଲେ, କିନ୍ତୁ ଦୁଇ ଦିନ ହେବ ଆସିନାହାନ୍ତି। ମାତ୍ର ଶନିବାର ସନ୍ଧ୍ୟା ସମୟରେ ବାହାର ପାଶ୍ୱର୍ରେ ଥିବା ଶୌଚାଳୟରୁ ଦୁର୍ଗନ୍ଧ ବାହାରିବା ପରେ ସୁଇପର ଢାବା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସନ୍ଦେହ ପ୍ରକାଶ କରି ରମ୍ଭା ଥାନା ପୁଲିସ ଓ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ଖବର ପାଇ ଗଞ୍ଜାମ ତହସିଲଦାର ସୁକାନ୍ତ ମିଶ୍ର, ଛତ୍ରପୁର ଏସ୍‌ଡିପିଓ ଚନ୍ଦନ ଘଡ଼େଇ, ଆଇଆଇସି କୁମର ମୁଦୁଲି, ଏଏସ୍‌ଆଇ ଛବିରାଣୀ ନାୟକ, ପୁଲିସ ଟିମ୍ ସମେତ ସାଇଣ୍ଟିଫିକ ଟିମ୍ ପହଞ୍ଚି ସ୍ଥାନୀୟ ରାମଚନ୍ଦ୍ରପୁର ଗ୍ରାମର ତଥା ରାଜୁ ଢାବାରେ କାର୍ଯ୍ୟରତ ଶ୍ରମିକ ଶିବରାମଙ୍କ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପଟେ ମୃତ ଶିବରାମଙ୍କ ପରିବାର ଲୋକ ଓ ଗ୍ରାମବାସୀ ହତ୍ୟା ଅଭିଯୋଗ ଆଣି ଘଟଣାର ନିରପେକ୍ଷ ଯାଞ୍ଚ ପାଇଁ ଦାବି କରିଛନ୍ତି। ଯାହାଫଳରେ ଢାବା ନିକଟରେ ଉତ୍ତେଜନା ସୃଷ୍ଟି ହୋଇଛି। ପୁଲିସ ଶବ ବ୍ୟବଚ୍ଛେଦ ପାଇଁ ଛତ୍ରପୁର ପଠାଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସମ୍ପୂର୍ଣ୍ଣ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଢାବା କର୍ତ୍ତୃପକ୍ଷ କହିଛନ୍ତି ଉକ୍ତ ଶୌଚାଳୟଟି ବ୍ୟବହାର ହୋଇ ନଥିବାରୁ ସେଥିପ୍ରତି ଦୃଷ୍ଟି ଦିଆ ଯାଇନଥିଲା। ସୂଚନା ଥାଉକି ଶିବରାମ ତାଙ୍କ ଘରର ରୋଜଗାରିଆ ପୁଅ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ସୁକାନ୍ତି ପାତ୍ର, ଦୁଇ ପିଲାଙ୍କ ସମେତ ପରିବାର ଲୋକେ ଭାଙ୍ଗି ପଡ଼ିଛନ୍ତି। ଢାବା ନିକଟରେ ଗ୍ରାମବାସୀଙ୍କ ଉତ୍ତେଜନା ଦେଖା ଦେଇଥିଲା।



## ଦୁବାଇ ଦାଦନ ଖଟିବାକୁ ଯାଇ ଯୁବକ ମୃତ

ଆସିକା,୨୩।୮ (ସମିସ): ଗଞ୍ଜାମରେ ସରୁନି ଦାଦନ ଦୁଃଖ। ଦାଦନ ଖଟିବାକୁ ବିଦେଶ ଯାଇ ପୁଣି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ଆସିକା ବ୍ଲକ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର ୨୫ ବର୍ଷୀୟ କିରଣ ନାହାକ ଆବୁଧାବିରେ ଏକ କମ୍ପାନୀରେ କାମ କରୁଥିବା ବେଳେ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ପୁଅର ମୃତଦେହ ଆଣିବାକୁ ପରିବାର ଆକୁଳ ନିବେଦନ କରିଛନ୍ତି। ଆସିକା ବ୍ଲକ୍ ଜୟପୁର ପଞ୍ଚାୟତ ତରାସିଙ୍ଗି ଗାଁର କୈଳାସ ନାହାକଙ୍କ ସାନପୁଅ କିରଣ ନାହାକ ଯାଇଥିଲେ ଦୁବାଇର ଆବୁଧାବି। ସେଠାରେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ବେଳେ କାରଖାନାରେ ଦୁର୍ଘଟଣା ଘଟି କିରଣଙ୍କ ମୃତ୍ୟୁ ହୋଇଥିବା ଖବର ଆସିଛି। ମାତ୍ର ୨୫ ବର୍ଷ ବୟସରେ ପରିବାରର ରୋଜଗାରିଆ ପୁଅକୁ ହରାଇ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ। "ରୋଜଗାରିଆ ପୁଅକୁ ହରାଇ ପରିବାର ଉପରେ ଭାଙ୍ଗିପଡ଼ିଛି ଦୁଃଖର ପାହାଡ଼। ଭଉଣୀ ହାତରେ ରହିଯାଇଛି ରାଖୀ। ଆଉ ଦୁଇ ଦିନ ପରେ ଭଉଣୀ ପଠାଇଥିବା ରାକ୍ଷୀ ବାନ୍ଧି ଥାନ୍ତା କିରଣ। ସେ ନେଇ ଭଉଣୀ ସହ ଗତ କାଲି କଥା ହୋଇଥିଲା କିରଣ। ଏବେ ପୁଅର ମୃତଦେହ ଗାଁକୁ ଫେରାଇ ଆଣିବାକୁ ସରକାରଙ୍କୁ ନେହୁରା ହୋଇଛନ୍ତି ପରିବାର ଓ ଗ୍ରାମବାସୀ। କିରଣ ଗତ ୧୯ ମାସ ପୂର୍ବେ ବିଶାଖାପାଟଣାର ଜଣେ ଦଲାଲ ମାଧ୍ୟମରେ ଆବୁଧାବି ଯାଇଥିଲେ। ସେ ଦୁଇ ବର୍ଷ ପାଇଁ ଏଗ୍ରିମେଣ୍ଟ କରିଥିଲେ। ଆଉ ମାତ୍ର ୩ ମାସ ପରେ ସେ ଗା କୁ ଆସିଥାନ୍ତେ। ହେଲେ ଗତକାଲି ତାଙ୍କର ମୃତ ହୋଇଛି। ଏବେ ମୃତ ଦେହ ସେଠାରେ ଥିବା ବେଳେ ତାଙ୍କ ନେଇଥିବା ଲୋକ ବି ଫୋନ ଉଠାଉ ନଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି।



## ମିତ୍ରପୁର ବ୍ଲୁ-ଲେକ୍‌ରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର

ନୀଳଗିରି, ୨୩।୮ (ସମିସ): ଦୀର୍ଘ ୨୪ ଘଣ୍ଟା ପରେ ମିତ୍ରପୁର ବ୍ଲୁ-ଲେକ୍‌ରୁ ନିଖୋଜ ୨ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମିତ୍ରପୁର ନିକଟରେ ଥିବା ବ୍ଲୁ ଲେକ୍ ରେ ଗତ ଶନିବାର ପ୍ରାୟ ୧୦ଟା ସମୟରେ ୩ ଜଣ ସାଙ୍ଗ ଗାଧୋଇବା ପାଇଁ ଆସିଥିଲେ। ଦୁଇ ଜଣ ସାଙ୍ଗ ଭିତରକୁ ଗାଧୋଇବାକୁ ଯାଇଥିବା ବେଳେ ଅନ୍ୟ ଜଣେ ସାଙ୍ଗ ଆଡ଼ିରେ ଥିଲା, କାରଣ ସେ ପହଁରା ଜାଣି ନ ଥିଲା। ଦୁଇ ସାଙ୍ଗ ଗାଧୋଇବାକୁ ଯାଇଥିବା ବେଳେ ୨ଜଣ ଅତାଳ ପାଣିରେ ନିଖୋଜ ହୋଇ ଯାଇଥିଲେ। ଏହି ବ୍ଲୁ ଲେକ୍‌କୁ ରେମୁଣା କଲେଜ ଛାତ୍ର ତଥା କେନ୍ଦୁଝର ଜିଲ୍ଲା ଅଧୀନ ଆର୍ତ୍ତୁକଣା ଅଞ୍ଚଳର ରୋଶନ ନାୟକ(୧୮) ଏବଂ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତଦୁଇ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ର ତଥା ବାରିପଦାର ଭବିଷ୍ୟ ପାତ୍ର(୧୭) ଏବଂ ଉକ୍ତ କଲେଜର ତାଙ୍କ ସହପାଠୀ ତଥା ଭଦ୍ରକ ଜିଲା ଅପର୍ତ୍ତିବିନ୍ଧା ଅଞ୍ଚଳର ଅଂଶୁମାନ ପାତ୍ର(୧୮) ବୁଲିବାକୁ ଆସିଥିଲେ। ଏହି ୩ ସାଙ୍ଗ ରିଲ୍ସ ଭିଡ଼ିଓ ସୁଟ୍ କରିବା ପରେ ଭବିଷ୍ୟ ଓ ଅଂଶୁମାନ ଗାଧୋଇବା ପାଇଁ ପାଣିକୁ ପଶି ଯାଇ ଗୋଡ଼ ଖସି ଯିବାରୁ ସେମାନେ ଜଳରାଶି ଭିତରକୁ ପଶି ଯାଇଥିଲେ। ବାଲେଶ୍ୱରରୁ ଓଡ୍ରାଫ୍ଟ ଟିମ୍ ଓ ଅଗ୍ନିଶମ ବାହିନୀ ନିଖୋଜ ଦୁଇ ଛାତ୍ରଙ୍କୁ ଖୋଜିବାରେ ବ୍ୟସ୍ତ ରହିଥିଲେ। ରବିବାର ପୂର୍ବାହ୍ନ ସାଢେ ୧୧ଟା ସମୟରେ ଛାତ୍ର ଭବିଷ୍ୟ ଓ ଅଂଶୁମାନଙ୍କ ମୃତଦେହ ପାଣିରୁ ଉଦ୍ଧାର କରାଯାଇଛି। ପରେ ନୀଳଗିରି ଥାନା ପକ୍ଷରୁ ଏକ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରାଜାଇ ବାଲେଶ୍ୱର ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ଦୁଇ ପରିବାରକୁ ଶବ ହସ୍ତାନ୍ତର କରାଜାଇଛି। ଖବରଲେଖିବା ବେଳକୁ ନୀଳଗିରି ପ୍ରଶାସନ ପକ୍ଷରୁ ବ୍ଲୁ ଲେକରେ ୧୬୩ ବିଏନ. ଏସ. ଧାରା ଜାରି ହୋଇଥିବାର ସୂଚନା ମିଳିଛି।

- ବିଜୁ ଶ୍ରମିକ ସାମୁଖ୍ୟର ପୁନର୍ଗଠନ

## ସୁବାସ ସିଂହ ସଭାପତି, ପ୍ରଫୁଲ୍ଲ ସାମଲ ଉପଦେଷ୍ଟା

ଭୁବନେଶ୍ୱର,୨୩।୮ (ସମିସ): ବିଜୁ ଜନତା ଦଳର ବିଜୁ ଶ୍ରମିକ ସାମୁଖ୍ୟକୁ ପୁନର୍ଗଠନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଏହି ଛାମୁଆଁ ସଂଗଠନକୁ ପୁନର୍ଗଠନ କରିବା ସହ ପୂର୍ବରୁ ଜାରି ସମସ୍ତ ନିର୍ଦ୍ଦେଶନାମାକୁ ବାତିଲ କରିଛନ୍ତି। ନୂତନ କମିଟିରେ ବିଜେଡି ବରିଷ୍ଠ ନେତା ପ୍ରଫୁଲ୍ଲ ସାମଲଙ୍କୁ ଉପଦେଷ୍ଟା ଏବଂ ମେୟର ସୁବାସ ଚନ୍ଦ୍ର ସିଂହଙ୍କୁ ସଭାପତି ଦାୟିତ୍ୱ ଦିଆଯାଇଛି। ସେହିପରି ନବ କିଶୋର ମହାନ୍ତିଙ୍କୁ କାର୍ଯ୍ୟକାରୀ ସଭାପତି (ମୁଖ୍ୟାଳୟ) ଭାବେ ଦାୟିତ୍ୱ ଦିଆଯାଇଥିବା ବେଳେ ପ୍ରୀତିରଞ୍ଜନ ଘଡ଼ାଇ, ବ୍ରଜକିଶୋର ପ୍ରଧାନ, ଯୋଗେଶ ସିଂହ, ଅନନ୍ତ ନାରାୟଣ ଜେନା, ସ୍ୱରୂପ ଦାସ, ରଞ୍ଜିତା ସାହୁ ଓ ଯୋଗେନ୍ଦ୍ର ସ୍ୱାଇଁଙ୍କୁ ଉପସଭାପତି ଦାୟିତ୍ୱ ମିଳିଛି। ଅରିନ୍ଦମ ସର୍ଖେଲଙ୍କୁ ମହାସଚିବ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଦସ୍ତଖତରେ ଜାରି ଏହି ନିର୍ଦ୍ଦେଶନାମା ତୁରନ୍ତ ଲାଗୁ ହେବ ବୋଲି ଦଳ ପକ୍ଷରୁ କୁହାଯାଇଛି।

**ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ**

## ମହେଶ ସାହୁ ସଭାପତି ନିଯୁକ୍ତ

ଭୁବନେଶ୍ୱର,୨୩।୮ (ସମିସ): ବିଜେଡି ଏସ୍‌ସି ସେଲ୍‌ର ପୁନର୍ଗଠନ କରାଯାଇଛି। ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ନୂତନ ଭାବେ ଏହି କମିଟି ଗଠନ ହୋଇଛି। ନୂଆ କମିଟିରେ ବିଭିନ୍ନ ପଦବୀରେ ଦଳୀୟ ନେତାମାନଙ୍କୁ ଦାୟିତ୍ୱ ଦିଆଯାଇଛି। ମହେଶ ସାହୁଙ୍କୁ ଏସ୍‌ସି ସେଲ୍‌ର ସଭାପତି ନିଯୁକ୍ତ କରାଯାଇଥିବା ବେଳେ ପ୍ରମିଳା ମଲ୍ଲିକ, ପଦ୍ମନାଭ ବେହେରା, ଗଣେଶ୍ୱର ବେହେରା, ସ୍ନେହାଙ୍ଗିନୀ ଛୁରିଆଙ୍କୁ ଉପଦେଷ୍ଟା ଭାବେ ଦାୟିତ୍ୱ ଦିଆଯାଇଛି।

ଏହାସହିତ ଚନ୍ଦ୍ର ସାରଥୀ ବେହେରା, ରାଜେନ୍ଦ୍ର କୁମାର ଦାସ ଓ ତୁଷାରକାନ୍ତି ବେହେରାଙ୍କୁ କାର୍ଯ୍ୟକାରୀ ସଭାପତି ଦାୟିତ୍ୱ ମିଳିଛି। ସେହିପରି ଡା. ରାଜଶ୍ରୀ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ଡା. ପ୍ରମୋଦ କୁମାର ମଲ୍ଲିକ, ସର୍ମିଷ୍ଠା ସେଠୀ ଓ ରଘୁରାମ ପାତ୍ରଙ୍କୁ ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ସେଠୀ, ମାଧବ ଧଡ଼ା, ସୁଦର୍ଶନ ହରିପାଲ, ନିହାର ରଞ୍ଜନ ବେହେରା, ଡା. ସଞ୍ଜୟ ଦାସ, ଅନୁସୂୟା ପାତ୍ର ଓ ଲଳିତା ନାୟକଙ୍କୁ ଦାୟିତ୍ୱ ମିଳିଛି। ଏହି ପୁନର୍ଗଠିତ କମିଟି ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ବିଜେଡି ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

### ପୁଲିସକୁ ଆକ୍ରମଣ କରି ବିଜେପି ଯୁବମୋର୍ଚ୍ଚା ସଭାପତି ଗିରଫ ପ୍ରସଙ୍ଗ

## ମନ୍ତ୍ରୀ ବିଭୂତି ଜେନାଙ୍କ ଛତ୍ରଛାୟାରେ ଗଞ୍ଜାମରେ ବଢୁଛି ଗୁଣ୍ଡାରାଜ: ବିଜେଡି

ଭୁବନେଶ୍ୱର,୨୩।୮ (ସମିସ): ଶିଶୁ ଶ୍ରମିକ ଉଦ୍ଧାର ଘଟଣାରେ ପୁଲିସ ଉପରେ ଆକ୍ରମଣ କରି ବିଜେପି ଯୁବମୋର୍ଚ୍ଚା ସଭାପତି ବି.ସୋମନାଥ ପାତ୍ର ଗିରଫ ହୋଇଛନ୍ତି। ମନ୍ତ୍ରୀ ବିଭୂତି ଜେନାଙ୍କ ଛତ୍ରଛାୟାରେ ଗୁଣ୍ଡାଗର୍ଦ୍ଦି ଓ ଅସାମାଜିକ କାର୍ଯ୍ୟ ଜିଲ୍ଲାରେ ବୃଦ୍ଧି ପାଉଥିଲା ବେଳେ କାହିଁକି ଶାସକ ଦଳର ଚାପରେ ବ୍ରହ୍ମପୁର ପୁଲିସ ଚେପା ହୋଇଛି ବୋଲି ପ୍ରଶ୍ନ କରିଛି ବିଜେଡି। ରବିବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡଃ ଲେନିନ ମହାନ୍ତି କହିଛନ୍ତି ଯେ, ମନ୍ତ୍ରୀ ବିଭୂତି ଜେନାଙ୍କ ସମ୍ପର୍କୀୟ ଓ ପ୍ରତିନିଧିମାନେ ଲଗାତାର ଭାବେ ଆଇନ ଉଲ୍ଲଂଘନ କରୁଛନ୍ତି ଏବଂ ବ୍ରହ୍ମପୁର ପୁଲିସ ମନ୍ତ୍ରୀଙ୍କ ଇଙ୍ଗିତରେ ଆଇନକୁ ତା'ବାଟରେ ଯିବାକୁ ଦେଉନାହାନ୍ତି।



ପରିସ୍ଥିତି ଏପରି ହେଉଛି ଯେ, ଜଣେ କର୍ତ୍ତବ୍ୟରତ ପୁଲିସ ଇନିସ୍ପେକ୍ଟରଙ୍କୁ ମନ୍ତ୍ରୀଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ଯୁବ ମୋର୍ଚ୍ଚା ସଭାପତି ଆକ୍ରମଣ କଲେ ମଧ୍ୟ ପୁଲିସ କୋହଳ ଦଫା ଲଗାଇ ଗିରଫ କରିଛି। ଏହା ପୂର୍ବରୁ ମନ୍ତ୍ରୀଙ୍କ ପୁତୁରା ଦୀପକ ଜେନା, ଦିନ ଦ୍ୱିପ୍ରହରରେ ଜଣେ ଆଡଭୋକେଟ ଏବଂ ତାଙ୍କ ପରିବାରକୁ ଅମାନୁସିକ ଭାବେ ଆକ୍ରମଣ କରିବା ଘଟଣାରେ ପୁଲିସ ଚାର୍ଜସିଟରୁ ତାଙ୍କ ନାଁ କାଟି ଦେଇଥିଲା। ମନ୍ତ୍ରୀଙ୍କ ଆଉ ଜଣେ ପୁତୁରା ବିଶ୍ୱଜିତ ଜେନା, ବହୁ ଚର୍ଚ୍ଚିତ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଗିରଫ ହୋଇଥିଲେ ମଧ୍ୟ, ପୁଲିସ ଅଭିଯୁକ୍ତଙ୍କ ଫଟୋ ସାର୍ବଜନୀନ କରିନଥିଲା ଏବଂ ଅଦାଲତରେ କେସ୍ ଡାଏରୀ ଦାଖଲ ନକରି ତାଙ୍କୁ ଜାମିନ ମିଳିବାରେ ସହାୟତା କରିଥିଲା।

ମନ୍ତ୍ରୀ ଜେନାଙ୍କ ଆଉ ଜଣେ ପ୍ରତିନିଧି ସୁନିଲ ପାତ୍ରଙ୍କ ଘରେ ଇଡି ଚଢାଉ ହୋଇଥିଲେ ମଧ୍ୟ ମନ୍ତ୍ରୀଙ୍କ ଚାପରେ ମାମଲାକୁ ଚପାଇ ଦିଆଯାଇଛି। ସେହିପରି ଡଃ ମହାନ୍ତି ଆହୁରି ମଧ୍ୟ କହିଛନ୍ତି, ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ତଥା ଜିଲ୍ଲାରେ ବ୍ୟାପକ ମୋରମ, ବାଲି ଓ ଗୋଡିର ଚୋରା ଉତ୍ତୋଳନ ଏବଂ ଚାଲାଣ ଫଳରେ ସରକାରୀ ରାଜସ୍ୱ କ୍ଷତି ସହ ଜିଲ୍ଲାରେ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି। ପରିସ୍ଥିତି ଏଭଳି ହେଲାଣି ଯେ, ବିଜେପି ଯୁବମୋର୍ଚ୍ଚାର ଜିଲ୍ଲା ସଭାପତି ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ସର୍ବସମ୍ମୁଖରେ ହାତ ଉଠାଇ ଆକ୍ରମଣ କରିବାରେ ପଛାଉନାହାନ୍ତି। ରକ୍ଷକ ଯଦି ଭକ୍ଷକ ସାଜେ ଲୋକେ ଗୁହାରୀ କରିବେ କାହାକୁ ବୋଲି ବିଜେଡି ପ୍ରଶ୍ନ କରିଛି। ଜିଲ୍ଲାର ଆଇନଶୃଙ୍ଖଳାକୁ ଗୁରୁତ୍ୱ ଦେଇ ପୁଲିସ ଯଦି ଚାପ ମୁକ୍ତ ହୋଇ କାର୍ଯ୍ୟ ନକରିବ ତାହା ହେଲେ ଆଗାମୀ ଦିନରେ ସାଧାରଣ ଲୋକଙ୍କୁ ନ୍ୟାୟ ଦେବା ପାଇଁ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ଡଃ ମହାନ୍ତି କହିଛନ୍ତି।

- ମନ୍ତ୍ରୀଙ୍କ ପ୍ରତିନିଧି ଓ ସମ୍ପର୍କୀୟ ବାରମ୍ବାର ଆଇନ ଉଲ୍ଲଂଘନ କରୁଛନ୍ତି କାହିଁକି?
- ମନ୍ତ୍ରୀଙ୍କ ଚାପ ଅପେକ୍ଷା ପୁଲିସର ମନୋବଳ ବୃଦ୍ଧି ପାଇଁ କାର୍ଯ୍ୟ କରନ୍ତୁ ବ୍ରହ୍ମପୁର ଏସ୍‌ପି

## ଗୁପ୍‌ଚୁପ୍ ଖାଇ ବାକ୍ସ ଉପରେ ଶୋଇଲା ହନୁ

ତୁରୁମୁଙ୍ଗା,୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ଅଞ୍ଚଳ ଷ୍ଟେଟବ୍ୟାଙ୍କ ସମ୍ମୁଖରେ ରବିବାର ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ବଜାର ଅଞ୍ଚଳର ବିଭିନ୍ନ ଦୋକାନରୁ ଖାଦ୍ୟ ମାଗି ଖାଉଥିବା ଏକ ବୁଲା ହନୁ ମାଙ୍କଡ଼ ଆଜି ଅପରାହ୍ନ ୪ଟା ସମୟରେ ଷ୍ଟେଟବ୍ୟାଙ୍କ ସାମ୍ନାରେ ଥିବା ଗୁପଚୁପ ଦୋକାନକୁ ଆସି ଖାଇବା ପାଇଁ ବସିଥିଲା। ବେପାରୀ ଜଣକ କିଛି ଗୁପଚୁପ ତାକୁ ଖାଇବାକୁ ଦେବା ପରେ ଖାଇସାରି ସିଧା ଗୁପଚୁପ ବାକ୍ସ ଉପରକୁ ଚଢି ଯାଇ ଆରାମରେ ଶୋଇ ପଡିଥିଲା। ଯେତେ ଡାକିଲେ ମଧ୍ୟ ଆଉ ଉଠି ନଥିଲା। ଫଳରେ ଦୋକାନୀ ଜଣକ ଆଉ ଗୁପଚୁପ ବିକ୍ରି କରି ପାରିଥିଲେ। ଗୁପଚୁପ୍ ଷ୍ଟଲ୍ ଉପରେ ହନୁ ମାଙ୍କଡ଼ର ଆରାମଦାୟକ ନିଦ ଦୋକାନୀ ଓ ଗ୍ରାହକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି ହୋଇଥିଲା। ଲୋକଙ୍କ ଚଳପ୍ରଚଳ ଓ ଗହଳି ସତ୍ତ୍ୱେ ମାଙ୍କଡ଼ଟି କୌଣସି ଭୟ ନ ରଖି ଗୁପଚୁପ୍ ଷ୍ଟଲ୍ ଉପରେ ଆରାମରେ ଶୋଇ ରହିଥିଲା। ପାଖାପାଖି ଦେଢ଼ ଘଣ୍ଟା ପରେ ପ୍ରବଳ ବର୍ଷା ଆରମ୍ଭ ହୋଇଥିବାରୁ ମାଙ୍କଡ଼ଟି ଗୁପଚୁପ ପେଟି ଉପରୁ ଡେଇଁ ଚାଲି ଯାଇଥିଲା।



# ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଗାଁ ରାସ୍ତା ମରାମତି



ହାଟଡ଼ିହୀ,୨୩।୮ (ସମିସ): ମରାମତି ଅଭାବରୁ କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ବଞ୍ଚୋ ଗାଁର ପ୍ରମୁଖ ରାସ୍ତାଟି ନଷ୍ଟ ହୋଇ ଖାଲଖମାରେ ବର୍ଷାଜଳ ଜମି ରହୁଥିଲା। ଯାହାଫଳରେ ଜରୁରିକାଳୀନ ଯାନବାହନ ସମେତ ବାଇକ୍ ସହ ବିଭିନ୍ନ ଯାନବାହନ ଚଳାଚଳ କରିବାରେ ବାଧା ଉପୁଜୁଥିଲା। ବିଶେଷ କରି ସ୍କୁଲ ପିଲାମାନେ ଯା'ଆସ କରିବାରେ ଘୋର ସମସ୍ୟା ଦେଖାଦେଉଥିଲା। ସମସ୍ୟାର ସମାଧାନ ପାଇଁ ଗ୍ରାମର ଯୁବଗୋଷ୍ଠୀ ଆଗେଇ ଆସି ନିଜସ୍ୱ ଉଦ୍ୟମରେ ପାଣି ନିଷ୍କାସନର ବ୍ୟବସ୍ଥା କରିବା ସହ ଖାଲକୁ ସିମେଣ୍ଟ ଓ ଗୋଡ଼ିରେ ମରାମତି କରିଛନ୍ତି। ଏହାଦ୍ୱାରା ରାସ୍ତାରେ ପାଣି ଜମିବା ସମସ୍ୟା ହ୍ରାସ ପାଇବା ସହ ଯାତାୟାତ ସ୍ୱାଭାବିକ ହୋଇଛି। ଏହି କାର୍ଯ୍ୟରେ ବିନୋଦ ବିହାରୀ ବରାଳ, ରମେଶ ବରାଳ, ବିଶ୍ୱନାଥ ବରାଳ, ସଞ୍ଜିତ ନାୟକ, ରାଜୀବ ବରାଳ, ପ୍ରଦ୍ୟୁମ୍ନ ବିଶ୍ୱାଳ, ମଣ୍ଟୁ ବରାଳ ଓ ମାର୍କଣ୍ଡ ଓଝା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ରାସ୍ତାର ସ୍ଥାୟୀ ମରାମତି ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

**କଟକଣାକୁ ଖାତିର ନାହିଁ; ରାସ୍ତା ପାଇଁ ବନ୍ଧ କାଟିଦେଲେ**

# ଶାଳଦେଇରୁ ବାଲି ଉତ୍ତୋଳନ





ଆନନ୍ଦପୁର,୨୩।୮ (ସମିସ): ସରକାରୀ କଟକଣା ସତ୍ତ୍ୱେ ଘସିପୁରା ତହସିଲ ଇଲାକାର ଶାଳଦେଇ ପଞ୍ଚାୟତ ଅଞ୍ଚଳରେ ବୈତରଣୀ ନଦୀରୁ ବେଆଇନ ବାଲି ଉତ୍ତୋଳନକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। କେଉଁ ପରିସ୍ଥିତିରେ ଜେସିବି ମେସିନ୍ ସହାୟତାରେ ହାଇୱା ଯୋଗେ ନଦୀରୁ ବାଲି ଉତ୍ତୋଳନ ହେଉଛି ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜୁନ୍ ୫ରୁ ଅକ୍ଟୋବର ୧୫ ପର୍ଯ୍ୟନ୍ତ ରହିଛି ବାଲି ଉତ୍ତୋଳନରେ କଟକଣା ସତ୍ତ୍ୱେ ବେଆଇନ ବାଲି ଉତ୍ତୋଳନ କରାଯାଇ ନିକଟରେ ଡମ୍ପ କରାଯିବା ପରେ ବିଭିନ୍ନ ଅଞ୍ଚଳରୁ ବାଲି ଚାଲାଣ କରାଯିବା ଭଳି ଏକ ସମ୍ବେଦନଶୀଳ ଘଟଣା ଉପରେ ଖଣି ବିଭାଗର ନିରବତା ଅନେକ ପ୍ରଶ୍ନ ଉଠାଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ସମ୍ପୃକ୍ତ ଅଞ୍ଚଳଟି ବାଲି ଉତ୍ତୋଳନ ପାଇଁ ନିଲାମ ହୋଇନାହିଁ; ତଥାପି କିପରି ବାଲି ଉତ୍ତୋଳନ ହେଉଛି। ଏପରିକି ଶାଳଦେଇଠାରେ ନିର୍ମାଣ ହୋଇଥିବା ନୂତନ ବନ୍ଧକୁ କାଟି ଦେଇ ବାଲି ଉତ୍ତୋଳନ ପାଇଁ ରାସ୍ତା ପ୍ରସ୍ତୁତ କରାଯାଇଥିବା ଅଭିଯୋଗ ହୋଇଛି। ଫଳରେ ବୈତରଣୀ ବନ୍ୟା ଜଳପଶିବା ନିଶ୍ଚିତ ହୋଇଥିବାରୁ ସ୍ଥାନୀୟ ଲୋକଙ୍କ ପାଇଁ ବିପଦଜନକ ପରିସ୍ଥିତି ସୃଷ୍ଟି କରିଛି। ଏ ଦିଗରେ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ଘର ଉପରେ ପଡ଼ିଲା ବିରାଟ ଜଡ଼ି ଗଛ



ତୁରୁମୁଙ୍ଗା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଅନ୍ତର୍ଗତ ସାହାରପଡ଼ା ପଞ୍ଚାୟତର ଦୁବାଇପେଣ୍ଟ ଗ୍ରାମରେ ଶନିବାର ସନ୍ଧ୍ୟାରେ ଘଟିଛି ଅଘଟଣ। ଏକ ବିରାଟକାୟ ଜଡ଼ି ଗଛ ହଠାତ୍ ମୂଳରୁ ଉପୁଡ଼ି ପଡ଼ି ଘର ଉପରେ ପଡ଼ିଯିବାରୁ ଦୁଇଟି ପରିବାରର ବାସଗୃହ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଚୂରମାର ହୋଇଯାଇଛି। ପରିବାର ଲୋକେ ଘରେ ଥିବା ସମୟରେ ଏକ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଦୁବେଇ ପେଣ୍ଟ ଗ୍ରାମର ମିଥୁନ ନାଏକ ଓ ଗୋବର୍ଦ୍ଧନ ନାଏକଙ୍କ ଟାଇଲ ଓ ଆଜବେଷ୍ଟସ୍ ଘର ସମ୍ପୂର୍ଣ୍ଣ ଭାବରେ ନଷ୍ଟ ହୋଇଯାଇଛି। ଗଛଟି ଦୁଇଦିନ ହେବ ପଡିରହିଛି। ମହୁମାଛି ଥିବାରୁ ଗଛକୁ କାଟି ସଫା କରିବାରେ ବାଧକ ସାଜିଛି।

## ଘର ଭାଙ୍ଗି ହାତୀ ଖାଇଲା ଧାନ ଚାଉଳ



ତୁରୁମୁଙ୍ଗା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ଏକ ଗୋଠଛଡା ଦନ୍ତା ବିଳମ୍ବିତ ରାତିରେ ଆତଙ୍କ ଖେଳାଇବା ସହ ସରାସପଶି ଗ୍ରାମରେ ଗୋଟିଏ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛି। ପରିବାର ଲୋକେ ଘରେ ଶୋଇଥିବା ସମୟରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ଦନ୍ତାଟି ରବିବାର ସକାଳୁ ଚମ୍ପୁଆ ରେଞ୍ଜ ଉଖୁଣ୍ଡା ସେକ୍ସନ ଅଞ୍ଚଳକୁ ପ୍ରବେଶ କରି ଦିନସାରା ଜ୍ୟୋତିପୁର ବିଟ୍ ଝାଲିଆ ବେଡା ଜଙ୍ଗଲରେ ଡେରା ପକାଇଛି। ବନ ବିଭାଗ ଦନ୍ତାର ଗତିବିଧି ଉପରେ କଡ଼ା ନଜର ରଖିଛି।

## ସମଣା ସମିତିରୁ ସାର ଲୁଟ୍

ଆନନ୍ଦପୁର, ୨୩।୮ (ସମିସ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସମଣା ସେବା ସମବାୟ ସମିତିରେ ଚାଷୀଙ୍କ ପାଇଁ ଆସିଥିବା ସାରକୁ ଲୁଟି ନେଉଥିବା ବେଳେ ସ୍ଥାନୀୟ ଲୋକେ ବିରୋଧ କରିବା ଘଟଣାରେ ଉତ୍ତେଜନା ପ୍ରକାଶ ପାଇଛି। ଗତ ଶନିବାର ରାତିରେ ଗୋଦାମରୁ ସାର ଅନ୍ୟତ୍ର ନିଆଯାଉଥିବା ଜାଣିପାରି କେତେକ ଚାଷୀ ବିଭିନ୍ନ ଲୋକଙ୍କୁ ଜଣାଇବା ପରେ ସମିତିର ସମ୍ପାଦକ ଘଟଣାସ୍ଥଳରେ ପହଞ୍ଚି ଭୁଲ ମାଗିଥିଲେ। ହେଲେ ଚାଷୀମାନେ ଏ ସମ୍ପର୍କରେ ଆନନ୍ଦପୁର ଉପଜିଲ୍ଲାପାଳଙ୍କୁ ଜଣାଇ ଦେଇଥିଲେ। ଆନନ୍ଦପୁର ଏଆରସିଏସ ଏହି ଘଟଣାର ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

# ଯୁବ କଂଗ୍ରେସ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ



କେନ୍ଦୁଝର, ୨୩।୮ (ସମିସ): ବିରୋଧ ଦଳର ନେତା ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ସହିତ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାବ ବିନିମୟ କାର୍ଯ୍ୟକ୍ରମ ଛାତ୍ର କି ଗୁଞ୍ଜ ଆୟୋଜିତ ହୋଇଥିଲା। ସ୍ଥାନୀୟ କଂଗ୍ରେସ ଭବନଠାରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ରାହୁଲ ଗାନ୍ଧୀଙ୍କ ମହାରାଷ୍ଟ୍ରର ପୁନେରେ ଛାତ୍ର କି ଗୁଞ୍ଜ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଟିଭି ମାଧମରେ କଂଗ୍ରେସ ନେତାମାନେ ଦେଖିଥିଲେ। ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ଏହାକୁ ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଜିଲ୍ଲା କଂଗ୍ରେସ ସଭାପତି ମନୋଜ ଜେନାଙ୍କ ସହ ବହୁ ସଂଖ୍ୟାରେ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

# ନାବାଳିକା ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

ହାଟଡ଼ିହୀ,୨୩।୮ (ସମିସ): ନାବାଳିକାଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବା ପରେ ବିବାହ ପ୍ରତିଶ୍ରୁତି ଦେଇ ବାରମ୍ବାର ଦୁଷ୍କର୍ମ କରିବା, ଅଶ୍ଳୀଳ ଫଟୋ ଓ ଭିଡିଓ ରେକର୍ଡ ପରେ ବ୍ଲାକ୍‌ମେଲ୍ କରି ଟଙ୍କା ଆଦାୟ କରିବା ମାମଲାରେ ଜଣେ ଯୁବକକୁ କେନ୍ଦୁଝର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ୨୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ନନ୍ଦିପଦା ଥାନା ତେମଳା ଗ୍ରାମର ମଦନ ମୋହନ ପାଣିଗ୍ରାହୀ (୨୬) କେନ୍ଦୁଝରସ୍ଥିତ ବେଦ ବିଦ୍ୟାଳୟରେ ପଢୁଥିଲା ବେଳେ ୨୦୧୭ରେ ଜଣେ ନାବାଳିକା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ମଦନ ନାବାଳିକାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ୧୪ ଫେବ୍ରୁଆରୀ ୨୦୧୭ ରେ ତାଙ୍କୁ ମାଧପୁରସ୍ଥିତ ନିଜ ରହିବା ଘରକୁ ଡାକି ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପରବର୍ତ୍ତୀ ସମୟରେ ମଧ୍ୟ ଅଭିଯୁକ୍ତ ନାବାଳିକାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। କୌଶଳକ୍ରମେ ଅନ୍ତରଙ୍ଗ ସମୟର ଫଟୋ ଓ ଭିଡିଓ ମଧ୍ୟ ରେକର୍ଡ କରିଥିଲା। ସେହି ଫଟୋ ଓ ଭିଡିଓ ଦେଖାଇ ନାବାଳିକାଙ୍କୁ ଭୟଭୀତ କରିବା ସହ ବ୍ଲାକ୍‌ମେଲ୍ କରି ତାଙ୍କଠାରୁ ଟଙ୍କା ନେଇଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଭୁବନେଶ୍ୱରର ଏକ ମନ୍ଦିରରେ ପୂଜକ ଭାବେ କାମ କରୁଥିବା ବେଳେ ପୁଣି ନାବାଳିକାଙ୍କୁ ଟଙ୍କା ମାଗିଥିଲା। ଏନେଇ ନାବାଳିକାଙ୍କ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। କେନ୍ଦୁଝର ଟାଉନ ଥାନାରେ ଏକ ମାମଲା ରୁଜୁ ହେବା ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଥିଲା। ଏହି ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ବିଜୟ ମିଶ୍ର ଅଭିଯୁକ୍ତ ମଦନ ମୋହନ ପାଣିଗ୍ରାହୀକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୨୦ ବର୍ଷ କାରାଦଣ୍ଡାଦେଶ ସହ ୩ଲକ୍ଷ ୩୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୫ ବର୍ଷ ୬ ମାସ ଜେଲ୍ ବୋଲି କୋର୍ଟ ରାୟ ଦେଇଛନ୍ତି।

# କେରଳା ଇଂରାଜୀ ବିଦ୍ୟାଳୟରେ ସବୁଜିମା ଦିବସ




ବାଲିବନ୍ଧ, ୨୩।୮ (ସମିସ): ଝୁମ୍ପୁରା କେରଳା ଇଂରାଜୀ ବିଦ୍ୟାଳୟ ପକ୍ଷରୁ ସବୁଜିମା ଦିବସ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ଶୁଭ୍ରା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିବେଶକୁ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ରଖିବା ପାଇଁ ଛାତ୍ରଛାତ୍ରୀମାନେ ସଂକଳ୍ପ ନେଇଥିଲେ। ଏହି ଅବସରରେ କୁନି କୁନି ଛାତ୍ରଛାତ୍ରୀଙ୍କୁ ନେଇ ସବୁଜ ବନାନୀ ଓ ପରିବେଶ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଗଛପତ୍ର, ସବୁଜ ପନିପରିବାର ବ୍ୟବହାର, ଏହାର ଉପାଦେୟତା ଏବଂ ମାନବ ଜୀବନରେ ଗଛର ଗୁରୁତ୍ୱ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯାଇଥିଲା। 'ଗଛ ଆମର ଅମର ବନ୍ଧୁ' ବାର୍ତ୍ତାକୁ ଆଧାର କରି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ନିଜ ବାଡ଼ି ଓ ବଗିଚାରେ ଚାରା ରୋପଣ କରିବା ସହ ଗଛର ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ଏଥିସହ ସବୁଜିମା ଓ ପରିବେଶ ସୁରକ୍ଷାକୁ ନେଇ ଛାତ୍ରଛାତ୍ରୀମାନେ ବିଭିନ୍ନ ସୁନ୍ଦର ଚିତ୍ର ଆଙ୍କି ନିଜ ସୃଜନଶୀଳତାର ପରିଚୟ ଦେଇଥିଲେ। ପରିବେଶ ସୁରକ୍ଷାକୁ ଦୈନନ୍ଦିନ ଜୀବନର ଅଂଶ କରିବା ଆବଶ୍ୟକ ବୋଲି ବିଦ୍ୟାଳୟ ପକ୍ଷରୁ ମତ ପ୍ରକାଶ ପାଇଥିଲା। ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଜାତୀୟ ରାଜପଥ ଖାଲରେ ପଡ଼ି ବ୍ୟବସାୟୀଙ୍କ ମୃତ୍ୟୁ



ଆନନ୍ଦପୁର, ୨୩।୮ (ସମିସ): ୨୦ ନମ୍ବର ଜାତୀୟ ରାଜପଥରେ ବଡ଼ ବଡ଼ ଗାତ୍ ଯୋଗୁଁ ପ୍ରତିଦିନ ବାଇକ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏଭଳି ସ୍ଥିତିରେ ଶନିବାର ଏକ ଦୁର୍ଘଟଣା ଘଟି ଜଣେ ଯୁବ ବ୍ୟବସାୟୀ ଜୟଦେବ ଦାଶ (ରମିନ, ୫୦)ଙ୍କର ମୃତ୍ୟୁ ହୋଇଛି। ସେ ବୀରଗୋବିନ୍ଦପୁରସ୍ଥିତ ନିଜ ସମ୍ପର୍କୀୟଙ୍କ ଘରୁ ଶାଳପଡା ଫେରୁଥିବା ବେଳେ ରାସ୍ତାରେ ହୋଇଥିବା ଗାତ୍‌ରେ ବାଇକ ଚକା ପଡ଼ିଯିବାରୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଆନନ୍ଦପୁର ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ତାଙ୍କ ବିୟୋଗରେ ସମଗ୍ର ଆନନ୍ଦପୁର ଅଞ୍ଚଳରେ ଦୁଃଖ ପ୍ରକାଶ ପାଇଛି। ଘସିପୁରା ବସଷ୍ଟାଣ୍ଡ ବ୍ୟବସାୟୀ ସଂଘ ଏବଂ କାଳୀପୂଜା କମିଟି କର୍ମକର୍ତ୍ତାମାନେ ଶ୍ରଦ୍ଧାଶୁମନ ଅର୍ପଣ କରିଥିଲେ। ଜାତୀୟ ରାଜପଥର ଶୈଳଙ୍ଗ ବିଜି ମୋଟର୍ସ ନିକଟ ରାସ୍ତାରେ ବିରାଟ ଖାଲ ଯୋଗୁଁ ଦୁର୍ଘଟଣା ବଢୁଛି। ଅନେକ ସମୟରେ ଉକ୍ତ ଖାଲରେ ବାଇକ୍ ଓ ସାଇକଲ୍ ଆରୋହୀମାନେ ପଡ଼ି ଆହତ ହେଉଛନ୍ତି। ଏହି ସ୍ଥାନରୁ ଶୈଳଙ୍ଗର ବାୟା ତପୋବନକୁ ରାସ୍ତା ସଂଯୋଗ ହୋଇଛି। ବର୍ଷା ହେଲେ ପାଣି ଜମୁଛି। ବାଇକ୍ ଆରୋହୀମାନେ ଦୁର୍ଘଟଣାଗ୍ରସ୍ତ ହେଉଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତୁରନ୍ତ ଜାତୀୟରାଜପଥ କର୍ତ୍ତୃପକ୍ଷ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଦୂରଦର୍ଶନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ କୃତିତ୍ୱ




ହାଟଡ଼ିହୀ, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ ଚଣ୍ଡିଆବିରଞ୍ଚିପୁରସ୍ଥିତ ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଗତ ଶନିବାର ଦୂରଦର୍ଶନ କେନ୍ଦ୍ରର ଜଣାଅଜଣାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଛନ୍ତି। ଓଡ଼ିଶାର ଭୂଗୋଳ ଆଧାରିତ ତଥା ଅନ୍ୟ ପ୍ରଶ୍ନକୁ ନେଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଚମତ୍କାର ଭାବରେ ଉତ୍ତର ପ୍ରଦାନ କରି ମାନପତ୍ର ଓ ଟ୍ରଫି ହାସଲ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଉଦୟନାଥ କର ଏବଂ ଅଧ୍ୟକ୍ଷ ହେମନ୍ତ ନାୟକଙ୍କ ଚୟନକ୍ରମେ ଚନ୍ଦନ ମଲ୍ଲିକ, ଶୁନ୍ୟବାସୀ ସାହୁ, ଗାୟତ୍ରୀ କୁମାରୀ ଏବଂ ସୁଲଗ୍ନା ସାହୁ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଭୁବନେଶ୍ୱର ଦୂରଦର୍ଶନର ଜଣାଅଜଣା କାର୍ଯ୍ୟକ୍ରମକୁ ପଠା ଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ତନୁଶ୍ରୀ ତନୟା ପହି, ଶୁଭଶ୍ରୀ ପଣ୍ଡା ଗାଇଡ୍ ଶିକ୍ଷକ ଭାବେ ସେମାନଙ୍କୁ ଭୁବନେଶ୍ୱରର ଦୂରଦର୍ଶନ କେନ୍ଦ୍ରକୁ ନେଇଥିଲେ ଏବଂ ସେମାନଙ୍କୁ ସାଧାରଣ ଜ୍ଞାନର କେତେକ ପ୍ରଶ୍ନ ମଧ୍ୟ ପ୍ରସ୍ତୁତ କରାଇଥିଲେ। କାର୍ଯ୍ୟକ୍ରମର ପ୍ରଶିକ୍ଷକ ସଂଗ୍ରାମ କେଶରୀ ଜେନାଙ୍କର ସମସ୍ତ ପ୍ରଶ୍ନର ସଠିକ୍ ଉତ୍ତର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଦେଇପାରିଥିଲେ। ବୀଣାପାଣି କଳା ନିକେତନର ପ୍ରତିଷ୍ଠାତା ପାର୍ଥସାରଥୀ ଦାଶ (ଜିତୁ)ଙ୍କ ତତ୍ତ୍ୱାବଧାନରେ ଏହା ସମ୍ପାଦିତ ହୋଇଥିଲା।

# ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ତୁରୁମୁଙ୍ଗା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୩ ଦିନ ଧରି ଚାଲିଥିବା ବିଭାଗ ଓ ସମ୍ଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳାର ସମାରୋପ ଉତ୍ସବ ରବିବାର ସମ୍ପନ୍ନ ହୋଇଛି। ଏହି ଅବସରରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଭଗବତ ପ୍ରସାଦ ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ସଭାପତି ପ୍ରଦୀପ ସାହୁ, ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥିଙ୍କ ପରିଚୟ କରିଥିବା ବେଳେ ଉତ୍ତର ସମ୍ଭାଗ ସଂଯୋଜକ ରାହାସ ବିହାରୀ ମହାପାତ୍ର ଜ୍ଞାନ ବିଜ୍ଞାନ ମେଳା ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। କେନ୍ଦୁଝର ବିଭାଗ ନିରୀକ୍ଷକ ସୁବ୍ରତ ମୁଖାର୍ଜୀ ଏବଂ ସହ ବିଭାଗ ନିରୀକ୍ଷକ ଭାଗବତ ମହାଳିକଙ୍କ ଉପସ୍ଥିତିରେ ଜ୍ଞାନ ବିଜ୍ଞାନ ମେଳା ଶେଷ ହୋଇଥିଲା। ଜ୍ଞାନ ବିଜ୍ଞାନ ମେଳାରେ ମୋଟ ୧୮୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ପ୍ରାନ୍ତସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟ ର ସଭାପତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ସଦସ୍ୟ ଏବଂ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା, ସେବକସେବିକା ସହଯୋଗ କରିଥିଲେ।

# ବ୍ରହ୍ମାକୁମାରୀଙ୍କ ରକ୍ତଦାନ



କେନ୍ଦୁଝର, ୨୩।୮ (ସମିସ): କେନ୍ଦୁଝର ସହରସ୍ଥ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି ସରୋବରରେ ବିଶ୍ୱ ବନ୍ଧୁତ୍ୱ ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ୫୪ ୟୁନିଟ ରକ୍ତ ସଂଗୃହୀତ କରାଯାଇ ଜିଲ୍ଲା ରକ୍ତକେନ୍ଦ୍ରକୁ ପ୍ରେରଣ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ଧନେଶ୍ୱର ସେଠୀ, ୱାଟକୋ ମହାପ୍ରବନ୍ଧକ ରମେଶ ସିଠ, କେନ୍ଦ୍ର ମୁଖ୍ୟ ବ୍ରହ୍ମାକୁମାରୀ ଭଉଣୀ ବିନ୍ଦୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ବନଖଣ୍ଡ ତତ୍ତ୍ୱାବଧାରକ ଧନରାଜ ଏଚଡି, ଧରଣୀଧର ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରତିଭା ପୃଷ୍ଟି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଭଉଣୀ ଜୟନ୍ତୀଆଟୋଇ, ସ୍ୱାତି, ମିନତୀ ଦୟାନିଧି ପ୍ରମୁଖ ଶିବିର ପରିଚାଳନା କରିଥିଲେ। ସମାଜସେବୀ ଭକ୍ତବତ୍ସଳ ମହାନ୍ତି, ଜିଲ୍ଲା ରକ୍ତକେନ୍ଦ୍ର ସମ୍ପାଦକ ଏଆରଖାନ, ପିଆରଓ ଅକ୍ଷୟ ସାହୁ, ଗୌରିଆଙ୍କର ମଲ୍ଲିକ, ଟୁଲୁ ମହାନ୍ତ, ଶଙ୍କର ନାଏକ ରକ୍ତ ସଂଗ୍ରହ କରିଥିଲେ।

# ପରମାନନ୍ଦ ପାଣ୍ଡେ ସ୍ମାରକୀ କରାଟେ ଚାମ୍ପିଅନ୍‌ସିପ ଉଦ୍‌ଯାପିତ




ବଡବିଲ, ୨୩।୮ (ସମିସ): ଜେକେଏଡବ୍ଲୁଏଫ୍ ଇଣ୍ଡିଆ ଓଡିଶା ପକ୍ଷରୁ ଆୟୋଜିତ ପରମାନନ୍ଦ ପାଣ୍ଡେ ସ୍ମାରକୀ କପ୍-ପ୍ରଥମ ଅଲ୍ ଓଡିଶା ଜେକେଏ କରାଟେ ଚାମ୍ପିଅନ୍‌ସିପ୍-୨୦୨୬ ବଡବିଲସ୍ଥିତ ସେଣ୍ଟ ମେରୀଜ୍ ସ୍କୁଲଠାରେ ସମ୍ପନ୍ନ ହୋଇଯାଇଛି। ଏହି ଦୁଇଦିନିଆ ଚାମ୍ପିଅନ୍‌ସିପ୍‌ରେ ଓଡିଶାର ବିଭିନ୍ନ ଅଞ୍ଚଳରୁ କରାଟେ ପ୍ରତିଯୋଗୀ ନିଜର ପ୍ରତିଭା ଓ କ୍ରୀଡା ଦକ୍ଷତା ପ୍ରଦର୍ଶନ କରିଥିଲେ। ବରିଷ୍ଠ ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର, ବେଲ୍ଟ ପରୀକ୍ଷା ଏବଂ ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଆଦିବାସୀ ବିକାଶ ସମିତିର ପ୍ରତିଷ୍ଠାତା ପଦ୍ମଶ୍ରୀ ତୁଳସୀ ମୁଣ୍ଡା ଯୋଗଦେଇଥିଲେ। ବଡବିଲ ତହସିଲଦାର ରାକେଶ ପଣ୍ଡା, ବଡବିଲ ସେଣ୍ଟ ମେରୀଜ୍ ସ୍କୁଲର ଉପାଧ୍ୟକ୍ଷ ସିଷ୍ଟର ଅର୍ଜନା ଏବଂ ବିଜେପି ରାଜ୍ୟ ଓବିସି ମୋର୍ଚ୍ଚାର ଆବାହକ ଚନ୍ଦ୍ରଗୁପ୍ତ ପ୍ରସାଦ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସମାପନୀ ସମାରୋହରେ ବଡବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ମୁଖ୍ୟଅତିଥି, ପ୍ରବେଶ ପାଣ୍ଡେ, ନିମ୍ମାନୀ ମହାନ୍ତ, ଗଣେଶ୍ୱର ଭୂୟାଁ, ସଚ୍ଚିଦାନନ୍ଦ ପାଣ୍ଡେ ଯୋଗ ଦେଇଥିଲେ। ଏହି ଅବସରରେ ଜେକେ ଏଡବ୍ଲୁଏଫ୍ ଇଣ୍ଡିଆ ଅଧ୍ୟକ୍ଷ ସୋମନାଥ ପାଲ ଚୌଧୁରୀ, ସଭାପତି ଅନିଲ କୁମାର ସିଂହ, ଉପସଭାପତି ସନ୍ଦୀପ ଗୁପ୍ତା, ସଦସ୍ୟ ଅରିନ୍ଦମ ସିକଦାର ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥାର ସଚିବ ଧର୍ମାଂଶୁ ପାଣ୍ଡେ ଏବଂ ଅନ୍ୟାନ୍ୟ କର୍ମକର୍ତ୍ତା ନେତୃତ୍ୱ ନେଇଥିଲେ।

### ଖାଲଖମାରେ ଭର୍ତ୍ତି ଚିତ୍ରଡ଼ା ବସ୍ଷ୍ଟାଣ୍ଡ

# ଆସୁନାହାନ୍ତି ବସ୍, ଯାତ୍ରୀ ହନ୍ତସନ୍ତ




ମୋରଡ଼ା,୨୩।୮ (ସମିସ):

ବାରିପଦାରୁ ଜଳେଶ୍ୱର ଅଭିମୁଖେ ଯାଉଥିବା ୩୦ରୁ ଊର୍ଦ୍ଧ୍ୱ ବସ୍ ଚିତ୍ରଡ଼ା ବଜାର ମଧ୍ୟରେ ଥିବା ବସ୍ଷ୍ଟାଣ୍ଡକୁ ପ୍ରବେଶ କରିବାର ପ୍ରତିଟି ପଦକ୍ଷେପରେ ସରକାର ଓ ମୟୂରଭଞ୍ଜ ଘରୋଇ ବସ ମାଲିକ ଆସୋସିଏସନ ପକ୍ଷରୁ ନିର୍ଦ୍ଦେଶ ରହିଛି। ତେବେ ଗତ କିଛିଦିନ ହେବ ତାହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଫଳରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଲଗାଣ ବର୍ଷା ଯୋଗୁଁ ବସ୍ଷ୍ଟାଣ୍ଡରେ ଏବେ କୃତ୍ରିମ ପୋଖରୀ ସୃଷ୍ଟି ହୋଇଥିବାରୁ ବସ ବସ୍ଷ୍ଟାଣ୍ଡ ମଧ୍ୟକୁ ପ୍ରବେଶ ନ କରି କିଛି କିଲୋମିଟର ଦୂରରେ ବ୍ୟକ୍ତିଗତ ଶାର୍ଶାପାଳଙ୍କ ଘରକୁ ଜଳେଶ୍ୱରଅଭିମୁଖେଯାତାୟାତ କରୁଛି। ଯଦ୍ୱାରା ବୃଦ୍ଧବୃଦ୍ଧା ଓ ମହିଳା ଯାତ୍ରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ବସ୍ଷ୍ଟାଣ୍ଡର ମରାମତି ସହ ଶୌଚାଳୟ ନିର୍ମାଣ କରାଯିବାକୁ ଦାବି ହେଉଛି।

ବସ୍ ମାଲିକ ଆସୋସିଏସନ ପକ୍ଷରୁ ଚିତ୍ରଡ଼ା ବସ୍ଷ୍ଟାଣ୍ଡରେ ଦୁଇଜଣ ସୁପରଭାଇଜରଙ୍କୁ ବସ୍ର ଟାଇମ ଦେଖିବା ସହିତ ଯାତ୍ରୀଙ୍କୁ ସାହାଯ୍ୟ ଓ ସମସ୍ୟାର ସମାଧାନ କରିବା ପାଇଁ ନିଯୁକ୍ତ କରାଯାଇଛି। ମାତ୍ର ଉକ୍ତ ଦୁଇଜଣ ବ୍ୟକ୍ତି ଚିତ୍ରଡ଼ା ବସ୍ଷ୍ଟାଣ୍ଡରେ ନ ରହି ଶାର୍ଶାପାଳ ଓ ସାପୁଆ ଛକରୁ ବସ୍ରୁ ୧୦ରୁ୨୦ଟଙ୍କା ନେଇ ନିଜ କର୍ତ୍ତବ୍ୟ ଭୁଲିଯିବା ସହ ବସ୍ଷ୍ଟାଣ୍ଡର ସମସ୍ୟା ସମାଧାନ ପାଇଁ ସରକାର କିମ୍ବା ମାଲିକ ଆସୋସିଏସନକୁ ଅବଗତ କରୁ ନ ଥିବାରୁ ତାଙ୍କ ପ୍ରତି ଲୋକଙ୍କ ଅସନ୍ତୋଷ ବଢ଼ିବାରେ ଲାଗିଛି। ପୂର୍ବରୁ ବନ୍ୟା/ବାତ୍ୟା ସମୟରେ ବସ୍ଷ୍ଟାଣ୍ଡର ଅବସ୍ଥା ବେହାଲ ହେଲେ ଚିତ୍ରଡ଼ା ପଞ୍ଚାୟତର ସରପଞ୍ଚ ଲୋକ ଓ ଯାତ୍ରୀଙ୍କ ସୁବିଧା ପାଇଁ ମୋରମ କିମ୍ବା ଭଙ୍ଗା ମାଟି ଇଟା ପକାଇ ମରାମତି କରୁଥିଲେ। ବର୍ତ୍ତମାନ ସରକାର ଚିତ୍ରଡ଼ାକୁ ଏନଏସି ଘୋଷଣା କରିଥିବାବେଳେ ଝିଙ୍ଗାଡ଼ି ଅଞ୍ଚଳ ପରିଷଦର ଉନ୍ନୟନ ଅଧିକାରୀ ଭାବେ ମୋରଡା ବିଡିଓ ଅଶୋକ ନାୟକ ଦାୟିତ୍ୱରେ ରହିଛନ୍ତି। ମାତ୍ର ଘୋଷଣା ହେବାର ଦୀର୍ଘ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଚିତ୍ରଡ଼ା ଏନଏସି ଅଧୀନରେ କୌଣସି କାର୍ଯ୍ୟ ନ ହେବା ସହ ବସଷ୍ଟାଣ୍ଡର ସମସ୍ୟା ଉପରେ ବିଡିଓଙ୍କ ନଜର ପଡ଼ିନାହିଁ। ତେଣୁ ଅଞ୍ଚଳବାସୀ ରାସ୍ତାରୋକ କରି ସମସ୍ୟାର ସମାଧାନ କରିବା ପାଇଁ ସଭକବାଳ ହେଉଥିବା ଆଲୋଚନା ହେଉଛି। ଉକ୍ତ ବସ୍ଷ୍ଟାଣ୍ଡରେ ଶୌଚାଳୟ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମହିଳା କିମ୍ବା ପୁରୁଷ ଯାତ୍ରୀ ବସ୍ରୁ ଓହ୍ଲାଇ

## ବସ୍ଷ୍ଟାଣ୍ଡ ମରାମତି ସହ ଶୌଚାଳୟ ନିର୍ମାଣ ଦାବି

ନିକଟରେ ଥିବା ଶିବ ମନ୍ଦିର ଓ ହନୁମାନ ମନ୍ଦିର ପଛରେ ପରିଶ୍ରା କରୁଥିବା ଦେଖିବାକୁ ମିଳୁଛି। ତେଣୁ ବସ୍ଷ୍ଟାଣ୍ଡର ମରାମତି କାର୍ଯ୍ୟ ତୁରନ୍ତ କରିବା ସହିତ ଶୌଚାଳୟ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ମୋରଡା ବିଡିଓଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନ ଥିଲେ।

## ହିତାଧିକାରୀଙ୍କୁ ମିଳୁନି ଗହମ, ତେଜୁଛି ଅସନ୍ତୋଷ

ବେତନଟୀ,୨୩।୮ (ସମିସ): ରାଜ୍ୟରେ କ୍ଷମତା ପରିବର୍ତ୍ତନ ସହ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଏବେ ବାସ୍ତବତାଠାରୁ ବହୁ ଦୂରରେ ଥିବା ଅଭିଯୋଗ ହୋଇଛି। ବିଜେପି ସରକାର ଆସିଲେ ଗହମ ପୁନଃ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ଷମତାସୀନ ହେବାର ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଗରିବ ହିତାଧିକାରୀଙ୍କ ପାଖକୁ ଗହମ ନ ପହଞ୍ଚିବା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ସମେତ ସମଗ୍ର ଅଞ୍ଚଳରେ ଲକ୍ଷାଧିକ ଗରିବ ପରିବାର ଓ ଖାଉଟି ଅଟା ଉପରେ ନିର୍ଭର କରନ୍ତି। ଡବଲ ଇଞ୍ଜିନ ସରକାର 'ବିକାଶର ଧାରା' କଥା କହୁଥିଲେ ହେଁ ମୂଳ ସମସ୍ୟା ସମାଧାନ ହୋଇପାରିନାହିଁ। ଗହମ ଯୋଗାଣ ବନ୍ଦ ଯୋଗୁଁ ଲୋକଙ୍କୁ ଖାଦ୍ୟ ନିରାପତ୍ତାରୁ ବଞ୍ଚିତ ହେବାକୁ ପଡୁଛି। ସ୍ଥାନୀୟ ହିତାଧିକାରୀଙ୍କ କହିବାନୁଯାୟୀ, ବଜାରରେ ଅଟା ଦର ଆକାଶଛୁଆଁ ହୋଇଥିବାରୁ ଗରିବ ପରିବାର ବଢ଼ା ଦାମରେ ଅଟା କିଣିବାକୁ ବାଧ୍ୟ ହେଉଛନ୍ତି। ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀଙ୍କ ଗ୍ୟାରେଣ୍ଟି ଆଧାରରେ ଘରୋଇ ଉପଭୋକ୍ତାଙ୍କୁ ମାଗଣା ବିଦ୍ୟୁତ ଯୋଗାଣ ପ୍ରତିଶ୍ରୁତି ଦିଆଯାଇଥିଲା, ତାହା ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସରକାରୀ ପ୍ରତିଶ୍ରୁତି ଓ ବାସ୍ତବ ସ୍ଥିତି ମଧ୍ୟରେ ଥିବା ବ୍ୟବଧାନକୁ ନେଇ ଗ୍ରାମାଞ୍ଚଳରେ ଅସନ୍ତୋଷ ଧୀରେ ଧୀରେ ବୃଦ୍ଧି ପାଉଛି। ହିତାଧିକାରୀ ନିଜର ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ହୋଇ ପ୍ରଶାସନ ଓ ଶାସକ ଦଳର ଆଭିମୁଖ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି। ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଅଣଦେଖା କରି କେବଳ ଘୋଷଣା ସର୍ବସ୍ୱ ରାଜନୀତି କେବେ ଯାଏଁ ଚାଲିବ, ତାହା ଏବେ ଏକ ବଡ଼ ପ୍ରଶ୍ନ। ବିଜେପି ସରକାର ଦେଇଥିବା ପ୍ରତିଶ୍ରୁତି ପୂରଣ କରି ହିତାଧିକାରୀଙ୍କୁ ତୁରନ୍ତ ଗହମ ଯୋଗାଇବେ ନା ଏହା କେବଳ କାଗଜପତ୍ରରେ ସୀମିତ ରହିବ, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

## ଦୋମୁହାଣି ତୀର୍ଥଘାଟରେ ପାହାଚ ନିର୍ମାଣ ଦାବି



ଖିଚିଂ,୨୩।୮ (ସମିସ): ଶୁକ୍ରୁଳି ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ଆଧ୍ୟାତ୍ମିକ ପୀଠ ଖିଚିଂଠାରୁ ମାତ୍ର ପାଞ୍ଚ କିମି ଦୂରରେ ଅବସ୍ଥିତ ଭଞ୍ଜ ରାଜବଂଶର ସର୍ବପ୍ରାଚୀନ ରାଜଧାନୀ ଆଦିପୁର ଗଡ଼। ଏହାର ଅନତି ଦୂରରେ ପୁଣ୍ୟତୋୟା ବୈତରଣୀ ଓ ଖଇରଭଣ୍ଡନ ନଦୀ ଦ୍ୱୟର ସଙ୍ଗମ ସ୍ଥଳ 'ଦୋମୁହାଣି' ପୀଠରେ ରହିଛି ବିମୁଗ୍ଧ ଐତିହ୍ୟ, ପ୍ରାକୃତିକ ସୌନ୍ଦର୍ଯ୍ୟବୋଧ, ପୌରାଣିକ, ଐତିହାସିକ ଓ ଲୋକକଥାର ଅପାସୋରା ଅନେକ କିମ୍ବଦନ୍ତୀ। ବିଶ୍ୱାସ ରହିଛି ଯେ, ଦୋମୁହାଣି ତୀର୍ଥ ଘାଟ ଜଳରେ ସ୍ନାନ କଲେ ସମସ୍ତ ପାପ କ୍ଷୟ ହୋଇଥାଏ। ମକର ସଂକ୍ରାନ୍ତି ସମୟରେ ଏହି ପବିତ୍ର ଜଳରେ ସ୍ନାନ କରି ଏହି ପବିତ୍ର ପୀଠର ଅଧୀଶ୍ୱର ଏକାଦଶ ରୁଦ୍ରଙ୍କୁ ଭକ୍ତିପୂତ ଆରାଧନା କଲେ ଭକ୍ତର ମନୋବାଞ୍ଛା ପୂରଣ ହୋଇଥାଏ ବିଶ୍ୱାସ ରହିଛି। ପ୍ରତିବର୍ଷ ଶ୍ରାବଣ ମାସର ସୋମବାରରେ ଦୂରଦୂରାନ୍ତରୁ ଆସୁଥିବା ଶହ ଶହ ଜଳାଭିଷେକକାରୀ କାଉଡିଆ ବିପଦସଙ୍କୁଳ ଅବସ୍ଥାରେ ନଦୀ ପଠାରୁ ସଂକୀର୍ଣ୍ଣ ମାଟି ରାସ୍ତାଦେଇ ପ୍ରାୟ ୩୦ ଫୁଟ ତଳକୁ ବିନା ପାହାଚରେ ଓହ୍ଲାଇବା ପରେ ଦୋମୁହାଣି ତୀର୍ଥଘାଟରୁ ଜଳ ସଂଗ୍ରହ କରି ପ୍ରତ୍ୟାବର୍ତ୍ତନ କରିଥା'ନ୍ତି। ତେଣୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ନିରାପଦ ଯାତାୟାତ ପାଇଁ ନଦୀ ପଠାରୁ ତୀର୍ଥଘାଟ ପର୍ଯ୍ୟନ୍ତ ରାସ୍ତାକୁ କଂକ୍ରିଟ ପାହାଚ ନିର୍ମାଣ କରିବାକୁ ସ୍ଥାନୀୟ ପ୍ରଶାସନ ଓ ଲୋକ ପ୍ରତିନିଧି ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଇଛି।

### ସବଇନ୍ସପେକ୍ଟରଙ୍କ ନାମରେ ଅଭିଯୋଗ ପୂର୍ବରୁ ଯୁବତୀ ରଚିଥିଲେ ଡ୍ରାମା

# ମାମଲାରେ ଅଭିଯୁକ୍ତ କରିବା ଉଦ୍ଦେଶ୍ୟ ପ୍ରଣୋଦିତ

ବାରିପଦା,୨୩।୮ (ସମିସ): ବାରିପଦା ଟାଉନ ଥାନାର କାର୍ଯ୍ୟରତ ସବଇନ୍ସପେକ୍ଟର ପ୍ରଭାତ ନାୟକଙ୍କ ନବବିବାହିତା ପତ୍ନୀ ପ୍ରିୟଙ୍କା ଓରଫ ସଜନୀ ବିଶ୍ୱାଳ ଦେଇଥିବା ଅଭିଯୋଗରେ ଆକ୍ରୋଶମୂଳକ ନାଁ ଯୋଡ଼ିବାକୁ ନେଇ ଉଦବେଗ ପ୍ରକାଶ ପାଇଛି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଉତ୍ତମ ବୁଝାମଣା କରିବାକୁ ଯାଇଥିବା ବାରିପଦାର ନାରୀନେତ୍ରୀ ପାୟଲ ରାୟ ଓ ତାଙ୍କ ସ୍ୱାମୀ ସିଦ୍ଧାର୍ଥ ରାୟଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରାଯାଇଛି ବୋଲି ସେ ଗଣମାଧ୍ୟମକୁ ଅବଗତ କରିଛନ୍ତି। ଏପରିକି ପୂର୍ବରୁ ସଜନୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାରୁ ଉଦ୍ଦେଶ୍ୟମୂଳକ ଭାବେ ଅଭିଯୁକ୍ତ ବୋଲି ଦର୍ଶାଯାଇଛି।

ସୂଚନା ମୁତାବକ, ପୁରୀ ଜିଲ୍ଲା କାଳିକାବାଡି ଅଞ୍ଚଳର ସଜନୀଙ୍କ ସହ ବାରିପଦା ଟାଉନ ଥାନା ସବଇନ୍ସପେକ୍ଟର ପ୍ରଭାତ କୁମାର ନାୟକଙ୍କ ଫେସବୁକରୁ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସଜନୀ ବିବାହ କରିବା ପାଇଁ ପ୍ରଭାତଙ୍କୁ ଚାପ ପକାଉଥିବାରୁ ଏହି ଘଟଣା ଲୋକଲୋଚନକୁ ଆସିଥିଲା। ଯାହାକୁ ନେଇ ପାୟଲ ଉଭୟଙ୍କ ମଧ୍ୟରେ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ମାତ୍ର ଏଥିରେ ଉତକ୍ଷିପ୍ତ ହୋଇ ସଜନୀ ୨୦୨୬ ଅଗଷ୍ଟ ୮ ତାରିଖ ମଧ୍ୟାହ୍ନ ୧୨ଟା ସମୟରେ ପାୟଲଙ୍କ ଘରେ ପଶି ଭଙ୍ଗାରୁଜା କରିଥିଲା। ଏପରିକି ପାୟଲଙ୍କ ସ୍ୱାମୀ ସିଦ୍ଧାର୍ଥଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଛାତ ଉପରକୁ ଉଠି ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ। ସମସ୍ତ ଡ୍ରାମା ଦେଖି ପାୟଲ ଓ ତାଙ୍କ ଝିଅ ସଜନୀକୁ ବୁଝାସୁଝା କରି ତଳକୁ ଆଣିଥିଲେ। ଏହି ଘଟଣାକୁ ନେଇ ପାୟଲଙ୍କ ଅଭିଯୋଗକ୍ରମେ ଟାଉନ ଥାନା ପୁଲିସ ପ୍ରିୟଙ୍କା ଓରଫ ସଜନୀ ବିଶ୍ୱାଳଙ୍କ ନାମରେ ଏକ ମାମଲା (କେସ ନଂ ୫୧୯/୨୬) ମଧ୍ୟ ରୁଜୁ କରିଥିଲା। ଏହି ଘଟଣା ପରଠାରୁ ସଜନୀ ପ୍ରତିଶୋଧ ପରାୟଣ ହୋଇ ପାୟଲ ଓ ତାଙ୍କ ସ୍ୱାମୀଙ୍କ ନାମରେ ମିଥ୍ୟା କପୋଳକଳ୍ପିତ ଅଭିଯୋଗ କରିଛନ୍ତି ବୋଲି ସେ କହିଛନ୍ତି। ତଦନ୍ତରେ ସେ ସମସ୍ତ ପ୍ରମାଣପତ୍ର ପ୍ରଦାନ କରିବେ ବୋଲି କହିଛନ୍ତି। ଟାଉନ ପୁଲିସ ଶନିବାର ସବଇନ୍ସପେକ୍ଟରଙ୍କୁ କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୯ ତାରିଖକୁ ରହିଛି। ସବଇନ୍ସପେକ୍ଟରଙ୍କ ସହିତ ପୁଲିସ ଆଉ ୭ ଜଣଙ୍କୁ ମାମଲାରେ ଅଭିଯୁକ୍ତ କରିଛି। ଯେଉଁଥିରେ ପାୟଲ ଓ ତାଙ୍କ ସ୍ୱାମୀ ରହିଛନ୍ତି।

## ବର୍ଷାରେ ଭୁଶୁଡ଼ିଲା ୨ଟି ଘରର କାନ୍ଥ




ବାରିପଦା,୨୩।୮ (ସମିସ): ରବିବାର ବାରିପଦାରେ ଭାରି ବର୍ଷା ଯୋଗୁଁ ସହରରେ ଦୁଇଜଣ ଗରିବ ଲୋକଙ୍କ କାନ୍ଥ ଦବି ଘର ଭାଙ୍ଗିପଡିଛି। ସୌଭାଗ୍ୟବଶତଃ କେହି ମୃତାହତ ହୋଇନାହାନ୍ତି। ୧୯ନଂ ୱାର୍ଡର ମଣ୍ଟୁ ରାୟ ଓ ଗଜେନ୍ଦ୍ର ଚୌଧୁରୀଙ୍କ ଘର ଭାଙ୍ଗିଥିବା ଖବରପାଇବା ପରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ବିଜେଡି ନେତା ସୁଜିତ ମହାନ୍ତି ଓ କାଉନସିଲର ଦିଗବିଜୟୀ ହାଁସଦା ପହଞ୍ଚିଥିଲେ। ସରକାରଙ୍କ ତରଫରୁ ଉଭୟ ପରିବାରକୁ ସହାୟତା ପ୍ରଦାନ କରିବା ପାଇଁ ବାରିପଦା ତହସିଲଦାରଙ୍କ ସହ ଆଲୋଚନା କରିଛନ୍ତି। ଖୁବଶୀଘ୍ର ତଦନ୍ତ ପୂର୍ବକ ସହାୟତା ପ୍ରଦାନ କରିବା ସେ ପ୍ରତିଶ୍ରୁତି ଦେଇଛନ୍ତି। ରବିବାର ସକାଳ ଓ ସନ୍ଧ୍ୟାରେ ପ୍ରବଳ ବର୍ଷା ପାଇଁ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଛି।

## ହଟହଟା ହେଲେ ନିଶାସକ୍ତ ଶିକ୍ଷକ



ଉଦଳା,୨୩।୮ (ସମିସ): ନିଶାସକ୍ତ ଅବସ୍ଥାରେ ଥିବା ଜଣେ ହଟହଟା ହୋଇଛନ୍ତି। ଉଦଳା ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ପ୍ରାୟ ୧୦. ୩୦ ସମୟରେ ଜଣେ ବ୍ୟକ୍ତି ଏକ ଦୁଇଚକିଆ ଗାଡିକୁ ଚାବି ପୂରାଇ ଷ୍ଟାର୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଉକ୍ତ ଗାଡ଼ି ମାଲିକ ମୋ' ଗାଡ଼ି କାହିଁକି ଚାବି ପୁରାଉଛ କହି ଡାକ୍ତରଖାନାରେ ସମସ୍ତଙ୍କୁ ଜଣାଇଥିଲେ। ସଙ୍ଗେ ସଙ୍ଗେ ଡାକ୍ତରଖାନାର କର୍ମଚାରୀ ପହଞ୍ଚି ବୁଝିବାରୁ ସେ ଜଣେ ଶିକ୍ଷକ ଓ ସେ ସମ୍ପୂର୍ଣ୍ଣ ନିଶାରେ ଥିବା ଦେଖିବାକୁ ପାଇଥିଲେ। ପରେ ଆରମ୍ଭ ହୋଇଥିଲା ଖୋଳତାଡ଼ ଜଣାପଡିଲା ତାଙ୍କ ଘର ପୁରୀ ଜିଲ୍ଲା ପଞ୍ଚୁପଡା ଗୁଆଳିପଡ଼ା ଅଞ୍ଚଳର ଭିକାରି ପ୍ରଧାନଙ୍କ ପୁତ୍ର ଅଭିମନ୍ୟୁ ପ୍ରଧାନ (୩୭) ଯାହାକି ଆଧାର କାର୍ଡ ଦ୍ୱାରା ଜଣାପଡ଼ିଥିଲା। ସେ ଉଦଳା ବ୍ଲକ କୋଚିଲାଡିହା ପଞ୍ଚାୟତ ସରାସବିଲା ଆଶ୍ରମ ବିଦ୍ୟାଳୟରେ ଶିକ୍ଷକତା କରନ୍ତି ବୋଲି ଜଣାପଡିଥିଲା। ଏ ନେଇ ଉଦଳା ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଲିପି ପୁଷ୍ପା ଦାସଙ୍କୁ ପଚାରିବାରୁ ସେ ପ୍ରକାଶ କରିଛନ୍ତି। ପୂର୍ବରୁ ଏହି ଶିକ୍ଷକ ଜଣକ ବହୁବାର ଆସି ଉଦଳା ଡାକ୍ତରଖାନାରେ ରୋଗୀଙ୍କ ନିମନ୍ତେ ଖୋଲାଯାଇଥିବା ନିରାମୟ ଅପେକ୍ଷା ଗୃହରେ ନିଶାସକ୍ତ ଅବସ୍ଥାରେ ଶୋଇଯା'ନ୍ତି। ସିକ୍ୟୁରିଟି ତାଙ୍କୁ ଉଠାଇବା ପରେ ସେ ଘରକୁ ଯାଇଥା'ନ୍ତି। ତାଙ୍କର ଏଭଳି ଆଚରଣ ଆଜି ଜଣାପଡିବା ପରେ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

## ଏକଲବ୍ୟ ବିଦ୍ୟାଳୟରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ୍

### ବାରିପଦା ଶାଖା ଆନୁକୂଲ୍ୟରେ ସଚେତନା ଶିବିର




ବାରିପଦା, ୨୩।୮ (ସମିସ): ବାରିପଦା ନିକଟସ୍ଥ କୁଳିଅଣା ବ୍ଲକ ଅନ୍ତର୍ଗତ ଏକଲବ୍ୟ ଆବାସିକ ବିଦ୍ୟାଳୟରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ ବାରିପଦା ଶାଖା ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀଶଙ୍କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା ଶିବିରରେ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ, ଓଡ଼ିଶାର କାର୍ଯ୍ୟକାରୀ ସଚିବ ଓ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ, ବାରିପଦା ଶାଖା ସଭାପତି ସ୍ୱରୂପ କୁମାର ବଶାଙ୍କ ସମେତ ଦେବାଶିଷ ଦାସ, ଦିଲ୍ଲୀପ କୁମାର ଦାସଶର୍ମା, କନିକା ବୋଷ, ମୂର୍ଚ୍ଛନା ଦାସପଟ୍ଟନାୟକ, ନମିତା ସେଠୀ, ଜଗନ୍ନାଥ ମିଶ୍ର, ଗୋକୁଳ ଦାସ, ବିବେକାନନ୍ଦ ପାତ୍ର ଓ ସୁରେଶ ମହାନ୍ତି ପ୍ରମୁଖ ଯୋଗଦେଇ ନାଗରିକର ମୌଳିକ ଅଧିକାର, ଏହାର ସୁରକ୍ଷା ଓ ନାଗରିକର ମୌଳିକ ଜର୍ତ୍ତବ୍ୟ, ବଜ୍ରପାତଜନିତ ଅଘଟଣର ପ୍ରାରମ୍ଭିକ ବିଧି ଓ ସୁରକ୍ଷାର ପଦ୍ଧତି, ସଡ଼କ ସୁରକ୍ଷା, ମୋବାଇଲ ଫୋନର ଅନୁପଯୁକ୍ତ ବ୍ୟବହାର, ପଲିଥିନ ବ୍ୟାଗ ମୁକ୍ତ ସମାଜ, ଯାତାୟାତ କରିବାର ବିଧି, ଜଳର ଅପଚୟତା, ଆବଶ୍ୟକ ଅନୁଯାୟୀ ବ୍ୟବହାର ଓ ଭୂତଳ ଜଳ ଭବିଷ୍ୟତ ପାଇଁ ସଂରକ୍ଷିତ ରଖିବାର ଉପାଦେୟତା, ସର୍ପ ଦଂଶନର ପ୍ରାରମ୍ଭିକ ବିଧି ଓ ସୁରକ୍ଷା, ହସ ମାଧ୍ୟମରେ ଶରୀରର ବିକାଶ, ଛାତ୍ରଛାତ୍ରୀଙ୍କ ମାନସିକ ବିକାଶ, ସ୍ୱଚ୍ଛତା, ପଢ଼ିବା କୌଶଳ ଓ ଗୋଷ୍ଠୀ ମାଧ୍ୟମରେ ଆଲୋଚନା କରିବାର ଉପକାରିତା, ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଖାଦ୍ୟର ଆବଶ୍ୟକତା ଓ ସ୍ୱଳ୍ପ ସଞ୍ଚୟ କରିବା ଅଭ୍ୟାସ ଉପରେ ଆଲୋକପାତ କରିଥିଲେ। ବିଦ୍ୟାଳୟ ପକ୍ଷରୁ ପଦ୍ମାବତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା ଓ ସିଟିଜେନ୍ସ ହ୍ୟୁମାନ ରାଇଟ୍ସ କ୍ଲିନିକ ପକ୍ଷରୁ ଶ୍ରୀ ବଶା ବିଦ୍ୟାଳୟର ଅଧ୍ୟକ୍ଷ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିବା ସହ ଛାତ୍ରଛାତ୍ରୀଙ୍କ ସହନଶୀଳତାର ପ୍ରଶଂସା କରିଥିଲେ।

## ଇନଟାକ୍ ଜାତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା




ବାରିପଦା,୨୩।୮ (ସମିସ): ଇଣ୍ଡିଆନ ନ୍ୟାସନାଲ ଟ୍ରଷ୍ଟ ଫର୍ ଆର୍ଟ ଆଣ୍ଡ କଲଚରାଲ ହେରିଟେଜ (ଇନଟାକ୍) ଆନୁକୂଲ୍ୟରେ ଜାତୀୟ ଐତିହ୍ୟ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର କନଭେନର ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓଙ୍କ ପୌରୋହିତ୍ୟରେ ସ୍ଥାନୀୟ ମହାରାଣୀ ପ୍ରେମ କୁମାରୀ ବାଳିକା ବିଦ୍ୟାଳୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୧୨ଟି ସ୍କୁଲର ୧୩୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀ ଦୁଇଜଣିଆ ଦଳରେ ବିଭକ୍ତ ହୋଇ ଲିଖିତ ରାଉଣ୍ଡରେ ଭାଗ ନେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କ ମଧ୍ୟରୁ ମନୋନୀତ ୪ଟି ଦଳ ଅଡିଓ ଭିଜୁଆଲ ରାଉଣ୍ଡରେ ଅଂଶଗ୍ରହଣ କରିବେ ଓ ଶ୍ରେଷ୍ଠ ବିବେଚିତ ଦଳ ରାଜ୍ୟ ସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଅନୁଷ୍ଠାନର କୋ-କନଭେନର୍ ଶ୍ୟାମସୁନ୍ଦର ଦାସ ସୂଚନା ଦେଇଛନ୍ତି। ଭାରତର ଐତିହ୍ୟର ସଂରକ୍ଷଣ ପାଇଁ ଉତ୍ସର୍ଗୀକୃତ ଇନଟାକ୍ ପ୍ରତିବର୍ଷ ସମଗ୍ର ଦେଶରେ ଏହି ପ୍ରତିଯୋଗିତାର ଆୟୋଜନ କରିଥାଏ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଜର ଐତିହ୍ୟ ଓ ପରମ୍ପରାକୁ ପରିଚିତ କରି ଏହାର ସଂରକ୍ଷଣ ସକାଶେ ସମ୍ବେଦନଶୀଳତାକୁ ଉଦ୍ରେକ କରିବା ପାଇଁ ଏହାର ମୂଳଲକ୍ଷ୍ୟ ବୋଲି ଇନଟାକ୍ ପକ୍ଷରୁ କୁହାଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ପ୍ରଦୀପ କୁମାର ପାଣି, ବସନ୍ତ ପାତ୍ର, ସନ୍ତୋଷ କୁମାର କାସ୍ତ, ନଳୀନ କୁମାର ଚୌଧୁରୀ, ସରୋଜ ମିଶ୍ର, ପ୍ରଦୀପ ନାୟକ ଓ ବିଭୁଦତ୍ତ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ।

## କରଞ୍ଜିଆ ବିଜେଡିର ୩ଟି କମିଟି ପାଇଁ ନୂଆ କର୍ମକର୍ତ୍ତା

କରଞ୍ଜିଆ,୨୩।୮ (ସମିସ): ବିଜେଡି ମୟୂରଭଞ୍ଜ-୨ ଜିଲ୍ଲା ସଂଗଠନ ଅନ୍ତର୍ଗତ କରଞ୍ଜିଆ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ (ବିଜେଡି) ନିଜର ଦଳୀୟ ସଂଗଠନକୁ ଅଧିକ କ୍ରିୟାଶୀଳ କରିବା ପାଇଁ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛି। ଦଳର ଶୀର୍ଷ ନେତୃତ୍ୱଙ୍କ ନିର୍ଦ୍ଦେଶକ୍ରମେ ବିଜେଡିର ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ର ଏହି ନିଯୁକ୍ତି ପତ୍ର ପ୍ରକାଶ କରିଛନ୍ତି। ଏହି ନୂତନ କମିଟି ତୁରନ୍ତ କାର୍ଯ୍ୟକ୍ଷମ ହେବ ବୋଲି ସଙ୍କେତ ଭବନ ପକ୍ଷରୁ ଜାରି ସରକାରୀ ଆଦେଶରେ କୁହାଯାଇଛି। ଠାକୁରମୁଣ୍ଡା ବ୍ଲକ ବିଜେଡି ସଭାପତି ଭାବେ ଚନ୍ଦ୍ରଶେଖର ପଣ୍ଡାଙ୍କୁ ଦାୟିତ୍ୱ ଦିଆଯାଇଛି। ସୁରେଶ ଚନ୍ଦ୍ର ମହାନ୍ତ, ଯୁଧିଷ୍ଠିର ମହାନ୍ତ ଓ ନିରାକାର ପାଲେଇ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ପର୍ଶୁରାମ ପଣ୍ଡା, ଚକ୍ରଚୌଧୁରୀ ଗିରି, ଆର୍ତ୍ତ ଦାସ, ବସନ୍ତ କୁମାର ବିଶ୍ୱାଳ ଓ ଯୁଗଳ କିଶୋର ବାରିକଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ମିଳିଛି। ଶୈଳେଶ ନାଏକ, ସୁଶୀଲ ଚନ୍ଦ୍ର ମହାନ୍ତ, ବୀରେନ୍ଦ୍ର ପାଲେଇ, ଦିଲ୍ଲୀପ ବେହେରା, ସୁଧାକର ଦେହୁରୀ, ସମ୍ୟରଞ୍ଜନ ସେଠୀ ଓ ମନୋଜ କୁମାର ନାୟକ ସମ୍ପାଦକ ଭାବେ ନିଯୁକ୍ତ ହୋଇଥିବାବେଳେ ଅଶ୍ୱିନୀ ସିମ୍ନାଖିଆଙ୍କୁ କୋଷାଧ୍ୟକ୍ଷ କରାଯାଇଛି। କରଞ୍ଜିଆ ପୌରାଞ୍ଚଳ ପାଇଁ ଗୌରୀଶଙ୍କର ସିହ୍ନାଙ୍କୁ ନଗର ସଭାପତି ଦାୟିତ୍ୱ ମିଳିଛି। ଲକ୍ଷ୍ମୀଧର ମହାନ୍ତ, ଘନଶ୍ୟାମ ବାରିକ ଓ ବିଦ୍ୟାଧର ମହାନ୍ତ ଉପସଭାପତି ଭାବେ କାର୍ଯ୍ୟ ତୁଲାଇବେ। ଅରବିନ୍ଦ ଖଟୁଆ, ମହେନ୍ଦ୍ରନାଥ ଦାସ, ହୃଷିକେଶ ମହାନ୍ତ, ନିରାକାର ପାତ୍ର ଓ ବିଜୟ ନାଏକ ସାଧାରଣ ସମ୍ପାଦକ ମନୋନୀତ ହୋଇଛନ୍ତି। ସମ୍ପାଦକ ଭାବେ ଦୀନବନ୍ଧୁ ବାରିକ, ବିନୋଦ ପାଣ୍ଡେ, ଗିରୀଶ ତ୍ରିପାଠୀ, ଭାବଗ୍ରାହୀ ମହାନ୍ତ, ରଞ୍ଜିତ ଖଟୁଆ, ଆସିଫ ଇକବାଲ, ସମ୍ବିତ ମହାନ୍ତି ଓ କୋଷାଧ୍ୟକ୍ଷ ଭାବେ ସୁରେନ୍ଦ୍ର ମହାନ୍ତଙ୍କୁ ଦାୟିତ୍ୱ ଦିଆଯାଇଛି। କରଞ୍ଜିଆ ବ୍ଲକ ସଭାପତି ଭାବେ ପଙ୍କଜ କୁମାର ମହାନ୍ତଙ୍କ ନାମ ଘୋଷଣା କରାଯାଇଛି। ନବୀନ କୁମାର ମହାନ୍ତ, ସୋମାଏ ପୂର୍ତ୍ତି ଓ ରାଜେନ୍ଦ୍ର କୁମାର ମହାନ୍ତ ଉପସଭାପତି ଦାୟିତ୍ୱ ପାଇଛନ୍ତି। ସୁବାସ ଚନ୍ଦ୍ର ସେଠୀ, ଆଇବନ ନାଏକ, ଚିତ୍ତରଞ୍ଜନ ସେଠୀ, କମଳ କୁମାର ବାରିକ ଓ ସୁଶୀଲ କୁମାର ମହାନ୍ତ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିବେ। ସେହିପରି ଜ୍ୟୋତ୍ସ୍ନାରାଣୀ ନାଏକ, ମହମ୍ମଦ ମମତାଜ ଅନସାରୀ, ସୁଶାନ୍ତ ବେହେରା, ଶରତ କୁମାର ବାରିକ, ଲଳିତ କୁମାର ମହାନ୍ତ, ମନୋରଞ୍ଜନ ମହାନ୍ତ, ଛତୀଶ ଚନ୍ଦ୍ର ମହାନ୍ତଙ୍କୁ ସମ୍ପାଦକ ଓ ଅରୁଣ କୁମାର ପଣ୍ଡାଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଦିଆଯାଇଛି। ଏହି ନୂତନ ନିଯୁକ୍ତି ଦ୍ୱାରା ଅଞ୍ଚଳରେ ବିଜେଡିର ସଂଗଠନ ଅଧିକ ସୁଦୃଢ଼ ହେବ ବୋଲି ଦଳୀୟ କର୍ମୀ ଓ ନେତୃବୃନ୍ଦ ଆଶା ପ୍ରକାଶ କରିଛନ୍ତି।

## କମଳା ମହାନ୍ତ ମୟୂରଭଞ୍ଜ-୨ ବିଜୁ ଜନତା ଦଳ ମହିଳା ସଭାପତି



ଯଶିପୁର,୨୩।୮ (ସମିସ): ବିଜୁ ମହିଳା ଜନତା ଦଳର ମହିଳା ସଂଗଠନକୁ ଅଧିକ ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି ସୁପ୍ରିମୋ ନବୀନ ପଟ୍ଟନାୟକ। ମୟୂରଭଞ୍ଜ-୨ ସାଙ୍ଗଠନିକ ଜିଲ୍ଲା ବିଜୁ ମହିଳା ଜନତା ଦଳ ନୂତନ ସଭାପତି ଭାବେ ଯଶିପୁର ନିର୍ବାଚନମଣ୍ଡଳୀର ପୂର୍ବତନ ବିଜେଡି ଜିଲ୍ଲା ପରିଷଦ ସଦସ୍ୟା ୪୪ନଂ ଜୋନ୍ ତଥା ବର୍ତ୍ତମାନ ରରୁଆଁ ବ୍ଲକର ଉପାଧ୍ୟକ୍ଷା କମଳା ମହାନ୍ତଙ୍କୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଦୁଇ ଦୁଇଥର ଲୋକପ୍ରତିନିଧି ତଥା ସମସ୍ତ ଜଣସାଧାରଣ ପାଇଁ ଲଗାତର ନିଷ୍ଠାପର ଭାବରେ କାର୍ଯ୍ୟ କରିଆସୁଥିବା ଲୋକପ୍ରିୟତାକୁ ଦୃଷ୍ଟିରେ ରଖି ଦଳର ହାଇକମାଣ୍ଡ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି। ଏହି ଘୋଷଣା ପରେ ବିଜେଡି ମହିଳା ଶିବିରରେ ଖୁସିର ଲହରି ଦେଖାଯାଇଛି। ନୂତନ ଦାୟିତ୍ୱ ପାଇବା ପରେ ଶ୍ରୀମତୀ ମହାନ୍ତ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ବିଜେଡି ସଭାପତି ସ୍ନେହାଗିନୀ ଛୁରିଆ, ମୟୂରଭଞ୍ଜ ଜିଲ୍ଲା ସଭାପତି, କାର୍ଯ୍ୟକାରୀ ସଭାପତି, ପୂର୍ବତନ ମନ୍ତ୍ରୀ, ଜିଲ୍ଲାର ଯୁବଛାତ୍ର ସଭାପତି, କନଷ୍ଟିଚୁଏନସି ଲିଡର, ସମସ୍ତ ବ୍ଲକର ସଭାପତି ସମେତ ସମସ୍ତ ବିଜୁ କର୍ମୀଙ୍କୁ ସାଧୁବାଦ ଜଣାଇଛନ୍ତି। ଆଗାମୀ ଦିନରେ ବିଜୁ ମହିଳା ସଂଗଠନକୁ ଅଧିକ ମଜବୁତ ସହ ନାରୀ ଅଧିକାର ପାଇଁ ଲଢେଇ ଜୋରଦାର କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତାଙ୍କ ନିଯୁକ୍ତି ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟିବାରେ ଲାଗିଛି।

### ● ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

## ଦିଲ୍ଲୀପ ସଭାପତି ଓ ସୁନୀଲ ସମ୍ପାଦକ



ବାରିପଦା,୨୩।୮ (ସମିସ): ସ୍ଥାନୀୟ ଲାଲବଜାରସ୍ଥ ଶିକ୍ଷକ ଭବନରେ ମୟୂରଭଞ୍ଜ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଆରତ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ପୂର୍ବତନ ସମ୍ପାଦକ ବିମଳ କୁମାର ଆଚାର୍ଯ୍ୟ ଜିଲ୍ଲା ସଂଘର ଗୌରବମୟ ସଂଘର୍ଷପୂର୍ଣ୍ଣ ଇତିହାସ ଉପରେ ଆଲୋକପାତ କରିବା ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ଶିକ୍ଷକ ସମାଜର ସୁଖଦୁଃଖର ସାଥି ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଙ୍ଗଠନିକ ସମ୍ପାଦକ ବଳରାମ ନାଥ, କୋଷାଧ୍ୟକ୍ଷ ଅଞ୍ଜନ ପାତ୍ର, ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର ଉପସ୍ଥିତ ରହି ସଂଘୀୟ କାର୍ଯ୍ୟକଳାପ ଉପରେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଦିଲ୍ଲୀପ କୁମାର ପାତ୍ର ସଭାପତି, ରଞ୍ଜନ କୁମାର ବାରିକ କାର୍ଯ୍ୟକାରୀ ସଭାପତି, ଗାୟତ୍ରୀ ବେହେରା ଉପସଭାପତି, ସୁନୀଲ ବଡେ ସମ୍ପାଦକ, ଲଳିତ କୁମାର ବେହେରା, ଚନ୍ଦ୍ରାବତୀ ମହାନ୍ତ, ସବିତାରାଣୀ ବାଗ ସାଙ୍ଗଠନିକ ସମ୍ପାଦକ, କ୍ଷେତ୍ରମୋହନ ପ୍ରଧାନ, ଦେବବ୍ରତ ବାରିକ ଓ ମନୋଜ କୁମାର ବାରିକ ଜୋନାଲ ସମ୍ପାଦକ, କୋଷାଧ୍ୟକ୍ଷ ପ୍ରଦୀପ କୁମାର ଦେ, ଚନ୍ଦ୍ରମୋହନ ବେହେରା ଜିଲ୍ଲା ସଂଯୋଜକ ପ୍ରମୁଖ ଜିଲ୍ଲା ସଂଘର ନୂତନ କର୍ମକର୍ତ୍ତା ଭାବେ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି। ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ଶିକ୍ଷକ ନେତା ଶମ୍ଭୁନାଥ ପାଣି, ଈଶ୍ୱର ଚନ୍ଦ୍ର ବେହେରା ଓ ରାମକୃଷ୍ଣ ସାହୁ ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିଥିଲେ।

### ବନ୍ୟାରେ ଧୋଇଯାଇଛି ପୋଲର ଦୁଇ ପାର୍ଶ୍ୱ

# ବିପଦପୂର୍ଣ୍ଣ ଦେଓ ନଦୀର ଜାମୁଘାଟ ଅସ୍ଥାୟୀ ପୋଲ



କୁଆମରା,୨୩।୮ (ସମିସ):

ଉଦଳାରୁ ଜୟପୁର ଦେଇ ବାଲେଶ୍ୱରକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରବାହିତ ଦେଓ ନଦୀ ଉପରେ ଜାମୁଘାଟ ଅସ୍ଥାୟୀ ପୋଲ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଲଗାଣ ବର୍ଷା ଯୋଗୁଁ ଚଳିତବର୍ଷ ଦୁଇମାସ ମଧ୍ୟରେ ପାଞ୍ଚଥର ବନ୍ୟା ହୋଇଛି। ଫଳରେ ନଦୀର ଅସ୍ଥାୟୀ ପୋଲର ଦୁଇ ପାଶ୍ୱର୍ ବନ୍ୟା ପାଣିରେ ଧୋଇଯିବା ଯୋଗୁଁ ସପ୍ତାହ ହେବ ଯାତାୟାତରେ ବାଧା ଉପୁଜିଛି। ଦୁଇ ପାଶ୍ୱର୍ରେ ପ୍ୟାକିଂ ଦିଆଯାଇଥିବା ପଥର ବାହାରି ପଡିବା ସହ ମାଟି ଧୋଇଯାଇ ରାସ୍ତା ସଙ୍କୁଚିତ ହୋଇଛି, ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବାଇକ ଚାଳକଙ୍କ ପାଇଁ ବିପଦ ଦେଖାଦେଇଛି। ଏହାଦ୍ୱାରା ଉଦଳା-ବାଲେଶ୍ୱର-ବୈଶିଙ୍ଗା ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ୭ କୋଟି ୫୪ ଲକ୍ଷ ୩୫ ହଜାର ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ପୋଲର ଅବଧି କାଳ ୮ ମାସ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ସଂପୂର୍ଣ୍ଣ ହେବାକୁ ଆହୁରି ୩୦ ପ୍ରତିଶତ ବାକି ରହିଛି। ତେବେ ଚଳିତ ବର୍ଷ ବାରମ୍ବାର ଲଘୁଚାପ ଓ ଅତ୍ୟଧିକ ବର୍ଷା ଯୋଗୁଁ ଅଞ୍ଚଳବାସୀ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ପୂର୍ତ୍ତ ବିଭାଗର ପ୍ରମୁଖ ରାସ୍ତା (ଏମଡିଆର-୭୦)ରେ ଉଦଳା, କପ୍ତିପଦା, ଶରତ, ଠାକୁରମୁଣ୍ଡା ସହିତ ବାଲେଶ୍ୱର, ରେମୁଣା, ରୁପସା, ମାଣତ୍ରୀ ଓ ବୈଶିଙ୍ଗା ପାଇଁ ନିର୍ଭର ଜନସାଧାରଣ ଅଯଥା ଖର୍ଚ୍ଚାନ୍ତ ହୋଇ ୧୫ କିଲୋମିଟର ଦୂର କନ୍ହେଇବନ୍ଧ ଦେଇ ବୁଲି ଯିବାକୁ ପଡୁଛି। ସରକାର ବଦଳିବାର ଦୁଇବର୍ଷ ବିତିଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇ ନ ପାରିବା ପରିତାପର ବିଷୟ। ଏଣୁ ଜୀବନ ହାନି ଘଟିବା ପୂର୍ବରୁ ସ୍ଥାୟୀ ସମାଧାନ କରିବା ଜରୁରୀ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

# ସମ୍ପାଦକୀୟ



ସରଳତାରେ ହିଁ ସତ୍ୟ ଲୁଚି ରହିଥାଏ।
-ନିଉଟନ୍

ସକାଳ
THE SAKALA

## ଗୋପନୀୟତା ଉଲ୍ଲଙ୍ଘନ

ଗତ ମାସରେ ଦିଲ୍ଲୀର ଯନ୍ତରମନ୍ତରଠାରେ ସିଜେପି ଆୟୋଜିତ ଜେନ୍ ଜେଡ୍ ଆନ୍ଦୋଳନରେ ଭାଗ ନେଇଥିବା ଛାତ୍ରୀ ଓ ଯୁବତୀମାନଙ୍କ ଫଟୋ, ଭିଡିଓ ସମେତ ସେମାନଙ୍କ ପରିଚୟ ସାମାଜିକ ଗଣମାଧ୍ୟମର ବିଭିନ୍ନ ମଞ୍ଚରେ ପ୍ରଘଟ ହେବା ପରେ ଗୋପନୀୟତା ଉଲ୍ଲଙ୍ଘନ ଭଳି ବିବାଦ ଉଠିଛି। ଏପରିକି ସେମାନଙ୍କ ଜୀବନ ପ୍ରତି ବିପଦ ଥିବା ମଧ୍ୟ ସାଇବର ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏହି ଆନ୍ଦୋଳନକୁ ଅବଶିଷ୍ଟ ଭାରତବାସୀଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସାମାଜିକ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିଲା। କିନ୍ତୁ ଏବେ ସେହି ମଞ୍ଚ ହିଁ କିଛି ଆନ୍ଦୋଳନକାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି।

ସାମାଜିକ ଗଣମାଧ୍ୟମରେ ବିନାନୁମତିରେ ଫଟୋ ସହିତ ପରିଚୟ ଓ ଠିକଣା ପ୍ରଘଟ କରିବା ଧର୍ତ୍ତବ୍ୟ ଅପରାଧ ହୋଇଥିବାରୁ ପୀଡ଼ିତମାନେ ଚାହିଁଲେ ସମ୍ପୃକ୍ତ ପ୍ରଘଟକାରୀ ଏପରିକି ସମ୍ପୃକ୍ତ ଗଣମାଧ୍ୟମ ସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରେ। 'ଡକ୍ସିଂ' ଭାବରେ ନାମିତ ଏହିଭଳି ସାଇବର ଅପରାଧ ମହିଳା ଗୋପନୀୟତା ଉପରେ ଆକ୍ରମଣ ଭାବେ ଅଭିହିତ କରାଯାଉଥିବାରୁ ଏଥିପାଇଁ 'ଭାରତୀୟ ନ୍ୟାୟ ସଂହିତା'ରେ ଏକାଧିକ ଧାରା ଯଥା ୭୮, ୭୯, ୩୫୧ରହିଛି। ସେହିଭଳି ଏ କ୍ଷେତ୍ରରେ 'ପୋକ୍ସୋ' ଆଇନର ଧାରା ୧୨ ମଧ୍ୟ ପ୍ରଯୁଜ୍ୟ। ଏହାଛଡ଼ା 'ସୂଚନା ଓ ପ୍ରଯୁକ୍ତି ବିଦ୍ୟା' ଆଇନ ଧାରା ୬୬ଇ, ୭୨ଏ ଏଭଳି ଆଚରଣକୁ ଆପରାଧିକ ସଞ୍ଜ୍ଞା ଦେଇ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାର ପ୍ରାବଧାନ କରିଛି। କିନ୍ତୁ ଅଡୁଆ ହେଉଛି ଆନ୍ଦୋଳନ ବେଳେ ବିଶୃଙ୍ଖଳା ସୃଷ୍ଟି ଅଭିଯୋଗରେ ଅନେକ ଛାତ୍ରୀ ଓ ଯୁବତୀଙ୍କ ନାମରେ ପୁଲିସ୍ ମାମଲା ରୁଜୁ ପ୍ରକ୍ରିୟା ଆରମ୍ଭ କରିସାରିଥିବାରୁ ଡକ୍ସିଂ ପୀଡ଼ିତମାନେ ପୁଲିସ୍ ସହାୟତା ମାଗିବା ଆଶା କ୍ଷୀଣ।

ଏଆଇର ଉପଯୋଗ ଡକ୍ସିଂ ପୀଡ଼ାକୁ ଆହୁରି ଯନ୍ତ୍ରଣାଦାୟକ କରିଛି। କେତେବେଳେ କାହାର ଫଟୋ ବିକୃତ କିମ୍ବା କଦର୍ଯ୍ୟ ହୋଇ କେଉଁଠି ପ୍ରଘଟ ହେବ ତାହା କେହି ନିଶ୍ଚିତ କରିପାରିବେ ନାହିଁ। ଏଥିଯୋଗୁଁ ସାମାଜିକ ମାନମର୍ଯ୍ୟାଦା କ୍ଷୁଣ୍ଣ ହେବା ସହିତ ପାରିବାରିକ ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହେଉଛି। ଏହି ପୃଷ୍ଠଭୂମିରେ ପୀଡ଼ିତମାନେ ସାମାଜିକ ଗଣମାଧ୍ୟମ ମଞ୍ଚ ବିରୋଧରେ ଅଭିଯୋଗ କରିପାରିବେ ଏବଂ ପୋଷ୍ଟଗୁଡ଼ିକୁ ହଟାଇବା ପାଇଁ ଦାବି କରିପାରିବେ। ସୂଚନା ପ୍ରଯୁକ୍ତି(ଅନ୍ତରୀଣ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ଗଣମାଧ୍ୟମ ନୈତିକ ସଂହିତା) ଅଧିନିୟମ ୨୦୨୧ ଅନୁଯାୟୀ ସମ୍ପୃକ୍ତ ମଞ୍ଚମାନେ 'ଡକ୍ସିଂ' ପାଇଁ ଉତ୍ତରଦାୟୀ ଏବଂ ଆଇନତଃ ଅଭିଯୁକ୍ତ ହୋଇପାରିବେ। ଉକ୍ତ ଅଧିନିୟମ ଅନୁଯାୟୀ ପୀଡ଼ିତମାନେ ଫଟୋ/ଭିଡିଓ ପୋଷ୍ଟ ହେବାର ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ମଞ୍ଚ ନିକଟରେ ଅଭିଯୋଗ ଦାଖଲ କରିପାରିବେ ଏବଂ ଅଭିଯୋଗ ଦାଖଲର ୭ଦିନ ମଧ୍ୟରେ, କେତେକ ସମ୍ବେଦନଶୀଳ ଘଟଣାରେ ୩ଦିନ ମଧ୍ୟରେ, ଉକ୍ତ ସଂସ୍ଥା ଆପତ୍ତିଜନକ ପୋଷ୍ଟଗୁଡ଼ିକୁ ହଟାଇବାକୁ ବାଧ୍ୟ। କିନ୍ତୁ ସମ୍ପୃକ୍ତ ସଂସ୍ଥାମାନଙ୍କର ବେଖାତିର ଆଚରଣ ଯୋଗୁଁ ଆଇନ ଦନ୍ତହୀନ ବାଘରେ ରୂପାନ୍ତରିତ ହେଉଛି। ସମ୍ପୃକ୍ତ ସଂସ୍ଥାଗୁଡ଼ିକ ମଧ୍ୟ ଏତେ ପ୍ରଭାବଶାଳୀ ଯେ କୌଣସି ଦେଶର ଆଇନକାନୁନ୍‌କୁ ସମ୍ମାନ ଦେଉନାହାନ୍ତି କି ସେମାନଙ୍କ ବାସନ୍ଦ କରାଯାଇପାରୁନାହିଁ। ତେଣୁ ଗଣମାଧ୍ୟମ ସଂସ୍ଥାଙ୍କୁ ସମ୍ପୂର୍ଣ୍ଣ ବାସନ୍ଦ ବ୍ୟତୀତ 'ଡକ୍ସିଂ'ରୁ ମୁକୁଳିବାର ରାସ୍ତା ଖୁବ୍ ସଂକୁଚିତ।

## କୋଟିଆ କାହାର?

ଗୁଗୁଲ୍ ମ୍ୟାପ୍‌ରେ କୋଟିଆ ଗ୍ରାମପୁଞ୍ଜକୁ ଆନ୍ଧ୍ରପ୍ରଦେଶର ବୋଲି ଦର୍ଶାଯିବା ପରେ ପୁଣି ବିବାଦ ଉଠିଛି। ଗୁଗୁଲ୍ ଏଥିପାଇଁ କ୍ଷମା ମାଗୁ ବୋଲି ଦାବି ହୋଇଛି। କିନ୍ତୁ ଏଥିରେ ଗୁଗୁଲ୍‌ର ତ୍ରୁଟି ତୁଳନାରେ ଆନ୍ଧ୍ରପ୍ରଦେଶର ଭୂମିକା ଅଧିକ ଥିବା ମନେ ହେଉଛି। ନ୍ୟାୟିକ ଦୃଷ୍ଟିରୁ ଯାହା ଠିକ୍ ନୁହେଁ, ତାହାକୁ ରାଜନୈତିକ ପ୍ରଭାବ ଓ ଶକ୍ତି ପ୍ରୟୋଗ କରି ଠିକ୍ କରିହେବ ନାହିଁ। କୋଟିଆ ଗ୍ରାମପୁଞ୍ଜ ବିବାଦରେ ଆନ୍ଧ୍ରପ୍ରଦେଶ ସରକାର ବୋଧହୁଏ ଏହି ମୌଳିକ ବିଷୟଟିକୁ ପାସୋରି ଯାଉଛନ୍ତି। ଦୀର୍ଘ ୫୦ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ହେବ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତର ୨୮ କୋଟିଆ ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ବିବାଦ ରହିଛି। ଆନ୍ଧ୍ରପ୍ରଦେଶ ସ୍ୱତନ୍ତ୍ର ରାଜ୍ୟ ଭାବେ ଜନ୍ମନେବା (୧୯୫୬ ନଭେମ୍ବର ୧)ର ବହୁପୂର୍ବରୁ ୧୯୩୬ ଏପ୍ରିଲ୍ ପହିଲାରେ ଓଡ଼ିଶା ବ୍ରିଟିଶ ଇଣ୍ଡିଆର ପ୍ରଥମ ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ହେବା କାଳରୁ ତତ୍କାଳୀନ ମାଡ୍ରାସ୍ ପ୍ରେସିଡେନ୍ସି ସହିତ ଯେଉଁ ଦକ୍ଷିଣ ସୀମାନ୍ତ ସୀମା ଧାର୍ଯ୍ୟ ହୋଇଥିଲା ସେଥିରେ ଏହି ଗ୍ରାମପୁଞ୍ଜ ଓଡ଼ିଶାର ଅନ୍ତର୍ଭୁକ୍ତ ହୋଇଥିଲା। ତେବେ ପରବର୍ତ୍ତୀ କାଳରେ ନୂତନ ଆନ୍ଧ୍ର ଜନ୍ମ ନେବା ପରେ ପ୍ରାୟ ୨୦ ବର୍ଷର ଓଡ଼ିଶାର ଦାବିକୁ ବଦଳାଇ ଏସବୁ ଗ୍ରାମପୁଞ୍ଜ ଉପରେ ନିଜର ଅଧିକାର ଜାହିର କରିଆସୁଛି। ମାମଲାଟି ଏବେ ସୁପ୍ରିମକୋର୍ଟର ବିଚାରାଧୀନ ଅଛି ଏବଂ ଓଡ଼ିଶା ସପକ୍ଷରେ ସ୍ଥିତାବସ୍ଥା ରହିଛି।

ନିଜ ସୀମାର ସୁରକ୍ଷା ପାଇଁ ପରିସ୍ଥିତି ଓ ସମୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଲୋଡୁଛି। ଦୁର୍ଭାଗ୍ୟଜନକ ହେଲା, ଆମ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଦା ବିଷ୍ଣୁ ସାଜିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବହୁଦିନର ଜଟିଳ ସୀମା ବିବାଦ ସବୁକୁ ସମାଧାନ କରିବାରେ କେନ୍ଦ୍ର ସରକାର ଯେଉଁ ତତ୍ପରତା ପ୍ରକାଶ କରୁଛନ୍ତି, କୋଟିଆରେ ତାହା ଦେଖିବାକୁ ମିଳୁନାହିଁ। ଏହି ପ୍ରସଙ୍ଗରେ ରାଜନୈତିକ ସମାଧାନ ନ୍ୟାୟିକ ନିଷ୍ପତ୍ତିଠାରୁ ଅଧିକ ଗୁରୁତ୍ୱ ବହନ କରେ। ଓଡ଼ିଶା ବାରମ୍ବାର ଏ କଥା କେନ୍ଦ୍ରର ନଜରକୁ ଆଣୁଛି, ସଂଘୀୟ ମଞ୍ଚରେ ଉପସ୍ଥାପନ କରୁଛି; କିନ୍ତୁ କିଛି ଫଳ ହେଉ ନାହିଁ। ଏହା ସୂଚାଉଛି ଯେ କେନ୍ଦ୍ର ସରକାର ସୀମା ପ୍ରସଙ୍ଗରେ ଓଡ଼ିଶା ପାଇଁ ଦୋହରା ମାନଦଣ୍ଡ ପ୍ରୟୋଗ କରୁଛନ୍ତି। ତେଣୁ ଏବେ ସମୟ ଆସିଛି ଗୁଗୁଲ୍‌କୁ ଦୋଷାରୋପ କରିବା ପରିବର୍ତ୍ତେ କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ସମ୍ପୃକ୍ତ ବିଭାଗକୁ ଉତ୍ତରଦାୟୀ କରିବାକୁ ପଡ଼ିବ।

## ନବପିଢ଼ିର ଶାଶ୍ୱତ ଅଗ୍ନିଶିଖା

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଆଜି ଜେନ୍-ଜେଡ୍ ଏବଂ ଜେନ୍-ଆଲ୍‌ଫାଙ୍କ ଜାଗରଣ ଅନେକଙ୍କୁ ଯେତିକି ବିସ୍ମିତ କରିଛି, ତା'ଠାରୁ ବହୁଗୁଣ ଉଲ୍ଲସିତ ବି କରିଛି। ବିସ୍ମିତ କରିଛି, କାରଣ ଅନେକେ ବେଶ୍ କିଛି ବର୍ଷ ହେଲାଣି ଭାବିବାରେ ଅଭ୍ୟସ୍ତ ହୋଇଯାଇଥିଲେ ଯେ ନୀତି, ନୈତିକତା, ଶୃଙ୍ଖଳା ଏବଂ ପ୍ରଶ୍ନହୀନ ଆନୁଗତ୍ୟ ବା ବଶମ୍ବଦତା ପରି ମୂଲ୍ୟବୋଧ ଓ ସଂସ୍କାର ସବୁରୁ ଆଜିର ପିଲାମାନେ କେବେ ବିଚ୍ୟୁତ ହେବେ ନାହିଁ କିମ୍ବା ଯଦି ବା କେବେ କୈଶୋର ବା ତାରୁଣ୍ୟର ଆଦ୍ୟ ଉଦ୍ଦୀପନା ଯୋଗୁଁ ସେଥିରୁ ବିଚ୍ୟୁତ ହେବେ, ଖୁବ୍ ଶୀଘ୍ର ପୁଣି ଠିକଣା ମାର୍ଗକୁ ଫେରିଆସିବେ। ଉଲ୍ଲସିତ ହୋଇଛନ୍ତି, କାରଣ ସେମାନେ ଯେଉଁ କଥା କହିବାକୁ ଚାହୁଁଥିଲେ ବି କହି ପାରୁନଥିଲେ, ଯେଉଁ ସାମାଜିକ ବା ଶାସନଗତ ପରିବର୍ତ୍ତନ ନିହାତି ଜରୁରୀ ବୋଲି ଜଣାଇବାକୁ ଚାହୁଁଥିଲେ ବି ଜଣାଇ ପାରୁନଥିଲେ, ସେଇ ଦାୟିତ୍ୱଟି ଏବେ ପିଲାଏ ତାଙ୍କ କାନ୍ଧକୁ ନେଇ ଯାଇଛନ୍ତି। ତେବେ ଏକଥା ସତ୍ୟ ଯେ ଆଜିର ବୟସ୍କ ସମାଜ ପ୍ରାୟତଃ ଏଇ ନବପିଢ଼ିକୁ ଉଦ୍ଦେଶ୍ୟହୀନ, ମୋବାଇଲ୍ ସ୍କ୍ରିନ୍ ଓ ଡିଜିଟାଲ ଜଗତର ମନୋରଞ୍ଜକ ଆବହାୱାରେ ଉଡ଼ିବୁଲୁଥିବା ହାଲ୍‌କା ଫୁଲ୍‌କା ଏବଂ ତେଣୁ ଦିଗଭ୍ରଷ୍ଟ, ବିପଥଗାମୀ ପିଢ଼ି ବୋଲି ଆକ୍ଷେପ କରିଥାଏ। ଅତି ସହଜରେ ଭୁଲିଯାଇଥାଏ ଯେ ଯେବେ ଯେବେ ସାମାଜିକ ଅନ୍ୟାୟ, ଶାସକୀୟ ସ୍ୱୈରତନ୍ତ୍ର, ଜଳବାୟୁ ପରିବର୍ତ୍ତନ ଓ ମାନବାଧିକାର ପ୍ରସଙ୍ଗକୁ ନେଇ କେଉଁଠି ସ୍ୱର ଉତ୍ତୋଳିତ ହୋଇଥାଏ, ସେଥିରେ ସବୁଠାରୁ ତୀବ୍ରତର ଥାଏ ଏଇ ନବପିଢ଼ିର ସ୍ୱର।

ଏବେ ଏଇ ନବପିଢ଼ିର ଆନ୍ଦୋଳନ ଓ ପ୍ରତିବାଦକୁ ଅନେକ ବୁଦ୍ଧିଜୀବୀ, ସ୍ତମ୍ଭକାର ଓ ଲୋକମତ-ନିର୍ମାତାମାନେ ଅଲଗା ଅଲଗା ବିଚାର ଓ ମତାଦର୍ଶର ତରାଜୁରେ ତଉଲି ଚାଲିଥିବା ଏବଂ ଏ ଅଭୁତପୂର୍ବ ତଥା ଅଭିନବ ଆନ୍ଦୋଳନର ଔଚିତ୍ୟ ଯଥା ଗୁଣଗ୍ରାମ ବର୍ଣ୍ଣନା କରିଚାଲୁଥିବା ଆମେ ଦେଖିଚାଲିଛେ, ବିଶେଷକରି ଆମ ଛାପା ଗଣମାଧ୍ୟମମାନଙ୍କରେ। ଅନେକ ଅବଶ୍ୟ ପିଲାମାନଙ୍କ ପ୍ରତି ଗଭୀର ଶ୍ରଦ୍ଧା, ସହାନୁଭୂତି ଓ ପୃଷ୍ଠପୋଷକତା-ଭାବରଞ୍ଜିତ ମନୋଭାବ ପ୍ରକାଶ କରିଥିବା କଥା ଆମେ ଜାଣିଛେ। କିନ୍ତୁ ଏମାନଙ୍କ ମଧ୍ୟରେ ଏମିତି କେତେଜଣ ମଧ୍ୟ ଅଛନ୍ତି, ଯେଉଁମାନେ ପିଲାମାନଙ୍କ ବ୍ୟଙ୍ଗ ଓ ବ୍ୟଙ୍ଗାତ୍ମକ ଅଭିନୟ ମାଧ୍ୟମରେ ପ୍ରତିବାଦ ଓ ଚାତୁର୍ଯ୍ୟପୂର୍ଣ୍ଣ ସ୍ଲୋଗାନଗୁଡ଼ିକରେ ଅପସଂସ୍କୃତିର ଆବାସ ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ଏସବୁ ସତ୍ତ୍ୱେ ଆମକୁ ସ୍ୱୀକାର କରିବାକୁ ହେବ ଯେ ଆଜିର ନବପିଢ଼ିର ଚେତନାରେ ସ୍ପଷ୍ଟ ପରିସ୍ଫୁଟିତ ହୋଇଛି ଅନେକ ସଚେତନ ଜନସାଧାରଣଙ୍କ ଅବଦମିତ ଇଚ୍ଛା ଓ ଭାବନା।

ଉଲ୍ଲେଖନୀୟ ଯେ ବର୍ତ୍ତମାନ ଆମେ ନବପିଢ଼ିର ଯେଉଁ ସ୍ୱର ଶୁଣୁଛେ ସେଥିରେ ପ୍ରତିଧ୍ୱନିତ ହୋଇଥାଏ ଭାରତୀୟ ମୁକ୍ତି ସଂଗ୍ରାମର ଦୀର୍ଘ ଅବଧି ମଧ୍ୟରେ କୁହାଯାଇଥିବା ସେତେବେଳର ନବପିଢ଼ିର ସ୍ୱର। ତେଣୁ କୁହାଯାଇପାରେ ଯେ ବର୍ତ୍ତମାନର ଜେନ୍-ଜେଡ୍ ଓ ଜେନ୍-ଆଲ୍‌ଫା ହେଉଛନ୍ତି ଭାରତୀୟ ମୁକ୍ତିସଂଗ୍ରାମ କାଳର ସେହି ନିର୍ଭୀକ, ଦୁଃସାହସୀ, ଦେଶାତ୍ମବୋଧରେ ସ୍ପନ୍ଦିତ ହୋଇଥିବା ପିଢ଼ିର ସାର୍ଥକ ଦାୟାଦ। ଆମେ ଜାଣିଛେ ଆମ ଦେଶର ଯୁବସମାଜର ଏହି ଗୌରବମୟ ଐତିହ୍ୟର ଗାଥା ଓ ବିଶେଷକରି ଆମେ ବି ଜାଣିଛେ ଆମ ରାଜ୍ୟ ଓଡ଼ିଶାରେ ସେଦିନ ଗାନ୍ଧୀଙ୍କ ବାନରସେନାଙ୍କ ଭାବମନ୍ଦ୍ରିତ କଣ୍ଠ ନିଃସୃତ 'ମାର କେତେ ବେତ ମାରିବ / ଜୀବନକୁ ଆମେ ପାଣି ଛଡ଼ାଇଛୁ ତୁମେ କି ଆମକୁ ପାରିବ' ର ସେ ରୋମାଞ୍ଚକର ଗାଥା। ସେଇ ରୋମାଞ୍ଚର ଝଲକ ବି ଆମେ ଏବେ ଦେଖିଚାଲିଛେ ଜେନ-ଜେଡ୍ ଓ ଜେନ୍-ଆଲ୍‌ଫାଙ୍କ ବିଦ୍ରୋହୀ ସ୍ୱରରେ ଏବଂ ସେମାନଙ୍କ ଅହିଂସ, ଶାନ୍ତିପୂର୍ଣ୍ଣ ପ୍ରତିବାଦରେ।

ଯୁବପିଢ଼ିର ଏ ବିଦ୍ରୋହ, ଏ ପ୍ରତିବାଦ ଆଦୌ ଏକ ଆକସ୍ମିକ ଘଟଣା ନୁହେଁ। ଏହାର ଜ୍ୱଳନ୍ତ ପ୍ରମାଣ ମିଳିଥାଏ ପ୍ରାୟ ଏକ ଶତାବ୍ଦୀ ତଳର ସରକାରୀ ଗୁପ୍ତ ଦସ୍ତାବିଜରୁ।୧୯୩୦ ମସିହାରେ ବ୍ରିଟିଶ ସରକାରର ସ୍ୱେଚ୍ଛାଚାରୀ ଶାସନ ବିରୋଧରେ ପ୍ରତୀକାତ୍ମକ ସ୍ୱର ଉତ୍ତୋଳନ କରିଥିଲେ ଦିଲ୍ଲୀର କିଛି ଛାତ୍ର। ସେହି ୧୯୩୦ ମସିହା ନଭେମ୍ବର ୫ତାରିଖରେ ଲେଖାଯାଇଥିବା ଏକ ଅତି ଗୋପନୀୟ ଚିଠିରୁ ଆମ ଇତିହାସର ଏହି ପ୍ରେରଣାଦାୟୀ ଗାଥାର ସନ୍ଧାନ ମିଳିଛି, ଯାହା ସଂପର୍କରେ ଜାଣିଲେ ଯେକେହି ଭାରତୀୟ ଏବେ ବି ଦେଶପ୍ରେମ ଓ ଦେଶପାଇଁ ବିପଦ ବରଣ କରିବାର ପବିତ୍ର ଭାବୋଚ୍ଛ୍ୱାସରେ ବିହ୍ୱଳିତ ହୋଇଯିବେ। ଦିଲ୍ଲୀର କ୍ରିମିନାଲ୍ ଇନ୍‌ଭେଷ୍ଟିଗେସନ ଡିପାର୍ଟମେଣ୍ଟ (ସି.ଆଇ.ଡି)ର 'ସୁପରିଟେଣ୍ଡେଣ୍ଟ ଅଫ ପୁଲିସ୍' ଏହି ବିଶେଷ ରିପୋର୍ଟ ପ୍ରସ୍ତୁତ କରି ସେତେବେଳର ଦିଲ୍ଲୀର ଡେପୁଟି କମିଶନର ଜେ.ଏନ୍.ଜି ଜନ୍‌ସନଙ୍କ ପାଖକୁ ପଠାଇଥିଲେ। ପରେ ପରେ ବ୍ରିଟିସ୍ ଗୁପ୍ତଚର ବିଭାଗ ନୂଆଦିଲ୍ଲୀର ଏମ୍.ବି. ହାଇସ୍କୁଲର ନବମ ଶ୍ରେଣୀର କିଛି କୋମଳମତି ଛାତ୍ରଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିବାକୁ ଆରମ୍ଭ କରିଦେଲା। ସେହି ଚିଠିରେ ଉଲ୍ଲେଖ ଥିବା ସୂଚନା ଅନୁଯାୟୀ ନବମ ଶ୍ରେଣୀର ପିଲାମାନେ ନିଜ ସ୍କୁଲ ପୋଷାକରେ ଏପରି କିଛି ମେଟାଲ୍ ବଟନ୍ ବା ବ୍ୟାଜ୍ ପିନ୍ଧି ଆସୁଥିଲେ, ଯେଉଁଥିରେ ସାମ୍ରାଜ୍ୟବାଦ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରି ସଂସଦଗୃହରେ ବୋମା ବିସ୍ଫୋରଣ କରିଥିବା ମହାନ୍ ବିପ୍ଳବୀ ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତଙ୍କ ଚିତ୍ର ରହିଥିଲା। ଆଜିର ଯୁଗର ପରିଭାଷାରେ କହିବାକୁ ଗଲେ ଉଭୟ କ୍ରାନ୍ତିକାରୀ ଥିଲେ ସେତେବେଳର ନବପିଢ଼ିର ଯୁବକ। ସେ ଚିଠିରେ ପୁଣି ଥିଲା ଛାତ୍ରମାନେ ନିଜ ଶ୍ରେଣୀଗୃହର କାନ୍ଥରେ ଜାତୀୟତାବାଦୀ ନେତା ଏବଂ ବିପ୍ଳବୀମାନଙ୍କର ଆଲୋକଚିତ୍ରମାନ ଟାଙ୍ଗି ଦେଇଥିବା ଭଳି ଗୁରୁତର ଅଭିଯୋଗ। ଗୁପ୍ତଚର ବିଭାଗ ଏଥିପାଇଁ ସ୍କୁଲର ପ୍ରଧାନଶିକ୍ଷକ ଏବଂ ଦ୍ୱିତୀୟ ଶିକ୍ଷକ 'ତୋଲାରାମ'ଙ୍କୁ ଦାୟୀ କରିଥିଲେ। ଅଭିଯୋଗ ଥିଲା ଯେ ଏହି ଶିକ୍ଷକଦ୍ୱୟ ପିଲାମାନଙ୍କ ବିଦ୍ରୋହୀ ଆଚରଣ ପ୍ରତି କୋମଳ ମନୋଭାବ ପ୍ରଦର୍ଶନ କରି ଆସୁଥିଲେ। ପୁଲିସ ଓ ପ୍ରଶାସନର ଚାପ ଯୋଗୁଁ ସ୍କୁଲ କର୍ତ୍ତୃପକ୍ଷ ଶ୍ରେଣୀଗୃହରୁ ସେହି ଫଟୋଗୁଡ଼ିକ କାଢ଼ିଦେବାକୁ ବାଧ୍ୟ ହୋଇଥିଲେ। ମାତ୍ର ସେତେବେଳକୁ ସାରା ଭାରତବର୍ଷ ୧୪-୧୫ ବର୍ଷର ଏହି କିଶୋରମାନଙ୍କ ସାହସ ଦେଖି ସ୍ତମ୍ଭୀଭୂତ ହୋଇଯାଇଥିଲା ଏବଂ ବ୍ରିଟିସ୍ ବିରୋଧୀ ଆନ୍ଦୋଳନର ଶିଖା ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ ହୋଇଥିଲା। ଭାରତୀୟ ମୁକ୍ତି ସଂଗ୍ରାମରେ ଭାରତୀୟ କିଶୋର / କିଶୋରୀମାନଙ୍କ ସକ୍ରିୟ ଯୋଗଦାନ ଏହିପରି ଥିଲା ଏକ ପ୍ରେରଣାଦାୟୀ ଐତିହାସିକ ଅଧ୍ୟାୟ।

କୈଶୋର ଓ ଯୌବନର ଚେତନା କେବେ କୌଣସି ଶାସକୀୟ ଦମନମୂଳକ ପଦକ୍ଷେପ କିମ୍ବା ଭୟ ଆଗରେ ସହଜରେ ମୁଣ୍ଡ ନୁଆଁଇ ନଥାଏ। ଯୁବମାନସ ହେଉଛି ଏକ ପବିତ୍ର ଓ ଅକଳୁଷିତ ଝରଣା, ଯାହା କେବଳ ସତ୍ୟ ଓ ସ୍ୱାଧୀନତାର ଅନ୍ୱେଷଣରେ ପ୍ରବାହିତ ହୋଇଥାଏ। ବୟସ୍କମାନଙ୍କ ଦୁନିଆ ପ୍ରାୟତଃ ସ୍ୱାର୍ଥପରତା, କୂଟନୀତି, ନିର୍ଦ୍ଦିଷ୍ଟ ଚିନ୍ତାଧାରଣା-ପ୍ରେରିତ ସାଲିସ୍ ବା ଆନୁଗତ୍ୟ ଏବଂ ଭୟର ତାମସିକ କୁହୁଡ଼ିରେ ଆଚ୍ଛାଦିତ ହୋଇଯାଇଥାଏ। ହୁଏତ ଏମିତି ହୁଏ ଯେ ଜୀବନର ଦୌଡ଼ରେ ବୟସ୍କମାନେ ନିଜ ଭିତରର ସ୍ୱପ୍ନ ଓ ନ୍ୟାୟବୋଧକୁ କେଉଁଠି ନା କେଉଁଠି ଜଳାଞ୍ଜଳି ଦେଇଥା'ନ୍ତି। ସାମାଜିକ ଅନ୍ୟାୟ, ମାନବିକ ତଥା ଗଣତାନ୍ତ୍ରିକ ମୂଲ୍ୟବୋଧର ଅବକ୍ଷୟ ସହିତ ବଞ୍ଚିବା ଶିଖି ଯାଇଥା'ନ୍ତି ସେମାନେ। ନିଜ ନିଜ ଆତ୍ମାର ଡାକ ନ ଶୁଣିବାରେ ଅଭ୍ୟସ୍ତ ହୋଇଯାଇଥା'ନ୍ତି - କେତେବେଳେ ନିରୂପାୟ ହୋଇ ତ ଆଉ କେତେବେଳେ ତୁଚ୍ଛା ଆତ୍ମ-କୈନ୍ଦ୍ରିକ ମନୋଭାବକୁ ପୋଷଣ କରି। କିନ୍ତୁ ସବୁକାଳେ କୈଶୋର, ତାରୁଣ୍ୟ ଓ ଯୌବନ ହେଉଛି ନିଚ୍ଛକ ସରଳତାର ସମୟ, ପବିତ୍ର ଉଦ୍ଦାମତା ଓ ଉଦ୍ଦୀପନାର ସମୟ। ଅସମାନତା ବା କ୍ରୂରତାର କଳାବାଦଲ ଯେତେବେଳେ ଘୋଟିଆସେ, ସେତେବେଳେ ଯୁବକ / ଯୁବତୀମାନଙ୍କ ବିବେକ ବିଦ୍ରୋହ କରିଉଠେ। ସେ ବିଦ୍ରୋହର ସ୍ୱରରେ ନଥାଏ କୌଣସି ମନ୍ଦ ଉଦ୍ଦେଶ୍ୟ, ବରଂ ଥାଏ ସର୍ବସାଧାରଣଙ୍କ କଲ୍ୟାଣ ପାଇଁ ବ୍ୟାକୁଳତା ଓ ଆପଣା ଦେଶମାତୃକାର ସର୍ବବିଧ ଉନ୍ନତି ପାଇଁ ଏକ ଉଚ୍ଛ୍ୱସିତ କାମନା।

ଯୁବପିଢ଼ି ଇତିହାସର ସେହି କବିତା, ଯାହା ରଚିତ ହୋଇଥାଏ ନିବିଡ଼ ପ୍ରେମ, ଶ୍ରଦ୍ଧା, ଆନ୍ତରିକତାର ନାନ୍ଦନିକ ରସରେ ଏବଂ ଯାହା ଛନ୍ଦାୟିତ ହୋଇଥାଏ ଦୀପକ ରାଗିଣୀ କି ମେଘମହ୍ଲାର ରାଗିଣୀରେ। ଯୁବପିଢ଼ି ସବୁକାଳେ ନବୋଦିତ ସୂର୍ଯ୍ୟର ଆବାହନ କରିଥାଏ। ଏହାର ଏହି ଚାରିତ୍ରିକ ବୈଶିଷ୍ଟ୍ୟ ମାନବ ସଭ୍ୟତା ଇତିହାସର ଏକ ନିରନ୍ତର ସ୍ୱର।

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ୟୁପିଆଇ: ସୁବିଧା ଓ ସତର୍କତା

ଶଙ୍ଖସିନ୍ଧୁ ପୁରୋହିତ

ପ୍ରଯୁକ୍ତି ଯେତେବେଳେ ଜୀବନକୁ ସହଜ କରେ, ସେତେବେଳେ ସେ ଆଶୀର୍ବାଦ; କିନ୍ତୁ ସେହି ପ୍ରଯୁକ୍ତି ଯେତେବେଳେ ମଣିଷର ଆର୍ଥିକ ଆଚରଣକୁ ନିୟନ୍ତ୍ରଣ କରିବାକୁ ଆରମ୍ଭ କରେ, ସେତେବେଳେ ସତର୍କତା ଅପରିହାର୍ଯ୍ୟ। ଭାରତର ଡିଜିଟାଲ ଅର୍ଥନୀତିର ସବୁଠାରୁ ବଡ଼ ସଫଳତା ଭାବେ ଆଜି ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ପରିଚିତ। କିଛି ବର୍ଷ ପୂର୍ବରୁ ଯେଉଁଠାରେ ଛୋଟ ଛୋଟ କାରବାର ପାଇଁ ନଗଦ ଟଙ୍କା ଅପରିହାର୍ଯ୍ୟ ଥିଲା, ଆଜି ସେହି ସ୍ଥାନ ନେଇଛି ମୋବାଇଲ୍ ଫୋନ୍ ଓ କ୍ୟୁଆର୍ କୋଡ୍। ଏକ ଚା' ଦୋକାନ, ପନିପରିବା ବ୍ୟବସାୟୀ, ରିକ୍ସା ଚାଳକ, ମନ୍ଦିରର ଦାନବାକ୍ସ, ହସ୍ପିଟାଲ କିମ୍ବା ବଡ଼ ସପିଂ ମଲ୍ ସବୁଠି ୟୁପିଆଇର ଉପସ୍ଥିତି ଭାରତକୁ ଏକ ପ୍ରକୃତ ନଗଦବିହୀନ ସମାଜ ଆଡ଼କୁ ନେଉଛି। କିନ୍ତୁ ନିକଟରେ ୟୁପିଆଇ ସହ କ୍ଷୁଦ୍ର ଋଣ(ସ୍ମଲ-ଟିକେଟ୍ କ୍ରେଡିଟ୍) ସୁବିଧା ଯୋଡ଼ିବାକୁ ନେଇ ଆଲୋଚନା ଆରମ୍ଭ ହୋଇଛି। ଏହା ସ୍ୱାଭାବିକ ଭାବରେ ଏକ ପ୍ରଶ୍ନ ଉଠାଏ ଯେ ୟୁପିଆଇ କେବଳ ଦେୟ ପ୍ରଦାନର ମାଧ୍ୟମ ହୋଇ ରହିବ, ନା ଏହା ଭାରତୀୟଙ୍କ ଆର୍ଥିକ ଆଚରଣକୁ ମଧ୍ୟ ନୂଆ ଦିଗ ଦେବ? ଏହି ପ୍ରଶ୍ନର ଉତ୍ତର ଖୋଜିବା ଆଜିର ସମୟର ଆବଶ୍ୟକତା।

ପ୍ରଥମେ ୟୁପିଆଇର ସକାରାତ୍ମକ ପକ୍ଷକୁ ଅସ୍ୱୀକାର କରାଯାଇପାରିବ ନାହିଁ। ଡିଜିଟାଲ ଦେୟ ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ ଔପଚାରିକ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିଛି। କ୍ଷୁଦ୍ର ବ୍ୟବସାୟୀମାନେ ନଗଦ ରଖିବାର ବିପଦରୁ ମୁକ୍ତ ହୋଇଛନ୍ତି। ସରକାରୀ ସହାୟତା ସିଧାସଳଖ ଲାଭାର୍ଥୀଙ୍କ ପାଖକୁ ପହଞ୍ଚୁଛି। ଦେଣନେଣର ସ୍ୱଚ୍ଛତା ବଢ଼ିଛି। କର ଆଦାୟରେ ସୁଧାର ଆସିଛି ଏବଂ ଅର୍ଥନୀତିରେ ଡିଜିଟାଲ ରେକର୍ଡର ଗୁରୁତ୍ୱ ବଢ଼ିଛି। ବିଶ୍ୱ ବ୍ୟାଙ୍କ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଏବଂ ବିଭିନ୍ନ ଅନ୍ତର୍ଜାତୀୟ ସଂସ୍ଥା ଭାରତର ଡିଜିଟାଲ ପେମେଣ୍ଟ ମଡେଲ୍‌କୁ ପ୍ରଶଂସା କରିଛନ୍ତି। ଏହା ସତ୍ୟ ଯେ, ପ୍ରଯୁକ୍ତି କେବଳ କାରବାରକୁ ବଦଳାଏ ନାହିଁ; ଏହା ମଣିଷର ଆଚରଣକୁ ମଧ୍ୟ ବଦଳାଏ। ଆଜିର ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସେଇଠି।

ଅର୍ଥନୀତି ଓ ବ୍ୟବହାରିକ ଅର୍ଥନୀତିର ଗବେଷଣା କହେ ଯେ, ନଗଦ ଟଙ୍କା ଦେଇ କୌଣସି ବସ୍ତୁ କିଣିବା ଓ ଡିଜିଟାଲ ମାଧ୍ୟମରେ ଦେୟ ପ୍ରଦାନ କରିବା ମଧ୍ୟରେ ମଣିଷର ମାନସିକ ପ୍ରତିକ୍ରିୟା ସମାନ ନୁହେଁ। ପ୍ରସିଦ୍ଧ ଅର୍ଥନୀତିବିତ୍ ରିଚାର୍ଡ ଥାଲର ଏବଂ ପରବର୍ତ୍ତୀ ଅନେକ ଗବେଷକଙ୍କ ଅଧ୍ୟୟନ ଦର୍ଶାଏ ଯେ, ନଗଦ ଦେବା ସମୟରେ ମଣିଷ ଖର୍ଚ୍ଚ କରିବାର ମାନସିକ ଚାପ(ପେନ୍ ଅଫ୍ ପେୟିଙ୍ଗ)କୁ ଅଧିକ ଅନୁଭବ କରେ। କିନ୍ତୁ ଡିଜିଟାଲ ପେମେଣ୍ଟରେ ସେହି ଚାପ କମିଯାଏ। ଫଳରେ ଲୋକ ଅଜାଣତରେ ଅଧିକ ଖର୍ଚ୍ଚ କରିଥା'ନ୍ତି। ଏହି ମନୋବିଜ୍ଞାନ ଆଜିର ୟୁପିଆଇ ସଂସ୍କୃତିରେ ସ୍ପଷ୍ଟ ଦେଖାଯାଉଛି। ପୂର୍ବରୁ ଦୋକାନରେ ୫୦୦ ଟଙ୍କାର ନୋଟ୍ ଦେବା ପୂର୍ବରୁ ମଣିଷ ଭାବୁଥିଲା। ଆଜି କ୍ୟୁଆର୍ କୋଡ୍ ସ୍କାନ୍ କରିବା ପରେ 'ପେମେଣ୍ଟ ସକ୍ସେସଫୁଲ୍' ବୋଲି ଶବ୍ଦ ଶୁଣିବାକୁ ମାତ୍ର କିଛିସେକେଣ୍ଡ ଲାଗୁଛି। ଖର୍ଚ୍ଚର ବାସ୍ତବ ଅନୁଭବ କମିଯାଉଥିବାରୁ ଛୋଟ ଛୋଟ ଅନାବଶ୍ୟକ ବ୍ୟୟ ବଢ଼ିବା ସ୍ୱାଭାବିକ। ଅନଲାଇନ୍ ଫୁଡ୍ ଅର୍ଡର୍, କଫି, ଛୋଟ ଅଫର୍, ଅନାବଶ୍ୟକ ସବ୍‌ସ୍କ୍ରିପ୍‌ସନ୍ ସବୁକିଛି 'କେବଳ ଶହେ କି ଦୁଇଶହ ଟଙ୍କା' ଭାବି ହୋଇଯାଏ। ମାସ ଶେଷରେ ସେହି ଛୋଟ ଛୋଟ ଦେୟ ବଡ଼ ଅଙ୍କରେ ପରିଣତ ହୁଏ।

ବିଶ୍ୱର ବିଭିନ୍ନ ଗବେଷଣା ଦର୍ଶାଇଛି ଯେ, କ୍ୟାଶଲେସ୍ ପେମେଣ୍ଟ ବ୍ୟବସ୍ଥା ଆବେଗପ୍ରବଣ କ୍ରୟକୁ ବୃଦ୍ଧି କରିଥାଏ। ମାର୍କେଟିଂ କମ୍ପାନୀମାନେ ମଧ୍ୟ ଏହି ମନୋବିଜ୍ଞାନକୁ ବ୍ୟବହାର କରନ୍ତି। 'ଏବେ କିଣନ୍ତୁ', 'ସୀମିତ ସମୟର ଅଫର୍', 'କ୍ୟାଶବ୍ୟାକ୍', 'ଡିସକାଉଣ୍ଟ' ଭଳି ପ୍ରଲୋଭନ ଡିଜିଟାଲ ଦେୟର ସହଜତା ସହ ମିଶି ଗ୍ରାହକଙ୍କ ଖର୍ଚ୍ଚ ବଢ଼ାଇଥାଏ। ଏବେ ଯଦି ଏହି ବ୍ୟବସ୍ଥା ସହ ୟୁପିଆଇ ଋଣ ଯୋଡ଼ାଯାଏ, ତେବେ ସୁବିଧା ସହ ବିପଦର ପରିମାଣ ମଧ୍ୟ ବଢ଼ିପାରେ। ନିଶ୍ଚିତ ଭାବେ ଏହି ସୁବିଧା ଜରୁରୀ ଚିକିତ୍ସା, କ୍ଷୁଦ୍ର ବ୍ୟବସାୟ କିମ୍ବା ଅସ୍ଥାୟୀ ଆର୍ଥିକ ସଙ୍କଟରେ ଥିବା ପରିବାରଙ୍କ ପାଇଁ ଆଶୀର୍ବାଦ ସାବ୍ୟସ୍ତ ହୋଇପାରେ। କିନ୍ତୁ ଯଦି ଏହା ଦୈନନ୍ଦିନ ଭୋଗବିଳାସର ଅଂଶ ହୋଇଯାଏ, ତେବେ ଋଣ ନେବା ଏକ ସାଧାରଣ ଅଭ୍ୟାସରେ ପରିଣତ ହେବ। ଆଜିର ସୁବିଧା କାଲିର ଋଣଭାର ହୋଇପାରେ।

ଏଠାରେ ନିୟାମକ ସଂସ୍ଥା, ବ୍ୟାଙ୍କ ଓ ଫିନଟେକ୍ କମ୍ପାନୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କେବଳ ନୂଆ ସେବା ଆଣିଦେବା ଯଥେଷ୍ଟ ନୁହେଁ; ଗ୍ରାହକଙ୍କୁ ଆର୍ଥିକ ସାକ୍ଷରତା ସମ୍ପର୍କରେ ସଚେତନ କରିବା ମଧ୍ୟ ସମାନ ଦାୟିତ୍ୱ। ସଞ୍ଚୟ, ବଜେଟ୍ ପ୍ରସ୍ତୁତି, ଦାୟିତ୍ୱପୂର୍ଣ୍ଣ ଋଣ ବ୍ୟବହାର ଏବଂ ଡିଜିଟାଲ ସୁରକ୍ଷା ସମ୍ପର୍କରେ ବ୍ୟାପକ ଅଭିଯାନର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ସାଇବର ଠକେଇ ଏକ ଗମ୍ଭୀର ଆହ୍ୱାନ। ୟୁପିଆଇର ବ୍ୟାପକ ବ୍ୟବହାର ସହ ନକଲି କ୍ୟୁଆର୍ କୋଡ୍, ଫିସିଂ ଲିଙ୍କ୍, ମିଛ କଷ୍ଟମର୍ କେୟାର୍ କଲ୍ ଓ ଓଟିପି ଜାଲିଆତି ବଢ଼ୁଛି। ଗ୍ରାହକଙ୍କ ଆର୍ଥିକ ସୁରକ୍ଷା ନିଶ୍ଚିତ କରିବା ବିନା ଡିଜିଟାଲ ଅର୍ଥନୀତିର ସଫଳତା ଅଧୁରା ହୋଇ ରହିବ।

ଓଡ଼ିଶା ପରି ରାଜ୍ୟରେ ୟୁପିଆଇ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ, କ୍ଷୁଦ୍ର ବ୍ୟବସାୟୀ ଓ ଗ୍ରାମୀଣ ଯୁବକଙ୍କୁ ନୂଆ ସୁଯୋଗ ଦେଇଛି। କିନ୍ତୁ ସେହି ସୁଯୋଗ ସେତେବେଳେ ହିଁ ସ୍ଥାୟୀ ହେବ, ଯେତେବେଳେ ଡିଜିଟାଲ ଦେୟ ସହ ଡିଜିଟାଲ ଶୃଙ୍ଖଳା ମଧ୍ୟ ଗଢ଼ିଉଠିବ। ପ୍ରଯୁକ୍ତିର ଉଦ୍ଦେଶ୍ୟ ମଣିଷର ବିବେକକୁ ବଦଳାଇବା ନୁହେଁ; ବରଂ ତାହାକୁ ଅଧିକ ସକ୍ଷମ କରିବା। ୟୁପିଆଇ ଭାରତର ଡିଜିଟାଲ ଯାତ୍ରାର ଏକ ଐତିହାସିକ ସଫଳତା। ଏହାକୁ ନେଇ ଗର୍ବ କରିବାର ଯଥେଷ୍ଟ କାରଣ ଅଛି। କିନ୍ତୁ ସମାନ ଭାବେ ମନେ ରଖିବା ଆବଶ୍ୟକ ଯେ, ପ୍ରଯୁକ୍ତି ନିରପେକ୍ଷ; ତାହାର ପରିଣାମ ନିର୍ଭର କରେ ଆମ ବ୍ୟବହାର ଉପରେ। ଯଦି ୟୁପିଆଇ ଆମକୁ ସୁବିଧା ସହିତ ସଞ୍ଚୟ, ଆର୍ଥିକ ଶୃଙ୍ଖଳା ଓ ଦାୟିତ୍ୱବୋଧ ଶିଖାଏ, ତେବେ ଏହା ଡିଜିଟାଲ ଭାରତର ସବୁଠାରୁ ବଡ଼ ସଫଳତା ହେବ। କିନ୍ତୁ ଯଦି ଏହା ଆମକୁ ଅନିୟନ୍ତ୍ରିତ ବ୍ୟୟ ଓ ସହଜ ଋଣର ଅଭ୍ୟାସ ଆଡ଼କୁ ଠେଲିଦିଏ, ତେବେ ଏହି ସୁବିଧା ହିଁ ଭବିଷ୍ୟତର ଆର୍ଥିକ ଆହ୍ୱାନର କାରଣ ପାଲଟିପାରେ। ତେଣୁ ଭାରତର ଡିଜିଟାଲ ଅର୍ଥନୀତିର ମୂଳମନ୍ତ୍ର କେବଳ 'ଡିଜିଟାଲ ଇଣ୍ଡିଆ' ନୁହେଁ, ବରଂ 'ସଚେତନ ଡିଜିଟାଲ ଭାରତ' ହେବା ଉଚିତ।

କୋଟସମଲା(ସୁବର୍ଣ୍ଣପୁର),
ମୋ: ୭୯୭୮୨୩୮୬୦୬

## ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

### ଅଣସୋରିଷ
(Stinkweed -Cleome gynandra)

ସୌଭାଗ୍ୟସୁନ୍ଦର

ଅଣସୋରିଷ ଆଫ୍ରିକାର ମୂଳ ଜାତ ଉଦ୍ଭିଦ। କିନ୍ତୁ ଆଫ୍ରିକା ସମେତ ଏସିଆ ଓ ଆମେରିକାର ଉଷ୍ମମଣ୍ଡଳୀୟ ତଥା ଉପ-ଉଷ୍ମମଣ୍ଡଳୀୟ ଅଞ୍ଚଳରେ ପ୍ରାକୃତିକ ଭାବରେ ପରିବ୍ୟାପ୍ତ। ଏହା ସମୁଦ୍ର ପତ୍ତନଠାରୁ ୨, ୪୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବିଭିନ୍ନ ଯାଗାରେ ବଢ଼ିଥାଏ। ଭାରତରେ ଏହା ବ୍ୟାପକ ଭାବରେ ବିତରିତ। ସାଧାରଣତଃ ଜଙ୍ଗଲରେ ଏକ କ୍ଷୁଦ୍ର ଅନାବନା ଉଦ୍ଭିଦ ଭାବରେ ବଢୁଥିବା ଅଣସୋରିଷ ଏକ ବାର୍ଷିକ ଶାଖାଯୁକ୍ତ ସିଧାକାଣ୍ଡ ବିଶିଷ୍ଟ କ୍ଷୁପ, ଯାହା ସାଧାରଣତଃ ୨୫ ସେମିରୁ ୬୦ ସେମି ଉଚ୍ଚତା ପର୍ଯ୍ୟନ୍ତ ବଢ଼ିଥାଏ। ଏହାର ପ୍ରଧାନ ମୂଳ ଲୋମଶ ଓ ଗଭୀର। ଏହାର ପତ୍ର ଯୌଗିକ ପାମେଟ ବା ପ୍ରତଳିତ। ପ୍ରତ୍ୟେକ ୩-୭ ଅଣ୍ଡାକାର ଆକାରର ପତ୍ରକକୁ ନେଇ ଗଠିତ। ପତ୍ରଗୁଡ଼ିକ ଲଙ୍କା ଓ ସୋରିଷର ମିଶ୍ରଣ ପରି ଏକ ଦୃଢ଼ ତିକ୍ତସ୍ୱାଦର। ଫୁଲଗୁଡ଼ିକ ଧଳା, ସମୟକ୍ରମେ ଗୋଲାପୀ ରଙ୍ଗରେ ପରିବର୍ତ୍ତନ ହୁଏ। ଏହା ସ୍ୱ-ପରାଗକ। ଫଳଟି ଏକ ସ୍ଫୋଟନଶୀଳ ସାର୍ଷପୀ। ଏକ ପତଳା ଓ ଲମ୍ବା କ୍ୟାପସୁଲ୍ ବା ସ୍ଫୋଟକ। ପାଚିବା ପ୍ରକ୍ରିୟା ସମୟରେ ଏହାର ରଙ୍ଗ ସବୁଜରୁ ହଳଦିଆ ବାଦାମୀ ହୋଇଯାଏ। ଶୁଖିଲା ଫଳ ଫାଟିଯାଏ ଏବଂ ବିହନ ବା ମଞ୍ଜିଗୁଡ଼ିକ ବିକ୍ଷିପ୍ତ ଭାବରେ ମୁକ୍ତ ହୁଏ। ପ୍ରତ୍ୟେକ ଫଳରେ ୧୦୦-୧୫୦ ଟି ବିହନ ରହିଥାଏ। ବିହନଗୁଡ଼ିକ ଗୋଲାକାର, କଳା ଓ ଏହାର ପୃଷ୍ଠ ଖଦଡ଼ା।

ଅଣସୋରିଷରେ ବିଟା-କାରୋଟିନ, ଫୋଲିକ୍ ଏସିଡ୍, ଆସ୍କର୍ବିକ୍ ଏସିଡ୍, ଲୌହ, ଜିଙ୍କ୍ ଓ କ୍ୟାଲସିୟମ୍ ପ୍ରଚୁର ପରିମାଣରେ ଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ଇ, ଅକ୍ସାଲିକ୍ ଏସିଡ୍, ଅଶୋଧିତ ପ୍ରୋଟିନ୍, ଅଶୋଧିତ ଫାଇବର ମଧ୍ୟ ଥାଏ। ବିହନରେ ୧୭-୧୯% ତେଲ, ପାମିଟିକ୍ ଏସିଡ୍, ଷ୍ଟେରିକ୍ ଏସିଡ୍, ଓଲିକ୍ ଏସିଡ୍ ଓ ଲିନୋଲିକ୍ ଏସିଡ୍ ଭଳି ଫ୍ୟାଟି ଏସିଡ୍ ଏବଂ ଗ୍ଲୁଟାମିକ୍ ଏସିଡ୍, ଆର୍ଜିନାଇନ୍, ଲ୍ୟୁସିନ୍, ଭାଲାଇନ୍, ଗ୍ଲାଇସିନ୍ ଓ ପ୍ରୋଲାଇନ୍ ସମେତ ଅତ୍ୟାବଶ୍ୟକ ଆମିନୋ ଏସିଡ୍ ଥାଏ। ପତ୍ରଗୁଡ଼ିକରେ ଆଣ୍ଟିଅକ୍ସିଡେଟିଭ୍ ବା ବିଶୋଧକ ଗୁଣ ରହିଛି, ଯାହା ପ୍ରଦାହ ରୋଗ ପ୍ରଶମନ କରିବାରେ ସହାୟକ ହୁଏ। ଖାଦ୍ୟ ବିଷାକ୍ତତା, ବାତ, ପ୍ରଦାହ, ଜୀବାଣୁ ସଂକ୍ରମଣ ଏବଂ ବିଶେଷକରି ଯନ୍ତ୍ରଣା ସମ୍ବନ୍ଧୀୟ ଅବସ୍ଥା ଯେପରିକି ମୁଣ୍ଡବିନ୍ଧା, ଦାନ୍ତବିନ୍ଧା, ନ୍ୟୁରାଲଜିଆ, ପେଟ ଯନ୍ତ୍ରଣା, କାନ-ବିନ୍ଧା, ରିଉମାଟଏଡ୍ ଆର୍ଥ୍ରାଇଟିସ୍ ବା ଆଣ୍ଠୁ ଗଣ୍ଠି ବାତ, ହାଡ଼ ଭଙ୍ଗା, ପେଟ ଯନ୍ତ୍ରଣା ଏବଂ ଛାତି ଯନ୍ତ୍ରଣା ଭଳି ଅବସ୍ଥାର ଚିକିତ୍ସା ପାଇଁ ପାରମ୍ପରିକ ଔଷଧରେ ଏହାର ପତ୍ର ଏବଂ ଫୁଲ ବ୍ୟବହାର କରାଯାଏ। ସାଉଦି ଆରବରେ ବିଛା ଦଂଶନ ଦ୍ୱାରା ହେଉଥିବା ତୀବ୍ର ଯନ୍ତ୍ରଣା ଏବଂ ପ୍ରଦାହ-ବିରୋଧୀ ପ୍ରତିକ୍ରିୟାର ଚିକିତ୍ସା ପାଇଁ ଏହାର ନିଷ୍କାସିତ ରସ ବ୍ୟବହାର କରାଯାଏ।

ପତ୍ର ଓ ଫୁଲ ଉଭୟ ଖାଦ୍ୟଯୋଗ୍ୟ। ସାଧାରଣତଃ, ପତ୍ର ଓ ଡାଳଗୁଡ଼ିକୁ ସିଝା କିମ୍ବା ଷ୍ଟ୍ୟୁରେ ଖିଆଯାଏ। ଏହି ପତ୍ରଗୁଡ଼ିକ ପ୍ରାୟତଃ ଉପ-ସାହାରା ଆଫ୍ରିକାରେ ଖିଆଯାଏ, ଯେଉଁଠାରେ ଏହାକୁ ସଂରକ୍ଷଣ ପାଇଁ ଶୁଖାଯାଏ, ତା'ପରେ ଏହାର ତିକ୍ତ ସ୍ୱାଦ କମ କରିବା ପାଇଁ କ୍ଷୀର କିମ୍ବା ବଟର ସହିତ ରନ୍ଧାଯାଏ। କେନିଆ, ଉଗାଣ୍ଡା ଓ ତାଞ୍ଜାନିଆରେ, ପତ୍ରଗୁଡ଼ିକୁ ଚିନାବାଦାମ ପେଷ୍ଟ ସହିତ ରନ୍ଧାଯାଏ। ଥାଇଲ୍ୟାଣ୍ଡ ଓ ମାଲେସିଆରେ, ପତ୍ରଗୁଡ଼ିକ ଭାତ ପାଣି ସହିତ ଫାକ୍ ସିଆନ୍ ଡଙ୍ଗ ନାମକ ଏକ ଆଚାର ଭାବରେ କିଣ୍ୱନ କରାଯାଇଥିବା ଏକ ଲୋକପ୍ରିୟ ଖାଦ୍ୟ ପଦାର୍ଥ। ମାଲେସିଆରେ ମଧ୍ୟ ଏହାକୁ ଆଚାର କରି ଖିଆଯାଏ। ପତ୍ରଗୁଡ଼ିକୁ ମସଲାଯୁକ୍ତ ନଡ଼ିଆ କ୍ଷୀରରେ ଦୀର୍ଘ ସମୟ ପାଇଁ ଭିଜାଇ ଖିଆଯାଏ।

ଏହି ଉଦ୍ଭିଦଟି ଏହାର କୀଟପତଙ୍ଗ ପ୍ରତିରୋଧକ ଏବଂ ଟିକ୍ ପ୍ରତିରୋଧକ ଗୁଣ ଯୋଗୁଁ ଅନ୍ତଃଫସଲ ପାଇଁ ଉପଯୋଗୀ। ବୁଣାକାର ପକ୍ଷୀମାନେ ଏହାର କଞ୍ଚା ବିହନ ଖାଇଦିଅନ୍ତି। ଆଫ୍ରିକାରେ ଅଣସୋରିଷ ସ୍ଥାନୀୟ କିସମଗୁଡ଼ିକ ସ୍ଥାନୀୟ ପରିବେଶ ସହିତ ଉପଯୁକ୍ତତା ଏବଂ ଅନୁକୂଳନଶୀଳତା ହେତୁ ଆଞ୍ଚଳିକ ଖାଦ୍ୟ ସୁରକ୍ଷାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଆମେରିକା ଏବଂ ପ୍ରଶାନ୍ତ ମହାସାଗରୀୟ ଅନେକ ଅଞ୍ଚଳରେ ଏହାକୁ ଏକ ଆକ୍ରମଣାତ୍ମକ ଅନାବନା କ୍ଷୁପ ଭାବରେ ବିବେଚନା କରାଯାଏ।

ମୋ: ୯୭୭୭୮୦୦୪୦୮

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ତାମିଲନାଡୁ ଏକ୍ସପ୍ରେସ୍‌ରୁ ଖଣ୍ଡବିଖଣ୍ଡିତ ମୃତଦେହ ମିଳିବା ଘଟଣା

# ଓଡ଼ିଆ ଦମ୍ପତିଙ୍କୁ ଖୋଜୁଛି ପୁଲିସ

- ଭୁବନେଶ୍ୱର ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍
- ପୁଲିସ ହାତ ଖାଲି, ସ୍ଥଳପଥରେ ଖସି ପଳାଇଥିବା ଅନୁମାନ

ଭୁବନେଶ୍ୱର,୨୩।୮ (ସମିସ): ଆଗ୍ରା-ଚେନ୍ନାଇ ତାମିଲନାଡୁ ଏକ୍ସପ୍ରେସ୍ ପଡ଼ିଥିବା ଏକ ସୁଟ୍‌କେସ୍‌ରୁ ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ମିଳିବା ଘଟଣାରେ ତାମିଲଡାଡୁ ପୁଲିସ ପକ୍ଷରୁ ଏକ ଓଡ଼ିଆ ଦମ୍ପତିଙ୍କୁ ଖୋଜା ଚାଲିଛି। ଏହି ଓଡ଼ିଆ ଦମ୍ପତି ତାମିଲନରାଡୁରୁ ଆସି ଓଡ଼ିଶାରେ ଲୁଚି ଥିବା ଅନୁମାନ କରାଯାଉଛି। ଏଣୁ ଓଡ଼ିଶା ପୁଲିସ ସହାୟତାରେ ତାମିଲନାଡୁ ପୁଲିସର ୩ଟି ଟିମ୍ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସମେତ ବାଲେଶ୍ୱର ଏବଂ ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ଅନ୍ୟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଛାପା ମାରୁଛନ୍ତି। ଏପର୍ଯ୍ୟନ୍ତ ଉକ୍ତ ଦମ୍ପତିଙ୍କ ଠିକଣା ପାଇବାରେ ପୁଲିସ ଅସମର୍ଥ ହୋଇଛି। ତେବେ ଏହି ଦମ୍ପତି ଏଠାରୁ ସ୍ଥଳପଥରେ ଖସି ଯାଇଥିବା ଅନୁମାନ କରାଯାଉଛି।

ମିଳିଥିବା ସୂଚନା ମୁତାବକ, ମୃତ ମହିଳା ଜଣଙ୍କ ହେଲେ ହୟାତୁନ୍ ନିଶା। ତାଙ୍କ ଘର ଜଗତସିଂହପୁର ଜିଲ୍ଲାରେ। ସେ ତାମିଲନାଡୁ ରାଜଧାନୀ ଚେନ୍ନାଇରେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଏହା ସହ ଏକ ଦମ୍ପତି ଆସାମ୍‌ର ମାନିକ ଉଦ୍ଦିନ୍ ଲସ୍କର୍‌ ତାଙ୍କ ସ୍ତ୍ରୀ ତଥା ଓଡ଼ିଆ ଝିଅ ଭଗବତୀ ମାଝୀଙ୍କ ସହ ଏକ ଭଡ଼ା ଘରେ ରହୁଥିଲେ। ହେଲେ ଗତ ଅଗଷ୍ଟ ୫ ତାରିଖରେ ତାମିଲନାଡୁ ଏକ୍ସପ୍ରେସ୍ ଚେନ୍ନାଇରୁ ବାହାରି ଆଗ୍ରା ପହଞ୍ଚିବା ମାତ୍ରେ ସେଠାରୁ ଏକ ସୁଟ୍‌କେସ୍ ମିଳିଥିଲା। ଏହି ସୁଟ୍‌କେସ୍‌ରୁ ନିଶାଙ୍କ ମୁଣ୍ଡବିହୀନ ମୃତଦେହ ମିଳିଥିଲା। ଏହାପରେ ତାମିଲନାଡୁର ଗୁଡୁଭାଞ୍ଚେଶ୍ୱରୀ ଥାନା ପୁଲିସ ଏକ ମାମଲା ରୁଜୁ କରି ପ୍ରଥମେ ନିଶା ରହୁଥିବା ଦମ୍ପତିଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରିଥିଲା। ହେଲେ ଏହି ଦମ୍ପତି ଫେରାର ଥିବାରୁ ତାମିଲନାଡୁ ପୁଲିସ ସନ୍ଦେହରେ ଆସିଥିଲେ।



ଏମାନଙ୍କ ଲୋକେସନ୍ ଟ୍ରେସ୍ କରାଯିବାରୁ ଜଣାପଡ଼ିଥିଲା ଭଗବତୀଙ୍କ ମୋବାଇଲ୍ ଫୋନ୍ ଶେଷଥର ପାଇଁ ଭୁବନେଶ୍ୱର ରେଳ ଷ୍ଟେସନର ପ୍ଲାଟ୍ ନମ୍ବର ୪ରେ ଅନ୍ ହୋଇଥିଲା। ଏହାପରେ ଫୋନ୍ ବନ୍ଦ ହୋଇଯାଇଥିଲା। ମାନିକ ଏକ ଡେନିମ୍ କଲର୍‌ର ଜିନ୍ସ ଏବଂ ସବୁଜ ରଙ୍ଗର ସାର୍ଟ ପିନ୍ଧିଥିଲା ବେଳେ ତାଙ୍କ ସ୍ତ୍ରୀ ଭଗବତୀ ଏକ ଲାଇଟ୍ ପିଙ୍କ୍ ରଙ୍ଗର ଚୁଡିଦାର ପିନ୍ଧିଥିଲେ। ଏଣୁ ତାମିଲନାଡୁ ପୁଲିସ ଓଡ଼ିଶାରେ ଡେରା ପକାଇବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

### ଉଚ୍ଚଶିକ୍ଷା ବିଭାଗର ଅଯୋଗ୍ୟ ବଞ୍ଚାଅ ନୀତି: ବିଇଡି କଲେଜଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା

# ଘରୋଇ କଲେଜ ଅଧ୍ୟାପକ ଓ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତି ଦେବାକୁ ଉଦ୍ୟମ

ଭୁବନେଶ୍ୱର, ୨୩।୮ (ସମିସ): ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନ ବା ବିଇଡି କଲେଜରେ ନିଯୁକ୍ତ ଅଯୋଗ୍ୟ କୁହାଯାଉଥିବା ୧୨୦ ଜଣ ଅଧ୍ୟାପକଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ପରେ ବିଇଡ଼ି କଲେଜ ଖାଲି। ପୂର୍ବରୁ ଏନ୍‌ସିଟିଇ ମାର୍ଗଦର୍ଶିକା ଅନୁସାରେ ଅଯୋଗ୍ୟ କୁହାଯାଉଥିବା ବ୍ୟକ୍ତିମାନଙ୍କୁ ଅଧ୍ୟାପକ ନିଯୁକ୍ତିକୁ ନେଇ ଅକଳରେ ପଡ଼ିବା ପରେ ଏବେ ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ବୃଦ୍ଧି ପାଇଛି। ଅଧ୍ୟାପକଙ୍କ ଅଭାବ ଥିବାଯୋଗୁଁ ବିଇଡ଼ି କଲେଜରେ ଶିକ୍ଷାଦାନ ବ୍ୟାହତ ହେବା ଆଶଙ୍କା ଥିବାରୁ ଏହାର ଭବିଷ୍ୟତ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ଯେନତେଣ ପ୍ରକାରେ ଏମ୍‌ଇଡି କରିଥିବା ପ୍ରାର୍ଥୀଙ୍କୁ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦେଇ ଏନ୍‌ସିଟିଇ ମାନଦଣ୍ଡ ପୂରଣ କରିବାକୁ ଗଳାବାଟ ଖୋଜା ଚାଲିଛି। ଅନ୍ୟପକ୍ଷରେ ସ୍ୱୀକୃତି ବଞ୍ଚାଇବାକୁ ଘରୋଇ କଲେଜରେ କାର୍ଯ୍ୟରତ ଅଧ୍ୟାପକଙ୍କୁ ବିଇଡି କଲେଜରେ ସାମୟିକ ଭାବେ ନିୟୋଜିତ କରାଯାଉଥିବା ସୂଚନା ମିଳିଛି।

ଉଚ୍ଚଶିକ୍ଷା ପକ୍ଷରୁ ଗତ ୨୧ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶନାମା ଅନୁଯାୟୀ ବେସରକାରୀ କଲେଜରେ ଶିକ୍ଷାଦାନ କରୁଥିବା ୫ ଜଣ ଅଧ୍ୟାପକଙ୍କୁ ବିଇଡି କଲେଜରେ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଛି। ଡେରାବିଶ ଡିଗ୍ରୀ କଲେଜର ଅଧ୍ୟାପିକା ସୁଭାଶ୍ରୀ ପଣ୍ଡାଙ୍କୁ ଫୁଲବାଣୀ ବିଇଡି କଲେଜରେ ନିୟୋଜିତ କରାଯାଇଛି। ସେହିପରି ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟର ଶାଶ୍ୱତୀ ସୌମ୍ୟା ଲେଙ୍କା, ଚନ୍ଦ୍ରଶେଖର ଡିଗ୍ରୀ କଲେଜର ହରିଚନ୍ଦନ କର, ନୟାଗଡ଼ ଅଟୋନମସ୍ କଲେଜର ପୂଜାର୍ଚ୍ଚନା ମୁଣ୍ଡ ଏବଂ ପୁରୁଷୋତ୍ତମପୁର ତାରାତାରିଣୀ ଡିଗ୍ରୀ କଲେଜର ମିନକେତନ ନାହାକଙ୍କୁ କନ୍ଧମାଳ କଳିଙ୍ଗା ବିଇଡି କଲେଜରେ ନିୟୋଜିତ କରାଯାଇଛି। ମାତ୍ର ସେମାନେ ପରବର୍ତ୍ତୀ ସମୟରେ ସମୟରେ ଯେମିତି ନିୟମିତ ହେବାକୁ ଦାବି କରିପାରିବେ ନାହିଁ, ସେଥିପାଇଁ ମଧ୍ୟ ବାଟ ରଖାଯାଇଛି। ସମ୍ପୃକ୍ତ ଅଧ୍ୟାପକମାନେ ସ୍ଥାୟୀ ନିଯୁକ୍ତି, ନିୟମିତ କିମ୍ବା ସରକାରୀ ପ୍ରତିଷ୍ଠାନରେ ଚାକିରି ଜାରି ରଖିବାକୁ ଦାବି କରିପାରିବେ ନାହିଁ। ମୂଳ ଅନୁଷ୍ଠାନର ଚାକିରି ସମ୍ବନ୍ଧୀୟ ଦରମା, ପଦୋନ୍ନତି, ଛୁଟି ଓ ଅନ୍ୟାନ୍ୟ ସୁବିଧା ପୂର୍ବ ନିୟମ ଅନୁଯାୟୀ ରହିବ ବୋଲି କୁହାଯାଇଛି।

ଅଯୋଗ୍ୟ ଅଧ୍ୟାପକଙ୍କୁ ସୁରକ୍ଷା ଦେବାକୁ ଯାଇ ଉଚ୍ଚଶିକ୍ଷା ବିଭାଗ ଗୋଟିଏ ପରେ ଗୋଟିଏ ଅଯୌକ୍ତିକ ନିଷ୍ପତ୍ତି ନେଉଥିବା ଶିକ୍ଷାବିତମାନେ ଅଭିଯୋଗ କରିଛନ୍ତି। ଏମ୍‌ଇଡି ଯୋଗ୍ୟତା ନ ଥାଇ ନିଯୁକ୍ତି ପାଇଥିବା ଅଯୋଗ୍ୟ ଅଧ୍ୟାପକଙ୍କୁ ରଖିଲେ ସ୍ୱୀକୃତି ପ୍ରତ୍ୟାହାର ହେବା ଏକପ୍ରକାର ନିଶ୍ଚିତ ହେବାରୁ ପ୍ରଥମେ ସେମାନଙ୍କୁ ଡିଗ୍ରୀ କଲେଜକୁ ବଦଳି କରାଯାଇଛି। ତାଙ୍କ ସ୍ଥାନରେ ଅତିଥି ଅଧ୍ୟାପକ ନିଯୁକ୍ତ କରି ସ୍ୱୀକୃତି ବଜାୟ ରଖିବାକୁ ପ୍ରୟାସ କରାଯାଉଛି। ମାତ୍ର ଯୋଗ୍ୟ ଅଧ୍ୟାପକ ନ ମିଳିବା ବିଭାଗର ମୁଣ୍ଡବ୍ୟଥା ବଢ଼ାଉଛି। ଏଣୁ ଅବସର ନେଇଥିବା ଅଧ୍ୟାପକଙ୍କୁ ୭୫ ବର୍ଷରେ ମଧ୍ୟ ନିଯୁକ୍ତି ଦିଆଯାଉଛି। ଶିକ୍ଷକ ଶିକ୍ଷା ସହ ଆଦୌ ଜଡ଼ିତ ନ ଥାଇ ସିଟି କଲେଜରୁ ଅବସର ନେଇଥିବା ବ୍ୟକ୍ତିଙ୍କୁ ମଧ୍ୟ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଛି। ସ୍ଥାୟୀ ସମାଧାନ ପାଇଁ ନୂତନ ନିଯୁକ୍ତି ଦେବା ପରିବର୍ତ୍ତେ ସରକାରଙ୍କ ଏହି ଅଯୋଗ୍ୟ ବଞ୍ଚାଅ ନୀତି ଶିକ୍ଷକ ଶିକ୍ଷାର ମାନକୁ ରସାତଳଗାମୀ କରୁଥିବା ଅଭିଯୋଗ ହୋଇଛି।

## ମହିଳାଙ୍କ ଗଳାକାଟି ହତ୍ୟା; ସ୍ୱାମୀ ଅଟକ

ଆସିକା,୨୩।୮ (ସମିସ): ଆସିକା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ନାହାଡା ଗ୍ରାମରେ ଅଭାବନୀୟ ଘଟଣା ଘଟିଛି। ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀ'ର ତଣ୍ଟି କାଟି ହତ୍ୟା କରିଛନ୍ତି। ମୃତ ମହିଳା ଜଣଙ୍କ ହେଲେ ନମିତା ପ୍ରଧାନ। ହତ୍ୟା କରିଥିବା ସ୍ୱାମୀଙ୍କ ନାମ ସୁଜିତ ପ୍ରଧାନ। ସୁଜିତ କୌଣସି ଧାରୁଆ ଅସ୍ତ୍ରରେ ନମିତାଙ୍କୁ ଆକ୍ରମଣ କରି ହତ୍ୟା କରିଥିବା ଜଣାପଡ଼ିଛି। ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଅଧିକ ତଦନ୍ତ କରୁଛି। ସୂଚନା ଅନୁସାରେ ଗ୍ରାମର ସୁଜିତ, ନମିତାଙ୍କୁ ପ୍ରେମ କରି କୋର୍ଟରେ ବିବାହ କରିଥିଲେ। ଇତି ମଧ୍ୟରେ ସୁଜିତ ସୁରଟରେ ରହୁଥିବା ସମୟରେ ସେଠାରେ ଏକ ହତ୍ୟା ମାମଲାରେ ୮ ବର୍ଷ ଜେଲ ଦଣ୍ଡ ଭୋଗୀ ଥିଲେ। ନମିତା ନିଜ ବାପ ଘରେ ରହୁଥିଲେ। ଗତ ୪ ଦିନ ତଳେ ସୁଜିତ ସୁରଟରୁ ଆସି ନମିତାଙ୍କୁ ମାଡ଼ ମାରିଥିଲେ। ଆଜି ନମିତା ଘରେ ଏକା ଥିବାର ସୁଯୋଗ ନେଇ ତାଙ୍କ ସହ ଝଗଡ଼ା କରି ଛୁରିରେ ତଣ୍ଟି କାଟି ହତ୍ୟା କରିଥିଲା। ପୁଲିସ ହତ୍ୟାକାରୀ ସୁଜିତକୁ ଥାନାରେ ଅଟକ ରଖିଛି। ଘଟଣାସ୍ଥଳରେ ନମିତାଙ୍କ ମୃତଦେହ ପଡ଼ିରହିଛି। ପୁଲିସ ଏ ନେଇ ଅଧିକ ତଦନ୍ତ କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବାଂଲାଦେଶରେ ହିନ୍ଦୁ...

ରାତିରେ ପରିବାର ଲୋକେ ସେମାନଙ୍କ ଘରେ ପହଞ୍ଚି ମୁଖ୍ୟ ଫାଟକ ବନ୍ଦ ଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଲା ଭାଙ୍ଗି ଘର ଭିତରୁ ଚାରି ଜଣଙ୍କର ମୃତଦେହ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡିଛି ଯେ ମା' ଏବଂ ଝିଅଙ୍କ ମୃତଦେହ ସିଡ଼ି ଉପରୁ, ଗଣପତିଙ୍କ ମୃତଦେହ ଛାତ ଉପରୁ ଏବଂ ସାନ ପୁଅର ମୃତଦେହ ଖଟ ତଳୁ ମିଳିଛି। ଗଣପତି ଗତ ବର୍ଷ ଶିକ୍ଷକତା ପଦରୁ ଅବସର ନେଇଥିଲେ ଏବଂ ତାଙ୍କର କାହା ସହିତ କୌଣସି ଶତ୍ରୁତା ନଥିଲା ବୋଲି ପରିବାର ଲୋକେ କହିଛନ୍ତି। ଏହା ଏକ ହତ୍ୟାକାଣ୍ଡ ନା ଆତ୍ମହତ୍ୟା, ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସ୍ ଏବଂ ସିଆଇଡି ମିଳିତ ଭାବେ ଏହି ଘଟଣାର ଗୁରୁତର ତଦନ୍ତ ଜାରି ରଖିଛନ୍ତି।

### ଭ୍ରମାତ୍ମକ ବିଜ୍ଞାପନ...

ବ୍ରାଣ୍ଡଗୁଡ଼ିକୁ ମଧ୍ୟ ନୋଟିସ୍ ଏହି ମିଳିଛି।

ଏହି ପ୍ରସଙ୍ଗରେ ଏଫ୍‌ଏସ୍‌ଏସ୍‌ଏଆଇଇ-କମର୍ସ କମ୍ପାନୀ ଆମାଜନ ଏବଂ ଫ୍ଲିପ୍‌କାର୍ଟକୁ ୧୨ ନୋଟିସ୍ ପଠାଇଛି। ଏଫ୍‌ଏସ୍‌ଏସ୍‌ଏଆଇ କହିଛି ଯେ ଏକ ଆମାଜନ ଗୋଦାମର ଲାଇସେନ୍ସ ମଧ୍ୟ ରଦ୍ଦ କରାଯାଇଛି। ଏଜେନ୍ସି କେଏଫ୍‌ସି, ମ୍ୟାକଡୋନାଲ୍ଡସ୍, ପିଜା ହଟ୍, ଡୋମିନୋଜ୍ ଏବଂ କୋଷ୍ଟା କଫି ଭଳି ଖାଦ୍ୟ ସେବା ବ୍ରାଣ୍ଡଗୁଡ଼ିକୁ ୩୦ ରୁ ଅଧିକ ନୋଟିସ୍ ଜାରି କରିଛି। ଡୋମିନୋଜ୍‌ର ୫ଟି ଲାଇସେନ୍ସକୁ ସ୍ଥଗିତ କରାଯାଇଛି। ଏଫ୍‌ଏସ୍‌ଏସ୍‌ଏଆଇ ଅନୁଯାୟୀ, ନୋଟିସ୍ ପାଇବା ପରେ ମଧ୍ୟ ଅନେକ କମ୍ପାନୀ ସେମାନଙ୍କର ଭୁଲ ସଂଶୋଧନ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଖାଦ୍ୟ ସୁରକ୍ଷା, ବିଜ୍ଞାପନ ଏବଂ ଲେବଲିଂ ନିୟମ ଅନୁପାଳନ କରାଯାଉଛି କି ନାହିଁ ତାହା ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଚାଲିଛି। ଭବିଷ୍ୟତରେ ଏହି ନିୟମ ଉଲ୍ଲଂଘନ କରୁଥିବା କମ୍ପାନୀଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ବୃଦ୍ଧି ପାଇପାରେ। ଏଠାରେ ସୂଚନାଯୋଗ୍ୟ ଯେ, ଭ୍ରମାତ୍ମକ ବିଜ୍ଞାପନ କହିଲେ ଏକ ଉତ୍ପାଦର ଗୁଣବତ୍ତା, ଉପାଦାନ କିମ୍ବା ସ୍ୱାସ୍ଥ୍ୟ ଲାଭ ବିଷୟରେ ମିଥ୍ୟା କିମ୍ବା ଅସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରୁଥିବା ବିଜ୍ଞାପନକୁ ଭ୍ରମାତ୍ମକ ବୋଲି ବିବେଚନା କରାଯାଏ। ଗ୍ରାହକଙ୍କୁ ଭୁଲ ଭାବରେ ବିଭ୍ରାନ୍ତ କରୁଥିବା, ଅନ୍ୟ ଏକ ଉତ୍ପାଦକୁ ନିମ୍ନମାନର ଭାବରେ ଚିତ୍ରଣ କରୁଥିବା କିମ୍ବା ଗୁରୁତ୍ୱପୂର୍ଣ୍ଣ ସୂଚନା ଲୁଚାଉଥିବା ଦାବି ମଧ୍ୟ ଭ୍ରମାତ୍ମକ ହୋଇପାରେ।

### ଦର ବୃଦ୍ଧିରେ...

ପାଇଛି, ଯାହାକି ଜୁନ୍ ମାସରେ ୪.୩୮ ପ୍ରତିଶତ ରହିଥିଲା। ଗ୍ରାମାଞ୍ଚଳ କ୍ଷେତ୍ରରେ ମୁଦ୍ରାସ୍ଫୀତି ହାର ୪.୮୪ ପ୍ରତିଶତ ରହିଛି, ଯାହା କି ସହରାଞ୍ଚଳର ୩.୯୬ ପ୍ରତିଶତ ହାରଠାରୁ ଯଥେଷ୍ଟ ଅଧିକ ଥିଲା। ଖାଦ୍ୟ ସାମଗ୍ରୀ ମୂଲ୍ୟରେ ବୃଦ୍ଧି ମୁଦ୍ରାସ୍ଫୀତିରେ ବୃଦ୍ଧି ମୁଖ୍ୟ ବାହକ ରହିଛି। ଉପଭୋକ୍ତା ଖାଦ୍ୟ ମୂଲ୍ୟ ସୂଚକାଙ୍କ ଆଧାରିତ ମୁଦ୍ରାସ୍ଫୀତି ଜୁନ୍ ମାସରେ ୫.୩୨% ତୁଳନାରେ ଜୁଲାଇରେ ୫.୫୨%କୁ ବୃଦ୍ଧି ପାଇଛି।

### ଡକାଯିବ ଜରୁରୀ...

ମଧ୍ୟ ଆବଶ୍ୟକ ସଂଖ୍ୟାଗରିଷ୍ଠତା ନ ମିଳିବାରୁ ଏହା ସଫଳ ହୋଇନଥିଲା। ମାତ୍ର ପୁଣି ଏଥିପାଇଁ ବିଜେପି ସରକାର ପ୍ରୟାସ କରିପାରେ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ ସାମାଜିକ ଗଣମାଧ୍ୟମରେ ଆଶଙ୍କା ବ୍ୟକ୍ତ କରିବା ପରେ ଏହାକୁ ନେଇ ରାଜନୀତି ସରଗରମ ହୋଇଛି। ମୌସୁମୀ ଅଧିବେଶନ ପ୍ରୋରୋଗ୍ ନହେବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିବା ସହ ଡିଲିମିଟେସନ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍‌କୁ ସ୍ୱତନ୍ତ୍ର ଅଧିବେଶନରେ ପାରିତ କରାଇବା ପାଇଁ କେନ୍ଦ୍ର ସରକାର ଆବଶ୍ୟକ ଦୁଇ-ତୃତୀୟାଂଶ ସମର୍ଥନ ଯୋଗାଡ଼ କରୁଛନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

ଜନସଂଖ୍ୟା ଆଧାରରେ ସୀମା ପୁନର୍ଗଠନ ହେଲେ ଅନେକ ରାଜ୍ୟଗୁଡ଼ିକର ଲୋକସଭା ପ୍ରତିନିଧିତ୍ୱ କମିପାରେ ବୋଲି ତାମିଲନାଡୁ, କେରଳ, କର୍ଣ୍ଣାଟକ, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ, ଓଡ଼ିଶା ପରି ରାଜ୍ୟଗୁଡ଼ିକ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଅଗଷ୍ଟ ୨୧ରେ ମହାବଳୀପୁରମ୍‌ରେ ଅନୁଷ୍ଠିତ ଦକ୍ଷିଣାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଡିଲିମିଟେସନ ପ୍ରସଙ୍ଗ ଉଠିଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ରାଜ୍ୟଗୁଡ଼ିକର ସଂସଦୀୟ ପ୍ରତିନିଧିତ୍ୱ କୌଣସି ପରିସ୍ଥିତିରେ କମିବ ନାହିଁ ବୋଲି କେନ୍ଦ୍ର ପକ୍ଷରୁ ସ୍ପଷ୍ଟ ଆଇନଗତ ଆଶ୍ୱାସନା ଦାବି କରିଛନ୍ତି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମଧ୍ୟ ଆଗାମୀ ୨୫ ବର୍ଷ ପାଇଁ ବର୍ତ୍ତମାନର ୫୪୩ ଲୋକସଭା ଆସନ ସଂଖ୍ୟା ଅପରିବର୍ତ୍ତିତ ରଖିବାକୁ ଦାବି କରିଛନ୍ତି। ଫଳରେ ସଂସଦର ମୌସୁମୀ ଅଧିବେଶନ ପ୍ରୋରୋଗେସନ୍‌ରେ ବିଳମ୍ବ ଏବଂ ଡିଲିମିଟେସନକୁ ନେଇ କେନ୍ଦ୍ରର ପରବର୍ତ୍ତୀ ପଦକ୍ଷେପ ଉପରେ ଏବେ ସମସ୍ତଙ୍କ ନଜର ରହିଛି।

ଏ ସମ୍ପର୍କରେ ବିଜେଡିର ବରିଷ୍ଠ ଉପସଭାପତି ତଥା ବିଧାନସଭାରେ ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ସଂସଦ ମୁଲତବୀ ହେବା ପରେ ପ୍ରୋରୋଗେସନ ଏକ ବିଧିବଦ୍ଧ ପ୍ରକ୍ରିୟା। ସାଧାରଣତଃ ସଂସଦ ମୁଲତବୀ ହେବାର ପ୍ରାୟ ସପ୍ତାହକ ମଧ୍ୟରେ ଏହି କାର୍ଯ୍ୟ ସମାପନ ହୁଏ। ୧୦ ଦିନ ପରେ ପ୍ରୋରୋଗେସନ ନ ହେବା ଏକ ବିରଳ ଘଟଣା। ତେଣୁ ଏ ସଂକ୍ରାନ୍ତରେ ଦେଶବାସୀ ବା ବିଭିନ୍ନ ରାଜନୈତିକ ଦଳର ନେତାଙ୍କ ମନରେ ସୃଷ୍ଟି ହେଉଥିବା ଆଶଙ୍କାକୁ ଅମୂଳକ ବୋଲି କୁହାଯାଇ ପାରିବ ନାହିଁ ବୋଲି ସେ କହିଛନ୍ତି।

### ଲଦାଖରେ ପ୍ରତିଷ୍ଠା...

ଆଜି ଯାଏଁ ତାହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ମାତ୍ର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଦକ୍ଷିଣ ଓଡ଼ିଶା ଓ ପଶ୍ଚିମ ଓଡ଼ିଶାରେ ଗୋଟିଏ ଲେଖାଏଁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଲାଗି କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଏପର୍ଯ୍ୟନ୍ତ ବିଜେପି ନେତାଙ୍କର ନୀଦ ଭାଙ୍ଗୁ ନାହିଁ। ଏଥିପାଇଁ ସେ ସ୍ପଷ୍ଟ ଭାବେ ବିଜେପି ସ୍ଥାନୀୟ ନେତା ଜୟନାରାୟଣ ମିଶ୍ର ଓ ସ୍ଥାନୀୟ ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ସମ୍ପର୍କରେ ପ୍ରଶ୍ନ କରିଛନ୍ତି। କେବେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ ଓ ଏନେଇ ପଦକ୍ଷେପ ନେବ ତାହାର ଉତ୍ତର ଦେବାର ଆବଶ୍ୟକତା ରହିଛି। ଏହା ନହେଲେ ପଶ୍ଚିମ ଓଡ଼ିଶାରେ ଏକ ବିରାଟ ଜନ ଆନ୍ଦୋଳନ କରାଯିବ ବୋଲି ଶ୍ରୀ ପୂଜାରୀ କହିଛନ୍ତି।

### ୧୧ ପଦରେ...

ପରିଣତ କରିଦିଆଯାଇଥିବା ଅଭିଯୋଗ ହୋଇଛି ଏବଂ ଏହାକୁ ପ୍ରୋତ୍ସାହିତ କରିବା ନିମନ୍ତେ ନୂଆ ନିଯୁକ୍ତି ଦିଆଯାଉ ନାହିଁ ଓ ଯେଉଁମାନେ ଏଠାରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କୁ ଅନ୍ୟତ୍ର ବଦଳି କରିଦିଆଯାଉଛି ବୋଲି ମଧ୍ୟ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁସାରେ, ଜନାର୍ଦ୍ଦନ ମାଝୀ ଉଠାଜଳସେଚନ ନିଗମରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଡିଜାଇନ-୧)ରେ ଅବସ୍ଥାପିତ ହୋଇଛନ୍ତି। ମାତ୍ର କୌତୂହଳର କଥା ହେଉଛି ଅନ୍ୟ ଡିଭିଜନ (ଭୁବନେଶ୍ୱର)ରେ ସେ ନିର୍ବାହୀ ଯନ୍ତ୍ରୀ ଭାବରେ ମଧ୍ୟ ଅବସ୍ଥାପିତ ଓ ଏକ ସମୟରେ ସେ ଉଠାଜଳସେଚନ ନିଗମର ଉପନିର୍ଦ୍ଦେଶକ (ଯୋଜନା) ଭାବରେ ମଧ୍ୟ ସେ କାର୍ଯ୍ୟ କରୁଛନ୍ତି। ଜଳସମ୍ପଦ ବିଭାଗର ପ୍ରାଚୀ ଡିଭିଜନରେ ସହକାରୀ ମୁଖ୍ୟ ଯନ୍ତ୍ରୀ ବିଚିତ୍ରକୁମାର ସାମଲଙ୍କ ଉପରେ ୩ଟି ଦାୟିତ୍ୱ ଲଦା ହୋଇଛି। ସେ ଏକାଧାରରେ ସହକାରୀ ମୁଖ୍ୟଯନ୍ତ୍ରୀ ପଦ ସହ ଉଠାଜଳସେଚନ ନିଗମର ବୈଷୟିକ ନିର୍ବାହୀ ନିର୍ଦ୍ଦେଶକ ପଦ ସହ ପରିଚାଳନା ନିର୍ଦ୍ଦେଶକ ପଦରେ ମଧ୍ୟ ଅବସ୍ଥାପିତ କରାଯାଇଛି।

ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦରେ ଅବସ୍ଥାପିତ ହୋଇଛନ୍ତି ଜଣେ ସହକାରୀ ଯନ୍ତ୍ରୀ। ଅଭିଯୋଗ ଅନୁସାରେ ସହକାରୀ ଯନ୍ତ୍ରୀ (ବୈଷୟିକ) ସୁଦର୍ଶନ ଷଡ଼ଙ୍ଗୀ ଏକାଧାରରେ ୫ଟି ଦାୟିତ୍ୱ ତୁଲାଉଛନ୍ତି। ସମ୍ପ୍ରତି ସେ ମୁଖ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ସାମଗ୍ରୀ କ୍ରୟ), ନିର୍ବାହୀ ଯନ୍ତ୍ରୀ (ଡିଜାଇନ), ଅଧୀକ୍ଷଣ ଯନ୍ତ୍ରୀ (ସାମଗ୍ରୀ କ୍ରୟ ଓ ମାନ ନିୟନ୍ତ୍ରଣ) ଓ ରାଜଧାନୀଠାରୁ ୨୦୦ କିଲୋମିଟର ଦୂର ଅନୁଗୋଳ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଭାବରେ କାର୍ଯ୍ୟ କରୁଛନ୍ତି। ତାଙ୍କ ପଦୋନ୍ନତିକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି ଓ ବିନା ଡିପିସିରେ ତାଙ୍କୁ ଏକାଧିକ ପଦୋନ୍ନତି ଦିଆଯାଇଥିବା ଅଭିଯୋଗ ହୋଇଛି।

କେବଳ ଏତିକି ନୁହେଁ; ନିଗମ ବିରୋଧରେ ମଧ୍ୟ ଆହୁରି ଅନେକ ସାଂଘାତିକ ଅଭିଯୋଗ ଆସିଛି। ଅବସର ନେବାର ବର୍ଷବର୍ଷ ବିତିଯିବା ପରେ ମଧ୍ୟ ଅନେକ କର୍ମଚାରୀଙ୍କୁ ସେମାନଙ୍କର ନାର୍ଯ୍ୟ ପ୍ରାପ୍ୟ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି ଏବଂ ଏହି ପାଉଣା ନ ଦେବାକୁ ରୀତିମତ ଷଡ଼ଯନ୍ତ୍ର କରାଯାଉଛି। ଜଣେ ଜଣେ ଅଧିକାରୀଙ୍କ ଉପରେ ଏତେଗୁଡ଼ିଏ ଦାୟିତ୍ୱ ନ୍ୟସ୍ତ କରିବା ପଛରେ କେଉଁ କାରଣ ଅଛି ତାହାକୁ ନେଇ ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ନିଗମରେ ମାନବସମ୍ବଳ ସଙ୍କଟ ରହିଛି ନା ଜାଣିଶୁଣି ଜଣେ ଜଣେ ଅଧିକାରୀଙ୍କ ଉପରେ ଏକାଧିକ ଦାୟିତ୍ୱ ନ୍ୟସ୍ତ କରାଯାଇ ବ୍ୟବସ୍ଥାକୁ ବିଭ୍ରାଟ କରିବାକୁ ଉଦ୍ୟମ କରାଯାଉଛି ତାହା ସବୁଠାରୁ ବଡ଼ ପ୍ରଶ୍ନବାଚୀ। ଅପରପକ୍ଷରେ ବିଭାଗରେ ଏକାଧିକ ଦାୟିତ୍ୱ ତୁଲାଇବା ପାଇଁ କେବଳ ଏହି ଅଧିକାରୀମାନେ ସୁଦକ୍ଷ ଓ ଅନ୍ୟମାନେ ଅପାରଗ ବୋଲି ସରକାର ମନେ କରୁଛନ୍ତି ବୋଲି ମଧ୍ୟ ଏକ ବାର୍ତ୍ତା ଦିଆଯିବାକୁ ଉଦ୍ୟମ ହେଉଛି ବୋଲି ଅଭିଯୋଗ ହୋଇଛି।

### ୩ ଦିନ...

ବୌଦ୍ଧରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର କହିଛି। ଏହି ଲଘୁଚାପ ପ୍ରଭାବରେ ୨୫ ଓ ୨୬ ତାରିଖରେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ବର୍ଷା ଆଶଙ୍କା କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ଲଘୁଚାପ ଯାଉ ଯାଉ ଅଗଷ୍ଟ ଶେଷ ଆଡ଼କୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ପ୍ରଭାବରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ଅଧିକ ବର୍ଷା ହେବ। ତେବେ ରବିବାର ସୃଷ୍ଟ ଲଘୁଚାପ ଆଗାମୀ ୨ ରୁ ୩ ଦିନ ମଧ୍ୟରେ ଉତ୍ତର ଓଡ଼ିଶା ଦେଇ ଛତିଶଗଡ଼ ଆଡ଼କୁ ଗତି କରିବ। ଏହାପ୍ରଭାବରେ ଅଗଷ୍ଟ ୨୪ ରୁ ୨୬ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ସୁନ୍ଦରଗଡ଼, ଝାରସୁଗୁଡ଼ାରେ ବର୍ଷା ହେବ। ଅଗଷ୍ଟ ୨୮-୨୯ରେ ବର୍ଷା ସାମାନ୍ୟ କମିବା ପରେ ୨୯-୩୦ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଅଗଷ୍ଟ ୩୧ରୁ ସେପ୍ଟେମ୍ବର ୧ ମଧ୍ୟରେ ଏହା ପ୍ରଭାବରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ। ଏହା ମଧ୍ୟ ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ଓ ଛତିଶଗଡ଼ ଆଡ଼କୁ ଗତି କରିବ। ଏହା ପ୍ରଭାବରେ ଅଗଷ୍ଟ ୩୦ ରୁ ସେପ୍ଟେମ୍ବର ୨ ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଯାଜପୁର, ସୁନ୍ଦରଗଡ଼, ସମ୍ବଲପୁର, ସୋନପୁର, ବରଗଡ଼, ବଲାଙ୍ଗୀର ଓ କଳାହାଣ୍ଡିରେ ପୁଣି ପ୍ରବଳ ବର୍ଷା ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ଲଘୁଚାପ ପ୍ରଭାବରେ ଆଗାମୀ ୨୪ ତାରିଖ ଯାଏଁ ସମୁଦ୍ର ଅଶାନ୍ତ ରହିବ। ଏବେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ୪୦-୫୦ ବେଗରେ ପବନ ବହୁଛି। ଏହାର ଝଟକା ୬୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିବାର ଆଶଙ୍କା ରହୁଛି। ତେଣୁ ଉତ୍ତର ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ପଶ୍ଚିମବଙ୍ଗ ଏବଂ ସଂଲଗ୍ନ ଓଡ଼ିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳରେ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ଓଡ଼ିଶା ଉପକୂଳ ପାର୍ଶ୍ୱବର୍ତ୍ତୀ ସମୁଦ୍ରକୁ ଯିବା ପାଇଁ ବାରଣ କରାଯାଇଛି।

### ଘାଇ ଏବେ ବି...

ଦିନ ମଧ୍ୟରେ ଘାଇ ମରାମତି କାର୍ଯ୍ୟ ଶେଷ ହେବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୫୦ ଭାଗ ମଧ୍ୟ କାର୍ଯ୍ୟ ସରି ନଥିବା ପରିଲକ୍ଷିତ ହୋଇଛି। ବନ୍ୟାଞ୍ଚଳ ପରିଦର୍ଶନରେ ଆସିଥିବା ମନ୍ତ୍ରୀ ଜଳସମ୍ପଦ ଯନ୍ତ୍ରୀ ଏବଂ ସ୍ଥାନୀୟ ପ୍ରଶାସନ ମରାମତି ପାଇଁ ସମୟ ନେଇଥିବା ଅବଧି ଶେଷ ହୋଇଛି ହେଲେ ମନ୍ଥର ଗତିରେ କାର୍ଯ୍ୟ ଯୋଗୁଁ ରିଙ୍ଗରୋଡ ଘାଇ କାର୍ଯ୍ୟ ଅଧପନ୍ତରିଆ ହୋଇପଡିଛି। ୨୬ ଦିନ ପରେ ମଧ୍ୟ ଘାଇର ମରମତି କାର୍ଯ୍ୟ ହୋଇପାରି ନାହିଁ। କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ରିଙ୍ଗବନ୍ଧ ଘାଇ ମରାମତି କାର୍ଯ୍ୟରେ ଜଳସମ୍ପଦ ବିଭାଗର ଚରମ ଅବହେଳା ଓ ଦାୟିତ୍ୱହୀନତା ସାମନାକୁ ଆସିଛି। ଏହାସତ୍ତ୍ୱେ ପ୍ରଶାସନ ଏ ଦିଗରେ ନିରବଦ୍ରଷ୍ଟା ସାଜିଥିବା ଅଭିଯୋଗ ହେଉଛି।

### ୨ ଉଦ୍ଧାର...

ଓସେନ ୱିନର ପ୍ରାୟ ୭୨,୧୦୦ ଟନ୍ ଲୁହାପଥର ଫାଇନ୍ସ ନେଇ ଶୁକ୍ରବାର ରାତି ୧୦ଟା ୪୨ ମିନିଟରେ ପାରାଦୀପ ବନ୍ଦରରୁ ଯାତ୍ରା ଆରମ୍ଭ କରିଥିଲା। ଜାହାଜଟି ସିଙ୍ଗାପୁର ଅଭିମୁଖେ ଯାଉଥିବା ନେଇ ପ୍ରାଥମିକ ସୂଚନା ମିଳିଥିଲା। ତେବେ ପରବର୍ତ୍ତୀ ସମୟରେ ଏହାର ଗନ୍ତବ୍ୟସ୍ଥଳ ଚୀନ ଥିବା କୁହାଯାଉଛି। ତେବେ ଶନିବାର ପୂର୍ବାହ୍ନ ୧୧ଟା ୪୮ ମିନିଟ୍ ସମୟରେ ଜାହାଜ ସହ ସମ୍ପୃକ୍ତ ଏକ କମ୍ପାନୀ ପକ୍ଷରୁ ଶ୍ରୀ ବିଜୟପୁରମ୍‌ସ୍ଥିତ ଆଇସିଜିର ମାରିଟାଇମ୍ ରେସ୍କ୍ୟୁ କୋଅର୍ଡିନେସନ୍ ସେଣ୍ଟର (ଏମ୍‌ଆର୍‌ସିସି)କୁ ଏକ ଜରୁରୀ ସୂଚନା ମିଳିଥିଲା। ଏମ୍‌ଭି ଓସେନ ୱିନର ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ଏବଂ ଜାହାଜକୁ ଖୋଜିବା ପାଇଁ ସନ୍ଧାନ ଓ ଉଦ୍ଧାର ସହାୟତା ଆବଶ୍ୟକ ବୋଲି ଏହି ସୂଚନାରେ କୁହାଯାଇଥିଲା। ସୂଚନା ପାଇବା ପରେ ଆଇସିଜି ଓ ଭାରତୀୟ ନୌସେନା ମିଳିତ ଭାବେ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ। ଘଟଣାସ୍ଥଳରୁ ଅଳ୍ପ ଦୂରରେ ଥିବା ଅନ୍ୟଏକ ବାଣିଜ୍ୟିକ ଜାହାଜ ଏମ୍‌ଟି ଓସୋପସ୍‌ର ଦିଗ ପରିବର୍ତ୍ତନ କରାଯାଇ ସନ୍ଧାନ କାର୍ଯ୍ୟରେ ସାମିଲ କରାଯାଇଥିଲା। ଏହି ଜାହାଜଟି ଦୁଇଟି ଲାଇଫ୍‌ରାଫ୍ଟରୁ ଦୁଇ ଜଣ ନାବିକଙ୍କୁ ଉଦ୍ଧାର କରିଥିବା ଆଇସିଜି ସୂଚନା ଦେଇଛି।

ଉଦ୍ଧାର ପାଇଥିବା କ୍ରୁ ସଦସ୍ୟଙ୍କ ସୂଚନା ଅନୁସାରେ ଶୁକ୍ରବାର ଜାହାଜଟି ଗୋଟିଏ ପାର୍ଶ୍ୱକୁ ଢଳିବା ଆରମ୍ଭ କରିଥିଲା। ଏହାପରେ ମାତ୍ର ପ୍ରାୟ ୮ ମିନିଟ୍? ମଧ୍ୟରେ ଜାହାଜଟି ବୁଡ଼ିଯାଇଥିଲା। ଜାହାଜ ବୁଡ଼ିବା ପୂର୍ବରୁ କ୍ରୁ ସଦସ୍ୟମାନେ ଏହାକୁ ଛାଡ଼ି ଲାଇଫ୍‌ବୋଟ୍‌ରେ ଆଶ୍ରୟ ନେଇଥିଲେ।


ଭାରତୀୟ ମାରିଟାଇମ୍ ପ୍ରଶାସନର ମହାନିର୍ଦ୍ଦେଶକ ଶ୍ୟାମ ଜଗନ୍ନାଥନଙ୍କ ସୂଚନା ଅନୁସାରେ, ସମୁଦ୍ରରେ ନିଖୋଜ ବ୍ୟକ୍ତିଙ୍କୁ ଉଦ୍ଧାର କରିବାର ସମ୍ଭାବନା ସାଧାରଣତଃ ୧୨ ଘଣ୍ଟା ପରେ କମିଯାଏ। ତଥାପି ଉଦ୍ଧାରକାରୀ ଦଳ ଆଶା ଛାଡ଼ିନାହାନ୍ତି ଏବଂ ନିଖୋଜ କ୍ରୁ ସଦସ୍ୟଙ୍କ ସନ୍ଧାନ ଜାରି ରଖିଛନ୍ତି। ଜାହାଜଟି କେଉଁ କାରଣରୁ ବୁଡ଼ିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖରାପ ପାଗ, ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିଛି କି, ସେନେଇ ମାରିଟାଇମ୍ ପ୍ରଶାସନ ତଦନ୍ତ ଆରମ୍ଭ କରିଛନ୍ତି।

### ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି...

ମଞ୍ଚରେ ବିତର୍କ କରିବା ପାଇଁ ଶ୍ରୀ ଘଡ଼େଇ ବିଜେଡି ପକ୍ଷରୁ ଆହ୍ୱାନ କରିଛନ୍ତି।

ସେହିପରି ଶ୍ରୀ ରାୟ କହିଛନ୍ତି ଯେ, ଏହି ବିଲ୍ ପାରିତ ହେବା ପରେ ରାଜ୍ୟସାରା ସମସ୍ତ ବର୍ଗଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରତ୍ନଗର୍ଭା ଓଡ଼ିଶା ଖଣିଜ ସମ୍ପଦର ଲୁଟିବା ପାଇଁ ବିଜେପି ପକ୍ଷରୁ ଏକ ଷଡ଼ଯନ୍ତ୍ର କରାଯାଇଛି। ଏଥିପାଇଁ ରାଜ୍ୟର ମୁଖ୍ୟମନ୍ତ୍ରୀ, ସମସ୍ତ ବିଜେପି ସାଂସଦ ଓ ନେତୃତ୍ୱଗଣ ଦାୟୀ। କେନ୍ଦୁଝର ଭଳି ଖଣିଜ ସମ୍ପଦ ଭରା ଜିଲ୍ଲାରୁ ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା। କେବଳ ଓଡ଼ିଶାର ଖଣିଜ ସମ୍ପଦ ଲୁଟିବା ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା ବୋଲି ବର୍ତ୍ତମାନ ଜଣାପଡୁଛି। ଝାଡଖଣ୍ଡ ରାଜ୍ୟ ତାହାର ବକେୟା ରାଜସ୍ୱ ଆଦାୟ କରିପାରିଥିବା ବେଳେ ଓଡ଼ିଶା ୧ଲକ୍ଷ କୋଟିରୁ ଉର୍ଦ୍ଧ୍ୱ ଟଙ୍କା କାହିଁକି ଆଦାୟ କରି ପାରୁନାହିଁ ବୋଲି ଶ୍ରୀ ରାୟ ପ୍ରଶ୍ନ କରିଛନ୍ତି। ଉକ୍ତ ଅର୍ଥ ରାଜ୍ୟର ଉନ୍ନତି ପାଇଁ ବିନିଯୋଗ ହୋଇପାରିଥାନ୍ତା କିନ୍ତୁ ତାହା ନହୋଇ ରାଜ୍ୟବାସୀଙ୍କ କ୍ଷତି ହୋଇଛି। ଖଣିରୁ ସେସ୍ ଓ ଟିକସ ଆଦାୟ ଓଡିଶା ସ୍ୱାର୍ଥ ଦୃଷ୍ଟିରୁ ନିତ୍ୟାନ୍ତ ଜରୁରୀ ଓ ବକେୟା ଖଣି ରାଜସ୍ୱ ନ ମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ। ଏଥିପାଇଁ ବିଧାନସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକି ଏ ସମ୍ପର୍କରେ ଆଲୋଚନା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦାବି କରିଛନ୍ତି। କିନ୍ତୁ ବିଜେପି ନିଜର ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ତାହା କରୁନାହିଁ। ଓଡିଆ ଅସ୍ମିତାର ଦ୍ୱାହି ଦେଇ ବିଜେପି ସରକାର କରିଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ସେମାନେ ଭୁଲି ଯାଇଛନ୍ତି। ରାଜ୍ୟର ସ୍ୱାର୍ଥ ହାସଲ ପାଇଁ ଆଗାମୀ ଦିନରେ ବିଜେଡି ଜୋରଦାର ଆନ୍ଦୋଳନ କରିବ ବୋଲି ଶ୍ରୀ ରାୟ କହିଛନ୍ତି।

# ବଗି ଛାଡ଼ି ଚାଲିଗଲା ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି



ବଲାଙ୍ଗିର,୨୩।୮ (ସମିସ): ବଲାଙ୍ଗିର ସୁଦପଡ଼ା-କଦମପଡା ମଝିରେ ରବିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଥିଲା। ଭୁବନେଶ୍ୱର-ପୁରୁଣାକଟକ ଇଣ୍ଟରସିଟି ଟ୍ରେନ୍‌ଟି ଯାତ୍ରୀଙ୍କୁ ନେଇ ଯାଉଥିଲା; ହେଲେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡ଼ି ଚାଲିଯାଇଥିବା ଦେଖିବାକୁ ମିଳିଥିଲା। ଏକ ସମ୍ଭାବ୍ୟ ବଡ ଧରଣର ଦୁର୍ଘଟଣାରୁ ଲୋକେ ବର୍ତ୍ତି ଯାଇଛନ୍ତି। ଏହି ଘଟଣାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏହି ଘଟଣା କିପରି ଘଟିଲା ଏବଂ କାହାର ଅବହେଳା ରହିଛି ସେ ନେଇ ରେଳ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

ବଲାଙ୍ଗିର-ପୁରୁଣାକଟକ ଟ୍ରେନ୍ ସବୁଦିନ ଭଳି ପ୍ରାୟ ଅପରାହ୍ନ ୩ଟା ପରେ ବଲାଙ୍ଗିର ଷ୍ଟେସନ ଛାଡିଥିଲା। ଷ୍ଟେସନରୁ କିଛି ଦୂର ଯିବା ପରେ ହଠାତ ଟ୍ରେନ ଇଞ୍ଜିନଟି ଯାତ୍ରୀ ବଗି ଛାଡି ଆଗକୁ ପଳାଇଥିଲା। ଏହା ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ଅଧ କିଲୋମିଟର ଯିବା ପରେ ଚାଳକ ଜାଣିବା ପରେ ଇଞ୍ଜିନ ଅଟକାଇଥିଲେ। ଖବର ପାଇ ରେଳ କର୍ମଚାରୀ ପହଞ୍ଚି ଇଞ୍ଜିନ ଓ ବଗିକୁ ଲଗାଇଥିଲେ। ଏହାପରେ ଟ୍ରେନ୍ ଗନ୍ତବ୍ୟ ପଥରେ ଆଗେଇ ଥିଲା। ତେବେ କେମିତି ଏତେ ବଡ ଅଘଟଣ ଘଟିଲା, ଇଞ୍ଜିନ ଓ ବଗି ବିଚ୍ଛିନ୍ନ ହେବାର କାରଣ କ'ଣ ସେନେଇ ରେଳ ଭିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାର ପ୍ରକୃତ କାରଣ ଏବଂ ଦାୟୀ ବ୍ୟକ୍ତିଙ୍କ ସମ୍ପର୍କରେ ରେଳ ବିଭାଗ ପକ୍ଷରୁ ତଦନ୍ତ ପରେ ସ୍ପଷ୍ଟ ହେବ।

**AFFIDAVIT**

By virtue of an affidavit sworn before the Executive Magistrate, Cuttack. I A. Chandrakala w/o Yogeswar Rao resident of Sutahat, Ps. Daragha Bazar, Cuttack declare that my actual name is A. Chandrakala, but in my Aadhaar & PAN card my name is recorded as N. Laxmi. I declare that A. Chandrakala and N. Laxmi is the same person. Henceforth I will be known as **A. Chandrakala** for all purpose.

**AFFIDAVIT**

By virtue of an affidavit sworn before Notary Public Bhubaneswar dated 21.09.2026. I Padmanava Swain, At-Padiapada,Po-Dolabadi,Dist-Bhadrak, Odisha-756114 declare that I have changed my name from Pawan Kumar Swain to Padmanava Swain. Henceforth, I shall be known as **PADMANAVA SWAIN** for all purposes.

**AFFIDAVIT**

By virtue of an affidavit sworn before The Notary Public, Rayagada, No.10072, dated. 22.08.2026, by Sri Sashi Bhusan Hans, aged about 46 years, S/o-Kshirasindhu Hans, Presently residing At- Kasturi Nagar, 9th Lane, House Hold No.027, Ward No-18, Rayagada, PO/PS/ Block/ Dist- Rayagada, Pin- 765001, Odisha, permanent resident of At-Sagunbhadi, PO-Chatiaguda, PS-Sinapali, Dist-Nuapada, Odisha, 766108, declare that I have changed the name of my daughter from Samiksha Sashi Bhusan Hans to Samiksha Subhansi Hans. Henceforth, she shall be known as **Samiksha Subhansi** Hans for all purposes.

**AFFIDAVIT**

By Virtue of an affidavit (SL NO-335 ,dtd-20.08.2026 )sworn before in The court of the Sub-Collector, Baripada, Mayurbhanj. I, Dhruba Charan Satpathy, of village- Rairangpur, ward no-7 ,PO/PS- Rairangpur, Dist. -Mayurbhanj, declare that my family including myself ,my wife namely sabita Satpathy and my elder son namely Hemanta Kumar satpathy use the SURNAME 'SATPATHY' . Henceforth, That All the Surname i.e. Dhruba charan Sathapathy and Dhruba charan Satpathy ,Sabita Sathapathy and Sabita Satpathy, Hemanta Kumar Sathapathy and Hemanta kumar Satpathy,Sumanta Kumar Sathapathy and Sumanta Kumar Satpathy are all belongs to one and same person for needful purpose.

S/D - DHRUBA CHARAN SATPATHY

**C.B.HIGHER SECONDARY SCHOOL**
Garhsanput, Kanas, Puri–752060

**URGENTLY REQUIRED**

Applications are invited for the post of Lecturer in HISTORY and ODIA(Guest faculty basis) having 55% above marks at PG level to the undersigned within 07 days of publication of this advertisement.

*Sd/-Principal-cum-Secretary CBHSS*
*chaudamauza.mahavidyalaya@gmail.com*

# ରିଲିଫ୍ ସାମଗ୍ରୀକୁ ନେଇ ବିଜେପିର ଦୁଇ ଗୋଷ୍ଠୀ ମୁହାଁମୁହିଁ

**ବାଲିଆପାଳ, ୨୩।୮ (ସମିସ)**

ସୁବର୍ଣ୍ଣରେଖା ବନ୍ୟାରେ ବାଲିଆପାଳ ତଥା ଭୋଗରାଇ ବ୍ଲକର ପ୍ରଭୂତ କ୍ଷତି ହୋଇଛି। ବର୍ତ୍ତମାନ ବନ୍ୟା ପାଣି ସମ୍ପୂର୍ଣ୍ଣ ଛାଡି ନଥିବା ବେଳେ ଏବେ ବି ଲୋକେ ବନ୍ୟାର ତାଡନାରେ ଛଟପଟ ହେଉଛନ୍ତି। ଅନ୍ୟପଟରେ ବାଲିଆପାଳରେ ଏକ ରିଲିଫ ସାମଗ୍ରୀକୁ କେନ୍ଦ୍ର କରି ଶାସକ ବିଜେପି ଦଳର ଦୁଇ ଗୋଷ୍ଠୀ ନେତା ମୁହାଁମୁହିଁ ଏବଂ ହାତାହାତି ପରିସ୍ଥିତି ହେବା ପରେ ଉଭୟ ପକ୍ଷ ଥାନାରେ ପୃଥକ ମାମଲା ରୁଜୁ ହେବା ଏବଂ ନିଜର ପକ୍ଷ ରଖିବା ପାଇଁ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟୀକରଣ ରଖିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଘଟଣା ଘଟିଛି ବସ୍ତା ନିର୍ବାଚନ ମଣ୍ଡଳୀର ବିଜେପିର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଅଣ୍ଡିଆ ଏବଂ ଏକଦା ତାଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ଥିବା ବାଲିଆପାଳ ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ତଥା ବିଜେପି ନେତା ହେମନ୍ତ ଦାସଙ୍କ ଗୋଷ୍ଠୀ ମଧ୍ୟରେ। ଯାହା ଏବେ ସାଧାରଣ ଲୋକଙ୍କ ରାଜନୈତିକ ଚର୍ଚ୍ଚାର ଖୋରାକ ପାଲଟିଛି।

ମିଳିଥିବା ସୂଚନା ମୁତାବକ, ଶନିବାର ରାତିରେ ଏକ ଟ୍ରକରେ ରିଲିଫ ସାମଗ୍ରୀ ଆସି ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ପାରୁଳିଆ ଛକ ନିକଟସ୍ଥ ବାସଭବନରେ ଅନଲୋଡ଼ କରାଯାଉଥିଲା। ଏହି ସମୟରେ ହେମନ୍ତ ଦାସ ତାଙ୍କ ଅନ୍ୟ ସମର୍ଥକ ମାନଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚି ରିଲିଫ ସାମଗ୍ରୀ ଆସିଥିବା ଟ୍ରକଟିକୁ ଚୋରି ସାମଗ୍ରୀ ଥିବା କହି ଅଟକାଇବା ସହିତ ହୋହାଲ୍ଲା କରିଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇ ଉଭୟ ପକ୍ଷଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଘଟଣା ସମ୍ପର୍କରେ ବାଲିଆପାଳ ପୁଲିସ ଖବର ପାଇ ପହଞ୍ଚି ରିଲିଫ ସାମଗ୍ରୀ ଆସିଥିବା ଟ୍ରକଟିକୁ ବାଲିଆପାଳ ଥାନାକୁ ନେଇଥିଲା। ଆଜି ଏ ସମ୍ପର୍କରେ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଗତକାଲିର ଘଟଣାକୁ ତୀବ୍ର ନିନ୍ଦା କରିବା ସହିତ ଏହି ରିଲିଫ ସାମଗ୍ରୀ ବାଲେଶ୍ୱର ସାଂସଦଙ୍କ ପ୍ରଚେଷ୍ଟାରେ ଭୁବନେଶ୍ୱରର ରାମକୃଷ୍ଣ ମିଶନରୁ ବନ୍ୟା ପ୍ରଭାବିତ ଦୁଇ ବ୍ଲକ ପାଇଁ ରିଲିଫ ସାମଗ୍ରୀ ଆସିଥିଲା। ବାଲିଆପାଳ ବ୍ଲକ ପାଇଁ ଆସିଥିବା ଏକ ହଜାର ପ୍ୟାକେଟ ରିଲିଫ ସାମଗ୍ରୀ ରଖାଯାଇ ଟ୍ରକଟି ଭୋଗରାଇ ଯିବାର ଥିଲା। ମାତ୍ର ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ଶ୍ରୀ ଦାସ ତାଙ୍କ ସମର୍ଥକ ମାନଙ୍କ ସାହାଯ୍ୟରେ ରିଲିଫ ସାମଗ୍ରୀ ଜୋର ଜବରଦସ୍ତ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ ବୋଲି ଶ୍ରୀ ଅଣ୍ଡିଆ କହିଛନ୍ତି। ତେବେ ଏଠାରେ ସୂଚନା ଥାଉକି ବାଲିଆପାଳ ସରପଞ୍ଚଙ୍କ ସ୍ୱାମୀ ହେମନ୍ତ ଦାସ ବିଜେପି ନେତା ରବିନ୍ଦ୍ର ନାଥ ଅଣ୍ଡିଆଙ୍କ ଏକାନ୍ତ ଅନୁଗତ ଥିଲେ। କୌଣସି ଏକ କାରଣ ପାଇଁ ବିଗତ କିଛି ମାସ ପୂର୍ବରୁ ଶ୍ରୀ ଦାସ ଏବଂ ଶ୍ରୀ ଅଣ୍ଡିଆଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଛି। ପରିସ୍ଥିତି ଏମିତି ହେଲାଣି ଯେ କଥା ହାତାହାତି ପର୍ଯ୍ୟନ୍ତ ପହଞ୍ଚିଛି। ତେବେ ଗତକାଲିର ଘଟଣା ପରେ ଉଭୟ ପକ୍ଷରୁ ଥାନାରେ ଭିନ୍ନ ଭିନ୍ନ ଅଭିଯୋଗ ହୋଇଥିବା ଜଣାପଡିଛି। ରିଲିଫ ସାମଗ୍ରୀ ଛଡାଇ ନେବାକୁ ଉଦ୍ୟମ କରୁଥିବା ବ୍ୟକ୍ତି ମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ଅଣ୍ଡିଆ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ବାଲିଆପାଳ ସରପଞ୍ଚ ବନଲତା ଦାସ, ତାଙ୍କ ସ୍ୱାମୀ ହେମନ୍ତ ଦାସ ଏବଂ ତାଙ୍କ ସମର୍ଥକ ମାନେ ପଞ୍ଚାୟତ କାର୍ଯ୍ୟାଳୟରେ ଆଉ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କର ସ୍ପଷ୍ଟୀକରଣ ରଖି ବନ୍ୟାରେ ବାଲିଆପାଳ ପଞ୍ଚାୟତ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଲୋକେ ରିଲିଫ ସାମଗ୍ରୀ ଦେଖି ତାଙ୍କ ପଞ୍ଚାୟତକୁ କ'ଣ ପାଇଁ ରିଲିଫ ଦିଆଯିବ ନାହିଁ ବୋଲି କହି ପ୍ରଶ୍ନ କରୁଥିବା ବେଳେ ଶ୍ରୀ ଅଣ୍ଡିଆ ଏବଂ ତାଙ୍କର ସମର୍ଥକମାନେ ଉତ୍ତ୍ୟକ୍ତ ହୋଇ ଲୋକଙ୍କୁ ମାଡ଼ମାରିଥିବା କହିଛନ୍ତି। ଯାହାକୁ ନେଇ ବାଲିଆପାଳରେ ବିଜେପି ରାଜନୀତି ଏକ ପ୍ରକାର ରୋଚକ ସ୍ଥିତିରେ ପହଞ୍ଚିଛି।

**ଥାନାରେ ପୃଥକ ମାମଲା ରୁଜୁ**

**ଆସୁଛନ୍ତି ବିଘ୍ନରାଜ**

# ୧୪ ବର୍ଷରେ ସନ୍ ଅଫ୍ ଶିବାୟ କମିଟିର ଗଣେଶ ପୂଜା



**ବାଲେଶ୍ୱର,୨୩।୮ (ସମିସ):** ଗଣେଶ ପୂଜା ପାଇଁ ବାଲେଶ୍ୱର ସହରରେ ମଧ୍ୟ ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯାଇଛି ତୋରଣ ଓ ମୂର୍ତ୍ତି ତିଆରି କାମ। ଚଳିତ ବର୍ଷ ୧୪ ବର୍ଷରେ ପାଦ ଥାପିବ ଆଇଟିଆଇ ପଡ଼ିଆ, ଅଙ୍ଗାରଗଡ଼ିଆ ନିକଟରେ ଥିବା ସନ୍ ଅଫ୍ ଶିବାୟ ପୂଜା କମିଟି। ନିଆରା ଢଙ୍ଗରେ ଗଣେଶ ପୂଜା ପାଳନ କରିବ କମିଟି। ସହରର ଆଇଟିଆଇ ପଡ଼ିଆ ନିକଟରେ ପ୍ରତିବର୍ଷ ଗଣେଶ ପୂଜା ପାଳିତ ହୋଇଆସୁଛି। କମିଟି ପକ୍ଷରୁ ୨୦୧୩ ମସିହାରୁ ଆରମ୍ଭ ହୋଇଛି। ଚଳିତ ବର୍ଷ କମିଟି ପକ୍ଷରୁ ମୂର୍ତ୍ତି ଉଚ୍ଚତା ୧୪ ଫୁଟ୍ ରହିଛି। କୁନି କୁନି ପିଲାମାନଙ୍କ ମୁହଁରେ ହସ ଫୁଟାଇବା ପାଇଁ ବିଭିନ୍ନ ସାମାଜିକ ଅନୁଷ୍ଠାନ ନାନାବିଧ ପଦକ୍ଷେପ ନେଉଥିବା ବେଳେ ଏହି କମିଟି ଗଜାନନଙ୍କ ମାଧ୍ୟମରେ କୁନି ପିଲାଙ୍କ ମୁହଁରେ ହସ ଫୁଟାଇବା ପାଇଁ ଏକ ନୂତନ ପ୍ରୟାସ କରିଛନ୍ତି। "ଆଜିର ଶିଶୁ କାଲିର ଭବିଷ୍ୟତ ଓ ଆମ ପାଇଁ ଗର୍ବର ବାର୍ତ୍ତା ଦେବ କମିଟି। ଗଜାନନଙ୍କ ମୂର୍ତ୍ତି ନୂତନ ଶୈଳୀରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସଭାପତି ଆଲୋକ କୁମାର ବେହେରା କହିଛନ୍ତି। ସ୍ଥାନୀୟ ଛାତ୍ରୁଆ, ତାଳଗାରେ ଅଞ୍ଚଳର ମୂର୍ତ୍ତି କାରିଗର କାର୍ତ୍ତିକ ଚନ୍ଦ୍ର ସେଠୀ ଏହି ମୂର୍ତ୍ତିକୁ ଆକୃତି ଦେଉଛନ୍ତି। ଚଳିତ ବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା ଓ ତୋରଣ। କମିଟିରେ ୭୦ ରୁ ଅଧିକ ସଦସ୍ୟ ଥିବା ବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ଏଥି ମଧ୍ୟରେ ୩୦୦୦ ଦର୍ଶକଙ୍କୁ ପ୍ରସାଦ ସେବନ ବଣ୍ଟନ କାର୍ଯ୍ୟକ୍ରମ ରହିଛି। ଏହି କମିଟି ପକ୍ଷରୁ ଶାନ୍ତି ଓ ଶୃଙ୍ଖଳାର ସହ ପୂଜା ଓ ବିସର୍ଜନ କରାଯାଇଥାଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ କମିଟି ସଦସ୍ୟ ସଂଗ୍ରାମ ସାମଲ, ମାନସ କୁମାର ଚାନ୍ଦ, ନୂତନ କୁମାର ସିଂହ, ଦୀପକ ଗୋଲ୍ଦ୍ୱାର, ରୁଦ୍ର କୁମାର ଚୌଧୁରୀ, ଶିବୁରାଜ ପାତ୍ର ପ୍ରମୁଖଙ୍କ ସହଯୋଗରେ ହୋଇଥାଏ।

# କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ସ୍ଥାନାନ୍ତର ନିଷ୍ପତ୍ତିକୁ ବିରୋଧ

**ଜଳେଶ୍ୱର ବ୍ଲକ, ୨୩।୮ (ସମିସ):** ଜଳେଶ୍ୱର ସହରର ଷ୍ଟେସନ ବଜାରରସ୍ଥିତ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖାଟି ଏବେ ଏକ ବିପଦସଙ୍କୁଳ ଘରେ ଚାଲିଛି। ତେବେ କର୍ତ୍ତୃପକ୍ଷ ଏହାକୁ ଆଳ କରି ଏହି ବ୍ୟାଙ୍କ ଶାଖାକୁ ୩ କିମି ଦୂରକୁ ସ୍ଥାନାନ୍ତର କରିବାକୁ ଉଦ୍ୟମ କରୁଥିବାରୁ ଏହାକୁ ତୀବ୍ର ବିରୋଧ କରିଛନ୍ତି ଷ୍ଟେସନ ବଜାରର ଅଧିବାସୀ ଓ ବ୍ୟବସାୟୀ। ଜଳେଶ୍ୱରର ଷ୍ଟେସନ ବଜାର ଓ ଆଖପାଖ ଅଞ୍ଚଳରେ ଦୁଇ ହଜାରରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଏଠାକାର ଲୋକଙ୍କୁ ବ୍ୟାଙ୍କ ସେବା ଉପଲବ୍ଧ କରାଇବା ପାଇଁ ଆଜକୁ ୨୫ ବର୍ଷ ଧରି ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କର ଏକ ଶାଖା ଜଣେ ବ୍ୟକ୍ତିଙ୍କ ଘରକୁ ଭଡ଼ା ସୂତ୍ରରେ ନିଆଯାଇ ବ୍ୟାଙ୍କର କାର୍ଯ୍ୟ ଚାଲୁଅଛି।ଏହି ବ୍ୟାଙ୍କ ଉପରେ ଝାଡ଼େଶ୍ୱରପୁର, ସେଖବାଡ଼, ପଥରପୁରା ଗାଁ ସମେତ ରାଜପୁର ଓ ମହମ୍ମଦନଗର ପାଟଣା ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଅଧୁନା ବ୍ୟାଙ୍କରେ ସାଢ଼େ ଢ଼େ ୪ ହଜାରରୁ ଅଧିକ ଖାତାଧାରୀ ଓ ଦେଢ଼ ହଜାରରୁ ଉର୍ଦ୍ଧ୍ୱ ଫିକ୍ସଡ ଡିପୋଜିଟଧାରୀ ରହିଛନ୍ତି। ବ୍ୟାଙ୍କ ଚାଲୁଥିବା ଭଡ଼ା ଘରଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ କର୍ତ୍ତୃପକ୍ଷ ଏହି ଶାଖାକୁ ୩ କିମି ଦୂରକୁ ସ୍ଥାନାନ୍ତର କରିବାକୁ ମସୁଧା ଚଳାଇଛନ୍ତି। ତେଣୁ ଏହା ସ୍ଥାନାନ୍ତରିତ ହେଲେ ଲୋକେ ଅଯଥା ହଇରାଣ ହେବାକୁ ପଡ଼ିବ ଯଦି ବ୍ୟାଙ୍କ ଘରଟି ବିପଦସଙ୍କୁଳ ଅବସ୍ଥାରେ ରହିଛି ତେବେ ସେହି ଷ୍ଟେସନ ବଜାର ଅଞ୍ଚଳର ଯେ କୌଣସି ସ୍ଥାନକୁ ଏହାକୁ ସ୍ଥାନାନ୍ତର କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ଏମ୍ଏମ୍ଡିଆର୍ ବିଲ୍କୁ ଇଣ୍ଡିଆ ମେଣ୍ଟର ବିରୋଧ

**ବାଲେଶ୍ୱର,୨୩।୮ (ସମିସ):** ଖଣି ଓ ଖଣିଜ ବିକାଶ ଏବଂ ପରିଚାଳନା (ଏମ୍ଏମ୍ଡିଆର) ଆଇନ - ୨୦୨୬କୁ ବିରୋଧ କରି ଆଜି ମିଳିତ ବିରୋଧୀ ଦଳର ( ଇଣ୍ଡିଆ ମେଣ୍ଟ) ର ଏକ ବୈଠକ ପତୁଆଁପଦାସ୍ଥିତ ଉଠା ଜଳସେଚନ ୟୁନିଅନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କଂଗ୍ରେସ, ସିପିଆଇ, ସିପିଏମ ଏବଂ ଫରୱାର୍ଡ ବ୍ଲକର ନେତାମାନେ ଯୋଗ ଦେଇଥିଲେ। ରାଜ୍ୟର ସମସ୍ତ ଖଣି ଓ ଖଣିଜ ସମ୍ପଦର ମାଲିକାନା ରାଜ୍ୟ ହାତରୁ କାଢ଼ି ନେଇ କେନ୍ଦ୍ର ନିଜ ନିୟନ୍ତ୍ରଣରେ ରଖିବା ପାଇଁ ଯେଉଁ ଆଇନ ପ୍ରଣୟନ କଲେ ତାହା ସମ୍ପୂର୍ଣ୍ଣ ଭାବେ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ନେତା ମାନେ କହିଥିଲେ। ଏହାର ପ୍ରତିବାଦରେ ଆସନ୍ତା ୨୫ ତାରିଖରେ ବାଲେଶ୍ୱର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବାର ନିଷ୍ପତ୍ତି ହୋଇଛି। ଏହାଛଡା ସେପ୍ଟେମ୍ବର ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତ ସ୍ତରରେ ଗଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେପ୍ଟେମ୍ବର ୯ ତାରିଖରେ ଭୁବନେଶ୍ୱରରେ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବାର ଘୋଷଣା କରାଯାଇଛି। ସିପିଆଇ ନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଜିର ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ସିପିଏମ ର ଶିଶିର ହୁଇ, ନିର୍ମଳ ନାୟକ, ଟ୍ରେଡ ୟୁନିଅନ ନେତା ଭାଗବତ ପ୍ରତିହାରୀ, ଶ୍ୟାମସୁନ୍ଦର ଜେନା, ଯତୀନ ପାତ୍ର, ଦୀପ୍ତିମାନ ଆଚାର୍ଯ୍ୟ, ଭରତ ସେଠୀ, ଶରତ ମହାନ୍ତି, ବନ୍ଦନା ବିଶ୍ୱାସ, ଜିଲ୍ଲା ମହିଳା କଂଗ୍ରେସ ସଭାପତି ଉର୍ମିଳା ମାଝୀ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ବିଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମାର୍କୋଣାରେ ସିରିଜ୍ ଦୁର୍ଘଟଣା



**ସିମୁଳିଆ, ୨୩।୮ (ସମିସ):** ୧୬ ନମ୍ବର ଜାତୀୟ ରାଜପଥ ମାର୍କୋଣା ବିଦ୍ୟୁତ ଅଫିସ ନିକଟରେ ସିରିଜ ଦୁର୍ଘଟଣା ଘଟିଛି। ବିଦ୍ୟୁତ ଅଫିସ ସମ୍ମୁଖରେ ଥିବା ହମ୍ପସରେ ଏକ କାର ଗତି କମାଇ ଦେଇଥିଲା। ତା ପଛରେ ଅନ୍ୟ ଏକ ସୁଇଫ୍ଟ କାର ନିଜର ଗତି ବାଧ ହୋଇ କମାଇ ଦେବାରୁ ପଛରୁ ଆସୁଥିବା ଟ୍ରକ ଦ୍ରୁତ ଗତିରେ ଆସି ସୁଇଫ୍ଟ କାର ଗାଡିକୁ ଖୁବ ଜୋରରେ ପଛପଟକୁ ଧକ୍କା ଦେଇଥିଲା। ସୁଇଫ୍ଟ କାର କେ.ଏନ କୁ ଧକ୍କା ଦେଇଥିଲା। ଫଳରେ ଦୁଇଟି ଗାଡି ଭାଙ୍ଗିରୁଜି ଯାଇଥିଲା। କାର ଚାଳକ ସାମାନ୍ୟ ଆହତ ହୋଇ ଥିଲେ। ସିମୁଳିଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ।

# ଆଶ୍ରମ ଓ ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଅନୁଧାନ କଲେ ବ୍ରଜମୋହନ

**ଜଳେଶ୍ୱର ବ୍ଲକ୍, ୨୩।୮ (ସମିସ) :** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଅଞ୍ଚଳର କବାଟଘାଟୀ ସରକାରୀ ଆଶ୍ରମ ବିଦ୍ୟାଳୟ, ଏସଟି/ଏସସି ସରକାରୀ ଉଚ୍ଚ ବିଦ୍ୟାଳୟ କବାଟଘାଟୀ ଓ କାଳିକ ଆଦର୍ଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ବିଜେପି ନେତା ବ୍ରଜ ମୋହନ ପ୍ରଧାନ, ଜିଲ୍ଲା ବିଜେପି ସମ୍ପାଦକ କାଳୀଚରଣ ଦାସ, ୭ ନଂ ଜୋନର ମଣ୍ଡଳ ସଭାପତି ସଞ୍ଜୀବ କୁମାର ଜେନା, ପୂର୍ବତନ ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକ, ତାପସ ପାଣିଗ୍ରାହୀ, ଶ୍ୟାମ ନଗର ବିଜେପି ନେତା ଉଦୟ ନାଥ ମୁର୍ମୁ, ଶରତ ସାସମଲ ସହ ଅନ୍ୟାନ୍ୟ ବିଜେପି କର୍ମୀମାନେ ସମସ୍ୟା ସମ୍ବନ୍ଧିତ ବିଷୟ ପଚାରି ବୁଝିଥିଲେ। ଆଶ୍ରମ ବିଦ୍ୟାଳୟର ୨୪୦ ସିଟ୍ ବିଶିଷ୍ଟ ଛାତ୍ରାବାସ କେମିତି ଶୀଘ୍ର ହେବ, ଆଶ୍ରମ ବିଦ୍ୟାଳୟ ଉପର ଦେଇ ୧୧କେଭି ବିଦ୍ୟୁତ ସଂଯୋଗ ତାର କିପରି ଅପସାରଣ ହେବା,ଖେଳପଡିଆ ତଥା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ରୋଷେଇ ଗୃହ ଓ ଡାଇନିଙ୍ଗ୍ ହୋଲ ବ୍ୟବହୃତ ହେବ ତଥା ରଙ୍ଗ କାମ ଆରମ୍ଭ କରିବା ପାଇଁ ବିଭିନ୍ନ ବିଷୟକୁ ନେଇ ବିଭାଗୀୟ ଅଧିକାରୀଙ୍କ ସହ ଫୋନ ଯୋଗେ କଥା ହୋଇ ଶୀଘ୍ର କିପରି କାର୍ଯ୍ୟକାରୀ ହେବ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ।

# ରାଧାନାଥ ସାହିତ୍ୟ ସମ୍ମାନ ପାଇବେ ଅଧ୍ୟାପକ କମଳାକାନ୍ତ ଦାସ



**ସୋର, ୨୩।୮ (ସମିସ):** କବିବର ରାଧାନାଥ ରାୟଙ୍କ ୧୭୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ନିମନ୍ତେ ଆଜି ଦ୍ୱିତୀୟ ପ୍ରସ୍ତୁତି ବୈଠକ କେଦାରପୁରସ୍ଥିତ କବିବରଙ୍କ ଜନ୍ମପୀଠ ସମ୍ମିଳନୀ କକ୍ଷରେ ସଂସଦର ସଭାପତି ଶୁଭେନ୍ଦୁ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଦୁଇଦିନ ବ୍ୟାପି ଜୟନ୍ତୀ ପାଳନ ହେବାକୁ ଥିବା ବେଳେ ସମସ୍ତ ପ୍ରସ୍ତୁତି ଛାତ୍ର/ଛାତ୍ରୀଙ୍କ ମଧ୍ୟରେ ସାହିତ୍ୟ ପ୍ରତିଯୋଗିତା ନିମନ୍ତେ ବିଷୟ ସ୍ଥାନ ଓ ତାରିଖ ସ୍ଥିର କରାଯିବା ସହିତ ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସଂସଦ ତରଫରୁ ଗୌରାଙ୍ଗ ମହାପାତ୍ର, ଶ୍ରୀଧର ପ୍ରସାଦ ବେହେରା, ମହେଶ୍ୱର ବେହେରା, ସତ୍ୟାନନ୍ଦ ପୁହାଣ, ମୂଳେଶ୍ୱର ବେହେରା ଓ ପ୍ରଦୀପ କୁମାର ବିଶ୍ୱାଳଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଜୟନ୍ତୀର ଦ୍ୱିତୀୟ ଦିବସରେ ରାଜ୍ୟସ୍ତରୀୟ କବିସମ୍ମିଳନୀ ନିମନ୍ତେ ଡ଼: ସତ୍ୟନାରାୟଣ ପଣ୍ଡା, ଉଦ୍ଧବ ଚରଣ ବିଶ୍ୱାଳ, ମନିନ୍ଦ୍ର ଦୀକ୍ଷିତ, ହିମାଂଶୁ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଜୟନ୍ତୀ ପୂର୍ବରୁ ସଂସଦରେ ବାକିଥିବା କିଛି ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଦାୟିତ୍ୱ ଶ୍ରୀକାନ୍ତ ଜେନା ଓ କାର୍ତ୍ତିକ ଚନ୍ଦ୍ର ମହାପାତ୍ରଙ୍କୁ ଓ ଜୟନ୍ତୀ ନିମନ୍ତେ ଅତିଥିଙ୍କ ସହିତ ଯୋଗାଯୋଗ ଓ ଅନ୍ୟ ସମସ୍ତ କାର୍ଯ୍ୟର ସୁପରିଚାଳନା ନିମନ୍ତେ କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ମଧ୍ୟରେ ବିଭାଗ ବଣ୍ଟନ କରାଯାଇଥିଲା। ବିଶେଷ ଆଲୋଚନା ମଧ୍ୟରେ ଏଥର ସଂସଦ ତରଫରୁ "କବିବର ସାହିତ୍ୟ ସମ୍ମାନ" ପାଇବାକୁ ଅବସର ପ୍ରାପ୍ତ ଅଧ୍ୟାପକ କମଳାକାନ୍ତ ଦାସଙ୍କୁ ସର୍ବସମ୍ମତି କ୍ରମେ ମନୋନିତ କରା ଯାଇଛି। ଶ୍ରୀ ଦାସ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଜଣେ ସୁ-ସଙ୍ଗଠକ, ସାହିତ୍ୟ ଅନୁରାଗୀ ଓ ଜିଲ୍ଲାରେ ନିଜଉଦ୍ୟମରେ ପ୍ରତିଷ୍ଠିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ରାଧାନାଥ ସାହିତ୍ୟ ପରିଷଦ' ବାଲେଶ୍ୱରର ପ୍ରତିଷ୍ଠାତା ସଂପାଦକ ଅଛନ୍ତି, ଜୟନ୍ତୀ ଅବସରରେ ଅନୁଷ୍ଠାନ ତରଫରୁ ତାଙ୍କୁ ସମ୍ମାନିତ କରିବାକୁ ସ୍ଥିର କରାଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗଙ୍ଗାଧର ପାଢୀ, ରାମଚନ୍ଦ୍ର ପରିଡ଼ା, ଆଲୋକ ରାୟ, କାର୍ତ୍ତିକ ଚନ୍ଦ୍ର ସିଂହ ଓ ବିଶ୍ୱନାଥ ଘୋଷ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଭଗବାନ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍ଆଇଆର ତାଲିକାରୁ ନାଁ କଟିବାକୁ ନେଇ ଅସନ୍ତୋଷ

**ରାଜଘାଟ, ୨୩।୮ (ସମିସ):** ବସ୍ତା ବ୍ଲକ କାଦରାୟାଁ ପଞ୍ଚାୟତରେ ଏସଆଇଆର ତାଲିକାରୁ ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ କଟିଯିବା ଘଟଣାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଶନିବାର ସନ୍ଧ୍ୟାରେ କାଦରାୟାଁ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଅଭିଯୋଗ ଅନୁଯାୟୀ, କାଦରାୟାଁ ପଞ୍ଚାୟତର ୨୪୬ ନମ୍ବର ୱାର୍ଡରେ ୧୦୭ଜଣ, ୨୪୭ରେ ୫୪ଜଣ, ୨୪୮ରେ ୫୯ଜଣ, ୨୪୯ରେ ୩୮ଜଣ, ୨୫୦ ରେ ୫୦ଜଣ, ୨୫୧ରେ ୧୧୧ଜଣ ମୋଟ ୬ଟି ୱାର୍ଡରେ ୪୧୯ ଜଣଙ୍କର ନାମ ପ୍ରକାଶିତ ଏସଆଇଆର ତାଲିକାରୁ କଟି ଯାଇଛି। କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ଇଙ୍ଗିତରେ ୭ନମ୍ବର ଫର୍ମରେ ଜାଲ ଦସ୍ତଖତ ଦେଇ ଉଦ୍ଦେଶ୍ୟମୂଳକ ଭାବେ ମିଥ୍ୟା ଅଭିଯୋଗ କରାଯାଇଥିବା ସନ୍ଦେହ କରାଯାଉଛି। ଏସଆଇଆର ତାଲିକାରୁ ନାମ କଟିବାର କାରଣ ସାର୍ବଜନୀନ କରାଯାଉ, ଯୋଗ୍ୟ ହିତାଧିକାରୀଙ୍କୁ ପୁନଃ ତାଲିକାଭୁକ୍ତ କରାଯାଉ, ଏହି ଘଟଣାରେ ଯିଏ ଯିଏ ସମ୍ପୃକ୍ତ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ତୁରନ୍ତ ବ୍ଲକ ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନ ଏହାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ପାଇଁ ଦାବି ଜୋରଧରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଉକ୍ତ ପଞ୍ଚାୟତର ସେକ ଅବଦୁଲ ଗନୀ,ସେକ ଇସଲାମ, ମୋସାହିଦ ଖାନ, ଖୁରସତ ଖାନ, ସେକ ଉସମାନ ଅଲ୍ଲୀ, ତାଲିମ ମିୟା, ସେକ ଫିରୋଜଙ୍କ ସହ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।



# କଂଗ୍ରେସ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ

**ଜଳେଶ୍ୱର ବ୍ଲକ, ୨୩।୮ (ସମିସ):** ସମ୍ପ୍ରତି ବନ୍ୟାରେ ଜଳେଶ୍ୱର ବ୍ଲକର ବିଭିନ୍ନ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ, ପାଇକସିଦା ପଞ୍ଚାୟତର ବନ୍ୟା ପ୍ରପୀଡ଼ିତ ପରିବାରମାନଙ୍କ ସହ ଠିଆ ହୋଇଛି କଂଗ୍ରେସ। ଆଜି ପାଇକସିଦା ପଞ୍ଚାୟତର ବନ୍ୟା ପ୍ରଭାବିତ ଲୋକମାନଙ୍କୁ କଂଗ୍ରେସ ପକ୍ଷରୁ ଆବଶ୍ୟକୀୟ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ପୂର୍ବତନ ନଗର କଂଗ୍ରେସ ସଭାପତି ଗିରିଜା ଶଙ୍କର ଦାସ, ମନୋଜ ପରିଡ଼ା, ଜଗନ୍ନାଥ ରାଉଳ, ଅଙ୍କିତ କୁମାର ପରିଡ଼ା, ଅଜିତ୍ କୁମାର ସେଠୀ, ବୁଦ୍ଧିଆ ଦଳେଇ, ଜଗନ୍ନାଥ ଜେନା, ମନ୍ମଥ ଦଳେଇ, ଶିବ ପ୍ରଧାନ, ସୁରତ ନାୟକ, ବରେନ୍ଦ୍ର ବେହେରା, ପ୍ରଭାକର ପାଳ, ଦିବାକର ପାଳଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ରହି ବନ୍ୟା ପ୍ରପୀଡ଼ିତ ପରିବାରଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନରେ ସହଯୋଗ କରିଥିଲେ।

# ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ



**ବାଲେଶ୍ୱର,୨୩।୮ (ସମିସ):** ମିଳିତ ନିଶା ନିବାରଣ ଅଭିଯାନ (ମନା) ଓ ବାଲେଶ୍ୱର ଭାରତୀୟ ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ମିଳିତ ସହଯୋଗରେ ସତ୍ୟସାଇ ବିଦ୍ୟାବିହାରରେ ନିଶା ବିରୋଧୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। 'ମନା'ର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅତିଥିରୂପେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୂର୍ବତନ ମୁଖ୍ୟ ଚିକିତ୍ସାଧିକାରିଣୀ ଡ. ମିନାକ୍ଷୀ ରାୟ ପିଲାମାନଙ୍କୁ ନିଶାର ଶାରୀରିକ କୁପ୍ରଭାବ ଓ ବିଭିନ୍ନ ରୋଗ ବିଷୟରେ ଆଲୋଚନା କରିଥିଲେ। "ମନା'ର ଉପଦେଷ୍ଟା ବିଶିଷ୍ଟ ରୋଟାରିୟାନ୍ ସୁବ୍ରତ କର ସଚେତନତା କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ କହିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ପିଲାମାନଙ୍କୁ ନିଶାଠାରୁ ଦୂରେଇ ରହିବାପାଇଁ ଉପଦେଶ ଦେଇଥି ଥିଲେ। ଏହି କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ତଥା ଉପସଭାପତି ଡ. କ୍ଷିତୀଶ୍ୱର ଦାଶ, ସତ୍ୟସାଇ ବିଦ୍ୟାବିହାରର ସଭାପତି ରାଜେନ୍ଦ୍ରନାଥ ଖମାରି, ତ୍ରିଦିବ ନାୟକ, କଲ୍ୟାଣୀ ନନ୍ଦ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ମୀନା କୁମାରୀ ସାମଲ ମଞ୍ଚ ଆହ୍ୱାନ କରିଥିବାବେଳେ ବିଦ୍ୟାଳୟ ଅଧକ୍ଷ ଦାମୋଦର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ର ସାଇ ସିଦ୍ଧାର୍ଥ ରାଉତ ଏବଂ ଛାତ୍ରୀ ଏସ୍.କେ. ଆରୋହୀ ପାତ୍ର ଆଜିର କାର୍ଯ୍ୟକ୍ରମରେ ନିଜନିଜର ଉପଲବ୍ଧ ପ୍ରକାଶ କରିଥିଲେ। "ମନା' ପକ୍ଷରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ଦାସ, ଗୀତାଞ୍ଜଳି ସିଂହ, ଗୌରାଙ୍ଗ ପାଣିଗ୍ରାହୀ, ଡ. ଲକ୍ଷ୍ମଣ କୁମାର ବିଶ୍ୱାଳ, କବି ପ୍ରଭାକର ସାହୁ, ଗଙ୍ଗାଧର ପୃଷ୍ଟି, ଭାସ୍କର ମିଶ୍ର, ରବିନାରାୟଣ ଭୋଳ, ସରସ୍ୱତୀ ପଣ୍ଡା, କ୍ରିଷ୍ଣା ସାହା, ସଂଗ୍ରାମ ମିଶ୍ର ଓ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ସହାୟତା କରିଥିଲେ। ବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଧନ୍ୟବାଦ ଦେଇଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ଅସହାୟ ମହିଳା

**ଲଙ୍ଗଳେଶ୍ୱର, ୨୩।୮ (ସମିସ):** ଗ୍ରାମାଞ୍ଚଳରେ ଗରିବ ଲୋକ କେହି ଭୋକରେ ନ ରହୁ ବୋଲି ଖାଦ୍ୟ ସୁରକ୍ଷା ଆଇନ ଓ ମୁଣ୍ଡ ଉପରେ ଛାତ ପାଇଁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ସହିତ ବହୁ ଜନ କଲ୍ୟାଣ ଯୋଜନା ରାଜ୍ୟ ଓ କେନ୍ଦ୍ର ସରକାର କରିଥିଲେ ହେଁ ବାଲିଆପାଳ ବ୍ଲକରେ ସରକାରୀ ଯୋଜନା ବାଟବଣା ହୋଇଛି। ଏମିତି ଏକ ଉଦାହରଣ ଦେଖିବାକୁ ମିଳିଛି ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତ ମଧୁପୁରା ଗ୍ରାମରେ। ସ୍ୱାମୀ ପରିତ୍ୟକ୍ତା ୬୫ବର୍ଷୀୟା ଅସହାୟ ମହିଳା ଅଞ୍ଜଳି ମୁଖୀ। ବାହାଘର କେତେଦିନ ପରେ ସ୍ୱାମୀ ଦିତୀୟ ବିବାହ କରିବା ପରେ ସେ ଆସି ବାପାଙ୍କ ଘରେ ଆଶ୍ରୟ ନେଇଥିଲେ। କିଛିବର୍ଷ ପରେ ଅଲଗା ହୋଇ ସେଇ ବାଡ଼ିରେ ଏକ ଛୋଟ ପଲିଥିନ ଘରେ ଜୀବନ ବିତୁଛି। ନା ଅଛି ଖଟ ନା ଅଛି କବାଟ। କେତେ ଥର ଶୋଇବା ସମୟରେ ସାପ ଏବଂ ଅନ୍ୟ ଜନ୍ତୁ ତାଙ୍କ ଉପର ଦେଇ ଯାତାୟାତ କରିଥାଏ। ସବୁ ଜାଣି ବି କିଛି ଉପାୟ ନ ଥାଏ। ଖଜୁରୀ ଗଛ ରୁ ପିଞ୍ଚା ଆଣି ଛାଞ୍ଚୁଣି ବନ୍ଧୀ ବଜାରରେ ବିକ୍ରି କରି ଚଳନ୍ତି। ତିନି ଚାରି ଦିନରେ ଥରେ ଚୁଲି ଜଳେ ବୋଲି ସେ ଦୁଃଖ ଭରା କୋହ ରେ କହିଛନ୍ତି। ତାଙ୍କ ପାଖରେ କୌଣସି ସରକାରୀ ସୁବିଧା ପହଞ୍ଚି ପାରି ନାହିଁ। ଆଜିଯାଏଁ ରେସନ କାର୍ଡ ହେଉ କିମ୍ବା ବାର୍ଦ୍ଧକ୍ୟ ଭତ୍ତା,ପାଇପରିଲେ ନାହିଁ। ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବାରୁ ମଧ ବଞ୍ଚିତ ଅଛନ୍ତି। ସେ ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ସରପଞ୍ଚ, ନେତାଙ୍କୁ ଗୁହାରି କରିଥିଲେ ହେଁ କିଛି ଫଳ ମିଳିନାହିଁ। ଉପର ଅଫିସର ପାଖକୁ ଯିବାକୁ ତାଙ୍କର ଶକ୍ତି ସାମର୍ଥ୍ୟ କିମ୍ବା ସାହସ ନ ଥିବା ବେଳେ ପାଠ ପଢ଼ି ନଥିବାରୁ ଯାଇ ଗୁହାରି କରିପାରି ନାହାନ୍ତି। ତେବେ ଏହି ଅସହାୟ ମହିଳାଙ୍କୁ ସମସ୍ତ ସରକାରୀ ଯୋଜନା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

# ଗାଁରେ ପଶିଲା କେନାଲ ପାଣି

**ଆସିଲେନି ବିଡିଓ**

**ସୋର,୨୩।୮ (ସମିସ)**



ସୋର ବ୍ଲକ କେଶରୀପୁର ପଞ୍ଚାୟତ କୁଶଗଡିଆ ଗ୍ରାମରେ କେନାଲ ପାଣି ଗ୍ରାମକୁ ପଶିବା ସହିତ ଘରେ ପାଣି ପଶିଥିବା ଦେଖିବାକୁ ମିଳିଛି।ଦୀର୍ଘଦିନ ଧରି ଚାଲିଥିବା ସାଳନ୍ଦୀ କେନାଲର କାମ ଏବେବି ଶେଷ ହୋଇପାରିନାହିଁ। ଫଳରେ ପାଣି ନିଷ୍କାସନର ରାସ୍ତା ଖୋଲିନଥିବାରୁ ଅନେକ ସମୟରେ ସ୍ଥାନୀୟ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଜି ବର୍ଷା ହେବା ସହିତ ଉପର ମୁଣ୍ଡରୁ ଅତ୍ୟଧିକ ପାଣି କେନାଲରେ ଆସିବା ଫଳରେ ସୋର ବ୍ଲକ କେଶରୀପୁର ପଞ୍ଚାୟତ କୁଶଗଡିଆ ଗ୍ରାମରେ କେନାଲ ପାଣି ପଶିଥିଲା। ଅନେକ ଲୋକଙ୍କ ଘରେ ପାଣି ପଶିବା କାରଣରୁ ଘରେ ଥିବା ଆସବା ପତ୍ର ନଷ୍ଟ ହେବା ସହିତ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହୋଇଥିଲେ। ଖବର ପାଇ ସୋର ବିଧାୟକ ମାଧବ ଧଡ଼ା ଓ ସ୍ଥାନୀୟ ସମିତିସଭ୍ୟ ମୁକେଶ କୁମାର ମଳିକ, ସମାଜସେବୀ ରବୀନ୍ଦ୍ର ନାୟକଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ସହିତ ପାଣି ନିଷ୍କାସନର ବ୍ୟବସ୍ଥା କରିଥିଲେ। ସୋର ବିଡିଓ ସୁବ୍ରତ ବେହେରାଙ୍କୁ ଗ୍ରାମବାସୀ ସେଠାକୁ ଡାକିଥିଲେ ମଧ କାମ ବାହାନା କରି ସେଠାକୁ ଯିବାକୁ ମନା କରିଥିଲେ। ବିଡିଓଙ୍କ ଏତାଦୃଶ ଆଚରଣକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋର ବିଡିଓ ପୂର୍ବରୁ ମଧ ଅନେକ ବନ୍ୟା ପ୍ରଭାବିତ ଅଞ୍ଚଳକୁ ନ ଯିବା ଓ ଲୋକଙ୍କୁ ସହଯୋଗ କରିନଥିବା ନେଇ ଅଭିଯୋଗ ଆସିଥିବାରୁ ତାଙ୍କୁ ତୁରନ୍ତ ବଦଳି କରିବାକୁ ସାଧାରଣରେ ଦାବି ହୋଇଛି।

# ସିଲିସିଆ ରୋଗରେ ପୀଡ଼ିତ ପଥରଶିଳ୍ପୀଙ୍କ ମୃତ୍ୟୁ

**ସୋର,୨୩।୮ (ସମିସ):** ସୋର ବ୍ଲକରେ ପୂର୍ବରୁ ଅନେକ ପଥରଶିଳ୍ପୀଙ୍କ ମୃତ୍ୟୁ ହୋଇଥିବା ବେଳେ ଆଜି ଆଉ ଜଣେ ପଥର କାରିଗରଙ୍କ ମୃତ୍ୟୁ ହୋଇଛି। ସୋର ବ୍ଲକ କେଶରୀପୁର ପଞ୍ଚାୟତ ଜାମପଦା ଗ୍ରାମର ଉଦୟ ସାମଲ(୪୮) ରାଜସ୍ଥାନରେ ରହି ପଥରଶିଳ୍ପୀ ଭାବେ କାମ କରୁଥିବା ବେଳେ ହଠାତ ତାଙ୍କ ଦେହ ଖରାପ ହୋଇଥିଲା। ପରେ ସେ ମାରାତ୍ମକ ସିଲିସିଆ ରୋଗରେ ପୀଡିତ ହୋଇ ଏକ ବର୍ଷରୁ ଅଧିକ ଦିନ ଧରି ଘରେ ଶଯ୍ୟାଶାୟୀ ଥିବା ବେଳେ ଗତକାଲି ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ସେ ଘରର ଏକମାତ୍ର ରୋଜଗାରିଆ ପୁଅ ଥିବା ବେଳେ ତାଙ୍କ ବିୟୋଗ ପରେ ଦୁଇ ଛୋଟଛୋଟ ପିଲା, ବୁଢ଼ା ବାପା ମାଆଙ୍କ ନେଇ ତାଙ୍କ ସ୍ତ୍ରୀ କିପରି ଚଳିବେ ସେ ନେଇ ଚିନ୍ତା ପ୍ରକଟ କରିଛନ୍ତି। ତାଙ୍କ ପରିବାରକୁ ତୁରନ୍ତ ସାହାଯ୍ୟ ସହଯୋଗ କରିବାକୁ ଶିଳ୍ପୀ ଗୋଲକ ପାତ୍ର ଓ ନରେନ୍ଦ୍ର ସାମଲ ପ୍ରମୁଖ ଦାବି କରିଛନ୍ତି।

# ଏମ୍ଏମ୍ଡିଆର୍ ଆଇନ ରଦ୍ଦ ଦାବି

## ● ୨୫ରେ ଇଣ୍ଡି ବ୍ଲକ ମୟୂରଭଞ୍ଜ ପକ୍ଷରୁ ପ୍ରତିରୋଧ ଦିବସ



ବାରିପଦା, ୨୩।୮ (ସମିସ): ଓଡ଼ିଶାର ସ୍ୱାର୍ଥ ବିରୋଧୀ ଖଣି ଓ ଖଣିଜ ଜାତ ଦ୍ରବ୍ୟ ବିକାଶ ଓ ନିୟନ୍ତ୍ରଣ ଆଇନ୍ (ଏମଏମଡିଆର୍)-୨୦୨୬ ରଦ୍ଦ ଦାବିରେ ସମଗ୍ର ଓଡ଼ିଶାରେ ୨୫ ତାରିଖ ମଙ୍ଗଳବାର ପ୍ରତିରୋଧ ଦିବସ ପାଳନ କରିବାକୁ ରାଜ୍ୟ ଇଣ୍ଡି ବ୍ଲକର ନିଷ୍ପତ୍ତି କ୍ରମେ ରବିବାର ଜିଲ୍ଲା କଂଗ୍ରେସ (ପୂର୍ବ) କାର୍ଯ୍ୟାଳୟ ବାରିପଦାରେ ଇଣ୍ଡି ବ୍ଲକ, ମୟୂରଭଞ୍ଜର ସହଯୋଗୀ ଦଳ କଂଗ୍ରେସ, ସିପିଆଇ ଓ ସିପିଏମ ପକ୍ଷରୁ ମିଳିତ ବୈଠକ କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୁଞ୍ଜିପତିଙ୍କ ଲାଭକୁ ବହୁଗୁଣିତ କରିବା ଉଦ୍ଦେଶ୍ୟରେ ଏହି ଆଇନକୁ କାର୍ଯ୍ୟକାରୀ କରିବାକୁ କେନ୍ଦ୍ରର ବିଜେପି ସରକାର ସଂଶୋଧନ ଆଣିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟର ଖଣି ସମ୍ପଦ, ରାଜସ୍ୱ ଅଧିକାର ଓ ସଂଘୀୟ ବ୍ୟବସ୍ଥାର ଅଧିକାର ଉପରେ ଭୟଙ୍କର ପ୍ରଭାବ ପକାଇବା ସହ ଓଡ଼ିଶାର ଆର୍ଥିକ ସ୍ଥିତି ଗଭୀର ସମୁଦ୍ରକୁ ଚାଲିଯିବ। କର୍ପୋରେଟ୍ ଲୁଣ୍ଠନ ଓ ଆଦିବାସୀ ଶୋଷଣ ତୀବ୍ର ଭାବେ ବୃଦ୍ଧି ପାଇବ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ସିପିଏମ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ରବି ଗୋସ୍ୱାମୀ, ଅମଳ ଦେ, କଂଗ୍ରେସର ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ କୁମାର ପାଲ୍, ବନମାଳୀ ବାରିକ ପ୍ରମୁଖ କହିଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସରୁ ସୁସ୍ମିତା ଘୋଷାଲ, ଭାରତୀ ପାତ୍ର, ଉତ୍ତମ ବେହେରା, ଭୁବନେଶ୍ୱରୀ ଜେନା, ଏସ୍କେ ଯାଦବ, ଚୈତନ୍ୟ ହାଁସଦା, ସୁନାରାମ ସୋରେନ୍, ସିପିଆଇରୁ ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା, ମୁକେଶ ମହାନ୍ତ, ମହେଶ୍ୱର ବେହେରା, ତରୁଣ କୁମାର ମହାନ୍ତ, ସିପିଏମର ହରିଶ୍ଚନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପାଇଁ ଦିଗହରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା

# ଦୁର୍ଗାପୁର-ସରବଣା ରାସ୍ତା କାମ ନିମ୍ନମାନର ଅଭିଯୋଗ

ବଡ଼ସାହି, ୨୩।୮ (ସମିସ)






କିଛି ଠିକାଦାର ଓ ଅସାଧୁ ବିଭାଗୀୟ ଅଧିକାରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ପରିଚୟ ହରାଇବାକୁ ବସିଛି। ଗ୍ରାମାଞ୍ଚଳରେ ଗମନାଗମନର ବିପ୍ଳବ ସୃଷ୍ଟି ପାଇଁ ସରକାରଙ୍କ ଏହି ଯୋଜନାର ପରିକଳ୍ପନା କେତେକ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ପାଇଁ ମୂଲ୍ୟହୀନ ହୋଇପଡ଼ିଛି। ଏହି ସଡ଼କ ନିର୍ମାଣ ଯୋଜନା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରେ ରହିଛି। ମାତ୍ର ଉଚିତ ତଦାରଖର ଅଭାବ ପାଇଁ ବହୁ ସ୍ଥାନରେ କାମ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଏହା ବଡ଼ସାହି ବ୍ଲକ ଅଧୀନ ଦୁର୍ଗାପୁର ପଞ୍ଚାୟତର ଦୁର୍ଗାପୁରଠାରୁ ସରବଣା ଭାୟା ପୁରୁଣାପାଣି ଦୀର୍ଘ ୩.୬୦ କିମି ରାସ୍ତା ନିର୍ମାଣ କାମରେ ଦେଖିବାକୁ ମିଳିଛି।

ଏହି ରାସ୍ତା ନିର୍ମାଣ ପାଇଁ ୨ କୋଟି ୬୪ ଲକ୍ଷ ୨୨ ହଜାର ଟଙ୍କା ବ୍ୟୟ ଅଟକଳ ଥିବାବେଳେ ଏହା ୨୦୨୬ ଏପ୍ରିଲ ୧୭ ତାରିଖରେ ଆରମ୍ଭ ହୋଇ ୨୦୨୭ ଜାନୁଆରୀ ୧୬ ତାରିଖରେ ଶେଷ ହେବା ପାଇର୍ ସୂଚନା ଫଳକରୁ ଜଣାଯାଇଛି। ଏହି ରାସ୍ତା ନିର୍ମାଣ କାମ ଶୁଭଜିତ ଚୌଧୁରୀ ନାମକ ଜଣେ ଠିକାଦାର ନେଇଥବାବେଳେ ଗ୍ରାମ୍ୟ ନିର୍ମାଣ ବିଭାଜନ, ଉଦଳା ଏହାକୁ କାର୍ଯ୍ୟକାରୀ କରୁଛି। କିନ୍ତୁ ଏହି ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା କରାଯାଉଥିବାବେଳେ ଅଟକଳକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶସ୍ତୀକରଣ କାର୍ଯ୍ୟ ପାଇଁ ଆବଶ୍ୟକ ପରିମାଣର ମାଟି ଉଠା ନ ଯାଇ ମାତ୍ର ୬ ଇଞ୍ଚରୁ ୧୦ ଇଞ୍ଚ ମାଟି ଉଠାଯାଇଛି। ସେଥିରେ ମାଟି ମିଶା ମୋରମ ଭର୍ତ୍ତି କରାଯାଇଛି। ଭାଇବ୍ରେସନ ରୋଲର ବ୍ୟବହାର କରା ନ ଯାଇ ସାଧାରଣ ରୋଲର ବ୍ୟବହାର କରାଯାଇଛି। ଏହାକୁ ପୁଣି ମାତ୍ର ୬ ଇଞ୍ଚ ତଡ଼ାଯାଇ ମେଟାଲ ମୋରମ ଭର୍ତ୍ତି କରାଯାଉଛି। ମାଟି ମିଶା ମୋରମ ସହିତ ରିଙ୍ଗ ମେଟାଲ ପରିବର୍ତ୍ତେ ଅତି ନିମ୍ନମାନର ଛାଲଟ ମେଟାଲ ଏଥିରେ ବ୍ୟବହାର କରାଯାଉଛି। ପ୍ରଶସ୍ତୀକରଣ କାର୍ଯ୍ୟର କେତେକ ସ୍ଥାନରେ ତଡ଼ାଯାଇଥିବା ପୁରୁଣା ମେଟାଲ ମଧ୍ୟ ବ୍ୟବହାର କରାଯାଉଛି। ଏଗୁଡିକୁ ଭଲ ଭାବେ ପରିଷ୍କାର କରା ନ ଯାଇ ରାସ୍ତା କାମରେ ଲଗାଯାଉଛି। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନ ଉଠିଛି। ପ୍ରଶସ୍ତୀକରଣ କାର୍ଯ୍ୟରେ ମେଟାଲ ସହିତ ମୋରମ ବଦଳରେ କ୍ରସରଗୁଣ୍ଡ ଦେବା ପାଇଁ ଦାବି ହେଇଛି। କଂକ୍ରିଟ୍ କାମରେ ମଧ୍ୟ ନିମ୍ନମାନର ଅଣସ୍ୱୀକୃତିପ୍ରାପ୍ତ ସିମେଣ୍ଟ ବ୍ୟବହାର କରାଯାଉଥିବାବେଳେ ଭାଗମାପ ଠିକ୍ ରହୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ସହକାରୀ ଯନ୍ତ୍ରୀ ଓ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କାର୍ଯ୍ୟ ସ୍ଥାନରେ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳୁନାହିଁ। ଯାହାକି ଠିକାଦାରଙ୍କୁ ବେଶ ସୁହାଇଛି। ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ମଜୁରୀ ମଧ୍ୟ ଶ୍ରମିକଙ୍କୁ ପ୍ରଦାନ କରାଯାଉ ନ ଥିବା କେତେକ ଶ୍ରମିକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ବହୁ ଦିନର ଦାବିକୁ ଦୃଷ୍ଟିରେ ରଖି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟଟି ଅନୁମୋଦନ ହୋଇଛି। ମାତ୍ର ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ପାଇଁ ଏହାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବା ନେଇ ଗ୍ରାମବାସୀ ଆଶଙ୍କା ପ୍ରକାଶ କରିଛନ୍ତି। ଯେଉଁ ଢଙ୍ଗରେ ରାସ୍ତା ନିର୍ମାଣ ହେଉଛି, ଉଚିତ୍ ତଦାରଖ ନ ହେଲେ ଏହି ରାସ୍ତା ୬ ମାସ ମଧ୍ୟରେ ଦବିଯାଇ ନଷ୍ଟ ହେବ ବୋଲି ସେମାନେ କହିଛନ୍ତି। ତେଣୁ ଗ୍ରାମବାସୀ ବାଧ୍ୟ ହୋଇ ଏହି ବ୍ୟାପକ ଅନିୟମିତତା ସମ୍ପର୍କରେ ଜିଲ୍ଲାପାଳ, ଗ୍ରାମ୍ୟ ନିର୍ମାଣ ବିଭାଜନ ବିଭାଗର ନିର୍ବାହୀ ଯନ୍ତ୍ରୀ, ଭିଜିଲାନ୍ସ ଏସପି ବାଲେଶ୍ୱର ଓ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆରଟିଆଇ ମାଧ୍ୟମରେ ଏହାର ଏଷ୍ଟିମେଣ୍ଟ ଓ ଏଗ୍ରିମେଣ୍ଟ ମଗାଯାଇଥିବାବେଳେ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଯଦି ଏଥିରେ ବ୍ୟତିକ୍ରମ ହୁଏ, ତେବେ ଏହା ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅଶୋକ କୁମାର ସେଠୀଙ୍କୁ ପଚାରିବାରୁ କାମ ଠିକ୍‌ଠାକ୍ ଚାଲିଛି, ଏଥିରେ କୌଣସି ସାଲିସ କରାଯିବ ନାହିଁ ବୋଲି କହିଛନ୍ତି।

## ବେତନଟୀ ଲ୍ୟାମ୍ପସ୍‌ରେ ସର୍ଭର ସମସ୍ୟା

# ଚାଷ କାମ ଛାଡ଼ି ଧାଡ଼ିରେ ଚାଷୀ

ବେତନଟୀ, ୨୩।୮ (ସମିସ): ରାଜ୍ୟରେ ଚାଷୀଙ୍କ ସୁବିଧା ପାଇଁ ଡିଜିଟାଲାଇଜେସନର ବଡ଼ ବଡ଼ ଦାବି କରାଯାଉଥିବାବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ମୟୂରଭଞ୍ଜ ଜିଲ୍ଲା ବେତନଟୀ ଲାର୍ଜ ସାଇଜ୍ ଏଗ୍ରିକଲଚରାଲ୍ ମଲ୍ଟିପରପସ୍ କୋ-ଅପରେଟିଭ୍ ସୋସାଇଟି (ଲ୍ୟାମ୍ପସ୍) କାର୍ଯ୍ୟାଳୟରେ ଖରିଫ ଋତୁ ପାଇଁ ଚାଲିଥିବା ଧାନ ବିକ୍ରି ପଞ୍ଜୀକରଣ ବ୍ୟବସ୍ଥା ଏବେ ସର୍ଭର ଡାଉନ୍ ଯୋଗୁଁ ମନ୍ଥର ଗତିରେ ଚାଲିଛି। ଚଳିତ ବର୍ଷ ଲ୍ୟାମ୍ପସ୍ ଅଧୀନରେ ପଞ୍ଜୀକରଣ ପାଇଁ ପ୍ରାୟ ୨, ୫୦୦ ଚାଷୀ ଫର୍ମ ସଂଗ୍ରହ କରିଛନ୍ତି, ଯାହା ଗତବର୍ଷର ୨, ୦୦୦ ପଞ୍ଜିକୃତ ଚାଷୀଙ୍କ ତୁଳନାରେ ଅଧିକ। ପଞ୍ଜୀକରଣର ଅନ୍ତିମ ଦିବସ ଚଳିତ ମାସ ୩୦ ତାରିଖ ଥିବାବେଳେ ଗତ ଦୁଇ ସପ୍ତାହ ଧରି ସର୍ଭର ଡାଉନ୍ ଯୋଗୁଁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କମ୍ପ୍ୟୁଟର ତ୍ରୁଟି ଯୋଗୁଁ କର୍ମଚାରୀ ଚାହିଁଲେ ମଧ୍ୟ ସେବା ଯୋଗାଇବାରେ ଅସମର୍ଥ ହେଉଛନ୍ତି।



ଚାଷୀ ନିଜର ଚାଷ କାମ ବନ୍ଦ ରଖି ସକାଳଠାରୁ ବିଳମ୍ବିତ ରାତି ଯାଏଁ ଲ୍ୟାମ୍ପସ୍ ଆଗରେ ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। ଦିନ ସାରା ଅପେକ୍ଷା କରିବା ପରେ ମଧ୍ୟ ନିରାଶ ହୋଇ ଫେରିବାକୁ ପଡୁଛି। ଚାଷୀଙ୍କ ଅଭିଯୋଗ ଅନୁସାରେ, ୨୦୧୫ରୁ ଚାଲୁଥିବା ପୁରୁଣା ଓ ଦୁର୍ବଳ ସର୍ଭର ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ସରକାର କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ସମୟ ସୀମା ପାଖେଇ ଆସୁଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସରକାରୀ ଉଦାସୀନତା ଓ ପ୍ରଶାସନର ପୂର୍ବ ପ୍ରସ୍ତୁତିର ଅଭାବ ଏବେ ଚାଷୀଙ୍କ ମୁଣ୍ଡବିନ୍ଧାର ମୁଖ୍ୟ କାରଣ ପାଲଟିଛି। ପଞ୍ଜୀକରଣର ସମୟ ସୀମା ଶେଷ ହେବା ପୂର୍ବରୁ ପ୍ରଶାସନ ତୁରନ୍ତ ଉଚ୍ଚକ୍ଷମତା ସମ୍ପନ୍ନ ସର୍ଭର ବ୍ୟବସ୍ଥା ନ କଲେ, ଶତାଧିକ ପ୍ରକୃତ ଚାଷୀ ସରକାରୀ ମଣ୍ଡି ସୁବିଧାରୁ ବଞ୍ଚିତ ହେବାର ଆଶଙ୍କା ଦେଖାଦେଇଛି।

# ନାଗରିକ ମଞ୍ଚ ପକ୍ଷରୁ ଜାତୀୟ ବରିଷ୍ଠ ନାଗରିକ ଦିବସ

ରାସଗୋବିନ୍ଦପୁର, ୨୩।୮ (ସମିସ): ରାସଗୋବିନ୍ଦପୁର ବ୍ଲକ ଅବସରପ୍ରାପ୍ତ ଓ ବରିଷ୍ଠ ନାଗରିକ ସାମାଜିକ ସୁରକ୍ଷା ମଞ୍ଚ ପକ୍ଷରୁ ରବିବାର ଗଡ଼ିଘାଟି ହୃଦାନନ୍ଦ ସରକାରୀ ବିଦ୍ୟାଳୟ ପରିସରରେ ଜାତୀୟ ବରିଷ୍ଠ ନାଗରିକ ଦିବସ ଉତ୍ସାହର ସହ ପାଳିତ ହୋଇଯାଇଛି। ବରିଷ୍ଠ ନାଗରିକ ମଞ୍ଚ ସଭାପତି ବେଣୁଧର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ଜଗନ୍ନାଥ ସାହୁ ଉପସ୍ଥିତ ଥିଲେ। ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ମୁଖ୍ୟଅତିଥି ଓ ସାମ୍ବାଦିକ ଅଶୋକ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ବିଜୟ କୁମାର ବାରିକ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ଅମରଦା ଫାଣ୍ଡି ଅଧିକାରୀ ନିଶିକାନ୍ତ ସାମଲ, ସତ୍ୟବ୍ରତ ଦାସ, ପୂର୍ବତନ ପ୍ରଧାନଶିକ୍ଷକ ଅକ୍ଷୟ ମିଶ୍ର, ଶିକ୍ଷାବିତ ସୁଶାନ୍ତ ପରିଡ଼ା ଓ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ଗିରି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଅତିଥିମାନେ ବରିଷ୍ଠ ନାଗରିକଙ୍କ ଅଭିଜ୍ଞତା, ଜ୍ଞାନ ଓ ସାମାଜିକ




ଅବଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସମାଜସେବୀ ପ୍ରଦୀପ କୁମାର ମହାନ୍ତି କହିଥିଲେ ଯେ, ଆଜିର ମୋବାଇଲ ଯୁଗରେ ପାରମ୍ପରିକ ପରିବାରିକ ସମ୍ପର୍କ ଓ ଜେଜେମା-ଜେଜେବାପାଙ୍କ ସହ ନାତିନାତୁଣୀଙ୍କ ଆତ୍ମୀୟତା କ୍ରମେ ହ୍ରାସ ପାଉଛି। ଜେଜେମା'ର ସେ ନାନାବାୟା ଗୀତ ଆଜି ହଜିଯାଇଛି ବୋଲି ସେ ଉଲ୍ଲେଖ କରିଥିଲେ। ଏଥିସହ ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ରଖାଯାଇଥିବା ବିଭିନ୍ନ ପ୍ରସ୍ତାବକୁ ସେ ଗ୍ରହଣ କରିବା ସହ ଏହାର ସମାଧାନ ଯଥାଶୀଘ୍ର କରାଯିବ ବୋଲି ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାସଗୋବିନ୍ଦପୁର ବ୍ଲକର ବିଭିନ୍ନ ଅଞ୍ଚଳର ବହୁ ସଂଖ୍ୟକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ।

# ଟାଟୋ ଛକ ଏଟିଏମ୍‌ରୁ ଚୋରି ଉଦ୍ୟମ

କରଞ୍ଜିଆ, ୨୩।୮ (ସମିସ): କରଞ୍ଜିଆ ଥାନା ଅନ୍ତର୍ଗତ ଟାଟୋ ଛକରେ ଥିବା ଏକ ଏଟିଏମ୍‌ରୁ ଚୋରି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଯଶୀପୁର ଅଞ୍ଚଳର ଗୁରୁପ୍ରସାଦ ମହାନ୍ତ ଏ ନେଇ ପୁଲିସକୁ ସୂଚନା ଦେଇଛନ୍ତି। ଟାଟୋ ଛକସ୍ଥ ଜ୍ୟୋତିର୍ମୟ ମହାନ୍ତଙ୍କ ଭଡ଼ା ଘରେ ଗୁରୁପ୍ରସାଦ ଏକ ଟାଟା ଇଣ୍ଡିକାଶ ଏଟିଏମ ପରିଚାଳନା କରୁଛନ୍ତି। ସକାଳେ ଏଟିଏମ ଫୁଟେଜ୍ ଯାଞ୍ଚ ସମୟରେ ଦୁର୍ବୃତ୍ତମାନେ ସଟର ଭାଙ୍ଗି ଏଟିଏମ୍ କାଉଣ୍ଟରରେ ପ୍ରବେଶ କରିବା ସହ ମେସିନ୍‌କୁ ଭଙ୍ଗାରୁଜା କରିଥିବା ଜଣାପଡ଼ିଥିଲା। ମେସିନ୍ ଭାଙ୍ଗିଥିଲେ ମଧ୍ୟ ଦୁର୍ବୃତ୍ତମାନେ ଟଙ୍କା ନେଇପାରି ନ ଥିବା ଜଣାପଡ଼ିଛି। ଖବର ପାଇ କରଞ୍ଜିଆ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ କରଞ୍ଜିଆ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସର ଛାନ୍‌ଭିନ୍ ଜାରି ରହିଛି।




# ସେପ୍ଟେମ୍ବର ୬ରେ କଳା ଦିବସ ପାଳିବ କୁଡୁମୀ ସେନା

ବାରିପଦା, ୨୩।୮ (ସମିସ): କୁଡୁମୀ ଜାତିକୁ ଆଦିବାସୀ ବର୍ଗରେ ସାମିଲ କରିବା ପାଇଁ କୁଡୁମୀ ସେନା ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତଙ୍କ ନେତୃତ୍ୱରେ ବିଗତ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି କୁଡୁମୀ ସେନା ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି କ୍ରମରେ ଶ୍ରୀ ମହାନ୍ତଙ୍କ ଆହ୍ୱାନକ୍ରମେ ଆସନ୍ତା ସେପ୍ଟେମ୍ବର ୬ ତାରିଖକୁ ସବୁବର୍ଷ ଭଳି ଏବର୍ଷ ମଧ୍ୟ କଳା ଦିବସ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଗତ ୧୯୫୦ ସେପ୍ଟେମ୍ବର ୬ ତାରିଖରେ କୁଡୁମୀ ଜାତିକୁ ଆଦିବାସୀ (ଏସ୍‌ଟି) ବର୍ଗରୁ ବାଦ୍ ଦିଆଯାଇଥିଲା। କୁଡୁମୀ ଜାତି ପ୍ରତି ହୋଇଥିବା ଉକ୍ତ ଐତିହାସିକ ଅନ୍ୟାୟ ପ୍ରତିବାଦରେ ସେପ୍ଟେମ୍ବର ୬ ତାରିଖକୁ ପ୍ରତ୍ୟେକ ବର୍ଷ ଭଳି ଏବର୍ଷ ମଧ୍ୟ ପଲ୍ଲୀରୁ ଦିଲ୍ଲୀର ଜନ୍ତରମନ୍ତରଠାରେ କଳା ଦିବସ ରୂପେ ପାଳନ କରିବା ପାଇଁ କୁଡୁମୀ ସେନାର ପ୍ରତିଷ୍ଠାତା ସଭାପତି ଜୈମୁନି କୁମାର ମହାନ୍ତ ଆହ୍ୱାନ ଦେଇଛନ୍ତି। ୫ ତାରିଖରେ ବାରିପଦାରେ ମଶାଲ ସଭାଯାତ୍ରା ହେବାର ସ୍ଥିରୀକୃତ କରାଯାଇଛି। ଏ ନେଇ ବାରିପଦାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଯାଇଛି। ଜୈମୁନି କୁମାର ମହାନ୍ତଙ୍କ ଅଧକ୍ଷତାରେ ଏହି ବୈଠକରେ ବେଙ୍ଗଲ କୁଡୁମୀ ସମାଜର କୌଶିକ ବଂଶୀୟାର ଓ କୁଡୁମୀ ସେନାର ଡମ୍ବରୁ ମହାନ୍ତ, ବିବେକା ମହାନ୍ତ, ସାଇରାମ୍, ବିଶ୍ୱନାଥ, ମାନଗୋବିନ୍ଦ,



ବୀରେନ୍ଦ୍ର, ଲୋକନାଥ, କ୍ଷେତ୍ରମୋହନ, ଚନ୍ଦ୍ରଭାନୁ ମହାନ୍ତ, କୁଡୁମୀ ଛାତ୍ର ସେନା ମନୋଜ, ଲିପୁନ, ଦେବବ୍ରତ, ଯଶବନ୍ତ, ତପନ, ସମୀର, ଶିବଶଙ୍କର ମହାନ୍ତ, କୁଡୁମୀ ମହିଳା ସେନାର ସୁଜାତା ମହାନ୍ତ, ସୌଭାଗ୍ୟ ମହାନ୍ତ, ଗୀତାଞ୍ଜଳି ମହାନ୍ତ, ଶାନ୍ତି ମହାନ୍ତ, ଅହଲ୍ୟା ମହାନ୍ତ ଓ କୁଡୁମୀ ସେନାର ପରାମର୍ଶଦାତା ଭାବେ ସୁବାସ ସାର, ପ୍ରେମଚାନ୍ଦ ସାର, ଲକ୍ଷ୍ମୀଧର ମହାନ୍ତ, ତୁଳସୀ ମହାନ୍ତ, ରାଜାରାମ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# ବାକରତଳା ଆଶ୍ରମ ବିଦ୍ୟାଳୟ ମନ୍ତ୍ରୀମଣ୍ଡଳ ପାଇଁ ନିର୍ବାଚନ

ଯଶିପୁର, ୨୩।୮ (ସମିସ): ଯଶିପୁର ବ୍ଲକ ଅନ୍ତର୍ଗତ ବାକରତଳା ଆଶ୍ରମ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ବିଦ୍ୟାଳୟସ୍ତରୀୟ ମନ୍ତ୍ରୀମଣ୍ଡଳ ନିର୍ବାଚନ ହୋଇଯାଇଛି। ପ୍ରାର୍ଥୀମାନେ ବିଭିନ୍ନ ପଦବୀ ନିମନ୍ତେ ଆବେଦନ କରିବା ପରେ ନିର୍ବାଚନ ପୂର୍ବଦିନ ନିଜ ସପକ୍ଷରେ କହିବାକୁ ଏକ ମଞ୍ଚରେ ସୁଯୋଗ ଦିଆଯାଇଥିଲା। ନିର୍ବାଚନରେ ଛାତ୍ରଛାତ୍ରୀ ବାଲାଟ ପେପରରେ ସ୍ୱତନ୍ତ୍ର ବୁଥ ଭିତରେ ମତଦାନ କରିଥିଲେ। ପରେ ଗଣତି କରି ଫଳାଫଳ ଘୋଷଣା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଭାବେ ସଲମା ସୋରେନ, ଉପମୁଖ୍ୟମନ୍ତ୍ରୀ ପ୍ରୀତିରେଖା ନାଏକ, ଶିକ୍ଷାମନ୍ତ୍ରୀ ନିବେଦିତା ନାଏକ, ସହଶିକ୍ଷାମନ୍ତ୍ରୀ ରଶ୍ମିତା ବାନ୍ ସିଂ, ସ୍ୱାସ୍ଥ୍ୟମନ୍ତ୍ରୀ ଶୁଭଶ୍ରୀ ସାୟାଁ, ସହସ୍ୱାସ୍ଥ୍ୟମନ୍ତ୍ରୀ ମମତା ମୁର୍ମୁ, ପରିବେଶ ମନ୍ତ୍ରୀ ସନ୍ଧ୍ୟାରାଣୀ ନାଏକ, ସହପରିବେଶ ମନ୍ତ୍ରୀ ଛବିରାଣୀ ନାଏକ, ଶିଶୁ ସାମ୍ବାଦିକ ସଞ୍ଜନା ନାଏକ, ସହଶିଶୁ ସାମ୍ବାଦିକ କାଜଲ୍ ନାଏକ, ଖାଦ୍ୟମନ୍ତ୍ରୀ ସୁକୁରମଣି ମାରାଣ୍ଡି, ସହଖାଦ୍ୟମନ୍ତ୍ରୀ ରିତିରାଣୀ ମଢେଇ, କ୍ରୀଡ଼ା ଓ ସଂସ୍କୃତିକ ମନ୍ତ୍ରୀ ରଞ୍ଜନରଶ୍ମୀ ନାଏକ ଓ ସହକ୍ରୀଡାମନ୍ତ୍ରୀ ଦେବସ୍ମିତା ନାଏକ ପ୍ରମୁଖ ନିର୍ବାଚିତ ହୋଇଥିଲେ। ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଓ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, ମ୍ୟାଜିକ ବସ୍‌ର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ। ଏ ପରିପ୍ରେକ୍ଷୀରେ ବିଦ୍ୟାଳୟର ବାଲୁକା ଶିଳ୍ପୀ ବାଲୁକା କଳାରେ ଭୋଟ୍ ପାଇଁ ନିବେଦନ କରିଥିଲେ।




# ଲାୟନ୍ସ କ୍ଲବର ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା

ବାରିପଦା, ୨୩।୮ (ସମିସ)



ପ୍ରତିବର୍ଷର ପରମ୍ପରାକୁ ଅବ୍ୟାହତ ରଖି ଲାୟନ୍ସ କ୍ଲବ୍ ବାରିପଦା ପକ୍ଷରୁ ରବିବାର ନିଜସ୍ୱ କାର୍ଯ୍ୟାଳୟରେ ବାର୍ଷିକ ଆନ୍ତଃବିଦ୍ୟାଳୟ ଚିତ୍ରକଳା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୧୩ଟି ବିଦ୍ୟାଳୟରୁ ୪୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷ ପ୍ରତିଯୋଗିତାରେ ଏକ ନୂତନ ଓ ସୃଜନଶୀଳ ବିଷୟବସ୍ତୁ ଉପରେ ଚିତ୍ରାଙ୍କନର ସୁଯୋଗ ଦିଆଯାଇଥିଲା। ଏହା ଛାତ୍ରଛାତ୍ରୀଙ୍କୁ ନିଜର କଳ୍ପନା ଶକ୍ତି, ସୃଜନଶୀଳତା ଓ କଳାତ୍ମକ ପ୍ରତିଭାକୁ ପ୍ରକାଶ କରିବାର ଏକ ସୁନ୍ଦର ମଞ୍ଚ ପ୍ରଦାନ କରିଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଛାତ୍ରଛାତ୍ରୀଙ୍କ ଅଦମ୍ୟ ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ଏହି କାର୍ଯ୍ୟକ୍ରମକୁ ଆହୁରି ସ୍ମରଣୀୟ କରିଥିଲା।

ମୟୂରଭଞ୍ଜର ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଗରିମା ବଢ଼ାଇଥିଲେ। ଅଂଶଗ୍ରହଣକାରୀ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପ୍ରତିଯୋଗିତାର ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ପାଇଁ ମେରିଟ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଉକ୍ତ ପ୍ରତିଯୋଗିତାରେ ସଞ୍ଜନା ମହାନ୍ତ ପ୍ରଥମ, ଦେବାଶିଷ ଗିରି ଦ୍ୱିତୀୟ ଓ ଇନ୍ଦ୍ରନୀଲ ଭୌମିକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଲାୟନ୍ସ କ୍ଲବ୍‌ର ବରିଷ୍ଠ ଓ ପୂର୍ବତନ ସଦସ୍ୟଙ୍କ ଉପସ୍ଥିତି ଏକ ବିଶେଷ ଆକର୍ଷଣ ଥିଲା। ଦୀର୍ଘବର୍ଷ ପରେ ବହୁ ପୂର୍ବତନ ସଦସ୍ୟ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସେମାନଙ୍କର ଉପସ୍ଥିତି କ୍ଲବ୍ ସଦସ୍ୟଙ୍କ ମଧ୍ୟରେ ଭାଇଚାରା, ପୁରୁଣା ସ୍ମୃତି ଓ ଉତ୍ସାହର ଏକ ସୁନ୍ଦର ପରିବେଶ ସୃଷ୍ଟି କରିଥିଲା। ପ୍ରତିଯୋଗିତାର ବିଜେତାମାନେ ଏବେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ରାଜ୍ୟ ସ୍ତରରେ ବିଜୟୀ ହେଉଥିବା ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣର ସୁଯୋଗ ମିଳିବ। ଏହା ଯୁବ କଳାକାରଙ୍କ ପାଇଁ ନିଜର ପ୍ରତିଭା ଓ ସୃଜନଶୀଳତାକୁ ବ୍ୟାପକ ସ୍ତରରେ ପ୍ରଦର୍ଶନ କରିବାର ଏକ ଉତ୍କୃଷ୍ଟ ମଞ୍ଚ। ଏ ଅବସରରେ ଲାୟନ ପ୍ରେସିଡେଣ୍ଟ ଲାୟନ୍ ହେମନ୍ତ ଶାହ ମୁଖ୍ୟଅତିଥି, ସମ୍ମାନିତ ଅତିଥି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ, ବରିଷ୍ଠ ଲାୟନ୍ସ ସଦସ୍ୟ ଓ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ କାର୍ଯ୍ୟକ୍ରମକୁ ସଫଳ କରିବାରେ ସମସ୍ତଙ୍କର ମୂଲ୍ୟବାନ ସହଯୋଗ, ଉତ୍ସାହ ଓ ସକ୍ରିୟ ଅଂଶଗ୍ରହଣ ପାଇଁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଲାୟନ୍ ପ୍ରେସିଡେଣ୍ଟ ହେମନ୍ତ ଶାହ ବିଶେଷ ଭାବେ ବିଦ୍ୟାଳୟ, ଶିକ୍ଷକଶିକ୍ଷୟିତ୍ରୀ, ଅଭିଭାବକ, ଅତିଥି ଓ ଲାୟନ୍ସ ସଦସ୍ୟଙ୍କ ଏହି ବାର୍ଷିକ ପ୍ରୟାସ ପ୍ରତି ନିରନ୍ତର ଆଗ୍ରହ ଓ ସହଯୋଗକୁ ପ୍ରଶଂସା କରିଥିଲେ। ଶିଶୁଙ୍କ ପ୍ରତିଭା ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହନ ଦେବା ସହ ସମାଜସେବାର ଏଭଳି ଅର୍ଥପୂର୍ଣ୍ଣ କାର୍ଯ୍ୟକ୍ରମରେ ଆଗାମୀ ଦିନରେ ମଧ୍ୟ ଲାୟନ୍ସ କ୍ଲବ୍ ବାରିପଦା ସହ ଯୋଡ଼ି ରହିବା ପାଇଁ ସେ ଆହ୍ୱାନ ଜଣାଇଥିଲେ।

# ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ଜିଲ୍ଲାସ୍ତରୀୟ ନାରୀ ଜାଗରଣ ସମ୍ମିଳନୀ

ବାରିପଦା, ୨୩।୮ (ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଶାନ୍ତିକୁଞ୍ଜ ହରିଦ୍ୱାର ମୟୂରଭଞ୍ଜ ଶାଖା ପକ୍ଷରୁ ବାରିପଦା ସରୂପନଗରସ୍ଥ ଗାୟତ୍ରୀ ଶକ୍ତିପୀଠ ପରିସରରେ ପରମ ବନ୍ଦନୀୟା ମାତା ଭଗବତୀ ଦେବୀ ଶର୍ମାଙ୍କ ଜନ୍ମ ଶତାବ୍ଦୀ ଉପଲକ୍ଷେ ଜିଲ୍ଲାସ୍ତରୀୟ ନାରୀ ଜାଗରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। 'ଏକବିଂଶ ଶତାବ୍ଦୀ ନାରୀ ଶତାବ୍ଦୀ' ଆହ୍ୱାନ ସହ ନାରୀ ଶକ୍ତିର ଜାଗରଣ ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆସନ୍ତା ଡିସେମ୍ବର ୧୫, ୧୬ ଓ ୧୭ ତାରିଖରେ ସମ୍ବଲପୁରଠାରେ ତିନିଦିନିଆ ପ୍ରାନ୍ତୀୟ ନାରୀ ଜାଗରଣ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ପୂର୍ବ ପ୍ରସ୍ତୁତି ସ୍ୱରୂପ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଏଭଳି ସମ୍ମିଳନୀ କରାଯାଉଛି। ଏହି କ୍ରମରେ ଆଜି ମୟୂରଭଞ୍ଜରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଏ ଅବସରରେ ଓଡ଼ିଶା ଜୋନ୍ ଭୁବନେଶ୍ୱରର ସମନ୍ୱୟକ (ମୁଖ୍ୟ ସଂଯୋଜକ କୋର୍ଡିନେଟର) ସୌମିତ୍ରୀ ସେନାପତି କହିଛନ୍ତି, ନାରୀ କେବେହେଲେ ଅବଳା ବା ଦୁର୍ବଳା ନୁହେଁ। ପ୍ରତ୍ୟେକ ନାରୀଙ୍କ ଭିତରେ ଦୁର୍ଗା, ଲକ୍ଷ୍ମୀ ଓ କାଳୀଙ୍କ ଶକ୍ତି ବିଦ୍ୟମାନ। ସମାଜରେ ବ୍ୟାପିଥିବା ଅନ୍ୟାୟ, ଅନୀତି, ଅତ୍ୟାଚାର ଓ ଦୁର୍ବୁଦ୍ଧିକୁ ଦୂର କରିବା ପାଇଁ ଏହି ସୁପ୍ତ ଶକ୍ତିକୁ ଜାଗ୍ରତ କରିବା ଆବଶ୍ୟକ। ଯୁଗଋଷି ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ଓ ବନ୍ଦନୀୟା ମାତାଜୀଙ୍କ ମାର୍ଗଦର୍ଶନରେ ଘରେ ଘରେ ସଦ୍‌ଜ୍ଞାନ, ସଦ୍‌ବିବେକ ଓ ସଦ୍‌ଭାବନାର ପ୍ରସାର ପାଇଁ ମା' ଗାୟତ୍ରୀଙ୍କ ଉପାସନା ଓ ଯଜ୍ଞ ପରମ୍ପରାର ପୁନରୁଦ୍ଧାର କରାଯାଉଛି। ଏହି ସମ୍ମିଳନୀରେ ଗାୟତ୍ରୀ ପରିବାରର ବହୁ ମହିଳା, କର୍ମକର୍ତ୍ତା ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଗୀତା ଦଣ୍ଡପାଟ ସ୍ୱାଗତ ଭାଷଣ ଦେବା ସହ ଯୁଗ ନିର୍ମାଣ ସତସଂକଳ୍ପ ପାଠ କରିଥିଲେ। ଏରଶସହ 'ଆଓ ଗଢେ ସଂସ୍କାରବାନ ପିଢ଼ି' କାର୍ଯ୍ୟକ୍ରମର ମୁଖ୍ୟ ପ୍ରଶିକ୍ଷକ ପ୍ରମୋଦ କୁମାର ଦାସ ଗର୍ଭସ୍ଥ ଶିଶୁ ଭିତରେ ଆଦର୍ଶ ସଂସ୍କାର ଓ ଉଚ୍ଚବିଚାର ବିକଶିତ କରି ଆଗାମୀ ପିଢ଼ିକୁ କିପରି ଶାରୀରିକ, ମାନସିକ, ସୁସ୍ଥ ଭାବେ ଗଢ଼ାଯିବ,



ସେଥିପ୍ରତି ଆଲୋକପାତ କରିଥିଲେ। ମହିଳା ସମ୍ମିଳନୀର ପ୍ରାନ୍ତୀୟ ସଂଯୋଜକ ବିଳାସିନୀ ସାହୁ ପରିବର୍ତ୍ତିତ ସମାଜରେ ମହିଳାଙ୍କ ଭୂମିକା ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଗାୟତ୍ରୀ ପରିବାରର ମୁଖ୍ୟ ଟ୍ରଷ୍ଟି ନିରୋଜ ପଣ୍ଡା ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ଉପରେ ସୂଚନା ଦେଇଥିଲେ। ପ୍ରୀତିସୁଧା ତ୍ରିପାଠୀ, ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ରସାନନ୍ଦ ବଳ, ବାଙ୍କବିହାରୀ ସିଂ, ଗଗନ ବେହେରା, ଅଶୋକ ମହାପାତ୍ର, ଦିବାକର ପ୍ରଧାନ, ଜୟନ୍ତ ଶେଜପଡ଼ା ଓ ଦେବାଶିଷ ପାଇକରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଆଲୋଚନାଚକ୍ର

# ସାନ୍ତାଳୀ ଭାଷାରେ ଶିକ୍ଷା ପ୍ରଦାନ ଦାବି

ବାରିପଦା, ୨୩।୮ (ସମିସ)



ରାଜ୍ୟରେ ସାନ୍ତାଳୀ ଭାଷା, ସାହିତ୍ୟ ଓ ଶିକ୍ଷାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ରବିବାର ଭୁବନେଶ୍ୱରସ୍ଥ ଗୋଦାବରୀ ସାହିତ୍ୟ ସଂସଦ ଭବନରେ ଦିନିକିଆ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ସାନ୍ତାଳୀ ଭାଷା ଓ ଶିକ୍ଷା ସମନ୍ୱୟ କମିଟି ଭୁବନେଶ୍ୱର ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସାନ୍ତାଳୀ ଭାଷାବିତ୍, ଗବେଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ୨୦୨୩ରେ ଓଡ଼ିଶା ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ଏକ୍ସପର୍ଟ କମିଟିର ରିପୋର୍ଟ ସରକାରଙ୍କଠାରେ ଦାଖଲ କରାଯାଇଥିଲେ ମଧ୍ୟ ଏହାର ପଦକ୍ଷେପ ଗ୍ରହଣ କରିବାରେ ସରକାର ବିଳମ୍ବ କରୁଥିବାରୁ ସଭାରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜାତୀୟ ଶିକ୍ଷାନୀତି- ୨୦୨୦ ପ୍ରଚଳନ କରି ଆବଶ୍ୟକ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ପୁସ୍ତକ ପ୍ରସ୍ତୁତ କରି ମୁଦ୍ରଣ କରିଛନ୍ତି। ଅଦ୍ୟାବଧି ସମ୍ବିଧାନ ସ୍ୱୀକୃତି ସାନ୍ତାଳୀ ଭାଷାର ପାଠ୍ୟପୁସ୍ତକ ଜାତୀୟ ଶିକ୍ଷାନୀତି-୨୦୨୦ ଅନୁସାରେ ପ୍ରସ୍ତୁତ କରିବା ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ପୁରୁଣା ସାନ୍ତାଳୀ ପାଠ୍ୟପୁସ୍ତକ ମଧ୍ୟ ସମ୍ପୃକ୍ତ ବିଦ୍ୟାଳୟରେ ନିୟମିତ ବଣ୍ଟନ କରାଯାଉନାହିଁ। ସାନ୍ତାଳୀ ଏକ ଆଦିବାସୀ ଭାଷା ହୋଇଥିଲେ ମଧ୍ୟ ଏହା ସମ୍ବିଧାନ ସ୍ୱୀକୃତ ଭାଷା ଅଟେ ଓ ରାଷ୍ଟ୍ରପତି, ମୁଖ୍ୟମନ୍ତ୍ରୀଙ୍କ ମାତୃଭାଷା ଅଟେ। ସରକାରଙ୍କ ପ୍ରଚଳିତ ବିଧି ବ୍ୟବସ୍ଥା ନିୟମାନୁସାରେ ସାନ୍ତାଳୀ ଭାଷା ଉନ୍ନତି ପାଇଁ ଯୋଗ୍ୟ ବିବେଚିତ ଅଟେ। ଶିକ୍ଷା କ୍ଷେତ୍ରରେ ସାନ୍ତାଳୀ ଭାଷାର ପ୍ରଚଳନ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଭାରେ ଗଭୀର ଉଦବେଗ ପ୍ରକାଶ ପାଇଥିଲା। ସାନ୍ତାଳୀ ଭାଷା ତଥା ଅଲଚିକି ଲିପିର ବ୍ୟାପକ ପ୍ରଚାର, ପାଠ୍ୟପୁସ୍ତକ ପ୍ରକାଶନ ଓ ସରକାରୀ ସ୍ତରରେ ସାନ୍ତାଳୀ ଭାଷାକୁ ଅଧିକ ପ୍ରୋତ୍ସାହନ ଦେବା ନେଇ ଆଲୋଚନାରେ ବିଭିନ୍ନ ଦାବି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ସମ୍ପର୍କରେ ସାନ୍ତାଳୀ ଦାବି ସମ୍ପୂର୍ଣ୍ଣ ସଫଳ କରିବା ପାଇଁ ରାଜ୍ୟସ୍ତରୀୟ ଓ ଜିଲ୍ଲାସ୍ତରୀୟ କମିଟି ଗଠନ କରାଯାଇଥିଲା। ପରବର୍ତ୍ତୀ ସମୟରେ ବ୍ଲକସ୍ତରୀୟ କମିଟି ଗଠନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ଏହି ଆଲୋଚନାଚକ୍ରର ତିନୋଟି ଅଧିବେଶନରେ ବରିଷ୍ଠ ଉପଦେଷ୍ଟା ଉଦୟନାଥ ମାଝୀ, କେନ୍ଦ୍ର ସାହିତ୍ୟ ଏକାଡେ଼ମୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀ, ଅବସରପ୍ରାପ୍ତ ଆଇଏଏସ ଅଧିକାରୀ ଧନଞ୍ଜୟ ହେମ୍ବ୍ରମ, ସାହିତ୍ୟ ଏକାଡେ଼ମୀର ପୂର୍ବତନ ଆବାହକ ମଦନମୋହନ ସୋରେନ, ଆଦିମ ଅୱାର ଜାରପା ସଭାପତି କାରୁ ମୁର୍ମୁ, ସାନ୍ତାଳୀ ଇଂଜିନିୟର କଲ୍ୟାଣ ସଂଘ ଉପଦେଷ୍ଟା ସୁଦର୍ଶନ ହେମ୍ବ୍ରମ, ସଭାପତି ସୋମନାଥ ହାଁସଦା, ଆସେକା ଭୁବନେଶ୍ୱର ଶାଖା ସଭାପତି ଦାଶମାତ ମୁର୍ମୁ, ସମ୍ପାଦକ ରୂପେନ୍ଦ୍ର ନାଥ ମୁର୍ମୁ, ସାନ୍ତାଳୀ ଅଧ୍ୟାପକ ଡଃ ସୁନାରାମ ସୋରେନ, ଭାରତ ଜାକାତ ମାଝୀ ମାହାଲ, ଓଡ଼ିଶାର ପାରଗାନା ବାଲକରାମ ବାସ୍କେ, ମିଶନ ଅଲଚିକି ଉପଦେଷ୍ଟା ମାଙ୍ଗାତ ମୁର୍ମୁ, ସାନ୍ତାଳ ମହା ସେନେଲେଦ ସାଧାରଣ ସଂପାଦକ ତୁସିଲଦାର ହାଁସଦା, ସାନ୍ତାଳୀ ପିଜି ଛାତ୍ର ସଂଘ ସଭାପତି ବିକ୍ରମ ବେଶ୍ରା, ସମ୍ପାଦକ ସେରାଲ ମୁର୍ମୁ, ଦୁଖୁ ମାରାଣ୍ଡି ପ୍ରମୁଖ ଯୋଗଦେଇ ମୂଲ୍ୟବାନ ମତ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସାଲଗେ କିସ୍କୁ, ସୁରୁକୁନି ମୁର୍ମୁ, ମିନତୀ ମାରାଣ୍ଡି, ଶୁନିଆ ମାରାଣ୍ଡି, ଦୁବରାଜ ହେମ୍ବ୍ରମ, କରିୟାଲଲ ବାସ୍କେ ପ୍ରମୁଖ ପରିଚାଳନା କରିଥିଲେ।

## ଚୋରମାଲଦାରେ ଘର ଭାଙ୍ଗିଲା ଦନ୍ତା

ଜଡ଼ା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ ଅଧୀନ ରୁଗୁଡ଼ି ଫରେଷ୍ଟ ସେକ୍ସନର ଚୋରମାଲଦା ଗ୍ରାମରେ ଦନ୍ତା ହାତୀର ଉପଦ୍ରବ ଥମୁନି। ଶନିବାର ରାତି ପ୍ରାୟ ୨ଟାରେ ଏକ ଦନ୍ତା ହାତୀ ଅରବିନ୍ଦ ମୁଣ୍ଡାଙ୍କ ଘର ଭାଙ୍ଗିବା ସହ ଗାଁରେ ଉପଦ୍ରବ କରିଥିଲା। ସୌଭାଗ୍ୟବଶତଃ ପରିବାରର କାହାରି କିଛି କ୍ଷତି ହୋଇନାହିଁ। ବନ ବିଭାଗ କର୍ମଚାରୀମାନେ ପହଞ୍ଚି ହାତୀକୁ ଗ୍ରାମରୁ ଘଉଡ଼ାଇଥିଲେ। ହାତୀ ଉପଦ୍ରବରେ ଦୁଇଟି ଘର କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ବର୍ଷା ଯୋଗୁଁ ଭଙ୍ଗା ଘରେ ପରିବାରଗୁଡ଼ିକ ଦୁର୍ଦ୍ଦଶାରେ ରହୁଛନ୍ତି। କ୍ଷୟକ୍ଷତି ଆକଳନ କରି ନିୟମାନୁସାରେ ସହାୟତା ଦିଆଯିବ ବୋଲି ବନ ବିଭାଗ ଅଧିକାରୀ ବିଭୂତି କୁମାର ସେଠୀ କହିଛନ୍ତି। ସୂଚନା ଅନୁଯାୟୀ, ଗୋଠଛଡ଼ା ଏହି ଦନ୍ତା ହାତୀ ଦୁଇଦିନ ପୂର୍ବରୁ କଲହଁ ରୋଡ଼କଳା ଗ୍ରାମରେ ପଶି ଆଶା ମୁଣ୍ଡା, ଟିପୁ ମୁଣ୍ଡା ଓ ଗମ୍ହା ମୁଣ୍ଡାଙ୍କ ଘର ଭାଙ୍ଗିଥିଲା। ଏହା ପୂର୍ବରୁ ପ୍ରାୟ ଦୁଇମାସ ତଳେ ଚୋରମାଲଦା ଗ୍ରାମରେ ମଧ୍ୟ ଏହି ହାତୀ ପାଞ୍ଚଜଣଙ୍କ ଘର ଭାଙ୍ଗିଥିବା ଅଭିଯୋଗ ରହିଛି। ଫଳରେ ଦନ୍ତା ହାତୀକୁ ନେଇ ଅଞ୍ଚଳବାସୀଙ୍କ ଆତଙ୍କ ଆହୁରି ବଢ଼ିଛି। ଅନ୍ୟପକ୍ଷରେ ଅଞ୍ଚଳରେ ଖଣି ଖନନ ଓ ଶିଳ୍ପାୟନ ବୃଦ୍ଧି ସହ ଜଙ୍ଗଲ ଅଞ୍ଚଳ ସଙ୍କୁଚିତ ହେଉଥିବାରୁ ହାତୀଙ୍କ ପାରମ୍ପରିକ ଚଳାଚଳ ପଥ ଓ ବାସସ୍ଥାନ ପ୍ରଭାବିତ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଖାଦ୍ୟ ଓ ଆଶ୍ରୟ ସନ୍ଧାନରେ ହାତୀମାନେ ବାରମ୍ବାର ଜନବସତି ମୁହାଁ



ହେଉଥିବାରୁ ମଣିଷ-ହାତୀ ସଂଘାତ ବଢ଼ିବା ନେଇ ଚିନ୍ତା ପ୍ରକାଶ ପାଇଛି। ନିକଟ ଅତୀତରେ ଏହି ଅଞ୍ଚଳରେ ହାତୀ ଆକ୍ରମଣରେ ଜଣେ ୫ ବର୍ଷୀୟ ଶିଶୁର ମୃତ୍ୟୁ ଘଟିଥିବାରୁ ପରିସ୍ଥିତିର ଗମ୍ଭୀରତା ଆହୁରି ବଢ଼ିଛି। ବାରମ୍ବାର ହାତୀ ଜନବସତିକୁ ପଶୁଥିବାରୁ ମଣିଷ-ହାତୀ ସଂଘାତ ନେଇ ଗ୍ରାମବାସୀଙ୍କ ଚିନ୍ତା ବଢ଼ିଛି। ବନ ବିଭାଗ ହାତୀର ଗତିବିଧି ଉପରେ ନଜର ରଖି ଗ୍ରାମବାସୀଙ୍କୁ ଆଗୁଆ ସତର୍କ କରିବା ସହ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହୋଇଛି।

## ଅନୁସୟା ବିଜେଡି ଏସ୍‌ସି ସେଲର ସାଧାରଣ ସମ୍ପାଦିକା



ବାରିପଦା, ୨୩।୮ (ସମିସ): ରାଜ୍ୟ ବିଜୁ ଜନତା ଦଳର ଏସି ସେଲ ସାଧାରଣ ସମ୍ପାଦିକା ଭାବେ ବଡ଼ସାହିର ପ୍ରାକ୍ତନ ବିଧାୟିକା ପ୍ରାର୍ଥିନୀ ଅନୁସୟା ପାତ୍ରଙ୍କୁ ଦଳ ପକ୍ଷରୁ ଦାୟିତ୍ୱ ମିଳିଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ରାଜ୍ୟ କମିଟିରେ ତାଙ୍କୁ ସ୍ଥାନ ଦେଇଥିବାରୁ ସେ ଶ୍ରୀ ପଟ୍ଟନାୟକଙ୍କ ସମେତ ଦଳର ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ନିର୍ବାଚନମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତିଙ୍କୁ ସେ ନିଜର କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ ଶ୍ରୀମତୀ ପାତ୍ର ବଡ଼ସାହିର ପୂର୍ବତନ ବିଧାୟକଙ୍କ ସହଧର୍ମଣୀ। ଗତ ୨୦୨୪ ନିର୍ବାଚନରେ ଦଳ ତାଙ୍କୁ ବିଧାୟକ ପ୍ରାର୍ଥୀ କରିଥିଲା।

## ରାଇରଙ୍ଗପୁରରେ ଓଡ଼ିଶା କୁଡୁମୀ ସେନାର ସାମ୍ବାଦିକ ସମ୍ମିଳନୀ



ରାଇରଙ୍ଗପୁର, ୨୩।୮ (ସମିସ): ରାଇରଙ୍ଗପୁରସ୍ଥ ପିସିଏମ୍ କଲ୍ୟାଣ ମଣ୍ଡପରେ ଓଡିଶା କୁଡୁମୀ ସେନାର ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତଙ୍କ ନେତୃତ୍ୱରେ ଓଡିଶା କୁଡୁମୀ ସେନାର କଳା ଦିବସ ପାଳନ ନେଇ ସାମ୍ବାଦିକ ସମ୍ମିଳନୀ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୧୯୫୦ ସେପ୍ଟେମ୍ବର ୬ରେ ସେତେବେଳର କେନ୍ଦ୍ର ସରକାର କୌଣସି କାରଣ ନ ଥାଇ ଚକ୍ରାନ୍ତ କରି କୁଡୁମୀ ଜାତିକୁ ଏସଟି ତାଲିକାରୁ ବାଦ ଦେଇଛନ୍ତି। ଉକ୍ତ ଦିନଟି କୁଡୁମି ଜାତି ପାଇଁ ଅନ୍ୟାୟର ଦିନ ବୋଲି କହି ସେପ୍ଟେମ୍ବର ୬କୁ "କଳା ଦିବସ " ରୂପେ କୁଡୁମୀ ଜାତି ପାଳନ କରିଆସୁଛି। କୁଡୁମୀ ଜାତିକୁ ପୁନଃ ଏସଟି ବର୍ଗରେ ସାମିଲ କରିବା ପାଇଁ ଓଡିଶା କୁଡୁମୀ ସେନା ଜାରି ରଖିଥିବା ସଂଗ୍ରାମ ବର୍ତ୍ତମାନ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଓଡିଶା କୁଡୁମୀ ସେନା ବିଭିନ୍ନ ସମୟରେ ଜାତିର ମୌଳିକ ଅଧିକାର ଓ ହକ ପାଇଁ ଲଢେଇ କରିଆସୁଛି। ସଡକରୁ ସଂସଦ ପର୍ଯ୍ୟନ୍ତ, ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ, ରାସ୍ତାରୋକଠାରୁ ମୁଖ୍ୟମନ୍ତ୍ରୀ ନିବାସ ଘେରଉ ପର୍ଯ୍ୟନ୍ତ, ବୃକ୍ଷରୋପଣଠାରୁ ରକ୍ତଦାନ ପର୍ଯ୍ୟନ୍ତ ସଚେତନତା। କାର୍ଯ୍ୟକ୍ରମଠାରୁ ଜାତ ଜଳନ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିଆସୁଛି ବୋଲି ଉପସ୍ଥିତ କୁଡୁମୀ ସମ୍ପ୍ରଦାୟର ବ୍ୟକ୍ତି ବିଶେଷ ମତ ରଖିଥିଲେ। କୁଡୁମୀ ଜାତିର ସମସ୍ତ ଭାଇଭଉଣୀଙ୍କୁ ଅନୁରୋଧ ଆସନ୍ତା ସେପ୍ଟେମ୍ବର ୬ ତାରିଖ ଦିଲ୍ଲୀର ଯନ୍ତରମନ୍ତରରେ ହେବାକୁ ଥିବା କଳା ଦିବସରେ ଯୋଗଦାନ କରି ଏ ଜାତିର ଏକତା ବଜାୟ ରଖିବାକୁ ଅନୁରୋଧ କରାଯାଇଛି। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଭାପତି ଦିବ୍ୟସିଂହ ମହାନ୍ତ, ରାଜ୍ୟ ସମ୍ପାଦକ ଲାଲମୋହନ ମହାନ୍ତ, ଜିଲ୍ଲା ସଭାପତି ଫନ୍ଟୁସ ମହାନ୍ତ, ସମ୍ପାଦକ ତରଣୀସେନ ମହାନ୍ତ, ମହିଳା ସଭାନେତ୍ରୀ ପୂର୍ଣ୍ଣିମା ମହାନ୍ତ, ବାମନଘାଟି ସଭାନେତ୍ରୀ ପ୍ରତିଭା ମହାନ୍ତ, ରାଇରଙ୍ଗପୁର ମ୍ୟୁନିସିପାଲିଟି ସଭାନେତ୍ରୀ ଗୀତାରାଣୀ ମହାନ୍ତ, ବିଶୋଇ ବ୍ଲକ ସଭାନେତ୍ରୀ ଆରତୀ ମହାନ୍ତ, କୁସୁମୀ ବ୍ଲକ ସଭାପତି ରୁଦ୍ର ମାଧବ ମହାନ୍ତ, ଛାତ୍ର ସଭାପତି ଚିନ୍ମୟ ମହାନ୍ତ, ଯୁବ ନେତା ଅରୁଣ ମହାନ୍ତ ପ୍ରମୁଖ ସାମିଲ ଥିଲେ।

## ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଦିବସ

ଶୁଳିଆପଦା,୨୩।୮ (ସମିସ): ଯୁବଛାତ୍ର ମଞ୍ଚ ଶୁଳିଆପଦା ପକ୍ଷରୁ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ହିନ୍ଦୁ ଧର୍ମ, ହିନ୍ଦୁ ସଂସ୍କୃତି ଓ ବନବାସୀ କ୍ଷେତ୍ରରେ ରହୁଥିବା ଜନଜାତିଙ୍କ ସୁରକ୍ଷା ନିମନ୍ତେ ପ୍ରାଣବଳି ଦେଇଥିବା ପୂଜ୍ୟ ରାଷ୍ଟ୍ର ସନ୍ଥ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ବଳିଦାନ ଦିବସକୁ ଧର୍ମରକ୍ଷା ଦିବସ ରୂପେ ସମଗ୍ର ଦେଶରେ ପାଳନ କରାଯାଉଛି। ଏ ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଯୁବଛାତ୍ର ମଞ୍ଚ ତରଫରୁ ବଡ଼ଭାଲିଆ ପଞ୍ଚାୟତ ହାଟମଡ଼ାରେ ଧର୍ମରକ୍ଷା ଦିବସ ପାଳନ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଜୀଙ୍କ ସମାଜ ସେବା ଓ ଅନ୍ତ୍ୟୋଦୟ, ଜନଜାତିଙ୍କ କଲ୍ୟାଣ, ଗୋ ସୁରକ୍ଷା ଆନ୍ଦୋଳନ, ସଂସ୍କୃତିର ସୁରକ୍ଷା ବିଷୟରେ ଆଲୋକପାତ କରାଯାଇଥିଲା। ସମୀର ମହାନ୍ତ, ରମା ନାଏକ, ଗୋରା ହାଁସଦା, ସିମଲ ହାଁସଦା, ଦାମୁ ସିଂ, ଦେବୁ ନାଏକ, ରାଜା ଧଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



## ରେଳ ଲାଇନ ଦବିବା ପ୍ରସଙ୍ଗ

# ଉଭୟ ପାର୍ଶ୍ୱରୁ ଉଚ୍ଛେଦ ପାଇଁ ସମସ୍ତ ଘରକୁ ନୋଟିସ୍



ବାରିପଦା, ୨୩।୮ (ସମିସ): ବାରିପଦା ରେଳ ଷ୍ଟେସନ ଅଞ୍ଚଳରେ ରେଳ ଭୂମି ଓ ଗଠନର ଅନଧିକାର ଦଖଲ କରିଥିବା ଲୋକଙ୍କୁ ୭ ଦିନ ମଧ୍ୟରେ ସ୍ଥାନ ଖାଲି କରିବାକୁ ରେଳ ପ୍ରଶାସନ ପକ୍ଷରୁ ନୋଟିସ ଜାରି କରାଯାଇଛି। ନୋଟିସ ଅନୁସାରେ, ଏଲସି ନମ୍ବର ଆରଏଚ-୩୬ରୁ ଆରଏଚ-୩୭ ପର୍ଯ୍ୟନ୍ତ ଉଭୟ ପାଶ୍ୱର୍ରେ ରେଳ ଗଠନ/ଭୂମିକୁ ଅନଧିକାରରେ ଦଖଲ କରିଥିବା ସମସ୍ତଙ୍କୁ ଏହି ନୋଟିସ ଜାରି ହେବାର ୭ ଦିନ ମଧ୍ୟରେ ଅର୍ଥାତ୍ ୩୧ ଅଗଷ୍ଟ ୨୦୨୬ ସୁଦ୍ଧା ସ୍ଥାନ ଖାଲି କରିବାକୁ କୁହାଯାଇଛି। ଏହା ନ ହେଲେ ରେଳ ଆଇନର ଧାରା ୧୪୭(୨) ଅନୁଯାୟୀ ବଳପୂର୍ବକ ଉଚ୍ଛେଦ କାର୍ଯ୍ୟ କରାଯିବ ବୋଲି ନୋଟିସରେ ଉଲ୍ଲେଖ ରହିଛି।

ଲଗାଣ ବର୍ଷା ଯୋଗୁଁ ଭଞ୍ଜପୁର-ବେତନଟୀ ରେଳ ଲାଇନ୍‌ର କିଲୋମିଟର ୫୨/୦୨ରୁ ୫୨/୦୩ ମଧ୍ୟରେ ରେଳଲାଇନ ଦବିଥିବାରୁ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ରେଳ ସେବା ଗତ ୧୮ ତାରିଖରୁ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ରେଳ ଧାରଣା ତଳୁ ମାଟି ଓ ମେଟାଲ ଧୋଇଯାଇଥିବାରୁ ମରାମତି ପାଇଁ ୭ ଦିନ ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ଶନିବାର ସମ୍ପୂର୍ଣ୍ଣ ସୁରକ୍ଷା ଯାଞ୍ଚ ଓ ଫିଟ୍‌ନେସ୍ ସାର୍ଟିଫିକେଟ୍ ମିଳିବା ପରେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ସ୍ୱାଭାବିକ ହୋଇଥିଲା। ବାଙ୍ଗିରିପୋଷିରୁ ରୁପସା ପର୍ଯ୍ୟନ୍ତ ରେଳପଥର ଉଭୟ ପାଶ୍ୱର୍ ଜବରଦଖଲ ପାଇଁ ଜଳ ନିଷ୍କାସିତ ନ ହୋଇ ପାଣି ଜମି ରହିବା ଫଳରେ ମାଟି ଧସି ରେଳ ଲାଇନ ଦବିବା ଘଟଣା ଘଟୁଛି। ରେଳବାଇ ଅଧିକୃତ ସ୍ଥାନରେ ବେଆଇନ ନିର୍ମାଣ ଜଳ ନିଷ୍କାସନରେ ବାଧା ଆଣୁଥିବାରୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ ପାଇଁ ରେଳ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଇତିମଧ୍ୟରେ ଶୁନଗଡିଆ ଘଟଣାରେ ୨୫ରୁ ଊର୍ଦ୍ଧ୍ୱ ଘର ଉଚ୍ଛେଦ ସହିତ ମାଟିରେ ମିଶିଥିବାବେଳେ ଉପରୋକ୍ତ ସମସ୍ତ ଘର ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି।

## ନାବାଳିକା ଅନ୍ତଃସତ୍ତ୍ୱା ଅଭିଯୋଗ

କୁଆମରା,୨୩।୮ (ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ୧୬ ବର୍ଷିୟା ନାବାଳିକା ଅନ୍ତସତ୍ତ୍ୱା ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପାଠ ପଢା ଛାଡ଼ିବା ପରେ ନାବାଳିକା ଘରେ ଥିଲେ। ଗୋପବନ୍ଧୁନଗର ବ୍ଲକ ଅଞ୍ଚଳର ଜଣେ ୨୧ ବର୍ଷିୟା ଯୁବକ ଓ ଉଦଳା ଅଞ୍ଚଳର ଜଣେ ନାବାଳକଙ୍କ ସହ ତାଙ୍କର ସଂପର୍କ ଥିଲା। ତେବେ ନାବାଳିକା ଗର୍ଭବତୀ ହେବା ଜାଣି ଉଭୟ ପୀଡିତାଙ୍କଠାରୁ ଦୂରେଇ ଯାଇଥିଲେ। ପରିବାର ଲୋକଙ୍କ ପରାମର୍ଶ କ୍ରମେ ପୀଡ଼ିତ ଖୁଣ୍ଟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ୨୧୩/୨୬ରେ ମାମଲା ରୁଜୁ କରିବା ସହ ଆଜି ପୀଡ଼ିତାଙ୍କୁ ବାରିପଦାରେ ଡାକ୍ତରୀ ମଇନା କରାଯାଇଥିବା ଆଇଆଇସି ଆଦିତ୍ୟ ପ୍ରସାଦ ଜେନା କହିଛନ୍ତି।

## ଦୁର୍ଘଟଣାରୁ ବର୍ତ୍ତିଲେ ସ୍କୁଟି ଆରୋହୀ

ଉଦଳା,୨୩।୮ (ସମିସ): ଉପର ମୁଣ୍ଡାରେ ବର୍ଷା ଲାଗି ରହିଥିବାବେଳେ ଜାମୁଘାଟ ଅସ୍ଥାୟୀ ପୋଲ ଉପରେ ପାଣି ପ୍ରବାହିତ ହେଉଛି। ଆଜି ସ୍କୁଟିରେ ତିନିଜଣ ଯୁବକ ଜାମୁଘାଟ ଉପରେ ପାଣି ପ୍ରବାହିତ ହେଉଥିବା ସତ୍ତ୍ୱେ ପୋଲ ପାର ହେଉଥିଲେ। ପୋଲ ପାରି ହେଉଥିବାବେଳେ ଅଘଟଣ ଘଟିଛି। ପଛରେ ବସିଥିବା ଯୁବକ ଜଣକ ସ୍କୁଟିକୁ ଠେଲୁଥିବା ବେଳେ ଅନ୍ୟ ଦୁଇଜଣ ସ୍କୁଟିରେ ବସି ପାରି ହେଉଥିଲେ। ହଠାତ୍ ପାଣି ବଢିଯିବାରୁ ପାଣି ସ୍ରୋତ ବଢ଼ିଯାଇଥିଲା। ଫଳରେ ଗୋଡ଼ ଖସିଯାଇ ପ୍ରଖର ସ୍ରୋତରେ ଭାସିଗଲେ। ଭାସିଯାଇଥିବା ଯୁବକ ଜଣକ ନରପଦା ଗ୍ରାମର ମହେଶ୍ୱର ନାଏକ ବୋଲି ଜଣାପଡ଼ିଛି। ଯୁବକ ଜଣକ ଉପସ୍ଥିତ ବୁଦ୍ଧି ଓ ପହଁରା ଶିଖିଥିବା ଯୋଗୁଁ ନିଜ ଜୀବନକୁ ବଞ୍ଚାଇପାରିଛନ୍ତି।

## ସୀମାରେ ମୁତୟନ ଯବାନଙ୍କ ପାଇଁ 'ସୈନିକ ପାଇଁ ରାକ୍ଷୀ' ଅଭିଯାନ

କରଞ୍ଜିଆ, ୨୩।୮ (ସମିସ): ସୀମାରେ ଦେଶର ସୁରକ୍ଷା ପାଇଁ ମୁତୟନ ଯବାନଙ୍କ ପ୍ରତି ସମ୍ମାନ ଜଣାଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ "ସୈନିକ ପାଇଁ ରାକ୍ଷୀ' ଅଭିଯାନ ଆୟୋଜିତ ହୋଇଛି। ଏହି ଅଭିଯାନରେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ, ମା' ବାସୁଳି ମହାବିଦ୍ୟାଳୟ ଠାକୁରମୁଣ୍ଡା, ରଘୁନାଥ ଡିଗ୍ରୀ ମହାବିଦ୍ୟାଳୟ କାଦଡିହା ଓ ଯଶିପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କଠାରୁ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ରାକ୍ଷୀ ଓ ଭାବପୂର୍ଣ୍ଣ ପତ୍ର ସଂଗ୍ରହ କରାଯାଇଥିଲା। ପରେ ସେଗୁଡ଼ିକୁ ସୀମାରେ କର୍ତ୍ତବ୍ୟରତ ଯବାନଙ୍କ ନିକଟକୁ ପଠାଯାଇଛି। ରାକ୍ଷୀ ମାଧ୍ୟମରେ ଛାତ୍ରଛାତ୍ରୀ ଦେଶର ସୁରକ୍ଷା ପାଇଁ ଦିନରାତି କର୍ତ୍ତବ୍ୟରତ ଯବାନଙ୍କ ପ୍ରତି ଭଲ ପାଇବା, ସମ୍ମାନ ଓ କୃତଜ୍ଞତା ପ୍ରକାଶ କରିଛନ୍ତି। ଏହି ଅଭିଯାନ ଛାତ୍ରଛାତ୍ରୀଙ୍କ ମନରେ ଦେଶପ୍ରେମ ଓ ସୈନିକଙ୍କ ପ୍ରତି ସମ୍ମାନବୋଧକୁ ଆହୁରି ଦୃଢ଼ କରିବ ବୋଲି ଆୟୋଜକ କହିଛନ୍ତି। ଏବିଭିପି କାର୍ଯ୍ୟକର୍ତ୍ତା ସ୍ମୃତିରାଣୀ ମହନ୍ତ, ଗାୟତ୍ରୀ ମହାନ୍ତ, ପୂଜାରିଣୀ ମହାନ୍ତ, ମେଞ୍ଜବତୀ ସିଂ ଖୁଣ୍ଟିଆ, ସୁଜିତ୍ ଦାସ ଓ ସତ୍ୟବ୍ରତ ମାଝୀ ପ୍ରମୁଖ ସହଯୋଗ କରିଥିଲେ।



## ପାଟଣା ବନାଞ୍ଚଳସ୍ତରୀୟ ସମୀକ୍ଷା ବୈଠକ



ତୁରୁମୁଙ୍ଗା, ୨୩।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ କାର୍ଯ୍ୟାଳୟରେ ରବିବାର ବନାଞ୍ଚଳସ୍ତରୀୟ ସମୀକ୍ଷା ବୈଠକ ବନାଞ୍ଚଳ ଅଧିକାରୀ ଆର୍ତ୍ତତ୍ରାଣ ମିର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟୁତ ପ୍ରହରୀ କାର୍ଯ୍ୟକ୍ରମ ଓ ବିଦ୍ୟୁତ ସୁରକ୍ଷା ନିରୀକ୍ଷଣ, ପ୍ରଥମ ବର୍ଷର ବୃକ୍ଷରୋପଣର ରକ୍ଷଣାବେକ୍ଷଣ, ବାଉଁଶ, ପଶୁଖାଦ୍ୟ ଓ ଫଳଜାତୀୟ ଚାରାରୋପଣ ଏବଂ ଚାରା ବଣ୍ଟନ, ସୌର ଆଲୋକ ଓ ବନସୁରକ୍ଷା ସମିତି ରିଭଲଭିଂ ଫଣ୍ଡ ଋଣ ପରିଶୋଧ, ମଣିଷ–ହାତୀ ସଂଘର୍ଷ ନିରାକରଣ ସମ୍ବନ୍ଧୀୟ ପଦକ୍ଷେପ ଓ ଅନୁକମ୍ପା ସର୍ଭେ ଅନୁମୋଦନ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ବୈଠକରେ ପାଟଣା ବନାଞ୍ଚଳର ସମସ୍ତ ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ ଏବଂ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ଉପସ୍ଥିତ ଥିଲେ। ରଞ୍ଜିତ ପଲେଇ ପରିଚାଳନା କରିଥିବାବେଳେ ପାଟଣା ବନପାଳ ନିରଞ୍ଜନ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜର୍ଜିଆଡି ୭-ଏ ସାଇଡ୍ ରଗବୀ ଟୁର୍ଣ୍ଣାମେଣ୍ଟ

### ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକଡେମୀର ଐତିହାସିକ ସଫଳତା

ବାରିପଦା,୨୩।୮ (ସମିସ):କୋଲକାତା କ୍ରିକେଟ୍ ଆଣ୍ଡ ଫୁଟବଲ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଜାତୀୟସ୍ତରୀୟ ଜର୍ଜିଆଡି ୭-ଏ-ସାଇଡ୍ ରଗବୀ ଟୁର୍ଣ୍ଣାମେଣ୍ଟରେ ଫ୍ୟୁଚର ଷ୍ଟାର୍ ସ୍ପୋର୍ଟ୍ସ ଏକାଡେମୀର ମହିଳା ରଗବୀ ଦଳ ଜବରଦସ୍ତ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଥର ଚାମ୍ପିଅନ ହୋଇ ରାଜ୍ୟ ଓ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ ଟୁର୍ଣ୍ଣାମେଣ୍ଟରେ ଆକର୍ଷଣୀୟ ଖେଳ ପ୍ରଦର୍ଶନ କରି ଫାଇନାଲ ମ୍ୟାଚ୍‌ରେ ପଶ୍ଚିମବଙ୍ଗର ସରସ୍ୱତୀପୁର ଦଳକୁ ୩୩-୦୦ ସ୍କୋରରେ ପରାସ୍ତ କରି ଚାମ୍ପିଅନ ହେବାର ସୌଭାଗ୍ୟ ଅର୍ଜନ କରିଛି। ଦଳରେ ରଜନୀ ଶବର, ସୋନୀ ମାଡାଙ୍ଗୀ, ପାର୍ବତୀ କିସ୍କୁ, ପୁନମ ସିଂହ, ମାଲିନ ସୋଏ, ସୁନୀତା ହାଁସଦା, ହିସୀ ଟୁଡୁ, ନମିତା ହେମ୍ବ୍ରମ, ଅମିଶାରାଣୀ ମାଝୀ, ମାହି ସୋରେନ, କନିକା ଟୁଡୁ, ମାମୁନି ହେମ୍ବ୍ରମଙ୍କ ସମେତ କୋଚ ଅଜିତ ହାଁସଦା, ଅଶୋକ ହାଁସଦା ଓ ଚନ୍ଦନ ସିଂ ଓ ମ୍ୟାନେଜର ଫୁଲମଣୀ ପାଲେୟା ସାମିଲ ଥିଲେ। ଖେଳାଳିଙ୍କ କଠିନ ପରିଶ୍ରମ ଓ ସମର୍ପଣ, ଗୌରବମୟ ବିଜୟ ପାଇଁ ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ମୟୂରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘ ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀ ନିର୍ଦ୍ଦେଶକ ଅମର କୁମାର ସେଠୀ, ଉପଦେଷ୍ଟା ସୋମନାଥ ସିଂହ, ମଙ୍ଗଲ ହାଁସଦା, ସହପ୍ରତିଷ୍ଠାତା ରୂପାଲୀ ସୋରେନ, ସାଇ କିରଣ ନାୟକ, ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ, କୋଚ୍ ଚନ୍ଦନ ସିଂ ଓ ଅଜିତ କୁମାର ହାଁସଦା ଶୁଭେଚ୍ଛା ଜଣାଇଛନ୍ତି। ମୟୂରଭଞ୍ଜ ଜିଲ୍ଲା ରଗବୀ ସଙ୍ଘ, ଓଡ଼ିଶା ରଗବୀ ସଂଘ ଓ ରାଜ୍ୟ କ୍ରୀଡା ଓ ଯୁବ ସେବା ବିଭାଗର ଏଭଳି ସୁଯୋଗ ପ୍ରଦାନ ପାଇଁ ଏକାଡେମୀର ସମସ୍ତ ଖେଳାଳି ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ କୃତଜ୍ଞତା ଜ୍ଞାପନ କରିଛନ୍ତି।



# ପୂର୍ବତନ ସେନା କର୍ମଚାରୀ ପରିବାରଙ୍କ ସ୍ୱାସ୍ଥ୍ୟସେବା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳା

ଆନନ୍ଦପୁର,୨୩।୮ (ସମିସ)

ଅବସର ଗ୍ରହଣ କରିଥିବା ପ୍ରାୟ ଅଢେଇ ଲକ୍ଷ ସେନା କର୍ମଚାରୀ ଓ ତାଙ୍କ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟସେବା ପ୍ରତି କେନ୍ଦ୍ର ସରକାରଙ୍କ ଅବହେଳାକୁ ନେଇ ଆନନ୍ଦପୁର ପୂର୍ବତନ ସୈନିକ ସଂଘ ଅଭିଯୋଗ କରିଛି। ସ୍ଥଳସେନା, ବାୟୁସେନା ଓ ଜଳସେନାରୁ ସେବା ନିବୃତ୍ତ ଅଫିସର, ଜୁନିୟର ଅଫିସର ଓ ସୈନିକଙ୍କ ସଂଖ୍ୟା ପାଖାପାଖି ଅଢେଇ ଲକ୍ଷ ଆକଳନ କରାଯାଇଥିବା ବେଳେ ସେମାନଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ମେଡିକାଲ ଆଲାଉନ୍ସ ପ୍ରତିବଦଳରେ ଇସିଏଚଏସ (ଏକ୍ସ ସର୍ଭିସମେନ କଣ୍ଟ୍ରିବ୍ୟୁଟେରୀ ହେଲଥ ସ୍କିମ)ରେ ସାମିଲ କରାଯାଇଛି। ରାଜ୍ୟରେ ହାତଗଣତି ଏହିଭଳି ଇସିଏଚଏସ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ସ୍ୱାସ୍ଥ୍ୟସେବା ପ୍ରଦାନରେ ଅହେତୁକ ଅବହେଳା ପ୍ରଦର୍ଶନ କରାଯିବା ନେଇ ଅନେକ ନଜିର ରହିଛି। ଏପରିସ୍ଥଳେ କେବଳ ନିକଟସ୍ଥ ବେସରକାରୀ ହସ୍ପିଟାଲକୁ ରେଫରାଲ ହିଁ ସେନାବାହିନୀର ପରିବାର ପାଇଁ ଭରସା ସାଜିଛି। ଦିନକୁ ଦିନ ରାଜ୍ୟ ରାଜଧାନୀ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ଉନ୍ନୟନ ଯୋଗୁଁ ଅନେକ ଉଚ୍ଚ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଥିବା ହସ୍ପିଟାଲ ସଂଖ୍ୟା କିଛି କମ ନୁହେଁ। ହେଲେ ସେଠି ମଧ୍ୟରୁ କେତେକ ହାତ ଗଣତି ହସ୍ପିଟାଲକୁ ଦିଲ୍ଲୀସ୍ଥିତ ପରିଚାଳନା ନିର୍ଦ୍ଦେଶକ ଇସିଏଚଏସ ଅନୁମତି ପ୍ରଦାନ କରୁଥିବା ବେଳେ ସମୟାନୁସାରେ କେତେକଙ୍କୁ ଏଥିରୁ ବାଦ ଦେଇଥାନ୍ତି। ଫଳରେ ଲକ୍ଷାଧିକ ସେନା କର୍ମଚାରୀ ଓ ପରିବାର ନିଜର ଚିକିତ୍ସା ପାଇଁ ନାହିଁ ନଥିବା ହଇରାଣ ହେବା ସହିତ ଅଯଥା ଶାରୀରିକ, ଆର୍ଥିକ ଓ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୁଅନ୍ତି। ଏପରିସ୍ଥଳେ ଇସିଏଚଏସର ଉଚ୍ଚ କର୍ତ୍ତୃପକ୍ଷ ଚଳିତ ମାସ ୧୪ ତାରିଖରୁ ଲୋକଙ୍କ ବହୁଳ ପସନ୍ଦ ଯୋଗ୍ୟ କିମ୍ସ ହସ୍ପିଟାଲ, କିମ୍ସ ସୁପର ସ୍ପେସାଲିଷ୍ଟ ହସ୍ପିଟାଲ ଓ ଉତ୍କଳ ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ରେଫରାଲ ନ କରିବାକୁ କଡ଼ା ନିର୍ଦ୍ଦେଶ ପ୍ରଦାନ କରିଥିବା ଜଣାଯାଇଛି। ଏନେଇ ସ୍ଥାନୀୟ ସେନା ପରିବାର ମଧ୍ୟରେ ନୈରାଶ୍ୟ ମନୋଭାବ ପ୍ରକାଶ ପାଇବା ସ୍ୱାଭାବିକ। ଏସବୁ ହସ୍ପିଟାଲର ଏନଏବିଏଚ (ନ୍ୟାସନାଲ ଆକ୍ରିଡେସନ ବୋର୍ଡ଼ ଫର ହସ୍ପିଟାଲ ଆଣ୍ଡ ହେଲଥ କେୟାର ପ୍ରୋଭାଇଡର) ଅବଧି କିଛି ଦିନ ପୂର୍ବରୁ ସମାପ୍ତି ହୋଇଯାଇଛି। ଏନଏବିଏଚ ଆଳରେ ଇସିଏଚଏସ ବେନିଫିସେରୀଙ୍କୁ ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ କରାଯାଇଥିବା ବେଳେ ସିଜିଏଚଏସ ସ୍କିମ ସହିତ ଅନ୍ୟ କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କ ହେଲଥ ସ୍କିମରେ ଉପକୃତ ହେଉଥିବା ହିତାଧିକାରୀ ଏସବୁ ହସ୍ପିଟାଲରେ ପୂର୍ବବତ ସ୍ୱାସ୍ଥ୍ୟ ସେବା ପାଉଥିବା ଜଣାଯାଇଛି। ସମ୍ପୃକ୍ତ ତିନି ହସ୍ପିଟାଲ ଏନଏବିଏଚ ପ୍ରମାଣପତ୍ର ହାସିଲ କରିବା ପର୍ଯ୍ୟନ୍ତ ପୂର୍ବବତ ନନ ଏନଏବିଏଚ ଦରରେ ଚିକିତ୍ସା ସୁବିଧା ପ୍ରଦାନ ପୂର୍ବକ ପୂର୍ବତନ ସେନା ବାହିନୀଙ୍କ ସମେତ ଲକ୍ଷ ଲକ୍ଷ ପରିବାର ବର୍ଗଙ୍କ ମୂଲ୍ୟବାନ ଜୀବନ ରକ୍ଷା ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ ସବୁ ସ୍ତରରେ ଦାବି ଜୋର ଧରିଛି। ଏ ସଂକ୍ରାନ୍ତରେ ଆନନ୍ଦପୁର ପୂର୍ବତନ ସୈନିକ ସଂଘ ଉପଦେଷ୍ଟା ଶିବଶରଣ ମିଶ୍ର କେନ୍ଦ୍ର ସରକାରଙ୍କ ବିଭିନ୍ନ ଉଚ୍ଚ ପଦାଧିକାରୀଙ୍କ ସହିତ ଦିଲ୍ଲୀ କେଣ୍ଟସ୍ଥିତ ପରିଚାଳନା ନିର୍ଦ୍ଦେଶକ (ଏମଡି) ଇସିଏଚଏସଙ୍କୁ ଇ-ମେଲ ଓ ଡାକ ଜରିଆରେ ଜଣାଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।

## ଆଜିର ଇତିହାସ

- ୧୬୯୦-କଲିକତା ସହରର ସ୍ଥାପନା ଦିବସ।
- ୧୯୬୯- ଭି. ଭି. ଗିରି ଭାରତର ଚତୁର୍ଥ ରାଷ୍ଟ୍ରପତି ହେଲେ।
- ୧୯୭୪- ଫକିରୁଦ୍ଦିନ ଅଲ୍ଲୀ ଅହମ୍ମଦ ଭାରତର ପଞ୍ଚମ ରାଷ୍ଟ୍ରପତି ହେଲେ।
- ୧୯୯୩- ପପ୍ ଷ୍ଟାର୍ ମାଇକେଲ୍ ଜ୍ୟାକସନ୍‌ଙ୍କ ବିରୋଧରେ ଆସିଥିବା ଯୌନଶୋଷଣ ଅଭିଯୋଗର ଯାଞ୍ଚ ଆରମ୍ଭ କଲା ଲସ୍‌ଏଞ୍ଜେଲସ୍ ପୋଲିସ୍।

## ପୁଣି ଥରେ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିବେ ସନ୍ନି





ପାଖାପାଖି ୩୦ ବର୍ଷ ପରେ ସନ୍ନି ଦେଓ୍ୱଲ 'ବଟୱାରା ୧୯୪୭'ଚଳଚ୍ଚିତ୍ରରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିଛନ୍ତି। ହେଲେ ସନ୍ନିଙ୍କର ଅନ୍ୟ ଫିଲ୍ମ ଭଳି ଏହା ବକ୍ସ ଅଫିସ୍‌ରେ ସଫଳତାର ଛାପ ଛାଡ଼ିବାରେ ବିଫଳ ହୋଇଛି। 'ଘାୟଲ୍' (୧୯୯୦) ରୁ ସନ୍ନି ଦେଓଲ୍ ଏବଂ ରାଜକୁମାର ସନ୍ତୋଷୀଙ୍କ ଫିଲ୍ମ ଯାତ୍ରା ଆରମ୍ଭ ହୋଇଥିଲା । ସନ୍ନିଙ୍କ କ୍ୟାରିୟରର ହିଟ୍ ଫିଲ୍ମ କୁହାଯାଉଥିବା 'ଘାତକ' ଏବଂ 'ଦାମିନୀ' ମଧ୍ୟ ରାଜକୁମାର ସନ୍ତୋଷୀ ହିଁ ନିର୍ମାଣ କରିଥିଲେ । ଆଉ ଏବେ ତିନି ଦଶନ୍ଧି ପରେ ଏହି ଯୋଡ଼ି 'ବଟୱାରା ୧୯୪୭' ଫିଲ୍ମରେ ଏକାଠି କାମ କରିଥିଲେ। ଅବଶ୍ୟ ଏହି ଫିଲ୍ମ ଦର୍ଶକଙ୍କୁ ସିନେମା ହଲ୍‌କୁ ଟାଣିପାରି ନାହିଁ। ଇତିମଧ୍ୟରେ ରାଜକୁମାର ସନ୍ତୋଷୀ, ସନ୍ନିଙ୍କ ସହ ଆଉ ଏକ ଆକ୍ସନ୍ ଫିଲ୍ମ ନେଇ ଆସୁଥିବା ଘୋଷଣା କରିଛନ୍ତି। ଆସନ୍ତା ଅକ୍ଟୋବର ମାସରୁ ସନ୍ନି ଏହାର ସୁଟିଂ ଆରମ୍ଭ କରିବେ। ଏଯାବତ୍ ଫିଲ୍ମର ଟାଇଟଲ ଘୋଷଣା କରାଯାଇ ନାହିଁ। ଯଦି ସବୁକିଛି ଯୋଜନା ମୁତାବିକ ହୁଏ, ତେବେ ରାଜକୁମାର ସନ୍ତୋଷୀଙ୍କ ସହ ସନ୍ନିଙ୍କର ଏହା ପଞ୍ଚମ ଫିଲ୍ମ ହେବ।

## ଚୁଗୁଲି କରି ରୋଜଗାର



ଚୁଗୁଲି କିମ୍ବା ପରଚର୍ଚ୍ଚା କରିବା ଏକ ଖରାପ ଅଭ୍ୟାସ। ହେଲେ କଲମ୍ବିଆର ୬୭ ବର୍ଷୀୟା ମିରିୟମ୍ ଚୁଗୁଲିକୁ ନିଜର ବ୍ୟବସାୟ କରିଛନ୍ତି। ଏହି ବ୍ୟବସାୟରୁ ସେ ଦୁଇଟି ଘର କିଣିଥିବା ମଧ୍ୟ ଦାବି କରନ୍ତି। ନିକଟରେ କଣ୍ଟେଣ୍ଟ କ୍ରିଏଟର ଲେଡି ଡାନିଏଲା ତାଙ୍କର ଏକ ସାକ୍ଷାତକାର ଶେୟାର କରିଥିଲେ, ଯେଉଁଥିରେ ମିରିୟମ୍ ନିଜର ଏହି ଅଜବ କାମ ବିଷୟରେ କହିଛନ୍ତି। ମିରିୟମ୍ ନିଜକୁ ଜଣେ ପେସାଦାର ଚୁଗୁଲି କରୁଥିବା ମହିଳାର ପରିଚୟ ଦିଅନ୍ତି। ସେ ପ୍ରତିଦିନ ସକାଳୁ ନିଜ ଘର ବାହାରେ ବସି ରୁହନ୍ତି। ପଡ଼ୋଶୀମାନଙ୍କର ପାରିବାରିକ ଝଗଡ଼ା, କିଏ କେତେବେଳେ କୁଆଡ଼େ ଯାଉଛି, ସେସବୁ ଉପରେ ନଜର ରଖନ୍ତି ଏବଂ ଗୋଟିଏ ଡାଏରୀରେ ନାମ ଓ ତାରିଖ ସହିତ ସବୁ ତଥ୍ୟ ଲେଖି ରଖନ୍ତି। କେତେକ କ୍ଷେତ୍ରରେ ପ୍ରମାଣ ସ୍ୱରୂପ ସେ ଫଟୋ ମଧ୍ୟ ରଖିଥାନ୍ତି। ଛୋଟମୋଟ ଚୁଗୁଲି ପାଇଁ ସେ ଭାରତୀୟ ମୁଦ୍ରାରେ ପ୍ରାୟ ୧୦୦ରୁ ୨୦୦ ଟଙ୍କା ନିଅନ୍ତି। ତାଙ୍କର ସବୁଠାରୁ ବଡ଼ ରୋଜଗାର ହେଉଛି ପ୍ରିମିୟମ୍ "ମୁହଁ ବନ୍ଦ" ସେବା । ଯଦି କାହାର କୌଣସି ବଡ଼ ଗୋପନୀୟ କଥା ସେ ଜାଣିଯାନ୍ତି, ତେବେ ତାହାକୁ ଲୁଚାଇ ରଖିବା ପାଇଁ ସେ ଭାରତୀୟ ମୁଦ୍ରାରେ ୧୪,୦୦୦ ଟଙ୍କା ପର୍ଯ୍ୟନ୍ତ ଚାର୍ଜ କରନ୍ତି। ଏହି ବ୍ୟବସାୟରୁ ମିଳୁଥିବା ଟଙ୍କାକୁ ସଞ୍ଚୟ କରି ସେ କୌଣସି ବ୍ୟାଙ୍କ ଲୋନ୍ ନ ନେଇ ନିଜ ପାଇଁ ଦୁଇ ଦୁଇଟି ଆଲିସାନ ଘର କିଣିଥିବା ମିରିୟମ୍ ଦାବି କରନ୍ତି। ମିରିୟମ୍‌ଙ୍କ କାହାଣୀ ଭାଇରାଲ ହେବା ପରେ କେହି କେହି ତାଙ୍କର ଏଭଳି ଚତୁରତାକୁ ପ୍ରଶଂସା କରୁଥିବା ବେଳେ, ଅନ୍ୟମାନେ ଏହାକୁ ଅନ୍ୟର ବ୍ୟକ୍ତିଗତ ଜୀବନରେ ହସ୍ତକ୍ଷେପ ଏବଂ ବ୍ଲାକମେଲିଂ ବୋଲି କହି ସମାଲୋଚନା ମଧ୍ୟ କରୁଛନ୍ତି। ଏହି କାମ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ସେ 'ଗସିପ୍ କ୍ୱିନ' ନାଁରେ ପରିଚିତ ହୋଇଛନ୍ତି।


## ମାଗଣାରେ ମିଳେ ଟିଭି ଓ ସୋଫା



ଅଧିକାଂଶ ଲୋକ ଟିଭି, ସୋଫା ତଥା ଘରର ଆବଶ୍ୟକୀୟ ସାମଗ୍ରୀ ପୁରୁଣା ହୋଇଗଲେ ଏହାକୁ ଫିଙ୍ଗି ଦିଅନ୍ତି। କେହି କେହି ଏହାକୁ କବାଡ଼ିବାଲାଙ୍କୁ ବିକ୍ରି କରିଦେଇଥାନ୍ତି। ହେଲେ କାନାଡ଼ାରେ ଘର ଆଗରେ ପୁରୁଣା ଆସବାବପତ୍ର କିମ୍ବା ଅନ୍ୟାନ୍ୟ ଜିନିଷ ରଖିବାର ଏକ ସୁନ୍ଦର ପରମ୍ପରା ରହିଛି। ଯେତେବେଳେ ଲୋକେ ଘର ବଦଳାନ୍ତି କିମ୍ବା ନୂଆ ଆସବାବପତ୍ର କିଣନ୍ତି, ସେତେବେଳେ ସେମାନଙ୍କର ପୁରୁଣା କିନ୍ତୁ ବ୍ୟବହାରୋପଯୋଗୀ ସୋଫା, ଚେୟାର, ଟେବୁଲ୍, ବହି ବା ଖେଳନା ଆଦିକୁ ରାସ୍ତା କଡ଼ରେ ରଖିଦିଅନ୍ତି। ତାହା ଉପରେ ଅନେକ ସମୟରେ 'ଫ୍ରି' ବୋଲି ଏକ ବୋର୍ଡ ମଧ୍ୟ ଲଗାଇ ଦିଅନ୍ତି। ଯେଉଁମାନଙ୍କର ସେହି ଜିନିଷଗୁଡ଼ିକର ଆବଶ୍ୟକତା ଥାଏ ବିଶେଷ କରି ଗରିବ ଶ୍ରେଣୀର ଲୋକ, ସହରକୁ ନୂଆ କରି ଆସିଥିବା ଛାତ୍ରଛାତ୍ରୀ କିମ୍ବା ପ୍ରବାସୀ ସେମାନେ ତାକୁ ମାଗଣାରେ ନିଜ ଘରକୁ ନେଇ ବ୍ୟବହାର କରନ୍ତି। ଜିନିଷଗୁଡ଼ିକୁ ଅଳିଆ ଆବର୍ଜନା କୁଢ଼କୁ ନ ଫିଙ୍ଗି, ସେଗୁଡ଼ିକର ପୁନଃବ୍ୟବହାର କରିବା ପାଇଁ ଏହା ଏକ ଭଲ ମାଧ୍ୟମ। ତେବେ ଏଠାରେ ବଡ଼ ବଡ଼ ଜିନିଷ ଯେପରିକି ସୋଫା, ଗଦି କିମ୍ବା ଟେବୁଲ୍‌କୁ କେନ୍ଦ୍ରୀୟ ବର୍ଜ୍ୟବସ୍ତୁ ଗାଡ଼ିରେ ପକାଇବା ପାଇଁ ସ୍ୱତନ୍ତ୍ର ନିୟମ ରହିଛି ଏବଂ କେତେକ ସ୍ଥାନରେ ଏଥିପାଇଁ ଫି' ମଧ୍ୟ ଦେବାକୁ ପଡ଼େ। ତେଣୁ, ଲୋକେ ଏହାକୁ ଘର ଆଗରେ ରଖିଦିଅନ୍ତି ଯାହାଦ୍ୱାରା କାହାର ଆବଶ୍ୟକତା ଥିଲେ ସେ ନେଇଯାଏ, ନଚେତ୍ ପୌରପାଳିକାର ସ୍ୱତନ୍ତ୍ର ବଡ଼ ଆବର୍ଜନା ଗାଡ଼ି ଆସି ସେଗୁଡ଼ିକୁ ନେଇଯାଏ। ନିକଟରେ ଭାରତୀୟ ଦମ୍ପତି ରୁମାନ ଏବଂ ତରୁଣ ଏହି ନିଆରା ଟ୍ରେଣ୍ଡର ଏକ ଭିଡିଓ ସେୟାର କରିଥିଲେ। ଭିଡିଓରେ ରୁମାନ ରାସ୍ତାକଡ଼ରେ ରଖାଯାଇଥିବା ସୋଫା, ବଡ଼ ଟିଭି, ବାସନ ସଫା କରୁଥିବା ମେସିନ୍ ପରି ଅନେକ ଉପଯୋଗୀ ସାମଗ୍ରୀ ଦେଖାଇଥିଲେ। କାହାକୁ ନ ପଚାରି ଏହାକୁ ଘରକୁ ନେଇ ପାରିବେ ବୋଲି ରୁମାନ କହିଥିଲେ। ଏହାପରେ ସେ ରାସ୍ତାରେ ରଖାଯାଇଥିବା ଅନ୍ୟାନ୍ୟ ଜିନିଷକୁ ଦେଖାଇବା ସହ ଏହି ସମସ୍ତ ସାମଗ୍ରୀ ଲୋକଙ୍କ ପାଇଁ ମାଗଣାରେ ଉପଲବ୍ଧ ବୋଲି କହିଥିଲେ। କାନାଡ଼ାର ଏଭଳି ବ୍ୟବସ୍ଥା ସମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏଭଳି ବ୍ୟବସ୍ଥା ଭାରତରେ ମଧ୍ୟ ହେବା ଦରକାର ବୋଲି ଏଥିରେ ଅନେକ ପ୍ରତିକ୍ରିୟା ଦେଇ ଲେଖିଛନ୍ତି।

## ସୁନ୍ଦର ଦିଶିବା ଚାପ
### ଘରେ ଘରେ ପ୍ଲାଷ୍ଟିକ୍ ସର୍ଜରୀ

ଦକ୍ଷିଣ କୋରିଆକୁ ବିଶ୍ୱର ପ୍ଲାଷ୍ଟିକ୍ ସର୍ଜରୀର ରାଜଧାନୀ ବୋଲି କୁହାଯାଏ। ସୁନ୍ଦର ଦିଶିବା ପାଇଁ ସେଠାରେ ପ୍ଲାଷ୍ଟିକ୍ ସର୍ଜରୀ କରାଇବା ଏକ ମାମୁଲି କଥା। ଦକ୍ଷିଣ କୋରିଆ ସମାଜରେ ଶାରୀରିକ ସୌନ୍ଦର୍ଯ୍ୟକୁ ବହୁତ ଗୁରୁତ୍ୱ ଦିଆଯାଏ। ବଡ଼ ଆଖି, ଗୋରା ରଙ୍ଗ ଏବଂ ଭି-ଶେପ୍ ଥୋଡ଼ିକୁ ସେଠାରେ ସୁନ୍ଦରତାର ପ୍ରତୀକ ମାନନ୍ତି। ଏପରିକି ସେଠାରେ ଚାକିରି ଆବେଦନ ପତ୍ରରେ ନିଜର ଫଟୋ ଲଗାଇବା ଜରୁରି । ଲୋକେ ବିଶ୍ୱାସ କରନ୍ତି ଯେ, ଭଲ ଦିଶିଲେ ଚାକିରି ମିଳିବା ସହଜ ହୋଇଥାଏ। ଅନେକ ସମୟରେ ପିଲାମାନେ ସ୍କୁଲ ବା କଲେଜରେ ଭଲ ନମ୍ବର ରଖି ପାସ୍ କଲେ, ସେମାନଙ୍କ ବାପା-ମା' ଖୁସି ହୋଇ ସେମାନଙ୍କୁ ପ୍ଲାଷ୍ଟିକ୍ ସର୍ଜରୀ ପ୍ୟାକେଜ୍ ଉପହାର ଦିଅନ୍ତି। ବିଶ୍ୱର ଅନ୍ୟ ଦେଶ ତୁଳନାରେ ଦକ୍ଷିଣ କୋରିଆରେ ପ୍ଲାଷ୍ଟିକ୍ ସର୍ଜରୀ ହାର ସବୁଠାରୁ ଅଧିକ। ଏକ ରିପୋର୍ଟ ଅନୁସାରେ, ସେଠାରେ ପ୍ରତି ୧,୦୦୦ ଜଣ ଲୋକରେ ପ୍ରାୟ ୮.୯ ରୁ ୧୩.୫ ପ୍ରତିଶତ ଲୋକଙ୍କର କସମେଟିକ୍ ସର୍ଜରୀ ହୋଇଥାଏ। ସେହିପରି ୧୯ ରୁ ୨୯ ବର୍ଷ ମଧ୍ୟରେ ପ୍ରାୟ ୨୫ ପ୍ରତିଶତ ମହିଳା ଥରୁଟିଏ ନିହାତି କସମେଟିକ୍ ସର୍ଜରୀ କରାଇଛନ୍ତି। ସିୟୋଲ ସହରର ଗଙ୍ଗନାମ ଅଞ୍ଚଳ ପ୍ଲାଷ୍ଟିକ୍ ସର୍ଜରୀ ପାଇଁ ପରିଚିତ। ଏଠାରେ ବହୁ ସଂଖ୍ୟକ କସମେଟିକ୍ ସର୍ଜରୀ କ୍ଲିନିକ୍ ଅଛି। ସବୁଠୁ ଅଧିକ କରାଯାଉଥିବା ପ୍ଲାଷ୍ଟିକ୍ ସର୍ଜରୀ ମଧ୍ୟରେ ଡବଲ ଆଇଲିଡ୍ ସର୍ଜରୀ ସାମିଲ ଅଛି। ଏହାବାଦ୍ ନାକ ସର୍ଜରୀ, ଜବ୍-ଲାଇନ୍‌କୁ ଭି-ଶେପ୍ କରିବା ମଧ୍ୟ ବେଶ୍ ଲୋକପ୍ରିୟ। ଅନ୍ୟପଟେ ପ୍ରତ୍ୟେକ କୋରିଆ ବ୍ୟକ୍ତି ପ୍ଲାଷ୍ଟିକ୍ ସର୍ଜରୀକୁ ଜରୁରି ବୋଲି ଭାବନ୍ତି ନାହିଁ, କିନ୍ତୁ ସୁନ୍ଦର ଦେଖାଯିବା ନେଇ ସାମାଜିକ ଚାପ ଯୋଗୁଁ ଏହା ଏବେ ଏଠାକାର ସାଧାରଣ ଚଳଣିରେ ପରିଣତ ହୋଇଛି।



## ସ୍ମୃତି




## ଶ୍ରାବଣ ଶେଷ ସୋମବାର

**ଆଜି ଶେଷ ହେଲା ପବିତ୍ର ଶ୍ରାବଣ ମାସ। ଏହି ମାସରେ ପ୍ରତି ସୋମବାର ଭଗବାନ ଶିବଙ୍କ ରୀତିନୀତି ପୂର୍ବକ ପୂଜାର୍ଚ୍ଚନା କରାଯାଏ। ଶିବଙ୍କୁ ପ୍ରସନ୍ନ କରିବା ପାଇଁ ସୋମବାର ବ୍ରତ ରଖିବା ଦ୍ୱାରା ଅଖଣ୍ଡ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ତା'ସହ ଜୀବନରେ ସୁଖ ସମୃଦ୍ଧି ବୃଦ୍ଧି ପାଏ।**

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ଉଠି ସ୍ନାନ କରି ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ। ମହାଦେବଙ୍କ ପୂଜାର୍ଚ୍ଚନା ସହ ଅନ୍ତିମ ସୋମବାରରେ ୧୦୮ ବେଲପତ୍ର ଶିବଲିଙ୍ଗ ଉପରେ ଲାଗି କରିବା ଭଲ। ବେଲ ଗଛ ମୂଳେ ଘିଅ ଦୀପ ଜାଳନ୍ତୁ। ଏହାଦ୍ୱାରା ଆର୍ଥିକ ଲାଭ ମିଳିବ। ବିବାହରେ ସମସ୍ୟା ତଥା ବିବାହରେ ବିଳମ୍ବ ହେଉଥିଲେ, ଶ୍ରାବଣ ଶେଷ ସୋମବାରରେ ଶିବଲିଙ୍ଗଙ୍କୁ ପଞ୍ଚାମୃତରେ ଅଭିଷେକ କରନ୍ତୁ। ଏହାସହ ୫ଟି ନଡ଼ିଆ ମଧ୍ୟ ଚଢ଼ାନ୍ତୁ।

ଶ୍ରାବଣ ଶେଷ ସୋମବାରରେ ରୁଦ୍ରାଭିଷେକ କରିବାରେ ମାହାତ୍ମ୍ୟ ଅଧିକ। ଧାର୍ମିକ ମାନ୍ୟତାନୁସାରେ, ଜୀବନରେ କୌଣସି କଷ୍ଟ କିମ୍ବା ମନୋକାମନା ଥିଲେ, ଶ୍ରାବଣମାସରେ ରୁଦ୍ରାଭିଷେକ କରିବା ଦରକାର। ରୁଦ୍ରାଭିଷେକ ଦ୍ୱାରା ରୋଗ ମଧ୍ୟ ଦୂର ହୁଏ। କୁହାଯାଏ, ରୁଦ୍ରାଭିଷେକରେ ପ୍ରସନ୍ନ ହୋଇ ମହାଦେବ ଭକ୍ତଙ୍କ ସମସ୍ତ ମନୋବାଞ୍ଛା ପୂରଣ କରନ୍ତି। ଶ୍ରାବଣ ମାସର ଶେଷ ସୋମବାର ନୁହେଁ, ଏହି ମାସରେ ଯେକୌଣସି ଦିନରେ ରୁଦ୍ରାଭିଷେକ କରିବା ଅତ୍ୟନ୍ତ ଶୁଭ ହୋଇଥାଏ।

## ରାକ୍ଷୀ ପୂର୍ଣ୍ଣିମା



**ପ୍ରତ୍ୟେକ ବର୍ଷ ଶ୍ରାବଣ ମାସକୁ ରାକ୍ଷୀ ପୂର୍ଣ୍ଣିମା ଭାବେ ପାଳନ କରାଯାଏ। ଭାଇ ଭଉଣୀଙ୍କ ଅତୁଟ ପ୍ରେମ ଓ ଅନାବିଳ ସ୍ନେହର ପର୍ବ ହେଉଛି ରକ୍ଷା ବନ୍ଧନ। ଶ୍ରାବଣ ପୂର୍ଣ୍ଣିମାର ଅନ୍ୟନାମ ଗହ୍ମା ପୂର୍ଣ୍ଣିମା। ଏହାକୁ ଭଗବାନ ବଳଭଦ୍ରଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଏ। ତେଣୁ ଏହିଦିନ ଗୋମାତାଙ୍କୁ ମଧ୍ୟ ପୂଜାର୍ଚ୍ଚନା କରାଯାଏ।**

ରାକ୍ଷୀ ପୂର୍ଣ୍ଣିମାରେ ଗାଈଙ୍କ ଶିଙ୍ଘରେ ରାକ୍ଷୀ ବନ୍ଧାଯିବା ସହ ଖାଇବା ପାଇଁ ପିଠା ଦିଆଯାଏ। ଘରେ ମଧ୍ୟ ପିଠାମିଠା ପ୍ରସ୍ତୁତ କରାଯାଏ। ବିଭିନ୍ନ ବିପଦ ଆପଦରୁ ରକ୍ଷା କରିବା ପାଇଁ ଭାଇ ହାତରେ ଭଉଣୀ ଏହିଦିନ ରକ୍ଷାସୂତ୍ର ବାନ୍ଧିଥାଏ। ଭଉଣୀ ପ୍ରତି ଥିବା ସମସ୍ତ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ନେଇ ଭାଇ ପ୍ରତିଶ୍ରୁତି ଦେଇଥାଏ। ତା'ସହ ଭଉଣୀ ମଧ୍ୟ ଭଗବାନଙ୍କ ପାଖରେ ଭାଇର ଦୀର୍ଘାୟୁ କାମନା କରେ।

ଅନ୍ୟପଟେ ଏହା ପଛରେ ଅନ୍ୟ ଏକ ପୌରାଣିକ କାହାଣୀ ରହିଛି। ଶିଶୁପାଳଙ୍କ ବଧ ପରେ ଶ୍ରୀକୃଷ୍ଣଙ୍କ ହାତରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ପିନ୍ଧା ଶାଢ଼ିରୁ ଖଣ୍ଡେ ଚିରି ଦେଇ ତାଙ୍କ ହାତରେ ବାନ୍ଧି ଦେଇଥିଲେ। ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ଭଉଣୀର ସମ୍ମାନ ଦେଇ ତାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ କୁରୁସଭାରେ ବସ୍ତ୍ରହରଣ ସମୟରେ ଶ୍ରୀକୃଷ୍ଣ ଦ୍ରୌପଦୀଙ୍କୁ ବସ୍ତ୍ରଦାନ କରି ତାଙ୍କ କଥା ରଖିଥିଲେ। ଏହି ଆଧାରରେ ରକ୍ଷା ବନ୍ଧନ ପାଳନ କରାଯାଏ।

## କେଉଁ ଦେବତାଙ୍କୁ ବାନ୍ଧିବେ ରାକ୍ଷୀ

**ରାକ୍ଷୀପୂର୍ଣ୍ଣିମାରେ ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧିବାର ପରମ୍ପରା ଅଛି। ଏହି କ୍ରମରେ ଏହି ଶୁଭ ଅବସରରେ ୫ ଦେବତାଙ୍କୁ ରାକ୍ଷୀ ବାନ୍ଧିଲେ ପୁଣ୍ୟ ଫଳ ପ୍ରାପ୍ତି ହୁଏ। ସେହିପରି ଅନେକ ସ୍ଥାନରେ ଏଭଳି ନିୟମ ଅଛି ଯେ, ଭାଇ ହାତରେ ରାକ୍ଷୀ ବାନ୍ଧିବା ପୂର୍ବରୁ ଏହି ଦେବତାଙ୍କୁ ରାକ୍ଷୀ ବାନ୍ଧିବା ଦରକାର। ଏହାଦ୍ୱାରା ଜୀବନର ଦୁଃଖ, ଭୟ, ସଙ୍କଟର ନାଶ ଓ ସୁଖସମୃଦ୍ଧିର ଆଶୀର୍ବାଦ ମିଳିଥାଏ।**



**ଗଣେଶ:** ରକ୍ଷାବନ୍ଧନ ଦିନ ପ୍ରଥମ ଅଗ୍ରପୂଜ୍ୟ ଶ୍ରୀ ଗଣେଶଙ୍କୁ ରାକ୍ଷୀ ବାନ୍ଧିବା ଉଚିତ। ଗଣେଶ ଜୀବନରେ ସଙ୍କଟ ଓ କାର୍ଯ୍ୟରେ ଦେଖାଦେବାକୁ ଥିବା ବାଧାକୁ ନଷ୍ଟ କରନ୍ତି। ଏହିପରି ଭାବେ ଧୀରେ ଧୀରେ ସମସ୍ତ ସମସ୍ୟା ଦୂର ହୁଏ। ଏହିଦିନ ଭଗବାନ ଗଣେଶଙ୍କୁ ନାଲି କିମ୍ବା ହଳଦୀ ରଙ୍ଗର ରାକ୍ଷୀ ବାନ୍ଧିବା ଶୁଭଦାୟକ ହୋଇଥାଏ।

**ଶିବ:** ଶ୍ରାବଣ ମାସରେ ଶିବଙ୍କ ବିଶେଷ ପୂଜା କରାଯାଏ। ଶିବଙ୍କୁ ରାକ୍ଷୀ ବାନ୍ଧିଲେ ଖୁବ୍ ପ୍ରସନ୍ନ ହୋଇଥାନ୍ତି। ଭଗବାନ ଶିବ ଯେଭଳି ବିଷ ପାନ କରି ସୃଷ୍ଟିର ରକ୍ଷା କରିଥିଲେ, ଠିକ୍‌ସେମିତି ସେ ସବୁ କ୍ଷଣରେ ଲୋକଙ୍କୁ ରକ୍ଷା କରନ୍ତି। ସବୁଜ ରଙ୍ଗ ରାକ୍ଷୀ ବାନ୍ଧିଲେ ଶୁଭଫଳ ପ୍ରାପ୍ତି ହୁଏ।

**ହନୁମାନ:** ରକ୍ଷା ବନ୍ଧନରେ ରାକ୍ଷୀ ହନୁମାନଙ୍କୁ ନିହାତି ବାନ୍ଧିବା ଦରକାର। ହନୁମାନ ନିଜ ଭକ୍ତର ରକ୍ଷା କରିବା ସହ ପ୍ରସନ୍ନ ହୋଇ ଜୀବନ ତମାମ କୃପା ବର୍ଷା କରନ୍ତି। ସେହିପରି ସବୁ ସଙ୍କଟ ନାଶ କରନ୍ତି। ହନୁମାନଙ୍କୁ ରାକ୍ଷୀ ବାନ୍ଧିଲେ ବଳ ବୁଦ୍ଧି ପ୍ରାପ୍ତ ହୁଏ। ରକ୍ଷାସୂତ୍ର ବାନ୍ଧିଲେ ମଙ୍ଗଳ ଦୋଷ ଦୂର ହୁଏ। ହନୁମାନଙ୍କୁ ନାଲି କିମ୍ବା ନାରଙ୍ଗୀ ରକ୍ଷାସୂତ୍ର ବାନ୍ଧିବା ଶୁଭ।

**ଶ୍ରୀକୃଷ୍ଣ:** ରକ୍ଷା ବନ୍ଧନରେ ଭଗବାନ ଶ୍ରୀକୃଷ୍ଣଙ୍କୁ ବି ରାକ୍ଷୀ ବାନ୍ଧିବା ଦରକାର। ଏହା ପଛରେ ମହାଭାରତ କାହାଣୀ ଜଡ଼ିତ ଅଛି। ପୌରାଣିକ କାହାଣୀ ଅନୁସାରେ, ଦ୍ରୌପଦୀ ଭଗବାନ କୃଷ୍ଣଙ୍କୁ ରକ୍ଷାସୂତ୍ର ବାନ୍ଧିଥିଲେ ଓ ସେବେଠୁ ରାକ୍ଷୀ ବାନ୍ଧିବା ପରମ୍ପରା ଆରମ୍ଭ ହୋଇଥିଲା। ଶ୍ରୀକୃଷ୍ଣ ମଧ୍ୟ ଦ୍ରୌପଦୀଙ୍କ ରକ୍ଷା କରିବା ବଚନ ଦେଇଥିଲେ। ମହାଭାରତରେ ବସ୍ତ୍ରହରଣ ସମୟରେ ଭଗବାନ କୃଷ୍ଣ ଦ୍ରୌପଦୀଙ୍କ ମାନସମ୍ମାନ ରକ୍ଷା କରିଥିଲେ। ତେଣୁ ଏହିଦିନ ରାକ୍ଷୀ ବାନ୍ଧିଲେ ଜୀବନରୁ ଦୁଃଖ ନାଶ ହୁଏ।

## ଖୁଦୁରୁକୁଣୀ ଓଷା

**ଓଡ଼ିଶାର ପାରମ୍ପରିକ ଓଷା ମଧ୍ୟରୁ ଖୁଦୁରୁକୁଣୀ ଓଷା ଅନ୍ୟତମ। ଏହା ଭାଲୁକୁଣୀ ଓଷା ଭାବେ ମଧ୍ୟ ପରିଚିତ। ଭାଦ୍ରବ ମାସର ପ୍ରତି ସପ୍ତାହର ଶେଷ ଦିନ ବା ରବିବାର ଦିନ କୁଆଁରୀ ଝିଅମାନେ ଏହି ପୂଜା କରିଥାନ୍ତି। ଭାଇର ଶୁଭ ମନାସି ଭଉଣୀମାନେ ମା' ମଙ୍ଗଳାଙ୍କୁ ପୂଜା କରନ୍ତି। ଗାଁରେ ଏହି ଓଷାକୁ ବେଶ୍ ଜାକଜମକରେ ପାଳନ କରାଯାଇଥାଏ। କେଉଁଠି ଏହାକୁ ପାଞ୍ଚ ପାଳି ପାଳନ କରାଯାଏ ତ ଆଉ କେଉଁଠି ଚାରି ପାଳି ପାଳିତ ହୁଏ।**

କିମ୍ବଦନ୍ତୀ ଅନୁସାରେ, ସାତଜଣ ସାଧବ ବୋଇତରେ ଦୂର ଦେଶକୁ ବଣିଜ କରିବା ପାଇଁ ଯାଇଥିଲେ। ବର୍ଷର ଗୋଟିଏ ଦିନରେ ଘରକୁ ଲେଉଟି ଆସୁଥିଲେ। ସେମାନଙ୍କର ଏକମାତ୍ର ଅଲିଅଳୀ ଭଉଣୀ ତଅପୋଇ ଭାଇଙ୍କ ସୁରକ୍ଷା ଏବଂ ଶୁଭ ମନାସି ଏହି ବ୍ରତ ପାଳନ କରୁଥିଲେ। ସେବେଠୁ କୁଆଁରୀମାନେ ଏହାକୁ ପାଳନ କରିବା ବିଧି ରହିଛି।



ଖୁଦୁରୁକୁଣୀ ପୂଜା ଦିନ ଝିଅମାନେ ସକାଳୁ ନଦୀରେ ସ୍ନାନ ସାରି ବାଲୁକା ପୂଜା କରନ୍ତି ଏବଂ ସନ୍ଧ୍ୟାରେ ଝୋଟି ଚିତା ପକାଇ ଖୁଦୁରୁକୁଣୀଙ୍କୁ ରଙ୍ଗବେରଙ୍ଗ ଫୁଲରେ ସଜାନ୍ତି। ଏହାସହ ଲିଆ, ଖୁଦ ଆଦି ଭୋଗ ଲଗାଇ ପୂଜା କରିଥାନ୍ତି। ତେବେ ଠାକୁରାଣୀଙ୍କ ପ୍ରିୟ ଖୁଦ ହୋଇଥିବାରୁ ତାଙ୍କ ନାଁ ଖୁଦୁରୁକୁଣୀ। ଅନ୍ୟପକ୍ଷରେ ଏହି ଓଷା ସାଧବ ଝିଅ ତଅପୋଇର ଦୟନୀୟ କାହାଣୀ, ଭାଉଜମାନଙ୍କର ଦୂରାଚାର, ସାନ ଭାଉଜର ଦୟା ଏବଂ ତଅପୋଇର ଉଦ୍ଧାର କଥାକୁ ଦର୍ଶାଇ ଥାଏ।

■ ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି

# ସେମିଫାଇନାଲରେ ନେଦରଲ୍ୟାଣ୍ଡସ

ଆମଷ୍ଟଲ୍‌ଭିନ୍,୨୩।୮ (ଏଜେନ୍ସି): ଯୁଗ୍ମ ଆୟୋଜକ ତଥା କ୍ରମାଗତ ହ୍ୟାଟ୍ରିକ୍ ଟାଇଟଲ ଜିତିଥିବା ନେଦରଲ୍ୟାଣ୍ଡସ ମହିଳା ଟିମ୍ ପ୍ରଥମ ଦଳ ଭାବେ ଏଠାରେ ଚାଲିଥିବା ଏଫ୍‌ଆଇଏଚ୍ ବିଶ୍ୱକପ୍ ହକି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। ଏଠାରେ ଆଜି ଖେଳାଯାଇଥିବା ପୁଲ୍-ଇ’ କ୍ରସ୍ ଓଭର ମୁକାବିଲାରେ ନେଦରଲ୍ୟାଣ୍ଡସ ୪-୧ ଗୋଲରେ ପ୍ୟାରିସ୍ ଅଲିମ୍ପିକ୍ ରୌପ୍ୟ ପଦକ ବିଜେତା ଚୀନ୍‌କୁ ପରାସ୍ତ କରିଛି। ପୂର୍ବରୁ ଦଳ ଭାରତକୁ ୨-୦ ଗୋଲରେ ହରାଇଥିଲା ଓ ପୁଲ୍ ମ୍ୟାଚ୍‌ରୁ ପୂରା ପଏଣ୍ଟ ନେଇ ଆସିଥିଲା। ଏହା ଫଳରେ ୬ ପଏଣ୍ଟ ସହ ନେଦରଲ୍ୟାଣ୍ଡସ ପୁଲ୍-ଇ’ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ପ୍ରଥମ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ପୁଲ୍-ଏଫ୍‌ର ଲିଗ୍ ମ୍ୟାଚ୍ ଆସନ୍ତାକାଲି ଶେଷ ହେବା ପରେ ସେମିରେ ନେଦରଲ୍ୟାଣ୍ଡସ କାହା ସହ ଖେଳିବ ତାହା ସ୍ଥିର ହେବ। ନେଦରଲ୍ୟାଣ୍ଡସର ଏହି ବିଜୟ ଫଳରେ ଭାରତ ନିକଟରେ ସେମିଫାଇନାଲ ଖେଳିବା ରାସ୍ତା ଉନ୍ମୁକ୍ତ ରହିଛି। ଆଜି ରାତିରେ ଖେଳାଯିବାକୁ ଥିବା ମୁକାବିଲାରେ ଭାରତ ଯଦି ଅଷ୍ଟ୍ରେଲିଆକୁ ୨-୦ ଗୋଲରେ ପରାସ୍ତ କରେ ତେବେ ସେମିଫାଇନାଲରେ ପ୍ରବେଶ କରିବ।

ସେହିପରି ପୁରୁଷ ଦଳ ଆସନ୍ତାକାଲି ଆର୍ଜେଣ୍ଟିନାକୁ ଭେଟି। ଏଥିରେ ଭାରତ ଯଦି ୩-୦ କିମ୍ବା ୨-୦ ଗୋଲରେ ବିଜୟୀ ହୁଏ, ତେବେ ଭାରତର ସେମିଫାଇନାଲ ଖେଳିବା ସମ୍ଭାବନା ରହିଛି।

# ଏଆଇଟିଏ ସଭାପତି ଦୌଡ଼ରେ ଲିଆଣ୍ଡର

ପୁଣେ,୨୩।୮ (ଏଜେନ୍ସି): ଭାରତୀୟ ଟେନିସ୍ କିମ୍ବଦନ୍ତୀ ଲିଆଣ୍ଡର ପେସ୍ ଅଲ୍ ଇଣ୍ଡିଆ ଟେନିସ୍ ଆସୋସିଏସନ୍ (ଏଆଇଟିଏ) ସଭାପତି ପଦ ପାଇଁ ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଏକକ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତିଥିବା ପେସ୍ ନୂଆ କ୍ରୀଡ଼ା ପ୍ରଶାସନ ନିୟମ ଅନୁସାରେ ‘ଟିଅର-୧’ ଶ୍ରେଷ୍ଠ କ୍ରୀଡ଼ାବିତ୍ ବର୍ଗରେ ସାମିଲ ହେବେ। ଟେନିସ୍‌ରେ ସେ ଏହି ବର୍ଗ ପାଇଁ ଏକମାତ୍ର ଯୋଗ୍ୟ ଖେଳାଳି ବୋଲି ଏଆଇଟିଏ ପକ୍ଷରୁ କୁହାଯାଇଛି। ଖେଳାଳିମାନେ ଅକ୍ଟୋବର ୧୫ ପର୍ଯ୍ୟନ୍ତ ଆବେଦନ କରିପାରିବେ। ଏହା ପରେ ନଭେମ୍ବରରେ ଏଆଇଟିଏ ନିର୍ବାଚନ ହେବାର ସମ୍ଭାବନା ରହିଛି। ୫୩ ବର୍ଷୀୟ ପେସ୍ ଭାରତର ଅନ୍ୟତମ ସଫଳ ଟେନିସ୍ ଖେଳାଳି। ଅଲିମ୍ପିକ୍ ପଦକ ବ୍ୟତୀତ ସେ ଏକାଧିକ ଗ୍ରାଣ୍ଡସ୍ଲାମ୍ ଟାଇଟଲ୍ ଜିତି ଭାରତୀୟ ଟେନିସ୍‌କୁ ବିଶ୍ୱ ମଞ୍ଚରେ ଗୌରବାନ୍ୱିତ କରିଛନ୍ତି। ଏଆଇଟିଏ ପକ୍ଷରୁ କ୍ରୀଡ଼ାବିତ୍‌ମାନଙ୍କୁ ନାମାଙ୍କନ ଦାଖଲ ପାଇଁ ୬୦ ଦିନର ସମୟ ଦିଆଯାଇଛି। ଅଗଷ୍ଟ ୧୫ରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟାର ଶେଷ ତାରିଖ ଅକ୍ଟୋବର ୧୫। ଏହା ପରେ ନଭେମ୍ବରରେ ଏଆଇଟିଏର ନିର୍ବାଚନ ହେବାର ସମ୍ଭାବନା ରହିଛି।

# ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଜିତିଲା ଇଷ୍ଟ ବେଙ୍ଗଲ୍


କୋଲକାତା,୨୩।୮ (ଏଜେନ୍ସି): ଦୀର୍ଘ ୨୨ ବର୍ଷର ଅପେକ୍ଷାର ଅନ୍ତ ଘଟାଇ ଡୁରାଣ୍ଡ କପ୍‌୨୦୨୬ ଚାମ୍ପିୟନ୍ ହୋଇଛି ଇଷ୍ଟ ବେଙ୍ଗଲ୍। ରବିବାର କୋଲକାତାର ସଲ୍ଟ ଲେକ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଫାଇନାଲ୍‌ରେ ଚିରପ୍ରତିଦ୍ୱନ୍ଦ୍ୱୀ ମୋହନ ବାଗାନ ସୁପର ଜାଏଣ୍ଟକୁ ୪-୧ ଗୋଲ୍‌ରେ ପରାସ୍ତ କରି ଟ୍ରଫି ହାତେଇଛି ଇଷ୍ଟ ବେଙ୍ଗଲ୍। ଏହି ସହ ଇଷ୍ଟ ବେଙ୍ଗଲ୍ ୨୨ ବର୍ଷ ପରେ ଡୁରାଣ୍ଡ କପ୍ ଟ୍ରଫି ଜିତି ୧୭ତମ ଡୁରାଣ୍ଡ କପ୍ ଟାଇଟଲ୍ ହାସଲ କରିଛି। ଏସିଆର ଏହି ସର୍ବପୁରାତନ ଫୁଟବଲ୍ ପ୍ରତିଯୋଗିତାରେ ମୋହନ ବାଗାନ ସହ ଇଷ୍ଟ ବେଙ୍ଗଲ୍ ମଧ୍ୟ ସର୍ବାଧିକ ଟାଇଟଲ୍ ଜିତିଥିବା ଦଳ ହୋଇଛି। ଇଷ୍ଟ ବେଙ୍ଗଲ୍‌ର ବିଜୟର ମୁଖ୍ୟ ନାୟକ ରହିଥିଲେ ଏଡମଣ୍ଡ ଲାଲ୍ରିନ୍ଦିକା। କୋଲକାତା ଡର୍ବିର ଡୁରାଣ୍ଡ କପ ଫାଇନାଲ୍‌ରେ ଏଡମଣ୍ଡଙ୍କ ହ୍ୟାଟ୍ରିକ୍ ଏକ ଐତିହାସିକ ଘଟଣା। ସେ ପ୍ରଥମାର୍ଦ୍ଧରେ ହିଁ ହ୍ୟାଟ୍ରିକ୍ କରି ମୋହନ ବାଗାନର ରକ୍ଷଣଭାଗକୁ ଧ୍ୱସ୍ତ କରିଦେଇଥିଲେ। ଇଷ୍ଟ ବେଙ୍ଗଲ୍ ପକ୍ଷରୁ ବିପିନ ସିଂହ ମଧ୍ୟ ଗୋଟିଏ ଗୋଲ୍ କରିଥିଲେ। ମ୍ୟାଚ୍‌ର ୧୦ମ ମିନିଟ୍‌ରେ ମହମ୍ମଦ ରସିଦଙ୍କ ପାସ୍‌ରୁ ବିପିନ ସିଂହ ଗୋଲ୍ କରି ଇଷ୍ଟ ବେଙ୍ଗଲ୍‌କୁ ଆଗୁଆ କରିଥିଲେ। ଏହାର ଦୁଇ ମିନିଟ୍ ପରେ ଏଡମଣ୍ଡ ଗୋଲ୍ କରି ବ୍ୟବଧାନ ୨-୦ କରିଦେଇଥିଲେ। ୨୨ତମ ମିନିଟ୍‌ରେ ଏଡମଣ୍ଡ ପୁଣି ଗୋଲ୍ କରି ନିଜ ଦଳକୁ ୩-୦ରେ ଆଗୁଆ କରିଥିଲେ। ମୋହନ ବାଗାନ ପକ୍ଷରୁ ୩୩ତମ ମିନିଟ୍‌ରେ ମନବୀର ସିଂହ ଗୋଟିଏ ଗୋଲ୍ ଶୁଝାଇବାରେ ସଫଳ ହୋଇଥିଲେ। କିନ୍ତୁ ପ୍ରଥମାର୍ଦ୍ଧ ଶେଷ ହେବାର ଠିକ୍ ପୂର୍ବରୁ, ୪୪ତମ ମିନିଟ୍‌ରେ ଏଡମଣ୍ଡ ନିଜର ତୃତୀୟ ଗୋଲ୍ କରି ହ୍ୟାଟ୍ରିକ୍ ପୂରଣ କରିଥିଲେ।

ବ୍ୟାଡମିଣ୍ଟନ ବିଶ୍ୱ ଚାମ୍ପିଅନସିପ୍ ଉଦ୍‌ଯାପିତ

# ଆଲେକ୍ସ ଓ ଆନ୍ ଏକକ ଚାମ୍ପିଅନ

ନୂଆଦିଲ୍ଲୀ,୨୩।୮ (ଏଜେନ୍ସି)

ଫ୍ରାନ୍ସର ଆଲେକ୍ସ ଲାନିଅରଙ୍କ ଇତିହାସ ଓ ଦକ୍ଷିଣ କୋରିଆର ଆନ୍ ସେ-ୟଙ୍ଗ୍‌ଙ୍କ ଟାଇଟଲ ବିଜୟ ସହ ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ପୁରୁଷ ବିଭାଗ ଏକକ ଫାଇନାଲରେ ଫ୍ରାନ୍ସର ୨୧ ବର୍ଷୀୟ ଲାନିୟର ୨୧-୧୧, ୨୧-୧୧ ସିଧାସଳଖ ସେଟ୍‌ରେ ଜାପାନର କୋଡାଇ ନାରାଓକାଙ୍କୁ ପରାସ୍ତ କରି ପ୍ରଥମ ଟାଇଟଲ ବିଜୟୀ ହୋଇଥିଲେ। ଏହି ୟୁରୋପୀୟ ଚାମ୍ପିଅନ ଲାନିୟର ଫ୍ରାନ୍ସର ପ୍ରଥମ ଖେଳାଳି ଭାବେ ଏହି ସମ୍ମାନଜନକ ବିଶ୍ୱ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ପ୍ରଥମ ଟାଇଟଲ କବ୍‌ଜା କରିଛନ୍ତି। ପ୍ରଥମଥର ଲାଗି ଏହି ଇଭେଣ୍ଟର ଫାଇନାଲରେ ପ୍ରଥମ ୮ ଜଣ ଖେଳାଳି ସ୍ଥାନ ହାସଲ କରିବାରେ ବିଫଳ ହୋଇଛନ୍ତି।





- ■ ଲାନିଅର ଫ୍ରାନ୍ସର ପ୍ରଥମ ବିଶ୍ୱ ଚାମ୍ପିଅନ
- ■ ଟାଇଟଲ୍ ବଜାୟ ରଖିଲେ ସେ-ୟଙ୍ଗ୍
- ■ ଦ.କୋରିଆ, ଫ୍ରାନ୍ସକୁ ଡବଲ ଟାଇଟଲ୍
- ■ ଭାରତର ଟ୍ରିଶା-ଗାୟତ୍ରୀଙ୍କୁ ପ୍ରଥମ ପଦକ



ମହିଳା ଏକକ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍ ଟାଇଟଲ ବଜାୟ ରଖିବାରେ ସମର୍ଥ ହୋଇଛନ୍ତି। ଫାଇନାଲରେ ଜାପାନର ଆକାନେ ୟାମାଗୁଚିଙ୍କୁ ୨୧-୧୭, ୨୧-୧୪ ସିଧାସଳଖ ସେଟରେ ପରାସ୍ତ କରି ଟାଇଟଲ ବଜାୟ ରଖିବାରେ ସଫଳ ହୋଇଥିଲେ। ପୁରୁଷ ଯୁଗଳରେ ଚୀନ୍‌ର ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍, ମହିଳା ଯୁଗଳରେ ଦକ୍ଷିଣ କୋରିଆର ବାଏକ ହା-ନା ଓ ଲୀ ସୋ-ହୀ ଏବଂ ମିଶ୍ରିତ ଯୁଗଳରେ ଫ୍ରାନ୍ସର ଥମ୍ ଗ୍ରିକ୍ୱେଲ ଓ ଡେଲଫାଇନ୍ ଡେଲର୍ୟୁ ଚାମ୍ପିଅନ ହୋଇଛନ୍ତି। ବିଶ୍ୱ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ଫ୍ରାନ୍ସର ଅଭ୍ୟୁଦୟ ହୋଇଛି। ଦୀର୍ଘ ୧୭ ବର୍ଷ ପରେ ଏହି ଟୁର୍ଣ୍ଣାମେଣ୍ଟକୁ ଆୟୋଜନ କରୁଥିବା ଭାରତ ପକ୍ଷରୁ ଟ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ କାଂସ୍ୟ ପଦକ ଜିତି ସମ୍ମାନ ରଖିବାରେ ସମର୍ଥ ହୋଇଛନ୍ତି। ଘରୋଇ ମାଟିରେ ପିଭି ସିନ୍ଧୁ ଓ ଲକ୍ଷ୍ୟ ସେନ୍‌ଙ୍କଠାରୁ ପଦକ ଆଶା କରାଯାଉଥିଲେ ମଧ୍ୟ ଏଥିରେ ବିଫଳ ହୋଇଥିଲେ।

## ପଦକ ବିଜେତା

**ପୁରୁଷ ଏକକ**

ସ୍ୱର୍ଣ୍ଣ- ଆଲେକ୍ସ ଲାନିଅର (ଫ୍ରାନ୍ସ), ରୌପ୍ୟ- କୋଡାଇ ନାରାଓକା (ଜାପାନ), କାଂସ୍ୟ (୨)-ଚୋଉ ତିଏନ (ତାଇପେ) ଓ ଭିକ୍ଟର ଲାଇ (କାନାଡା)।

**ମହିଳା ଏକକ**

ସ୍ୱର୍ଣ୍ଣ- ଆନ୍ ସେ ୟଙ୍ଗ୍ (ଦକ୍ଷିଣ କୋରିଆ), ରୌପ୍ୟ- ଆକାନେ ୟାମାଗୁଚି (ଜାପାନ), କାଂସ୍ୟ (୨)- ୱାଙ୍ଗ ଝିୟି (ଚୀନ୍) ଓ ପର୍ଣ୍ଣପାୱି ଚୋଚୁୱଙ୍ଗ (ଥାଇଲାଣ୍ଡ)।

**ପୁରୁଷ ଯୁଗଳ**

ସ୍ୱର୍ଣ୍ଣ-ଲିଆଙ୍ଗ ୱିକେଙ୍ଗ୍ ଓ ୱାଙ୍ଗ୍ ଚାଙ୍ଗ୍ (ଚୀନ୍), ରୌପ୍ୟ- ଆରୋନ ଚିଆ-ସୋୱି ୟିକ୍ (ମାଲେସିଆ), କାଂସ୍ୟ (୨)- କିମ୍ ଓନ୍-ହୋ ଓ ସିଓ ସେଉଙ୍ଗ-ଜାଏ (ଦ. କୋରିଆ) ଏବଂ ଲୀ ଝେ-ହୁଏଇ ଓ ୟାଙ୍ଗ୍ ପୋ-ସୁଆନ୍ (ଚାଇନିଜ୍ ତାଇପେଇ)।

**ମହିଳା ଯୁଗଳ**

ସ୍ୱର୍ଣ୍ଣ- ବାଏକ ହା-ନା ଓ ଲୀ ସୋ-ହୀ (ଦ.କୋରିଆ), ରୌପ୍ୟ- ଲିଉ ଶେଙ୍ଗସୁ ଓ ତାନ ନିଙ୍ଗ (ଚୀନ୍), କାଂସ୍ୟ (୨)- ଟ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ (ଭାରତ), ଏବଂ ଲି ୟିଜିଙ୍ଗ୍ ଓ ଲୁଓ ଜୁମିନ୍ (ଚୀନ୍)।

**ମିଶ୍ରିତ ଯୁଗଳ**

ସ୍ୱର୍ଣ୍ଣ- ଥମ୍ ଗ୍ରିକ୍ୱେଲ ଓ ଡେଲଫାଇନ୍ ଡେଲର୍ୟୁ (ଫ୍ରାନ୍ସ), ରୌପ୍ୟ- ଫେଙ୍ଗ୍ ୟାନ୍‌ଝୀ ଓ ହୁଆଙ୍ଗ ଡୋଙ୍ଗ ପିଙ୍ଗ୍ (ଚୀନ୍), କାଂସ୍ୟ (୨)- ଜିଆଙ୍ଗ ଝେନ୍‌ବାଙ୍ଗ ଓ ୱେଇ ୟାସିନ୍ (ଚୀନ୍) ଏବଂ ଆମ୍‌ରି ଶ୍ୟାନ୍ଦି ଓ ନିତା ଭିଓଲିନା (ଇଣ୍ଡୋନେସିଆ)।

# କର୍ଣ୍ଣ ଶର୍ମାଙ୍କ ଅବସର

ଲକ୍ଷ୍ନୌ,୨୩।୮ (ଏଜେନ୍ସି): ଭାରତୀୟ ଲେଗ୍ ସ୍ପିନର କର୍ଣ୍ଣ ଶର୍ମା ୩୮ ବର୍ଷରେ ସମସ୍ତ ପ୍ରକାର ଅନ୍ତର୍ଜାତୀୟ ଓ ଘରୋଇ କ୍ରିକେଟରୁ ଅବସର ନେବାକୁ ଘୋଷଣା କରିଛନ୍ତି। ୨୦୧୪ରେ ଭାରତ ପକ୍ଷରୁ ଗୋଟିଏ ଲେଖାଏଁ ଟେଷ୍ଟ ଓ ଟି-୨୦ ଅନ୍ତର୍ଜାତୀୟ, ୨ଟି ଦିନିକିଆ ମ୍ୟାଚ୍ ଖେଳିଥିଲେ। ଘରୋଇ କ୍ରିକେଟରେ ସେ ୨୦୦୭ରେ ରେଳବାଇ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଜୀବନ ଆରମ୍ଭ କରିଥିଲେ ଓ ପରେ ବିଦର୍ଭ ଓ ଆନ୍ଧ୍ର ପକ୍ଷରୁ ଖେଳିଥିଲେ। ଏବେ ସେ ୟୁପି ଟି-୨୦ ଲିଗ୍ ଖେଳୁଥିବା ବେଳେ କାନପୁର ସୁପରଷ୍ଟାରସ ପକ୍ଷରୁ ଅଗଷ୍ଟ ୨୫ରେ ତାଙ୍କ ଜୀବନର ଶେଷ ପ୍ରତିଯୋଗିତାମୂଳକ କ୍ରିକେଟ ମ୍ୟାଚ୍ ଖେଳିବେ। ପ୍ରଥମଶ୍ରେଣୀ କ୍ରିକେଟରେ କର୍ଣ୍ଣ ୯୭ଟି ମ୍ୟାଚ୍ ଖେଳି ୨୭୦ଟି ୱିକେଟ ପାଇଥିଲାବେଳେ ୨ଟି ଶତକ ଅର୍ଜନ କରିଥିଲେ।

ଭାରତ-ଶ୍ରୀଲଙ୍କା ଦ୍ୱିତୀୟ ଟେଷ୍ଟ

# ଦେବଦତ୍ତ ପାଡ଼ିକଲଙ୍କ କ୍ରମାଗତ ଶତକ

କଲମ୍ବୋ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍‌ରେ ଆଜି ଆରମ୍ଭ ହୋଇଥିବା ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ନଂ-୩ ଦେବଦତ୍ତ ପାଡିକଲ ଶତକ ହାସଲ କରିଛନ୍ତି। ସେ ୦ ଓ ୧ରେ ପାଇଥିବା ଜୀବନଦାନରୁ ପୂରା ଫାଇଦା ଉଠାଇ ୧୧୭ ରନ୍‌ରେ ଆଉଟ ହୋଇଥିଲାବେଳେ ପ୍ରଥମ ଦିନରେ ଭାରତ ପ୍ରଥମ ଇନିଂସରେ ୫ ୱିକେଟ ହରାଇ ୩୦୦ ରନ୍ ସଂଗ୍ରହ କରିନେଇଛି। ଅଧିନାୟକ ଶୁବମନ ଗିଲ୍ ୫୦, ଯଶସ୍ୱୀ ଜୟସ୍ୱାଲ ୪୫ ଓ ରବୀନ୍ଦ୍ର ଜାଡେଜା ୪୩ ରନ୍‌ର ଯୋଗଦାନ ଦେଇଥିଲେ। ଶ୍ରୀଲଙ୍କା ପକ୍ଷରୁ ଫାଷ୍ଟ ବୋଲର ଅସିଥା ଫର୍ଣ୍ଣାଣ୍ଡୋ ସର୍ବାଧିକ ୩ଟି ୱିକେଟ ପାଇଛନ୍ତି। ପୂର୍ବରୁ ଗଲ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟକୁ ୧୬୫ ରନ୍‌ରେ ଜିତିଥିବା ଭାରତ ପକ୍ଷରୁ ପାଡିକଲ ୧୬୭ ରନ୍ କରିଥିଲେ। ଫଳରେ ଏହି ସିରିଜ୍‌ର କ୍ରମାଗତ ଦ୍ୱିତୀୟ ଟେଷ୍ଟରେ ପାଡିକଲ ଶତକ ହାସଲ କରିବାରେ ସଫଳ ହୋଇଛନ୍ତି। ୱିକେଟରକ୍ଷକ ଋଷଭ ପନ୍ତଙ୍କ ବାହୁରେ ବଲ ବାଜିବାରୁ ସେ ରିଟାୟର୍ଡ ହର୍ଟ ହୋଇଛନ୍ତି। ଆସନ୍ତାକାଲି ସେ ବ୍ୟାଟିଂ କରିପାରିବେ ବୋଲି ଆଶା କରାଯାଉଛି। ସେହିପରି ୩୩ ବର୍ଷ ୧୪୫ ଦିନରେ ଅଫ୍ ସ୍ପିନ୍ ଅଲରାଉଣ୍ଡର ସାରାଂଶ ଜୈନ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଟେଷ୍ଟ ଡେବ୍ୟୁ କରିଛନ୍ତି।

ଅଧିନାୟକ ଶୁବମନ ଗିଲ ଟସ୍ ଜିତିବା ପରେ ପ୍ରଥମେ ବ୍ୟାଟିଂ କରିଥିଲେ। ଦଳର ଦୁଇ ଓପନର ଦ୍ରୁତ ରନ୍ ସଂଗ୍ରହ କରିଥିଲେ ମଧ୍ୟ ପ୍ରଥମ ସେସନରେ ଉଭୟ ଜୟସ୍ୱାଲ ଓ ରାହୁଲ (୧୮ ରନ୍) ଅଯଥାରେ ଆଉଟ ହୋଇଥିଲେ। ୬୬ ରନ୍‌ରେ ଦଳ ଦୁଇଟି ୱିକେଟ ହରାଇବା ପରେ ପାଡିକଲ ଓ ଗିଲ୍ ଦ୍ୱିତୀୟ ୱିକେଟରୁ ୧୨୦ ରନ୍ ଉଠାଇ ଦଳକୁ ଏକ ବଡ ସ୍କୋର କରିବାର ରାସ୍ତା ଦେଖାଇଥିଲେ। ଅର୍ଦ୍ଧଶତକ ପୂରଣ କରିବା ପରେ କିଛି ସଟ୍ ନ ଖେଳି ଗିଲ୍ ତୃତୀୟ ଖେଳାଳି ଭାବେ ଆଉଟ ହୋଇଥିଲେ। ଏହି ସମୟରେ ପାଡିକଲ ଧୈର୍ଯ୍ୟର ସହ ଖେଳୁଥିଲାବେଳେ ପନ୍ତ ଆହତ ହୋଇଥିଲେ। ପରେ ଜାଡେଡା ବ୍ୟାଟିଂ କରିବା ଫଳରେ ଏହି ୩ ଖେଳାଳି ଚତୁର୍ଥ ୱିକେଟରୁ ୯୫ ରନ୍ ଉଠାଇଥିଲେ। ପନ୍ତଙ୍କ ସହ ୨୧ ଓ ଜାଡେଜାଙ୍କ ସହ ୭୪ ରନ୍ ଉଠାଇବା ପରେ ପାଡିକଲ ୧୧୭ ରନ୍ କରି ଆଉଟ ହୋଇଥିଲେ। ଏଥିଲାଗି ସେ ୧୯୩ ବଲ୍ ଖେଳି ୧୨ ଚୌକା ମାରିଥିଲେ। ଶେଷ ଖେଳାଳି ଭାବେ ଆଉଟ ହୋଇଥିବା ଜାଡେଜା ୪୩ ରନ୍ କରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଧ୍ରୁବ ଜୁରେଲ ୬ ଓ ଡେବ୍ୟୁଟାଣ୍ଟ ସାରାଂଶ ଜୈନ ୪ ରନ୍‌ରେ ଦୁର୍ଗ ସମ୍ଭାଳିଥିଲେ। ଶ୍ରୀଲଙ୍କାର ପେସ୍ ବୋଲରମାନେ ଭଲ ବୋଲିଂ କରି ୫ଟି ମଧ୍ୟରୁ ୪ଟି ୱିକେଟ ପାଇଥିଲେ। କେଶରା ନୁୱାନ୍ଥାଙ୍କୁ ଅନ୍ୟ ୱିକେଟଟି ମିଳିଥିଲା। ଆସନ୍ତାକାଲି ଭାରତୀୟ ବ୍ୟାଟରଙ୍କ ଉପରେ ଏହି ଟେଷ୍ଟ ଫଳାଫଳ ନିର୍ଭର କରୁଛି।



ଅଷ୍ଟ୍ରେଲିଆ ବନାମ ବାଂଲା ଦ୍ୱିତୀୟ ଟେଷ୍ଟ

# ଷ୍ଟାର୍କ ନେଲେ ୧୦, ଦୁଇ ଦିନରେ ଲଢ଼େଇ ଶେଷ



ମାକୟ,୨୩।୮ (ଏଜେନ୍ସି): ଭେଟେରାନ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କଙ୍କ ଘାତକ ବୋଲିଂ ବଳରେ ଏଠାରେ ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟ ଦୁଇ ଦିନରେ ଶେଷ ହୋଇଛି। ଷ୍ଟାର୍କ (୪/୩୯), ପ୍ୟାଟ କମିନ୍ସ (୩/୧୦) ଓ ନାଥାନ ଲାୟନ (୩/୨୫)ଙ୍କ ଚମତ୍କାର ବୋଲିଂ ବଳରେ ଅଷ୍ଟ୍ରେଲିଆ ଏକ ଇନିଂସ ଓ ୫୧ ରନ୍‌ରେ ଦ୍ୱିତୀୟ ଟେଷ୍ଟକୁ ଜିତିଥିଲା। ପୂର୍ବରୁ ଡାରୱିନ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବାଂଲାଦେଶ ୯ ୱିକେଟରେ ଐତିହାସିକ ବିଜୟ ହାସଲ କରିଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ୧-୧ରେ ଡ୍ର ରହିଛି। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଅଷ୍ଟ୍ରେଲିଆର ଷ୍ଟାର୍କଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ସେହିପରି ୨ଟି ଯାକ ଟେଷ୍ଟରେ ୧୨ ୱିକେଟ ନେବା ସହ ୨୦ ରନ୍ କରିଥିବା ଷ୍ଟାର୍କଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଷ୍ଟାର୍କ ୬ ୱିକେଟ ନେବା ଫଳରେ ବାଂଲାଦେଶର ପ୍ରଥମ ଇନିଂସ ୬୪ ରନ୍‌ରେ ଶେଷ ହୋଇଥିଲା। ଜବାବରେ ଅଷ୍ଟ୍ରେଲିଆ ୨୧୦ ରନ୍‌ରେ ଅଲଆଉଟ ହୋଇ ୧୪୬ ରନ୍‌ରେ ଆଗୁଆ ରହିଥିଲା। ବାଂଲା ପକ୍ଷରୁ ଶୋରିଫୁଲ ଇସ୍‌ଲାମ୍ ୭ଟି ୱିକେଟ ନେଇଥିଲେ। ବାଂଲାଦେଶ ଦ୍ୱିତୀୟ ଇନିଂସରେ ମଧ୍ୟ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୯୫ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ଦ୍ୱିତୀୟ ଟେଷ୍ଟ ଜିତିବା ସହ ସିରିଜ୍ ଡ୍ର ରଖିବାରେ ସଫଳ ହୋଇଥିଲା।

ଦୁଲୀପ୍ ଟ୍ରଫି କ୍ରିକେଟ |

# ସୁଯୋଗ ପାଇଲେନି ସେନାପତି

ବେଙ୍ଗାଲୁରୁ,୨୩।୮ (ଏଜେନ୍ସି): ସ୍ଥାନୀୟ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୨ରେ ଆଜି ଆରମ୍ଭ ହୋଇଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲର ପ୍ରଥମ ଦିନରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୬ ୱିକେଟ ହରାଇ ୩୫୫ ରନ୍‌ର ବିଶାଳ ସ୍କୋର କରିଛି। ଦଳ ପକ୍ଷରୁ ବେଙ୍ଗଲର ଦୁଇ ବ୍ୟାଟର ସୁଦୀପ କୁମାର ଘରାମୀ ସର୍ବାଧିକ ୧୪୬ ଓ ଶାହବାଜ ଅହମ୍ମଦ୍ ଅପରାଜିତ ୧୦୦ ରନ୍ କରିଛନ୍ତି। ଝାଡଖଣ୍ଡ ୱିକେଟ ରକ୍ଷକ କୁମାର କୁଶାଗ୍ର ତୃତୀୟ ସର୍ବାଧିକ ସ୍କୋର ୫୫ ରନ୍ କରିଥିଲେ। ୬ ନମ୍ବରରେ ବ୍ୟାଟିଂ କରିଥିବା ଅଧିନାୟକ ଇଶାନ କିଶାନ ୪ ଓ ବୈଭବ ସୂର୍ଯ୍ୟବଂଶୀ ୮ ରନ୍ କରିବାକୁ ସମର୍ଥ ହୋଇଥିଲେ। ସଫଳ ବ୍ୟାଟର ଅଭିମନ୍ୟୁ ଈଶ୍ୱରନ ମଧ୍ୟ ୧୫ ରନ୍ କରି ଫେଲ ମାରିଥିଲେ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଇଥିବା ଏକମାତ୍ର ଓଡ଼ିଆ ଖେଳାଳି ଶୁଭ୍ରାଂଶୁ ଶେଖର ସେନାପତିଙ୍କୁ ଚୂଡାନ୍ତ ଏକାଦଶରେ ଖେଳିବାକୁ ସୁଯୋଗ ମିଳିଲା ନାହିଁ। ପୂର୍ବାଞ୍ଚଳ ଦଳରେ ସ୍ଥାନ ପାଉ ନ ଥିବା ଓଡ଼ିଶା ଖେଳାଳିମାନେ କିପରି ଜାତୀୟ ଦଳରେ ସ୍ଥାନ ପାଇବେ ତାହା ଆମର ଭବିଷ୍ୟତ ଗଢ଼ିବାକୁ ଠିକା ନେଇଥିବା ଓଡ଼ିଶା କ୍ରିକେଟ ଆସୋସିଏସନ ପୁଣି ଏକ ୪ ବର୍ଷିଆ ଯୋଜନା କରିବ ବୋଲି ସ୍ପଷ୍ଟ ହୋଇଛି।



## ଉତ୍ତରାଞ୍ଚଳ ୨୫୧ରେ ସୀମିତ

ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଗ୍ରାଉଣ୍ଡ-୧ରେ ଅନୁଷ୍ଠିତ ପଶ୍ଚିମାଞ୍ଚଳ ବିପକ୍ଷ ଅନ୍ୟ ଏକ କ୍ୱାର୍ଟର ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ଉତ୍ତରାଞ୍ଚଳ ୨୫୧ ରନ୍‌ରେ ଅଲଆଉଟ ହୋଇଛି। ଦଳ ପକ୍ଷରୁ ଫାଷ୍ଟ ବୋଲର ଅଂଶୁଲ କାମ୍ବୋଜ ସର୍ବାଧିକ ୬୦, ଆୟୁଷ ବଦୋନି ୫୧ ରନ୍ କରିଥିଲେ। ପଶ୍ଚିମାଞ୍ଚଳର ତନୁସ କୋଟିଆନ୍ ଓ ତୁଷାର ଦେଶପାଣ୍ଡେଙ୍କୁ ୪ଟି ଲେଖାଏଁ ୱିକେଟ ମିଳିଥିଲା। ପ୍ରଥମ ଦିନ ଖେଳ ଶେଷସୁଦ୍ଧା ପଶ୍ଚିମାଞ୍ଚଳ ପ୍ରଥମ ଇନିଂସରେ ୧୦ ଓଭର ବ୍ୟାଟିଂ କରି ୨ ୱିକେଟରେ ୩୧ ରନ୍ ସଂଗ୍ରହ କରିନେଇଥିଲା।

# ପ୍ରିୟବ୍ରତ ସ୍ମାରକୀ ୧୦ ରେଡ୍ ସ୍ନୁକର ଆଜିଠାରୁ

ଭୁବନେଶ୍ୱର,୨୩।୮ (ସମିସ)



ବିଲିଆର୍ଡ୍‌ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚତୁର୍ଥ ପ୍ରିୟବ୍ରତ ସ୍ମାରକୀ ଇଷ୍ଟ ଇଣ୍ଡିଆ ଓପନ ୧୦ ରେଡ୍ ବଲ ସ୍ନୁକର ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଭୁବନେଶ୍ୱର କ୍ଲବ୍ ପରିସରରେ ଥିବା ଭିଣ୍ଟେଜ୍ ଟେବୁଲ ଉପରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତା ଅଗଷ୍ଟ ୨୪ ବା ସୋମବାରରୁ ଆରମ୍ଭ ହୋଇ ୨୯ ତାରିଖରେ ଶେଷ ହେବ। ଏଥିରେ ଓଡ଼ିଶା ସମେତ ପୂର୍ବାଞ୍ଚଳ ରାଜ୍ୟ ସମୂହରୁ ୭୨ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ରାଜ୍ୟ ବାହାରୁ ଏଥିରେ ୧୧ଜଣ ଉଚ୍ଚ ର୍ୟାଙ୍କିଙ୍ଗ୍‌ପ୍ରାପ୍ତ ଖେଳାଳି ଖେଳୁଛନ୍ତି।

ଭୁବନେଶ୍ୱର କ୍ଲବ୍ ଏବଂ ବିଲିଆର୍ଡ୍‌ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା (ବିଏସ୍‌ଏଓ)ର ମିଳିତ ସହଯୋଗରେ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଚାମ୍ପିଅନଙ୍କୁ ୫୦,୦୦୦ ଟଙ୍କା ଓ ଟ୍ରଫି, ରନର୍ସ ଅପ୍ ଖେଳାଳିଙ୍କୁ ୨୫,୦୦୦ ଟଙ୍କା ଓ ଟ୍ରଫି, ସେମିଫାଇନାଲରେ ପରାଜିତ ଦୁଇ ଖେଳାଳିଙ୍କୁ ୧୦,୦୦୦ ଲେଖାଏଁ ଓ କ୍ୱାର୍ଟରଫାଇନାଲରେ ପରାଜିତ ଖେଳାଳିଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆଜି ଟ୍ରଫି ଓ ଲୋଗୋ ଉନ୍ମୋଚନ କରିଥିଲେ ପୂର୍ବତନ ମୁଖ୍ୟ ଶାସନ ସଚିବ ତଥା ଭୁବନେଶ୍ୱର କ୍ଲବ୍‌ର ସଭାପତି ପ୍ରଦୀପ ଜେନା। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଅନୀଲ ସାମଲ, ବିଏସ୍‌ଏଓ ସମ୍ପାଦକ ସମୀର ଅଲିଙ୍କ ସହ କ୍ଲବ୍ ଓ ବିଏସ୍‌ଏଓର ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଗୋବିନ୍ଦ ଶର୍ମା ସଭା ପରିଚାଳନା କରିଥିଲେ।

୨୩ ବର୍ଷରୁ କମ୍ ଆନ୍ତଃ ରାଜ୍ୟ ସିଚେମ୍ ଟ୍ରଫି କ୍ରିକେଟ

# ଶ୍ରେୟାଂଶଙ୍କ ଅର୍ଦ୍ଧଶତକ: ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍

ପୁଡୁଚେରୀ,୨୩।୮ (ଏଜେନ୍ସି): ସ୍ଥାନୀୟ ସିଚେମ୍ କ୍ୟାପ୍ ଗ୍ରାଉଣ୍ଡ-୩ରେ ଆମନ୍ତ୍ରଣ ମୂଳକ କ୍ରିକେଟ୍ ପ୍ରତିଯୋଗିତାର ଅନ୍ତଃରାଜ୍ୟ ୨୩ ବର୍ଷରୁ କମ୍ ଦୁଇଦିନିଆ ମ୍ୟାଚ୍‌ରେ ଓଡ଼ିଶା ଓ ବାରୋଦା ପରସ୍ପରକୁ ଭେଟିଛନ୍ତି। ଟସ୍ ଜିତି ଓଡ଼ିଶା ପ୍ରଥମେ ବ୍ୟାଟିଂ ନେଇଥିଲା। ପ୍ରଥମ ଦିନରେ ଓଡ଼ିଶା ୧୮୮ ରନ୍‌ରେ ଅଲଆଉଟ୍ ହୋଇଛି। ଦଳ ପ୍ରଥମ ଇନିଂସରେ ୬୪.୫ ଓଭରରେ ଦଳ ସମସ୍ତ ୱିକେଟ୍ ହରାଇ ୧୮୮ ରନ୍ ସଂଗ୍ରହ କରିଥିଲା। ଓଡ଼ିଶା ପକ୍ଷରୁ ଶ୍ରେୟାଂଶ ଭରଦ୍ୱାଜ ସର୍ବାଧିକ ୬୯ ରନ୍ କରିଥିଲେ। ସେ ୧୦୮ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ବରୋଦାର କୀୟୁର କାଲେ ଓ ଦୀପ ପଟେଲ ଓଡ଼ିଶାର ବ୍ୟାଟିଂକୁ ଚାପରେ ରଖି ପ୍ରତ୍ୟେକେ ୩ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରି ବରୋଦା ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୧୨ ଓଭରରେ ଗୋଟିଏ ୱିକେଟ ହରାଇ ୧୬୩ ରନ ପଛରେ ପଡ଼ିଛି। ନିତ୍ୟ ପାଣ୍ଡ୍ୟା ୧୨ ରନ୍‌ରେ ଏବଂ ଆୟୁଷ ୬ ରନ୍‌ରେ ଅପରାଜିତ ରହିଛନ୍ତି। ଓଡ଼ିଶା ପକ୍ଷରୁ ଆଶୁତୋଷ ମାରାଣ୍ଡି ଗୋଟିଏ ୱିକେଟ୍ ନେଇଛନ୍ତି।

ଜାତୀୟ ଜୁନିଅର ଜଳକ୍ରୀଡ଼ା ଉଦ୍‌ଯାପିତ

# କର୍ଣ୍ଣାଟକ ଚାମ୍ପିଅନ




ଭୁବନେଶ୍ୱର,୨୩।୮ (ସମିସ): ରାଜ୍ୟ ସନ୍ତରଣ ସଂଘ, ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ୫୨ତମ ଜାତୀୟ ଜୁନିଅର ଜଳକ୍ରୀଡ଼ା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କର୍ଣ୍ଣାଟକ ଓଭର ଅଲ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। କର୍ଣ୍ଣାଟକରୁ ୨ଟି ଲେଖାଏଁ ଟିମ୍ ଅଂଶଗ୍ରହଣ କରିଥିଲାବେଳେ ସର୍ବାଧିକ ୬୨୪ ପଏଣ୍ଟ ପାଇଥିଲା। କର୍ଣ୍ଣାଟକର ଉଭୟ ବାଳକ ଓ ବାଳିକା ସହ ପଏଣ୍ଟ ଓ ପଦକରେ ପ୍ରଥମ ଦୁଇଟି ସ୍ଥାନରେ ରହିଥିଲେ। ବ୍ୟକ୍ତିଗତ ବିଭାଗରେ ଆସାମର ତୀର୍ଥଙ୍କ ପେଗୁ ଓ କର୍ଣ୍ଣାଟକର ଏସ୍ ଶରଣ, ବାଳିକା ବିଭାଗରେ କର୍ଣ୍ଣାଟକର ଶ୍ରୀ ଚରଣି ଟୁମ୍ମୁ ଓ ମହାରାଷ୍ଟ୍ରର ସାନ୍‌ଭି ଦେଶୱାଲ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ଶେଷରେ କ୍ରୀଡ଼ା ଓ ଯୁବ ସେବା ବିଭାଗର ଅତିରିକ୍ତ ଶାସନ ସଚିବ ସୁଧାକର ନାଏକ, ଡେପୁଟି ସେକ୍ରେଟାରୀ ବିଜୟ କୁମାର ସ୍ୱାଇଁ ଓ ସୌମ୍ୟ ସାର୍ଥକ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ସର୍ବଭାରତୀୟ ସନ୍ତରଣ ସଂଘର ଅନୀଲ ବ୍ୟାସ୍, କମଲେଶ ନାନାବତୀ, ଓଡ଼ିଶା ସନ୍ତରଣ ସଂଘ ସଭାପତି ପ୍ରଦୀପ ପାଢ଼ୀ, ସାଧାରଣ ସମ୍ପାଦକ ଗୋଲାପମଣି ମହାନ୍ତ ଓ କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ ଓ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS